R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୩୪୨

ତିଥି: ସପ୍ତମୀ

୧୭ ସେପ୍ଟେମ୍ବର ୨୦୨୬, ଗୁରୁବାର

ଭୁବନେଶ୍ୱର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur



# ଭାରତୀୟ ନୌସେନା ଜାହାଜକୁ ପାକିସ୍ତାନୀ ଯୁଦ୍ଧଜାହାଜର ଧକ୍କା



ନୂଆଦିଲ୍ଲୀ, ୧୬ ।୯ : ଆନ୍ତର୍ଜାତୀୟ ଜଳସୀମାରେ ଭାରତୀୟ ନୌସେନାର ଏକ ଜାହାଜ ସହ ପାକିସ୍ତାନୀ ନୌସେନାର ଏକ ଯୁଦ୍ଧଜାହାଜ ଧକ୍କା ହେବା ଘଟଣାକୁ ନେଇ ଭାରତ କଠୋର ଆପତ୍ତି ଜଣାଇଛି । ପାକିସ୍ତାନର କୂଟନୀତିଜ୍ଞ ସାଦ୍ ଅହମ୍ମଦ ୱାରାଇଚ୍‌ଙ୍କୁ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟ ତଲବ କରାଯାଇଛି । ଏହି ଘଟଣାକୁ ନେଇ ଭାରତ ପ୍ରତିବାଦ କରିବା ସହ ଏହା ଗ୍ରହଣୀୟ ନୁହେଁ ଏବଂ ଏହା ଅଣବୃତ୍ତିଗତ ପରିଚାଳନା ବୋଲି କହିଛି ।

ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଆନ୍ତର୍ଜାତୀୟ ଜଳସୀମାରେ ଘଟିଥିବା ଏହି ଘଟଣାରେ କୌଣସି ବଡ଼ କ୍ଷୟକ୍ଷତି ହୋଇନାହିଁ। ତେବେ ପାକିସ୍ତାନୀ ନୌସେନା ଜାହାଜର ଆଚରଣକୁ ଭାରତ 'ଅଗ୍ରହଣୀୟ ଓ ଅପେଶାଦାର' ବୋଲି କହିଛି । ମନ୍ତ୍ରଣାଳୟ ଅନୁଯାୟୀ, ପାକିସ୍ତାନୀ ନୌସେନା ଜାହାଜର ଏହି କାର୍ଯ୍ୟ ୧୯୯୧ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ରାଜିନାମାର ଧାରା ୧୦ର ସିଧାସଳଖ ଉଲ୍ଲଂଘନ । ଏହି ରାଜିନାମାରେ ସାମରିକ ଅଭ୍ୟାସ, ଯୁଦ୍ଧକୌଶଳ ଅଭ୍ୟାସ ଓ ସେନା ଗତିବିଧି ସମ୍ପର୍କରେ ପରସ୍ପରକୁ ଆଗୁଆ ସୂଚନା ଦେବା ସହ ଜଡ଼ିତ ବ୍ୟବସ୍ଥା ରହିଛି ।

ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ସମସ୍ତ ସାମରିକ ୟୁନିଟ୍‌କୁ ଆବଶ୍ୟକ ସତର୍କତା ଅବଲମ୍ବନ କରିବା ଏବଂ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କ (୯ ପୃଷ୍ଠାରେ)

- ଦିଲ୍ଲୀରେ ପାକ୍ କୂଟନୀତିଜ୍ଞଙ୍କୁ ଜବାବ ତଲବ
- କୌଣସି ବଡ଼ କ୍ଷୟକ୍ଷତି ହୋଇନାହିଁ
- ଏଭଳି ଆଚରଣ ଅଗ୍ରହଣୀୟ : ଏମ୍ଇଏ

# ସମ୍ବଲପୁରରେ ଡପ୍‌ଲର ରାଡାର ଲୋକାର୍ପିତ

**୧୩ ଜିଲ୍ଲାକୁ ମିଳିବ ପାଣିପାଗ ସୂଚନା** | **ସମ୍ବଲପୁରରେ ୯୬୦ କୋଟି ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ**



ସମ୍ବଲପୁର, ୧୬ ।୯ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଗସ୍ତ ଅବସରରେ ଜିଲ୍ଲାବାସୀଙ୍କୁ ଆଜି ଏକାଧିକ ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବଲପୁର ଏବଂ ସମଗ୍ର ପଶ୍ଚିମ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ପାଇଁ ଅତ୍ୟାଧୁନିକ 'ମେକ୍ ଇନ୍ ଇଣ୍ଡିଆ' ଡପ୍‌ଲର ପାଣିପାଗ ରାଡାର୍‌ର ଶୁଭାରମ୍ଭ କରିବା ସହ ପ୍ରାୟ ୯୬୦ କୋଟି ଟଙ୍କାର ୫୦ଟି ଗୁରୁତ୍ୱପୂର୍ଣ୍ଣ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରାର ପ୍ରତୀକ ଏବଂ 'ସମୃଦ୍ଧ ଓଡ଼ିଶା ୨୦୩୬' ଗଠନ ସଂକଳ୍ପରେ ସମ୍ବଲପୁର ହେଉଛି ରାଜ୍ୟ ସରକାରଙ୍କ ବିକାଶ ଯାତ୍ରାର ମୁଖ୍ୟ କେନ୍ଦ୍ର । (୯ ପୃଷ୍ଠାରେ)

# ପାଣିରେ ବୁଡ଼ି ୧୨ ମୃତ

ଜଗତସିଂପୁର/ରାଉରକେଲା/ବ୍ରହ୍ମପୁର/ଭଦ୍ରକ/କୋରାପୁଟ, ୧୬ ।୯ (ସବ୍ୟୁ) : ଗୋଟିଏ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ହୃଦୟ ବିଦାରକ ଚିତ୍ର ସାମ୍ନାକୁ ଆସିଛି । ଜଗତସିଂହପୁର, ରାଉରକେଲା, ଦିଗପହଣ୍ଡି, ଆସିକା, ଭଦ୍ରକ କୋରାପୁଟରେ ପାଣିରେ ବୁଡ଼ି ୧୨ ଜଣଙ୍କର ମୃତ୍ୟୁ ଘଟିଛି ।

କେଉଁଠି ଗଣେଶ ମୂର୍ତ୍ତି ବିସର୍ଜନ କରିବାକୁ ଯାଇ କିଏ ପ୍ରାଣ ହରାଇଛି ତ ଆଉ କେଉଁଠି ନଦୀକୁ ଗାଧୋଇବାକୁ ଯିବା ହୋଇଛି କାଳ । ହସଖୁସିରେ ଚଳଚଞ୍ଚଳ ଥିବା କେତେକ ପରିବାର ପାଇଁ ଆଜିର ଦିନଟି ନିମିଷକ ମଧ୍ୟରେ ସବୁଦିନ ପାଇଁ ଅନ୍ଧକାର ଆଣିଦେଇଛି । ଆଜିର ଘଟଣା ତାହାକୁ ପ୍ରମାଣିତ କରିଛି । ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବଇଚବଣିଆ ନିକଟରେ ଘୋଡ଼ାହାଡ଼ ନଦୀରେ ୩ ଛାତ୍ର ପାଣିରେ ବୁଡ଼ି ଯାଇଥିଲେ । ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁହୋଇଥିବା (୯ ପୃଷ୍ଠାରେ)

# ଇପିଏଫ୍‌ଓ ଦରମା ସୀମା ୨୫ ହଜାରକୁ ବୃଦ୍ଧି

ନୂଆଦିଲ୍ଲୀ, ୧୬ ।୯ : କର୍ମଚାରୀଙ୍କ ଦୀର୍ଘମିଆଦୀ ସଞ୍ଚୟ ଓ ସାମାଜିକ ସୁରକ୍ଷା ପାଇଁ ବାଧ୍ୟତାମୂଳକ ପ୍ରୋଭିଡେଣ୍ଟ ଫଣ୍ଡ (ପିଏଫ୍) ଯୋଗଦାନର ଦରମା ସୀମାକୁ କେନ୍ଦ୍ର ସରକାର ୧୫,୦୦୦ ଟଙ୍କାରୁ ବଢ଼ାଇ ୨୫,୦୦୦ ଟଙ୍କା ପ୍ରତିମାସ କରିଛନ୍ତି । ଏହି ନିଷ୍ପତ୍ତି ଫଳରେ ଆଉ ୫୧ ଲକ୍ଷରୁ ଅଧିକ କର୍ମଚାରୀ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ର ପରିସରକୁ ଆସିବେ ବୋଲି ଆଶା କରାଯାଉଛି ।

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ୧୫,୦୦୦ରୁ ୨୫,୦୦୦ ଟଙ୍କା ମଧ୍ୟରେ ଦରମା ପାଉଥିବା କର୍ମଚାରୀମାନେ ଏହି ପରିବର୍ତ୍ତନରୁ ଲାଭବାନ ହେବେ ଏବଂ ସଂଶୋଧିତ ପିଏଫ୍ ନିୟମ ଅନୁଯାୟୀ ସେମାନେ ଏବେ ଏହାର ପରିସରଭୁକ୍ତ ହେବେ। ଏଥିପାଇଁ ସରକାରଙ୍କ ବାର୍ଷିକ ଅତିରିକ୍ତ ବ୍ୟୟ ପ୍ରାୟ ୧୧,୩୩୯ କୋଟି ଟଙ୍କା ହେବ। ମନ୍ତ୍ରୀ କହିଛନ୍ତି, ଏହା ଦୀର୍ଘଦିନର ଦାବି ଥିଲା। ଆଜି ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ପ୍ରଧାନମନ୍ତ୍ରୀ ଏହି ପ୍ରସ୍ତାବକୁ ଅନୁମୋଦନ (୯ପୃଷ୍ଠାରେ)

**୫୧ ଲକ୍ଷରୁ ଅଧିକ କର୍ମଚାରୀ ହେବେ ପରିସରଭୁକ୍ତ**

# ୧୯ରେ ପୁଣି ଲଘୁଚାପ

ଭୁବନେଶ୍ୱର, ୧୬ ।୯ (ସବ୍ୟୁ) : ପୁଣି ଘାରିଲାଣି ବର୍ଷା ଭୟ। ତା ସାଙ୍ଗକୁ ଡରାଉଛି ବାତ୍ୟା ଚିନ୍ତା । ଉତ୍ତର ଥାଇଲାଣ୍ଡରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ୧୯ ତାରିଖ ସନ୍ଧ୍ୟା ସୁଦ୍ଧା ଏକ ଲଘୁଚାପ କ୍ଷେତ୍ର ଉତ୍ତର ଆଣ୍ଡାମାନ ସାଗରରେ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି କ୍ଷେତ୍ରଟି ଧୀରେ ଧୀରେ ଅଧିକ ଘନିଭୂତ ହୋଇ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିବ । ୨୨ ଓ ୨୩ ତାରିଖ ଆଡ଼କୁ ଓଡ଼ିଶାମୁହାଁ ହେବାର ସମ୍ଭାବନା ରହିଛି ।

ଦକ୍ଷିଣ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ଲଘୁଚାପ ୩ ରୁ ୪ ଦିନ ମଧ୍ୟରେ ଅଗ୍ରସର ହେବାର ସମ୍ଭାବନା ରହିଛି । ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ଆକଳନ କରାଯାଇଛି । ଏହାର ପ୍ରଭାବରେ ଓଡ଼ିଶାରେ ବର୍ଷା ଜାରି ରହିବ ବୋଲି ସୂଚନା ମିଳିଛି । ଆସନ୍ତା ୨୪ ଘଣ୍ଟା ଲାଗି ୨୨ (୯ ପୃଷ୍ଠାରେ)




## ଖାଇବାଯୋଗ୍ୟ ବହି

ଚୀନ୍‌ର କୋମଳମତି ଶିଶୁଙ୍କ ମଧ୍ୟରେ ଏବେ ଏକ ଅଭିନବ ସ୍ନାକ୍ସ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି, ଯାହା ଦେଖିବାକୁ ସ୍କୁଲ ବହି କିମ୍ବା ୱାର୍କବୁକ୍ ପରି ହୋଇଥିଲେ ବି ଏହା ସମ୍ପୂର୍ଣ୍ଣ ଭାବେ ଖାଦ୍ୟଯୋଗ୍ୟ । ରାଇସ୍ ପେପରରୁ ପ୍ରସ୍ତୁତ ଏହି ସ୍ନାକ୍ସକୁ ପିଲାମାନେ 'ହୋମ୍‌ୱାର୍କ' ବୋଲି କହୁଛନ୍ତି । ଯେଉଁଥିରେ ପାଠ୍ୟପୁସ୍ତକ, ଅଭିଧାନ, ପ୍ରମାଣପତ୍ର ଏବଂ ବ୍ୟାଙ୍କ କାର୍ଡର ଛବି ଛପାଯାଇଛି । ସୋସିଆଲ ମିଡିଆରେ ଏହାର ଭିଡିଓ ଭାଇରାଲ୍ ହେବା ପରେ ପିଲାମାନେ ଏହାକୁ କିଣିବା ପାଇଁ ଜିଦ୍ କରୁଛନ୍ତି ଏବଂ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି । ଯାହାର ଗୋଟିଏ ପ୍ୟାକେଟ୍‌ର ଦାମ୍ ଭାରତୀୟ ମୁଦ୍ରାରେ ୬ ଟଙ୍କାରୁ ବି କମ୍ ରହିଛି । କିଛି ବିକ୍ରେତା ଏହାକୁ 'ମାନସିକ ଚାପ କମାଉଥିବା' ଏବଂ ପାଠପଢ଼ାରେ ସାହାଯ୍ୟ କରୁଥିବା ଦାବି କରି ବିକ୍ରି କରୁଥିବା ବେଳେ, ଏଥିରେ ବ୍ୟବହୃତ ରଙ୍ଗକୁ ନେଇ ଚୀନ୍ ସରକାରୀ ଗଣମାଧ୍ୟମ ଓ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି । ବିଶେଷଜ୍ଞଙ୍କ ଅନୁଯାୟୀ, ଖାଦ୍ୟଉପଯୋଗୀ ରଙ୍ଗ ସୁରକ୍ଷିତ ହୋଇଥିଲେ ହେଁ, ଏଥିରେ ଶିଳ୍ପକ୍ଷେତ୍ରରେ ବ୍ୟବହୃତ ହେଉଥିବା କେମିକାଲ୍ ଡାଏ ରହିଥାଇପାରେ, ଯାହା ପିଲାଙ୍କ ଯକୃତ୍ ଓ ବୃକକକୁ ଗୁରୁତର କ୍ଷତି ପହଞ୍ଚାଇବାର ଆଶଙ୍କା ରହିଛି ।



## ଗୁପ୍ତଚର ଭାବେ କାମ କରିବ ମାଛ

ଚୀନ୍‌ରେ ଜଳଭିତରେ ସହଜରେ ପହଁରିପାରୁଥିବା ଏକ ଅଭିନବ ମାଛ ଆକୃତିର ରୋବୋଟ୍ ବିକଶିତ କରାଯାଇଛି, ଯାହାକୁ ଗୁପ୍ତଚର କାର୍ଯ୍ୟରେ ବ୍ୟବହାର କରାଯିବାନେଇ ଜଣାପଡିଛି । ଚୀନ୍‌ର କମ୍ପାନୀ 'ରୋବୋଓସନ୍' ଦ୍ୱାରା ନିର୍ମିତ ଏହି ରୋବୋଟିକ୍ ମାଛର ନାମ 'ଗୋଲ୍ଡେନ୍ ଡ୍ରାଗନ୍ ଫିସ୍ ବାୟୋନିକ୍ ରୋବୋଟ୍' ରଖାଯାଇଛି । ଏହାର ସମ୍ପୂର୍ଣ୍ଣ ଶରୀର ଦେଖିବାକୁ ଏକ ପ୍ରକୃତ ମାଛ ପରି । ସାମ୍ନାକୁ ଆସିଥିବା ଏକ ଭିଡିଓରେ ପାଣି ଭର୍ତ୍ତି ଟାଙ୍କିରେ ରଖାଯିବାର ମାତ୍ର କିଛି ସେକେଣ୍ଡ ମଧ୍ୟରେ ଏହା ସ୍ୱାଭାବିକ ଭାବେ ପହଁରିବା ଆରମ୍ଭ କରୁଥିବା ଦେଖିବାକୁ ମିଳିଛି । ଜଳତଳର ସମସ୍ତ ଗତିବିଧି ରେକର୍ଡ କରିବା ପାଇଁ ଏଥିରେ କ୍ୟାମେରା ଖଞ୍ଜାଯାଇଛି, ଯଦିଓ ଏହାକୁ ଚଳାଇବା ପାଇଁ ରିମୋଟ୍ କଣ୍ଟ୍ରୋଲ୍‌ର ଆବଶ୍ୟକତା ଅଛି କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଜଳତଳିଆ ସୁରକ୍ଷା ଉପରେ ନଜର ରଖିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ନିର୍ମିତ ଏହି ରୋବୋଟ୍ ପୂର୍ବରୁ ଚୀନ୍ ପ୍ରସ୍ତୁତ କରିଥିବା କଙ୍କଡ଼ା ଓ ହ୍ୟୁମାନଏଡ୍ ରୋବୋଟ୍‌ର ଅନ୍ୟ ଏକ ଉନ୍ନତ ରୂପ ଅଟେ । ବର୍ତ୍ତମାନ ଏହିପରି ରୋବୋଟ୍‌ଗୁଡ଼ିକୁ ବିଭିନ୍ନ କ୍ଷେତ୍ରରେ ନିୟୋଜିତ କରିବାର ଉପାୟ ଉପରେ କାର୍ଯ୍ୟ ଚାଲିଛି ।



## ଦେବଶିଳ୍ପୀ ବିଶ୍ୱକର୍ମା

ସୃଷ୍ଟିର ଆଦି ବିଶ୍ୱକର୍ମା, ଦେବଶିଳ୍ପୀ ଭଗବାନ ବିଶ୍ୱକର୍ମାଙ୍କ କୃପା ଲାଭ ପାଇଁ ବିଭିନ୍ନ କଳକାରଖାନା, ବ୍ୟବସାୟିକ ଅନୁଷ୍ଠାନ, ଗ୍ୟାରେଜ, ଯାନ୍ତ୍ରିକ କର୍ମଶାଳା ଓ ନିର୍ମାଣ ସ୍ଥଳଗୁଡ଼ିକରେ ପ୍ରାତଃ ସମୟରୁ ଆଡ଼ମ୍ବରପୂର୍ଣ୍ଣ ପାଳନ କରାଯାଇଥାଏ ବିଶ୍ୱକର୍ମା ପୂଜା । କାରିଗର, ଯନ୍ତ୍ରୀ, ଶ୍ରମିକ ଓ ବ୍ୟବସାୟୀମାନେ ନିଜ ନିଜର ଯନ୍ତ୍ରପାତି, କଳକବଜା, ବାହନ ଓ ନିର୍ମାଣ ସାମଗ୍ରୀକୁ ସଫାସୁତୁରା କରି ପୂଜାମଣ୍ଡପରେ ସଜାଇ ପ୍ରଭୁଙ୍କଠାରେ କାର୍ଯ୍ୟଦକ୍ଷତା, ନିରାପତ୍ତା ଓ ଜୀବିକାର ସମୃଦ୍ଧି ପାଇଁ ପ୍ରାର୍ଥନା କରିଥାଆନ୍ତି । ପ୍ରଭୁ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କେବଳ ଏକ ଧାର୍ମିକ ପରମ୍ପରା ନୁହେଁ, ବରଂ ଏହା ମାନବ ସମାଜର ନିର୍ମାଣ, ଶ୍ରମ ଶକ୍ତି ଓ ବୈଷୟିକ ଜ୍ଞାନକୌଶଳ ପ୍ରତି କୃତଜ୍ଞତା ଜ୍ଞାପନ କରିବାର ଏକ ଅନନ୍ୟ ଗଣପର୍ବ । ଶ୍ରମିକର ନିଷ୍ଠା ଓ କାରିଗରର ସୃଜନଶୀଳତାକୁ ଈଶ୍ୱରୀୟ ଆଶୀର୍ବାଦରେ ରୂପାନ୍ତରିତ କରିବାର ଅନନ୍ୟ ଗଣପର୍ବ ହେଉଛି 'ବିଶ୍ୱକର୍ମା ପୂଜା' । ବୈଦିକ ପରମ୍ପରାରୁ ଆରମ୍ଭ କରି ଆଧୁନିକ ମେସିନ୍ ଯୁଗ ପର୍ଯ୍ୟନ୍ତ, ନିର୍ମାଣ ଓ ବୈଷୟିକ ଜ୍ଞାନକୌଶଳର ଆଦି ପ୍ରତୀକ ଭାବେ ପୂଜିତ ହୋଇଆସୁଛନ୍ତି ମହାପ୍ରଭୁ ବିଶ୍ୱକର୍ମା ।



## ଘୁଷୁରୀଙ୍କ ସହ ପହଁରିବାକୁ ଆସୁଛନ୍ତି ପର୍ଯ୍ୟଟକ

ଗ୍ରୀସର ଆୟୋନିଆନ୍ ସମୁଦ୍ରରେ ଅବସ୍ଥିତ ପ୍ରାକୃତିକ ସୁନ୍ଦରତାପୂର୍ଣ୍ଣ ପ୍ରାଇଭେଟ୍ ଦ୍ୱୀପ 'ଆଟୋକୋସ୍'ରେ ଏବେ ଏକ ନୂଆ ଏବଂ ଆକର୍ଷଣୀୟ ପର୍ଯ୍ୟଟନ ଟ୍ରେଣ୍ଡ ଦେଖିବାକୁ ମିଳିଛି । ଯେଉଁଠାରେ କଳା ଘୁଷୁରୀଙ୍କ ସହ ପର୍ଯ୍ୟଟକମାନେ ପହଁରିବାର ମଜା ନେଉଛନ୍ତି । ଗ୍ରୀଷ୍ମଦିନେ ତାପମାତ୍ରା ବୃଦ୍ଧି ପାଇଲେ ଏହି ପଶୁମାନେ ଶରୀରକୁ ଥଣ୍ଡା କରିବା ପାଇଁ ସମୁଦ୍ର ଭିତରେ ପହଁରିଥାଆନ୍ତି ଏବଂ ସେଠାରେ ଉପସ୍ଥିତ ପର୍ଯ୍ୟଟକଙ୍କ ସହ ପହଁରିବା ଆରମ୍ଭ କରନ୍ତି । ପୂର୍ବରୁ ବହୁତ କମ୍ ଲୋକଙ୍କୁ ଜଣାଥିବା ଏହି ଅଜ୍ଞାତ ଦ୍ୱୀପଟି ଇନଷ୍ଟାଗ୍ରାମ୍ ଓ ଟିକ୍‌ଟକ୍‌ରେ ଏହି କଳା ଘୁଷୁରିଙ୍କ ଭିଡିଓ ଭାଇରାଲ୍ ହେବା ପରେ ହଠାତ୍ ଚର୍ଚ୍ଚାକୁ ଆସିଥିଲା । ଯାହାପରେ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ବହୁଗୁଣିତ ହୋଇଛି । ମଣିଷଙ୍କ ସହ ଅଭ୍ୟସ୍ତ ହୋଇସାରିଥିବା ଏହି ଘୁଷୁରିମାନେ ସମୁଦ୍ର କୂଳରେ ଖାଦ୍ୟ ସନ୍ଧାନରେ ବୁଲିଥାଆନ୍ତି । ତେବେ ସେମାନଙ୍କ ସହ ସମୟ ବିତାଇବା ଏବଂ ସେମାନଙ୍କୁ ଦେଖିବା ପାଇଁ ଏବେ ବିଶେଷ ଭାବେ ଛୁଟିଦିନରେ ଲୋକେ ଆଟୋକୋସ୍ ଆସୁଛନ୍ତି । ଇଥାକାର ଜଣେ ଟୁର୍ ଅପରେଟରଙ୍କ ଅନୁଯାୟୀ, ଗ୍ରୀସର ଇଥାକା, ଲେଫକାଡା ଓ କେଫାଲୋନିଆରୁ ଡଙ୍ଗା ମାଧ୍ୟମରେ ଅନେକ ପର୍ଯ୍ୟଟକ ସ୍ୱତନ୍ତ୍ର ଭାବେ ଏହି ଘୁଷୁରିମାନଙ୍କୁ ଭେଟିବାକୁ ଆସୁଥିବାରୁ ଏହି ଦ୍ୱୀପକୁ ସୋସିଆଲ ମିଡିଆରେ 'ପିଗି ଆଇଲ୍ୟାଣ୍ଡ' ବୋଲି ନାମ ଦିଆଯାଇଛି ।



## ଦେବୋଲିନାଙ୍କ ଜବାବ

'ସ୍ୱାଭିମାନ' ଓ 'ଦେଶ୍ ମେଁ ନିକଲା ହୋଗା ଚାନ୍ଦ' ଭଳି ଚର୍ଚ୍ଚିତ ଧାରାବାହିକରେ ଅଭିନୟ କରି ମଧ୍ୟ ଟେଲିଭିଜନ ଇଣ୍ଡଷ୍ଟ୍ରୀକୁ କଟାକ୍ଷ କରିଛନ୍ତି ଅଭିନେତା ରୋହିତ ରୋୟ । ନିକଟରେ ଏକ ସାକ୍ଷାତକାରରେ ସେ ଟେଲିଭିଜନ ଶିଳ୍ପକୁ 'ଡଷ୍ଟବିନ୍ ମିଡିଅମ' ବୋଲି ମତ ଦେଇ ଏକ ନୂଆ ବିବାଦ ସୃଷ୍ଟି କରିଛନ୍ତି । ସେ କହିଛନ୍ତି ଯେ ଆଜିକାଲି ଟିଭିରେ ପୁନରାବୃତ୍ତି କାହାଣୀ ଯୋଗୁଁ ସୃଜନଶୀଳତାର ଅଭାବ ଦେଖାଦେଇଛି । ଏହାସହ ଫିଲ୍ମ ଷ୍ଟାରଙ୍କ ତୁଳନାରେ ଟିଭି କଳାକାରମାନଙ୍କ ପାଖରେ ଶାଳୀନତା, ଗ୍ରେସ୍, ଓ ଷ୍ଟାଇଲର ଅଭାବ ରହିଛି । ଯାହା ସେମାନେ ପାପାରାଜିଙ୍କ ସାମ୍ନାରେ ଆଟେନ୍ସନ୍ ପାଇବା ପାଇଁ ଅଜବ ବ୍ୟବହାର କରିବା ଓ ପୋଷାକ ପରିଧାନରୁ ସ୍ପଷ୍ଟ ଜଣାପଡ଼େବୋଲି ସେ ମତ ଦେଇଛନ୍ତି । ରୋହିତଙ୍କ ଏହି ବକ୍ତବ୍ୟକୁ ଟିଭି ଇଣ୍ଡଷ୍ଟ୍ରୀର ଅନେକ କଳାକାର ନାପସନ୍ଦ କରିଛନ୍ତି । ବିଶେଷକରି 'ସାଥ୍ ନିଭାନା ସାଥିୟା' ଫେମ ଅଭିନେତ୍ରୀ ଦେବୋଲିନା ଭଟ୍ଟାଚାର୍ଜୀ ରୋହିତଙ୍କୁ କଠୋର ଭାବେ ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଯେଉଁ ମାଧ୍ୟମ ଜଣକୁ ପରିଚୟ, ସମ୍ମାନ ଓ ଜୀବିକା ଦେଇଛି, ତାକୁ ଏପରି ନିନ୍ଦା କରିବା ବେଶ୍ ଅକୃତଜ୍ଞତାର ପରିଚୟ । ଏପରିକି ଅନେକ ଲୋକ ରୋହିତଙ୍କୁ କେବଳ ଅଭିନେତା ରୋନିତ ରୟଙ୍କ ଭାଇ ଭାବେ ଜାଣନ୍ତି ବୋଲି ଦେବୋଲିନା କଟାକ୍ଷ କରିଛନ୍ତି । ସେହିଭଳି ରୋହିତଙ୍କୁ ଦେବୋଲିନା ପ୍ରଶ୍ନ କରିଛନ୍ତି ଯେ ଯଦି ଟିଭି ଏତେ ଖରାପ, ତେବେ ସେ ବର୍ଷ ବର୍ଷ ଧରି ଏଥିରେ କାହିଁକି କାମ କରୁଥିଲେ ? ଦେବୋଲିନା ଟେଲିଭିଜନକୁ ନିଜର 'ଘର' ବୋଲି କହିବା ସହ ମନେପକାଇ ଦେଇଛନ୍ତି ଯେ ବଡ଼ ବଡ଼ ବଲିଉଡ୍ ତାରକାମାନେ ମଧ୍ୟ ନିଜ ଫିଲ୍ମର ପ୍ରଚାର ଓ ରିଆଲିଟି ସୋ' ପରିଚାଳନା ପାଇଁ ନିୟମିତ ଟିଭି ମାଧ୍ୟମର ସାହାରା ନେଇଥାନ୍ତି ।

## ସୋସିଆଲ କୋଟ୍ସ



ଖୁବଶୀଘ୍ର ନୂଆ ଗ୍ୟାଲେରୀରୁ ଦର୍ଶକଙ୍କୁ ଗ୍ରିଟ କରିବି । ତାହା ମଧ୍ୟ ଖୁବ ସୁନ୍ଦର ହେବ ବୋଲି ଆଶା ରହିଛି ।

**ଶାହରୁଖ ଖାନ, ଅଭିନେତା**



ଟାଇମ ଟୁ ରିଟାଏରର ମୋ ପାଇଁ ଅର୍ଥ ଥିଲା ଶୋଇବାକୁ ଯାଉଛି । ହେଲେ ମୁଁ ଯାହା କହି ନାହିଁ ତାହା ମଧ୍ୟ ଛପା ଯାଇଛି ।

**ଅମିତାଭ ବଚ୍ଚନ, ଅଭିନେତା**



ମୁଁ ଦିଶାଙ୍କୁ ଜାଣି ନାହିଁ । ତାଙ୍କ ସହିତ କେବେ ବି ଦେଖା ମଧ୍ୟ ହୋଇନାହିଁ । ତେଣୁ ଅଯଥାରେ ମୋ ନାଁକୁ ତା ମଧ୍ୟକୁ ଟାଣନ୍ତୁ ନାହିଁ ।

**ସୂରଜ ପଞ୍ଚୋଲି, ଅଭିନେତା**

## ଇତିହାସ

୧୯୫୦- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ।
୧୯୫୬- ଭାରତୀୟ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ ଆୟୋଗ ଗଠିତ ।
୧୯୫୭- ସଂଯୁକ୍ତ ରାଷ୍ଟ୍ରରେ ସାମିଲ ହେଲା ମାଲେସିଆ ।
୧୯୭୮- ତତ୍କାଳୀନ ଆମେରିକୀୟ ରାଷ୍ଟ୍ରପତି ଜିମି କାର୍ଟରଙ୍କ ଆଦେଶାନୁକ୍ରମେ ପଶ୍ଚିମ ଏସିଆରେ ଶାନ୍ତି ପାଇଁ ଇଜିପ୍ଟ ଏବଂ ଜାର୍ଡନ ମଧ୍ୟରେ କ୍ୟାମ୍ପ ଡେଭିଡ୍ ଚୁକ୍ତି ।
୧୯୮୨- ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ପ୍ରଥମ ଥର ପାଇଁ କ୍ରିକେଟ୍ ଟେଷ୍ଟ୍ ମ୍ୟାଚ୍ ଆୟୋଜିତ ।
୨୦୦୬- ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହ କ୍ୟୁବାର ଅଶ୍ୱେତ ରାଷ୍ଟ୍ରପତି ଫିଦେଲ କାସ୍ତ୍ରୋଙ୍କ ସହିତ ସାକ୍ଷାତ କଲେ ।
୨୦୧୭- ପ୍ରଥମ ଭାରତୀୟ ରୂପେ କୋରିଆ ଓପନ୍ ସୁପର ସିରିଜ୍ ଜିତିଲେ ପିଭି ସିନ୍ଧୁ ।



**ମେଷ:** କର୍ମକୁ ନେଇ ଚିନ୍ତିତ, ସ୍ୱାସ୍ଥ୍ୟସମସ୍ୟା ଆସିପାରେ, ଶତ୍ରୁତା ଆସିବ, ଲୋକସମ୍ପର୍କ ସାମାନ୍ୟ ବୃଦ୍ଧି, ସ୍ୱଳ୍ପ ଅର୍ଥଲାଭ, ପାରିବାରିକ ଖୁସି, ବନ୍ଧୁବିଦ୍ରୋହ, ହେବାକାର୍ଯ୍ୟ ବିଳମ୍ବ, ମାନସିକ ଅଶାନ୍ତି । ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ପ୍ରଭୁ ହନୁମାନ ।

**ବୃଷ:** ମାନସିକ ଶାନ୍ତି, ବିଶିଷ୍ଟ ବ୍ୟକ୍ତିଙ୍କ ସାକ୍ଷାତ, ପୂର୍ବ କାର୍ଯ୍ୟରୁ ଲାଭ, ନୂତନ ଚୁକ୍ତି, ବ୍ୟବସାୟରେ ଉନ୍ନତି, ଶରୀର ସୁସ୍ଥ, ମୋକଦ୍ଦମାରେ ବିଜୟ, ନୂତନ କାର୍ଯ୍ୟ ଆରମ୍ଭ, ପାରିବାରିକ ଶାନ୍ତି । ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ଦ୍ରବ୍ୟଲାଭ, କର୍ମକ୍ଷେତ୍ରେ ପରିଶ୍ରମ, ବ୍ୟବସାୟରେ ଲାଭ, ଶତ୍ରୁ ପରାଜିତ, ଅର୍ଥପ୍ରାପ୍ତି, ପାରିବାରିକ ସହଯୋଗ, ବନ୍ଧୁଲାଭ, ଦୂରଯାତ୍ରା ସଫଳ, ଶରୀର ସୁସ୍ଥ । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୯, ଆରାଧନା-ଭଗବାନ ବିଷ୍ଣୁ ।

**କର୍କଟ:** ନୂତନ କର୍ମ ଆରମ୍ଭ, ସାମାନ୍ୟ ଅର୍ଥଲାଭ, ଶୁଭଖବର, ଅନୁଷ୍ଠାନରୁ ଲାଭ, ସୁମିଷ୍ଟ ଭୋଜନ, ବନ୍ଧୁଲାଭ, ସ୍ୱାସ୍ଥ୍ୟଲାଭ, ଦାମ୍ପତ୍ୟଖୁସି, ସନ୍ତାନଲାଭ, ବିଦ୍ୟାରେ ସଫଳତା । ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୮, ଆରାଧନା- ଗଣେଶ ଭଗବାନ ।

**ସିଂହ:** ହେବାକାର୍ଯ୍ୟ ବିଳମ୍ବ, ସମ୍ପର୍କହାନି, ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ, ଅଶୁଭଖବର, ଦେବକାର୍ଯ୍ୟରେ ଶାନ୍ତି, ଅର୍ଥକୁ ନେଇ ସମସ୍ୟା, ପରିଶ୍ରମ ବହୁତ ରହିବ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ଶୁଭ ଆଲୋଚନା । ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ଆଶୁତୋଷ ।

**କନ୍ୟା:** ସମସ୍ୟା ସମାଧାନ, ଶୁଭଖବର, ବ୍ୟକ୍ତିଗତ କାର୍ଯ୍ୟରେ ଅଗ୍ରଗତି, ନୂତନ ଚୁକ୍ତି ସମ୍ପାଦନ, ସନ୍ତାନଲାଭ, ମାନସିକ ଶାନ୍ତି, ଶରୀର ସୁସ୍ଥ, ଅର୍ଥଲାଭ, ବିବାଦ ସମାଧାନ । ହସ୍ତା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୯, ଆରାଧନା-ଶଙ୍କର ଭଗବାନ ।

**ତୁଳା:** ଅଯଥା ଖର୍ଚ୍ଚ, ପାରିବାରିକ ଅଶାନ୍ତି, ବନ୍ଧୁଲାଭ, ଦୂରଯାତ୍ରାରେ ସତର୍କ,ବ୍ୟବସାୟରେ ସ୍ୱଳ୍ପ ଲାଭ, ଦାମ୍ପତ୍ୟ କଳହ, ସନ୍ତାନ ଚିନ୍ତା, ଶରୀର ସୁସ୍ଥ । ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୪, ଆରାଧନା-ମା' ଦୁର୍ଗା ।

**ବିଛା:** ସମ୍ମାନ ପ୍ରାପ୍ତି, ଶୁଭଖବର, ଦୂରଯାତ୍ରା ସଫଳ, ମାନସିକ ଶାନ୍ତି, ସମ୍ପତ୍ତିଲାଭ, ବିବାଦ ସମାଧାନ, ଲୋକସମ୍ପର୍କ ବୃଦ୍ଧି, ଦାମ୍ପତ୍ୟଖୁସି । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୨, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:**କର୍ମକ୍ଷେତ୍ରେ ପରିଶ୍ରମ, ନୂତନ ସମ୍ପର୍କ ସ୍ଥାପନ, ଅର୍ଥଲାଭ, ଶୁଭଖବର, ଅଯଥା ଅଶାନ୍ତି, ପାରିବାରିକ ସାହାଯ୍ୟ, ଦେବକାର୍ଯ୍ୟରେ ଖୁସି, ସମ୍ପତ୍ତିଖୁସି । ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ଗାଈକୁ ଖାଇବାକୁ ଦିଅନ୍ତୁ ।

**ମକର:** ଶୁଭ ଖବର, ଗୃହେ ଉତ୍ସବ, ବ୍ୟବସାୟରେ ଲାଭ, ଦାମ୍ପତ୍ୟଖୁସି, ବନ୍ଧୁଲାଭ, ଅଯଥା ପରିଭ୍ରମଣ, ଅର୍ଥଲାଭ, ବନ୍ଦ ଥି ବା କାର୍ଯ୍ୟ ପୂର୍ଣ୍ଣ ହେବ, ଶରୀର ସୁସ୍ଥ, ସନ୍ତାନଲାଭ । ଶ୍ରବଣା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା- ମା' ଛିନ୍ନମସ୍ତା ।

**କୁମ୍ଭ:** ଆୟବୃଦ୍ଧି, ଲୋକସମ୍ପର୍କରେ ଉନ୍ନତି, ସମସ୍ୟା ସମାଧାନ, ଅଯଥା ବିବାଦ ଆସିପାରେ, ବନ୍ଧୁକଳହ, ବ୍ୟବସାୟରେ ଲାଭ, ଦ୍ରବ୍ୟ କ୍ରୟ, ଦେବକାର୍ଯ୍ୟରେ ସନ୍ତୁଷ୍ଟ । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ମୀନ:** ସମ୍ପର୍କରେ ସୁଧାର, ସାମାନ୍ୟ ଆଘାତ, ପାରିବାରିକ ସହଯୋଗ, ଅର୍ଥଲାଭ, ସମ୍ମାନଲାଭ, ଦୂରଯାତ୍ରାରେ ଖୁସି, ବିବାଦ ସମାଧାନ, ଶୁଭଖବର, ଅନୁଷ୍ଠାନରୁ ଲାଭ, ଶରୀର ସୁସ୍ଥ । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୯, ଆରାଧନା-ମା' ଗୌରୀ ।

**ଭାଦ୍ରବ ଶୁକ୍ଲ ପକ୍ଷ ଷଷ୍ଠୀ**
**୧୭.୯.୨୦୨୬, ଗୁରୁବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁର ଠାରେ ନୂତନ ଭାବେ ଲୋକାର୍ପିତ ଡପ୍ଲର ୱେଦର ରାଡାର କେନ୍ଦ୍ର ପରିଦର୍ଶନ କରୁଛନ୍ତି ।

# ପୋଖରୀରେ ବୁଡି ଜଣଙ୍କର ମୃତ୍ୟୁ

ରଘୁନାଥପୁର, (ସବ୍ୟୁ) :ରଘୁନାଥପୁର ବ୍ଲକ ଅନ୍ତର୍ଗତ କନ୍ଦରାପାଟି ଖଜୁରିଆ ଗ୍ରାମର ଜଣେ ମଧ୍ୟ ବୟସ୍କ ଯୁବକ ଆଜି ପୋଖରୀରେ ବୁଡି ମୃତ୍ୟୁ ବରଣ କରିଛନ୍ତି । ସୂଚନାଯୋଗ୍ୟ, ଖଜୁରିଆ ଗ୍ରାମର ଉପେନ୍ଦ୍ର ଭୋଇଙ୍କ ପୁଅ ନିରଞ୍ଜନ ଭୋଇ(୫୨) ବିଲରୁ ଚାଷ କାର୍ଯ୍ୟ ସାରି ଆଜି ଅପରାହ୍ନ ୩ଟା ସମୟରେ କନ୍ଦରାପାଟିସ୍ଥିତ ପଞ୍ଚାୟତ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ସେଠାରେ ତାଙ୍କ ଗୋଡ଼ ଖସି ଯିବାରୁ ସେ ପୋଖରୀର ଅଗଭୀର ସ୍ଥାନକୁ ଚାଲି ଯାଇଥିଲେ । ସେଠାରେ ସେ ବୁଡ଼ିଯାଇ ଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରଘୁନାଥପୁର ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ସଂକ୍ରାନ୍ତରେ ତାଙ୍କ ପରିବାର ପକ୍ଷରୁ ରଘୁନାଥପୁର ଥାନାରେ ଅଭିଯୋଗ କଲାପରେ ରଘୁନାଥପୁର ପୋଲିସ ୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରିଛି । ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ ପାଇଛି । ମୃତ ନିରଞ୍ଜନଙ୍କର ଘରେ ପତ୍ନୀଙ୍କ ସହ ଏକ ୧୭ବର୍ଷର ପୋଷ୍ୟାକନ୍ୟା ଅଛି । ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# କୋର୍ଟ ପରିସରରେ ଲାଗିଲା ସିସି କ୍ୟାମେରା

କେନ୍ଦ୍ରାପଡା ,(ସବ୍ୟୁ): ଜିଲ୍ଲା ଓକିଲ ସଂଘର ଅନୁରୋଧ କ୍ରମେ ଜିଲ୍ଲା ଦୌରାଜଜ୍ ଦୀପକ କୁମାରଙ୍କ ସହାୟତାରେ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ପୁରୁଣା କୋର୍ଟ ପରିସରରେ ୨୪ ଗୋଟି ସିସି କ୍ୟାମେରା ବିଭିନ୍ନ ସ୍ଥାନରେ ଲଗାଯାଇଛି । ଏହି କୋର୍ଟର ଦୁଇଗୋଟି ମୁଖ୍ୟ ଦ୍ୱାର ଓ କୋର୍ଟ ପରିସରରେ ବିଭିନ୍ନ ସ୍ଥାନରେ ସିସି କ୍ୟାମେରା ଲଗାଯାଇଥିବାରୁ ଜିଲ୍ଲା ଓକିଲ ସଂଘ ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ରାଉତଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ଉଚ୍ଚ ନ୍ୟାୟାଳୟ ଓ ଜିଲ୍ଲା ଓ ଦୌରାଜଜ୍ଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ସୁଭଦ୍ରା ଯୋଜନାର ୨ ବର୍ଷ ପୂର୍ତ୍ତି

# ୧୭ ତାରିଖ ସନ୍ଧ୍ୟା ୬:୦୦ ରୁ ୭:୦୦ ଟା ମଧ୍ୟରେ ଘରେ ଘରେ ଦୀପ ଜାଳିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ) : ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସରକାରଙ୍କ ଯୁଗାନ୍ତକାରୀ 'ସୁଭଦ୍ରା ଯୋଜନାର ସଫଳ ଦୁଇ ବର୍ଷ ପୂରଣ ଅବସରରେ ଆସନ୍ତାକାଲି-ସେପ୍ଟେମ୍ବର ୧୭ ସନ୍ଧ୍ୟା ୬:୦୦ ରୁ ୭:୦୦ ଟା ମଧ୍ୟରେ ରାଜ୍ୟର ପ୍ରତ୍ୟେକ ଘରେ ଦୀପ ପ୍ରଜ୍ୱଳନ କରିବାକୁ ଆହ୍ୱାନ ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା । ସୁଭଦ୍ରା ଯୋଜନାର ଅଗ୍ରଗତି ସମ୍ପର୍କରେ ପ୍ରକାଶ କରି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗତ ଦୁଇ ବର୍ଷ ମଧ୍ୟରେ ୫ଟି କିସ୍ତି ଜରିଆରେ ୧ କୋଟି ୩ ଲକ୍ଷରୁ ଅଧିକ ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୨୫,୮୦୦



କୋଟି ଟଙ୍କା ସହାୟତା ହସ୍ତାନ୍ତର କରାଯାଇଛି । ଆଇଆଇଏମ୍ ସମ୍ବଲପୁର, ଏସବିଆଇ ଏବଂ ନୀତି ଆୟୋଗର ଆକଳନ ଅନୁଯାୟୀ, ଏହି ଯୋଜନା ଫଳରେ ରାଜ୍ୟର ୨୬ ପ୍ରତିଶତରୁ ଊର୍ଦ୍ଧ୍ୱ ମହିଳା ନିଜସ୍ୱ ଉଦ୍ୟୋଗୀ ଭାବେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରି କହିଛନ୍ତି, 'ଗୁରୁବାର ମହିଳା ସଶକ୍ତୀକରଣ ଓ ଆତ୍ମସମ୍ମାନର ସଂକଳ୍ପ ଦିବସ ଭାବେ ପାଳନ କରାଯିବ । ଏହି ଅବସରରେ ରାଜ୍ୟର ସମସ୍ତ ଆଇ ଇସିଡିଏସ୍ ପ୍ରକଳ୍ପ, ଅଙ୍ଗନବାଡ଼ି କେନ୍ଦ୍ର ଓ ସିଡିପିଓ କାର୍ଯ୍ୟାଳୟଗୁଡ଼ିକରେ ରଙ୍ଗୋଲି ପ୍ରତିଯୋଗିତା ଏବଂ ସବିଶେଷ ସମାରୋହ ଆୟୋଜନ କରାଯିବ ।" ଏଥିସହ 'ପୋଷଣ ଅଭିଯାନ ମାଧ୍ୟମରେ ଓଡ଼ିଶାକୁ ୧୦୦% କୁପୋଷଣମୁକ୍ତ କରି ଏକ 'ସୁପୋଷିତ ଓ ବିକଶିତ ଓଡ଼ିଶାର ଗଠନ ପାଇଁ ବିଭାଗ ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ମହିଳା ସଶକ୍ତୀକରଣ, ମର୍ଯ୍ୟାଦା ଓ ସ୍ୱାବଲମ୍ବନର ଭାବନାକୁ ଉତ୍ସବ ଆକାରରେ ପାଳନ କରିବାକୁ ଆହ୍ୱାନ ଜଣାଇଛନ୍ତି ।

## ବ୍ୟାଙ୍କ ଡକାୟତି ଉଦ୍ୟମ ପଣ୍ଡ

# ୫ ଡକାୟତଙ୍କୁ କାବୁକଲା ବୈରୀ ପୋଲିସ, ମାରଣାସ୍ତ୍ର ଜବତ

ଚଣ୍ଡିଖୋଲ/ଛତିଆ ,(ସବ୍ୟୁ) : ଯାଜପୁର ଜିଲ୍ଲାର ବୈରୀ ଥାନା ଅନ୍ତର୍ଗତ ବୈରୀ ବଜାରରେ ଥିବା ଷ୍ଟେଟବ୍ୟାଙ୍କ ଶାଖାରୁ ଡକାୟତି ଉଦ୍ୟମ ହେଉଥିବା ବେଳେ ପାଇଁ ଉଦ୍ୟମ ହେବାର ଅବ୍ୟବହିତ ପୂର୍ବରୁ ସଂପୃକ୍ତ ଡକାୟତ ଗ୍ୟାଙ୍ଗକୁ ପୋଲିସ କାବୁ କରିବାରେ ସଫଳ ହୋଇଛି । ବୈରୀ ଷ୍ଟେଟବ୍ୟାଙ୍କର ଅନତି ଦୂରରେ ଏକ ଖୋଲା ପଡିଆରେ ଡକାୟତି ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ସମୟରେ ବୈରୀ ଥାନାର ପେଟ୍ରୋଲିଂ ଟିମ ଘଟଣା ସ୍ଥଳରେ ପହଞ୍ଚି ସେଠାରୁ ୫ଜଣ ଡକାୟତଙ୍କୁ କାବୁ କରିବାକୁ ସକ୍ଷମ ହୋଇଥିଲା । ଏ ସମ୍ପର୍କରେ ଯାଜପୁର ରୋଡ ପୋଲିସ ଏସଡ଼ିପିଓ ଶରତଚନ୍ଦ୍ର ପାତ୍ର ଓ ବୈରୀ ଥାନା ଅଧିକାରୀ ରଞ୍ଜିତକୁମାର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ମଙ୍ଗଳବାର ରାତି ପ୍ରାୟ ୧.୨୫ ରେ ଛତିଆ ବିଟ ହାଉସ ଅଧିକାରୀ ସରୋଜକୁମାର ବେହେରା ପେଟ୍ରୋଲିଂ କରୁଥିବା ସମୟରେ ବୈରୀ-ସୋଲର ରାଜ୍ୟ ପୁଲିସ ପ୍ରଶିକ୍ଷଣ କେନ୍ଦ୍ର ପଛ ପଟରେ ଥିବା ଏରସମା ଗାଁ ପଡିଆରେ



୫ ଜଣ ସନ୍ଦିଗ୍ଧ ବ୍ୟକ୍ତି ଡକାୟତି କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ପାଇଥିଲେ । ଶ୍ରୀ ବେହେରା ଏ ସମ୍ପର୍କରେ ବୈରୀ ଥାନା ଅଧିକାରୀ ରଂଜିତ ମହାନ୍ତିଙ୍କୁ ଅବଗତ କରିବା ପରେ ତାଙ୍କ ନିର୍ଦ୍ଦେଶରେ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ସମସ୍ତ ସନ୍ଦିଗ୍ଧଙ୍କୁ କାବୁ କରିଥିଲେ ।ପରେ ସେମାନଙ୍କୁ ପଚରାଉଚରା କରିବାରେ ବ୍ୟାଙ୍କ ଡକାୟତି କରିବାକୁ ଯୋଜନା କରୁଥିବା ସେମାନେ ସ୍ୱୀକାର କରିଥିଲେ । ପରେ ପୋଲିସ ସମସ୍ତ ୫ ଡକାୟତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨ଟି କତା, ପେଚକସ୍, ୨ଟି ଲୁହା ରଡ଼, ୮ ବୋତଲ ବିଅର,୧୦ ପକେଟ ଲଙ୍କାଗୁଣ୍ଡ ପୋଲିସ ଜବତ କରିଛି । ବୁଧବାର ଦିନ ଉକ୍ତ ୫ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତ ମାନେ ହେଲେ ବୈରୀ ଥାନା ଚମ୍ପାପୁର ଗ୍ରାମର ବାସୁଦେବ ଦାସ(୨୩),ଛତିଆ କମ୍ପାନୀ ବଜ଼ାରର ରାମଚନ୍ଦ୍ର ଷେଣ୍ଢ(୨୯),ବିଦ୍ୟାଧରପୁର ଗାଁର ସୁବାସ ବେହେରା(୪୦),ଅମରାବତୀ ପାଟଣା ଗ୍ରାମର ଗିରିଆ ବେହେରା(୧୯) ଓ ସେହି ଗ୍ରାମର ସୋମନାଥ ମହାରଣା(୨୬) ବୋଲି ପୋଲିସ ସୂଚନା ଦେଇଛି ।

## ଟ୍ରକ୍ ନ ଉଠିବାରୁ ହୋଇପାରିଲା ନାହିଁ ସମ୍ପୂର୍ଣ୍ଣ ପିଚୁ

କେନ୍ଦ୍ରାପଡା ,(ସବ୍ୟୁ): କେନ୍ଦ୍ରାପଡା ଜାତୀୟ ରାଜପଥ ପ୍ରଶସ୍ତୀକରଣ ହେବାପରେ ଶ୍ୟାମସୁନ୍ଦରପୁର ପୋଲତଳେ କେତେକ ସ୍ଥାନରେ ବର୍ଷାଜଳ ଜମି ରହୁଥିବାରୁ ଠିକା କମ୍ପାନି ପିଏସ୍‌କେ ଏହାକୁ ପୁନର୍ବାର ପିଚୁ କରିବା ପାଇଁ ନିଷ୍ପତ୍ତି ନେଇଥିଲେ କିନ୍ତୁ ଦୀର୍ଘଦିନ ହେଲା ପୋଲ ତଳେ ଏକ ଟ୍ରକ ପଡି ରହିଥିବାରୁ ଠିକା କମ୍ପାନୀ ଏହାକୁ ଉଠାଇ ପାରିନଥିଲେ । ଫଳରେ ପିଚୁଟି ସମ୍ପୂର୍ଣ୍ଣ ଭାବରେ ହୋଇପାରିନଥିବା ଜଣାପଡିଛି । ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବେଆଇନ୍ ଭାବେ ଶହ ଶହ ଅଚଳ ଓ ଦୁର୍ଘଟଣାଗ୍ରସ୍ତ ଟ୍ରକ ମାଲିକମାନେ ଛିଡାକରି ରଖିଥିବାରୁ ଅନେକ ଦୁର୍ଘଟଣା ଘଟୁଛି । ଏହି ଟ୍ରକ ଗୁଡ଼ିକୁ ରାସ୍ତା କଡରୁ ଉଠାଇବା ପାଇଁ ସାଧାରଣରେ ଦାବି ହେଉଛି ।



ରାଷ୍ଟ୍ରପତି ଭବନରେ ଧୂମ୍ ଧାମରେ ପାଳିତ ହୋଇଛି ନୂଆଖାଇ । ଏହି ଅବସରରେ ଗୁଞ୍ଜନ ଏକାଡେମୀ ପକ୍ଷରୁ ମୀରା ଦାଶ ଏବଂ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା ।


ଭାରତ ସରକାର
କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ




ପିଏମ୍ ବିଶ୍ୱକର୍ମା କେବଳ ସାରା ଦେଶର କାରିଗର ଓ ଶିଳ୍ପୀମାନଙ୍କ ଦକ୍ଷତା ବୃଦ୍ଧି କରିବେ ନାହିଁ,
ବରଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିଶ୍ୱସ୍ତରରେ ନୂତନ ପରିଚୟ ମଧ୍ୟ ପାଇବ ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ପିଏମ୍ ବିଶ୍ୱକର୍ମା
ସମ୍ମାନ | ସାମର୍ଥ୍ୟ | ସମୃଦ୍ଧି
ଅଗ୍ରଗତିର ତିନି ବର୍ଷ
ମୁଖ୍ୟ ଅତିଥି
ଶ୍ରୀ ସୁଭେନ୍ଦୁ ଅଧିକାରୀ
ମୁଖ୍ୟମନ୍ତ୍ରୀ
ପଶ୍ଚିମବଙ୍ଗ
ଶ୍ରୀ ଜିତେନ ରାମ ମାଞ୍ଝି
କେନ୍ଦ୍ର ମନ୍ତ୍ରୀ, କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ
ସଦୟ ଉପସ୍ଥିତି
ସୁଶ୍ରୀ ଶୋଭା କରନ୍ଦଲାଜେ
ରାଷ୍ଟ୍ରମନ୍ତ୍ରୀ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ

ପାରମ୍ପରିକ କାରିଗର ଓ ଶିଳ୍ପୀମାନଙ୍କ ସଶକ୍ତିକରଣ ଦିଗରେ ଏକ ନୂତନ ପଦକ୍ଷେପ
- ପିଏମ୍ ବିଶ୍ୱକର୍ମା ପ୍ରମାଣପତ୍ର ଓ ପରିଚୟ ପତ୍ର
- ଦକ୍ଷତା ପ୍ରଶିକ୍ଷଣ ସହିତ ଦୈନିକ ୫୦୦ ଟଙ୍କାର ଷ୍ଟାଇପେଣ୍ଡ (ଭତ୍ତା)
- ଆଧୁନିକ ଟୁଲକିଟ(ଉପକରଣ) ପାଇଁ ୧୫,୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ଇ-ଭାଉଚର ମାଧ୍ୟମରେ ପ୍ରଦାନ
- ଗୁଣବତ୍ତା ପ୍ରମାଣପତ୍ର, ବ୍ରାଣ୍ଡିଂ ଏବଂ ସାରା ଦେଶରେ ବିପଣନ ସୁବିଧା ପାଇଁ ସହାୟତା
- ଡିଜିଟାଲ୍ କାରବାର ପାଇଁ ପ୍ରୋତ୍ସାହନ

ପ୍ରଯୁକ୍ତିବିଦ୍ୟା ଓ ନବସୃଜନର ବ୍ୟବହାର ମାଧ୍ୟମରେ ସରକାରଙ୍କ ସମନ୍ୱିତ ପ୍ରୟାସ
୨.୫ ଲକ୍ଷ ଗ୍ରାମ ପଞ୍ଚାୟତ | ୫ ଲକ୍ଷରୁ ଅଧିକ CSC-VLE | ୧.୭ ଲକ୍ଷ ବ୍ୟାଙ୍କ ଶାଖା | ୧.୫ ଲକ୍ଷ ଡାକ କର୍ମଚାରୀ | ୭୮୫ ଜିଲ୍ଲା

ସଫଳତା
- ୩୦ ଲକ୍ଷ ବିଶ୍ୱକର୍ମାଙ୍କ ସଫଳ ପଞ୍ଜୀକରଣ
- ୨୪ ଲକ୍ଷରୁ ଅଧିକ ବିଶ୍ୱକର୍ମାଙ୍କୁ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ
- ୫%ର ରିହାତିଯୁକ୍ତ ସୁଧ ହାରରେ ୬ ଲକ୍ଷରୁ ଅଧିକ ବିଶ୍ୱକର୍ମାଙ୍କୁ ୫.୨୭୭ କୋଟି ଟଙ୍କାର ଋଣ ମଞ୍ଜୁର
- ୧୮ ଲକ୍ଷ ବିଶ୍ୱକର୍ମାଙ୍କୁ ଆଧୁନିକ ଟୁଲକିଟର 'ଓପନ୍-ବକ୍ସ-ଡେଲିଭରି' (ଖୋଲା ବାକ୍ସରେ ହସ୍ତାନ୍ତର)
- ୯ ଲକ୍ଷରୁ ଅଧିକ ବିଶ୍ୱକର୍ମାଙ୍କୁ ଡିଜିଟାଲ୍ କାରବାର ପାଇଁ ୪୨.୬୩ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ



୧୭ ସେପ୍ଟେମ୍ବର ୨୦୨୬ | ୨:୩୦ ପରେ | ଧୋନୋ ଧୋନୋ ଅଡିଟୋରିୟମ୍, କୋଲକାତା, ପଶ୍ଚିମବଙ୍ଗ
CBC 25113/13/0043/2627

### ଦେବଗଡ଼ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ 'ଦିଶା' ବୈଠକ

## ଦେବଗଡ଼ର ବିକାଶ କାମ ହେବ ତ୍ୱରାନ୍ୱିତ, ଭିତ୍ତିଭୂମିକୁ ସୁଦୃଢ଼ କରିବା ଆମର ଲକ୍ଷ୍ୟ : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ) : ଦେବଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଜିଲ୍ଲା ବିକାଶ ସମନ୍ୱୟ ଏବଂ ମନିଟରିଂ କମିଟି ('ଦିଶା') ବୈଠକରେ ଯୋଗଦେଇ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଜିଲ୍ଲାର ପ୍ରଗତି ଓ ଭିତ୍ତିଭୂମି ବିକାଶର ସମୀକ୍ଷା କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ସଫଳ ରୂପାୟନ ସହ ଜିଲ୍ଲାର ପ୍ରତ୍ୟେକ ନାଗରିକଙ୍କ ନିକଟରେ ମୌଳିକ ସୁବିଧା ପହଞ୍ଚାଇବା ପାଇଁ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଜିଲ୍ଲାର ନବଜାତ ଶିଶୁ ଠାରୁ ୧୮ ବର୍ଷ ବୟସର ପ୍ରାୟ ୭୫ ହଜାର ଶିଶୁ ଓ କିଶୋର-କିଶୋରୀଙ୍କ ସ୍ୱାସ୍ଥ୍ୟ ଏବଂ ପୋଷଣ ଉପରେ ବିଶେଷ ଧ୍ୟାନ ଦିଆଯିବ। ସେମାନଙ୍କୁ ସଠିକ୍ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଜିଲ୍ଲାରେ ଏକ ବ୍ୟାପକ 'ଜନ-ଅଭିଯାନ' ଆରମ୍ଭ କରାଯିବ। ସେହିପରି କୃଷିର



ଉନ୍ନତି ଓ ଜଳସେଚିତ ଜମିର ପରିମାଣ ବୃଦ୍ଧି ପାଇଁ 'ଡିଷ୍ଟ୍ରିକ୍ଟ ହାଇଡ୍ରୋଲୋଜି ମ୍ୟାପିଂ' ଏବଂ ବିଭିନ୍ନ ଜଳସେଚନ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲ୍ଲାର ଯୋଗାଯୋଗ ବ୍ୟବସ୍ଥାରେ ବ୍ୟାପକ ସୁଧାର ଆଣିବା ପାଇଁ ଭାରତ ସରକାରଙ୍କ ଏନଏଚଏଆଇ ପକ୍ଷରୁ କନକତରାରୁ ରେଙ୍ଗାଳି ପର୍ଯ୍ୟନ୍ତ ଯାଇଥିବା ରାସ୍ତାକୁ ଚାରି ଲେନ୍ କରାଯିବ । ଏହାସହ ଦେବଗଡ଼ ସହରର ବିର୍ସା ମୁଣ୍ଡା, ଆମ୍ବେଦକର ଓ ସର୍କଟ୍ ହାଉସ୍ ଛକରେ ଦୁର୍ଘଟଣାମୁକ୍ତ ଯାତାୟାତ ପାଇଁ ଓଭରବ୍ରିଜ୍ ଓ ଭେହିକିଲ୍ ଅଣ୍ଡରପାସ୍ ନିର୍ମାଣ ନେଇ ଏନଏଚଏଆଇକୁ ଦାୟିତ୍ୱ ଦିଆଯାଇଛି । ସେହିପରି ଡିଜିଟାଲ୍ କନେକ୍ଟିଭିଟି କ୍ଷେତ୍ରରେ ବିଏସଏନଏଲର ୧୦୧ଟି ବର୍ତ୍ତମାନର ଟାୱାର ସହ ନୂତନ ୧୫ଟି ଟାୱାର ଏବଂ ନେଟୱର୍କ ନଥିବା ଅଞ୍ଚଳଗୁଡ଼ିକ ପାଇଁ ନୂଆ ସର୍ଭେ କରି ଟାୱାର ସ୍ଥାପନ କରାଯିବ । ଏହାବ୍ୟତୀତ ବିଦ୍ୟୁତୀକରଣ, ରୋଡ୍ ସେଫ୍ଟି ଏବଂ ତିଳେଇବଣିରୁ ବାରକୋଟ ପର୍ଯ୍ୟନ୍ତ ସର୍ଭିସ୍ ଲେନ୍ ନିର୍ମାଣ ଉପରେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସ୍ଥାନୀୟ ବିଧାୟକ, ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ନିଜର ସକାରାତ୍ମକ ମତାମତ ଦେଇଛନ୍ତି।

## ସରକାରୀ କର୍ମଚାରୀ ଛୁଟି ଅବଧି ପରେ ଅନୁପସ୍ଥିତ ରହିଲେ ଦରମା ମନା : ହାଇକୋର୍ଟ

କଟକ,(ସବ୍ୟୁ): ଜଣେ ସରକାରୀ କର୍ମଚାରୀ ସେ ନେଇଥିବା ଛୁଟି ସମୟ ପରେ ଯଦି କାର୍ଯ୍ୟରେ ଯୋଗ ନଦିଅନ୍ତି ତାହେଲେ ଉକ୍ତ ଅନୁପସ୍ଥିତ ଥିବା ଅବଧିର ଦରମା ମନା। ଯଦି ଉକ୍ତ ସମୟକୁ ସରକାରୀ ଅନୁମୋଦନ ନମିଳେ ତାହେଲେ ଉକ୍ତ ଛୁଟି ସମୟକୁ ତାଙ୍କ ଛୁଟି ତାଲିକାରୁ କାଟି ଦିଆଯିବ । ଛୁଟି ଆବେଦନର କେବଳ ଗ୍ରହଣୀୟତାକୁ ଛୁଟିର ମଞ୍ଜୁରୀ ଧରାଯିବ ନାହିଁ ବୋଲି ନାହିଁ ହାଇକୋର୍ଟ ଜଣେ ଅବସରପ୍ରାପ୍ତ ଶିକ୍ଷକ ତାଙ୍କ ଛୁଟି ଥିବା ଅବଧିକୁ ଗ୍ରହଣ କରି ସେହି ଆଧାରରେ ସମସ୍ତ ଅବସରପ୍ରାପ୍ତ ପ୍ରାପ୍ୟ ପ୍ରଦାନ ଲାଗି ରୁଜୁ ମାମଲାକୁ ଖାରଜ କରିବା ଅବସରରେ ଏଭଳି ମତ ଦେଇଛନ୍ତି। ଅବସରପ୍ରାପ୍ତ ଶିକ୍ଷକ ଭଗବାନ ମହାପାତ୍ରଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏମ୍.ଏସ୍. ରମଣ ଏହି ଆଦେଶ ଦେଇଛନ୍ତି। ମାମଲାରୁ ଜଣାଯାଇଛି ଯେ, ଆବେଦନକାରୀ ମୟୂରଭଞ୍ଜର ଖୁଣ୍ଟା ବ୍ଲକ୍‌ର ଏକ ବିଦ୍ୟାଳୟରେ ୧୯୮୧ ମସିହାରେ ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ ଔ ପରେ ୧୯୯୧ ମସିହାରେ ଉକ୍ତ ବିଦ୍ୟାଳୟଟି ସରାକାରୀ ବିଦ୍ୟାଳୟ ମାନ୍ୟତା ପାଇଥିଲା ।୨୦୧୩ ମସିହାରେ ଆବେଦନକାରୀ ଏଲିମେଣ୍ଟାରୀ କ୍ୟାଡରୁ ପଦୋନ୍ନତି ପାଇଥିଲେ। ଆସିଷ୍ଟାଣ୍ଟ ବ୍ଲକ୍ ଏଜୁକେସନ୍ ଅଫିସର ଥିଲାବେଳେ ସେ ୨୦୧୬ ଜାନୁଆରୀ ୨୦ରୁ ଫେବ୍ରୁଆରୀ ୧୪ ପର୍ଯ୍ୟନ୍ତ ଛୁଟିରେ ରହିଥିଲେ। ତାଙ୍କ ନାମରେ ବିଏ ଏବଂ ବିଇଡି ସାର୍ଟିଫିକେଟ୍ ଜାଲିଆତି କରିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ଆଧାରରେ ସେ ଗିରଫ ମଧ୍ୟ ହୋଇଥିଲେ । ୨୦୧୮ ମସିହାରେ ଅବସର ପରେ ସେ ଛୁଟି ଅବଧି ସମୟକୁ ଗ୍ରହଣ କରାଯାଇ ତାଙ୍କ ପେନ୍‌ସନ୍ ଏବଂ ଅନ୍ୟାନ୍ୟ ପ୍ରାପ୍ୟ ପ୍ରଦାନ ଲାଗି ପ୍ରଥମେ ରାଜ୍ୟ ସରକାରଙ୍କ ନିକଟରେ ଆବେଦନ କରିଥିଲେ । ସେଠାରୁ ଖାରଜ ହେବାପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଦର୍ଶାଯାଇଥୁଲା ଯେ, ତାଙ୍କ ବିରୋଧରେ ସାର୍ଟିଫିକେଟ୍ ଜାଲିଆତି କରିବା ଅଭିଯୋଗରେ ପ୍ରୋସିଡିଂ ଚାଲୁଛି। ତେଣୁ ଏଭଳି ସ୍ଥିତିରେ ତାଙ୍କ ଚାକିରିର ଛୁଟି ଥୁବା ସମୟକୁ ଗ୍ରହଣ କରାଯାଇ ପାରିବ ନାହିଁ ।ସେ ଛୁଟି ଥିବା ସମୟ ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ନେଇନାହାନ୍ତି । ପରେ କାର୍ଯ୍ୟରେ ଯୋଗଦେବା ପର ମଧ୍ୟ ଛୁଟିର ଯୁକ୍ତିଯୁକ୍ତ କାରଣ ଦର୍ଶାଇ ନାହାନ୍ତି। ତେଣୁ ଏହି ଛୁଟି ଅବଧିକୁ ତାଙ୍କ ପେନ୍‌ସନ୍ ଅବା ଅନ୍ୟ ସୁବିଧା ପାଇଁ ଗ୍ରହଣ କରାଯାଇ ପାରିବ ନାହିଁ। ହାଇକୋର୍ଟ ଏହି ମାମଲାର ରାୟ ପ୍ରକାଶ କରିବା ଅବସରରେ କହିଛନ୍ତି ଯେ, ପ୍ରଥମେ ଆବେଦନକାରୀ ୨୦୧୮ରେ ଅବସର ଗ୍ରହଣ କରିଥିଲେ ମଧ୍ୟ ଏହାର ୬ବର୍ଷ ପରେ ସେ ହାଇକୋର୍ଟକୁ ଆସିଛନ୍ତି। ତାଙ୍କର ଏତେ ବିଳମ୍ବର କଗରଣ ସଂକ୍ରାନ୍ତରେ ମଧ୍ୟ ସେ କୌଣସି ଯୁକ୍ତିଯୁକ୍ତ କାରଣ ଦର୍ଶାଇ ପାରି ନାହାନ୍ତି। ଆବେଦନକାରୀଙ୍କ ଏଭଳି ଆଭିମୁଖ୍ୟକୁ ନେଇ ହାଇକୋର୍ଟ ତାଙ୍କ ବିରୋଧରେ ଜରିମାନାର ଆବଶ୍ୟକତା ଥିବା ମତ ଦେଇଛନ୍ତି। କିନ୍ତୁ ସେ ଜଣେ ଅବସରପ୍ରାପ୍ତ କର୍ମଚାରୀ ହୋଇଥିବାରୁ ଏହି ଜରିମାନାରୁ ହାଇକୋର୍ଟ ବିରତ ରହିଛନ୍ତି। ଯେଉଁ ସମୟ ସେ ଛୁଟିରେ ଥିଲେ ବୋଲି କୁହାଯାଉଛି ସେହି ଅବଧି କଦଣ ପାଇଁ ସେ ଛୁଟିରେ ଥିଲେ ତାହାର ଯଥେଷ୍ଟ କାରଣ ଦର୍ଶାଇ ପାରିନାହାନ୍ତି। ଆବେଦନକାରୀ ବେଆଇନ ଭାବେ ଛୁଟିରେ ଥିବା ଏଥିରୁ ସ୍ପଷ୍ଟ ହୋଇଛି। ଏହି ଆଧାରରେ ତାଙ୍କ ଛୁଟି ଅବଧିକୁ ଗ୍ରହଣ କରାଯାଇ ପାରିବ ନାହିଁ । କିନ୍ତୁ ତାଙ୍କ ବିରୋଧରେ ଚାଲିଥିବା ପ୍ରୋସିଡିଂ ଯଦି ଶେଷ ହୋଇଯାଏ ତାହେଲେ ଏହା ଉପରେ ବିଚାର କରାଯାଇ ପାରେ।

## କୁକୁଡ଼ାଖଣ୍ଡି ବୋମା ମାଡ଼ ଘଟଣା : ମୁଖ୍ୟ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,(ସବ୍ୟୁ): କୁକୁଡ଼ାଖଣ୍ଡି ଦାସ ସାହିରେ ଗତ ୧୪ରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ବୋମାମାଡ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ କାଳିଆ ସାହୁ (୨୪)ଙ୍କୁ କେସ ନଂ ୫୮୫/୨୬ ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏଥିସହ ୨ ନାବାଳକଙ୍କୁ ଜେଜେବିରେ ହାଜର ପରେ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ଘଟଣାରେ ଆହତ ହୋଇଥିବା ଅନ୍ୟ ଜଣେ ଅଭିଯୁକ୍ତ ଗ୍ରାମବାସୀଙ୍କ ଆକ୍ରମଣରେ ଆହତ ହୋଇ ବର୍ତ୍ତମାନ ଏମକେସିଜି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ମାମଲାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସର ତଦନ୍ତ ଜାରି ରହିଛି ।

## ଚୋରା ମଦ ଜବତ : ୬ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, (ସବ୍ୟୁ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ, କେନ୍ଦ୍ରାପଡ଼ା 1 ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର, ରାଜନଗର ଓ କୁଦାନଗରୀ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉ ସମୟରେ ରାଜନଗର ଗ୍ରାମର ଅରକ୍ଷିତ ସେଠି (୨୪)ଙ୍କ ନିକଟରୁ ୧୧୦ ଲିଟର ବିଦେଶୀ ମଦ, କାଠୁଆଗଣ୍ଡା ଗ୍ରାମର ଲତା ସ୍ୱାଇଁ (୬୦)ଙ୍କ ନିକଟରୁ ୧୫ ଲିଟର ବିଦେଶୀ ମଦ, କରିଲୋପାଟଣା ଗ୍ରାମର ବିଳାଶ କିଶୋର ଦାସ (୨୭)ଙ୍କ ନିକଟରୁ ୧୯ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା । ସେହିପରି ଦାନପୁର ଗ୍ରାମର ନିରଞ୍ଜନ ଜେନା (୬୦)ଙ୍କ ନିକଟରୁ ୨୮ ଲିଟର ବିଦେଶୀ ମଦ, ବଡନାରାୟଣ ଗ୍ରାମର ବେଣୁଧର ବେହେରା (୩୩)ଙ୍କ ନିକଟରୁ ୩୪ ଲିଟର ବିଦେଶୀ ମଦ ଏବଂ ତରସା ଗ୍ରାମର ମହେଶ୍ୱର ଦଳାଇ (୩୮) ଙ୍କ ନିକଟରୁ ୧୬ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଥିଲା । ଉକ୍ତ ଚଢ଼ାଉରେ ସମୁଦାୟ ୨୨୨ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଅଛି । ଏହି ଘଟଣା ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇ ୦୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ ଅଦାଲତରେ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ରତ୍ନପ୍ରଭା ସଓ୍ୱାଇଁ, ରଞ୍ଜନ କୁମାର ପାତ୍ର, ତ୍ରିବେଣୀ ମହନ୍ତ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସକ୍ରିୟ ଭାବେ ସାମିଲ ହୋଇଥିଲେ ।

## ସିଙ୍ଗ୍ନେଚର ପରିଚାଳନା କମିଟି ପକ୍ଷରୁ ଶାରଦୀୟ ପାର୍ବଣ ପ୍ରସ୍ତୁତି

କଟକ, (ସ୍ୱପ୍ର) : କଟକ ସିଙ୍ଗ୍ନେଚର ପରିଚାଳନା କମିଟି ପକ୍ଷରୁ ଶାରଦୀୟ ପାର୍ବଣ ଓ ଐତିହାସିକ ଦୁର୍ଗା ପୂଜା ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ସଭା ବିଡାନାସୀ ଚହଟା ସ୍ଥିତ ସୀୟାରାମ କନଭେନସନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରସ୍ତୁତି ସଭାରେ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ସିହ୍ନା, ଶାନ୍ତି କମିଟି କାର୍ଯ୍ୟାଳୟ ସମ୍ପାଦକ ସୁଦୀପ୍ତ କୁମାର ସ୍ୱାଇଁ, ଉପସଭାପତି ଡଃ ଦିପାୟନ ପଟ୍ଟନାୟକ, କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିଲେ । ସହ ପ୍ରତିଷ୍ଠାତା ଅମିୟ କୁମାର ଦାଶ ସଭା ପରିଚାଳନା କରିଥିଲେ । ସମ୍ପାଦକ ସୋମନାଥ କୁମାର ଜୀ ସମ୍ପାଦକୀୟ ପାଠ କରିଥିଲେ । ସଭାପତି ଆଗାମୀ ପାର୍ବଣ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ପ୍ରସ୍ତାବ ଆଗତ କରିଥିଲେ । କାର୍ଯ୍ୟକାରୀ ସଭାପତି ସାଇ ପ୍ରସାଦ ମହାନ୍ତି ସମସ୍ତ



ମିଡିଆ ବନ୍ଧୁ ମାନଙ୍କୁ ସମ୍ମାନୀତ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ଯୁଗାନ୍ତ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ଐତିହାସିକ କଟକ ଦୁର୍ଗା ପୂଜାରେ ୭ ଟି କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପୂଜା ମଣ୍ଡପକୁ ଏକ ଆଓ୍ୱାର୍ଡ଼ ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି । ସେହିଭଳି ସମସ୍ତ ପୂଜା ମଣ୍ଡପରେ ଶାରଦୀୟ ଭେଟି ପ୍ରଦାନ ସହିତ ଚାଉଳିଆଗଞ୍ଜ ଖୁଦୁରୁକୁଣୀ ଯାତ୍ରାରେ ସମ୍ବର୍ଦ୍ଧନା ମଞ୍ଚ, ଗଣେଶ ପୂଜା, କାଳୀ ପୂଜା, ଷୋଳପୁଅ ମା' ପୂଜା, ଲକ୍ଷ୍ମୀ ପୂଜା ଓ କାର୍ତ୍ତିକେଶ୍ୱର ପୂଜାରେ ବିଭିନ୍ନ କମିଟି ମାନଙ୍କୁ ମାନପତ୍ର ଓ ଫଳକ ଦେଇ ଉତ୍ସାହିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ବନ୍ଧୁଘର ସାହିତ୍ୟ ପିଣ୍ଡାର ବରିଷ୍ଠ ଟ୍ରଷ୍ଟି ସୁଧାଂଶୁ ମହାନ୍ତିଙ୍କ ପରଲୋକ

କଟକ, (ସ୍ୱପ୍ର) : ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମହାନ୍ତିଙ୍କ ବଡପୁଅ ତଥା ଭୁବନେଶ୍ୱର ବନ୍ଧୁଘର ସାହିତ୍ୟ ପିଣ୍ଡାର ବରିଷ୍ଠ ଟ୍ରଷ୍ଟି ସୁଧାଂଶୁ କୁମାର ମହାନ୍ତିଙ୍କର ବୁଧବାର ସକାଳ ଛଅଟାରେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି । ତାଙ୍କୁ ଶେଷଦର୍ଶନ କରିବାକୁ ତାଙ୍କ କଟକ ଅରୁଣୋଦୟ ନଗର



ଘରେ ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ଡାକ୍ତର ଆଲୋକ କାନୁନଗୋ, ଗଜେନ୍ଦ୍ର ନାଥ ମହାନ୍ତି, ବିଚିତ୍ରାନନ୍ଦ ଦାସ, ତାଙ୍କ ଗାଆଁ ସାତପୁରା ଜଗତସିଂହପୁରର ପରିଜନମାନେ ଉପସ୍ଥିତ ଥିଲେ । ଖାନନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କ ଏକମାତ୍ର ପୁଅ ସିଦ୍ଧାର୍ଥ ମହାନ୍ତି ମୁଖାଗ୍ନି ଦେଇଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା । ବିଭିନ୍ନ କମ୍ପାନୀରେ ଉଚ୍ଚ ପଦବୀରେ କାମ କରି ତାଙ୍କ ଶେଷଜୀବନ ସେ ସମାଜସେବାରେ କଟାଇଥିଲେ । ସାହିତ୍ୟ ପିଣ୍ଡାର ଅନ୍ୟ ଟ୍ରଷ୍ଟି ସ୍ୱରାଜ ମିଶ୍ର, ପ୍ରେମଲତା ଖୁଣ୍ଟିଆ ଓ କଣ୍ଠଶିଳ୍ପୀ ବିବୁଦାସ ଶେଷ ସମ୍ମାନ ଜଣାଇଥିଲେ । ତାଙ୍କ ସଂସ୍କାର ସମୟରେ ପ୍ରଫେସର ସୁନ୍ଦର ରାଓ, ଇଂ. ସୁଧୀର ମୁଦାଲି, ଆର୍କିଟେକ୍ଟ ଏ କେ ସୁର, ଡାକ୍ତର ହିମାଂଶୁ ମହାନ୍ତି, ସୀତାଂଶୁ ମହାନ୍ତି, ଶୁଭ୍ରାଂଶୁ ମହାନ୍ତି ଓ ଜୟଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୫୩ନଂ ୱାର୍ଡରେ ଗଣେଶ ମଣ୍ଡପ ବୁଲିଲେ ପୂର୍ବତନ ବିଧାୟକ

କଟକ, (ସ୍ୱପ୍ର): କଟକ ସହରରେ ଗଣେଶ ପୂଜାକୁ ନେଇ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି । ବିଭିନ୍ନ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଗତ ମଙ୍ଗଳବାର ସନ୍ଧ୍ୟାରେ ୫୩ନଂ ୱାର୍ଡର କର୍ପୋରେଟର ଅରବିନ୍ଦ ଜେନାଙ୍କ ସହ ବିଭିନ୍ନ ଗଣେଶ ପୂଜାମଣ୍ଡପ ପରିଦର୍ଶନ କରିଥିଲେ । ଡଃ ବିଶ୍ୱାଳ ଦରଖାପାଟଣା, ପୁଷ୍ଟିବଗିଚା, ମେଲଣ ପଡିଆ, ଝୁଲଣ ମଣ୍ଡପ, ରାଜ ଗାର୍ଡେନ, ଆରଆଇ ଅଫିସ ଲେନ, ଅନ୍ଦରପୁର, କଲ୍ୟାଣୀନଗର ମହାବୀର ଲେନ ଆଦି ଅଂଚଳରେ ଆୟୋଜିତ ଗଣେଶ ପୂଜା ମଣ୍ଡପ ବୁଲି ଗଣେଶଙ୍କ ଦର୍ଶନ କରିବା ସହ ପୂଜା କମିଟିର ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ପୂର୍ବତନ ୱାର୍ଡ



ସଭାପତି ସାରଙ୍ଗପାଣି ଷଡ଼ଙ୍ଗୀ, ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ ଭୋଳ, ଅମର ସାମନ୍ତରାୟ, ବିନୟ କୁମାର ଦାସ, ସୌମ୍ୟରଞ୍ଜନ ସ୍ୱାଇଁ, ବିନୋଦ କୁମାର ବେହେରା, ନଗେନ ଦାସ, ପ୍ରଦୀପ୍ତ ସ୍ୱାଇଁ, ସୁଜିତ ନାୟକ, ଅନିଲ ଜେନା, ଚିତରଞ୍ଜନ ନାୟକ, ରଞ୍ଜିତ ରାଉତ, ରଞ୍ଜନ କୁମାର ବେଉରାଙ୍କ ସମେତ ବହୁ ସଂଖ୍ୟାରେ ୱାର୍ଡବାସୀ ଉପସ୍ଥିତ ଥିଲେ । ସେହିପରି ୫୨ନଂ ଓ୍ୱାର୍ଡରେ ନିଜ ସମର୍ଥକଙ୍କୁ ସାଙ୍ଗରେ ନେଇ ବିଭିନ୍ନ ପୂଜାମଣ୍ଡପ ବୁଲି ଥିଲେ ।

### ବିଏମ୍‌ସି ୫୬ ନମ୍ବର ୱାର୍ଡରେ ଓଜେସିର ସାଂଗଠନିକ ବୈଠକ

## ଜନସମସ୍ୟାକୁ ଗୁରୁତ୍ୱ ଦେଲେ ଓଜେସି ସଭାପତି ମହମ୍ମଦ ମୋକିମ୍

ଭୁବନେଶ୍ୱର, (ସବ୍ୟୁ) : ଆଗାମୀ ପୌର ନିର୍ବାଚନକୁ ଗୁରୁତ୍ୱ ଦେଇ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ସାଂଗଠନିକ କାର୍ଯ୍ୟକ୍ରମକୁ ଜୋରଦାର କରାଯାଉଛି । ବିଏମସିର ବିଭିନ୍ନ ୱାର୍ଡରେ ସାଂଗଠନିକ ବୈଠକ ଆୟୋଜନ କରାଯାଇ ଦଳୀୟ କର୍ମକର୍ତ୍ତା ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଯାଉଛି । ଏହିକ୍ରମରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ବିଏମସିର ୫୬ନମ୍ବର ୱାର୍ଡରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଅଛି । ବୈଠକରେ ଓଜେସି ସଭାପତି ଇଂ. ମହମ୍ମଦ ମୋକିମ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଦଳୀୟ କର୍ମକର୍ତ୍ତା, ଯୁବକ, ମହିଳା ଓ ସାଧାରଣ ଲୋକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ବୈଠକରେ ୫୬ ନମ୍ବର ୱାର୍ଡ ଅଞ୍ଚଳର ବିଭିନ୍ନ ସ୍ଥାନୀୟ ସମସ୍ୟା, ନାଗରିକ ସୁବିଧା ଓ ଜନସାଧାରଣଙ୍କ ଆବଶ୍ୟକତା ସମ୍ପର୍କରେ ଆଲୋଚନା ହୋଇଥିଲା। ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ସେଗୁଡ଼ିକୁ ନେଇ ସ୍ଥାନୀୟ ସ୍ତରରେ ଲୋକଙ୍କ ସହ ରହି କାର୍ଯ୍ୟ କରିବାକୁ ଇଂ. ମୋକିମ୍ ଦଳୀୟ କର୍ମକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ । ସେ କହିଥିଲେ ଯେ, ଓଜେସି କେବଳ ନିର୍ବାଚନ ସମୟର ଦଳ ନୁହେଁ, ସାଧାରଣ ଲୋକଙ୍କ ସହ ସବୁବେଳେ ରହି ସେମାନଙ୍କ ସମସ୍ୟା ଓ ଅଧିକାରର ସ୍ୱର ହେବା ଦଳର ପ୍ରାଥମିକ ଲକ୍ଷ୍ୟ। ଭୁବନେଶ୍ୱରବାସୀ ପିଇବା ପାଣି ଭଳି ମୌଳିକ ସୁବିଧାରୁ ମଧ୍ୟ ବଞ୍ଚିତ। ରାସ୍ତାଘାଟ ଠାରୁ ଆରମ୍ଭ କରି ନାଳନର୍ଦ୍ଦମା ଓ ବର୍ଜ୍ୟବସ୍ତୁ ପରିଚାଳନାରେ ବିଏମସି କର୍ତ୍ତୃପକ୍ଷ ଓ ସ୍ଥାନୀୟ ନେତୃତ୍ୱ ବିଫଳ ହୋଇଥିବା ସେ କହିଥିଲେ । ଭୁବନେଶ୍ୱରର ପ୍ରତ୍ୟେକ ୱାର୍ଡରେ ଦଳର ସଂଗଠନକୁ ମଜବୁତ କରିବା ସହ ଲୋକଙ୍କ ସହ ସିଧାସଳଖ ଯୋଡ଼ି ହୋଇ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସାଂଗଠନିକ ବୈଠକରେ ଦଳ ପକ୍ଷରୁ ଭୁବନେଶ୍ୱର ଜିଲ୍ଲା ସଭାପତି ବଦ୍ରି ନାରାୟଣ ମହାନ୍ତି, ଉପସଭାପତି ପ୍ରଦୀପ ପ୍ରଧାନ, ନଜିବୁର ରେହମାନ ଖାନ, ମହିଳା ଜନତା କଂଗ୍ରେସ ସଭାନେତ୍ରୀ ଶୈଳବାଳା ଜେନା, ଯୁବ ଜନତା କଂଗ୍ରେସ ସଭାପତି ଆର୍ଯ୍ୟବୀର ଲେଙ୍କା, କୃଷକ ଜନତା କଂଗ୍ରେସ ସଭାପତି ସଂଗ୍ରାମ କିଶୋର ମାଝୀ, ସାଧାରଣ ସମ୍ପାଦକ ସୋମନାଥ ରାଉତ, ସମ୍ପାଦିକା ସୋନାଲି ମହାପାତ୍ର, ସୀତା ସାହୁ ଓ ସସ୍ମିତା ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ୫୬ନମ୍ବର ୱାର୍ଡ ଅଞ୍ଚଳରେ ଓଜେସିର ସାଂଗଠନିକ ଶକ୍ତି ବୃଦ୍ଧି ନିମନ୍ତେ ବକ୍ତବ୍ୟ ରଖିଥିଲେ । ସ୍ଥାନୀୟ ଅଞ୍ଚଳର ସଂଗ୍ରାମ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସ୍ୱର୍ଣ୍ଣଲତା ଦେବୀ, ପ୍ରଭା ଦେବୀ, ସୌଦାମିନୀ ଦାସ ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ ।

## ରେୟାରଫର୍ମ ଷ୍ଟୁଡିଓକୁ ଜାତୀୟ ପୁରସ୍କାର

### ଡିଜାଇନ୍ ଜଗତରେ ଓଡ଼ିଶାର ନୂଆ ପରିଚୟ

ଭୁବନେଶ୍ୱର, (ସବ୍ୟୁ) : ଡିଜାଇନ୍ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୁବନେଶ୍ୱରସ୍ଥିତ ଅଗ୍ରଣୀ ଡିଜାଇନ୍ ସଂସ୍ଥା ରେୟାରଫର୍ମ ଷ୍ଟୁଡିଓ 'ଭାରତର ଶ୍ରେଷ୍ଠ ୟଙ୍ଗ ଡିଜାଇନ୍ ଷ୍ଟୁଡିଓ ପୁରସ୍କାର ୨୦୨୬ ହାସଲ କରିଛି। ଏହି ଜାତୀୟ ସ୍ୱୀକୃତି ଅବସରରେ ଷ୍ଟୁଡିଓ ପକ୍ଷରୁ ଭୁବନେଶ୍ୱରରେ 'ଓଡ଼ିଶାର ଡିଜାଇନ୍ ସଂସ୍କୃତିର ଭବିଷ୍ୟତଦ ଶୀର୍ଷକ ଏକ ସ୍ୱତନ୍ତ୍ର ପ୍ୟାନେଲ୍ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏହି ଆଲୋଚନାରେ ଓଡ଼ିଶାର ସମୃଦ୍ଧ କଳା, ହସ୍ତଶିଳ୍ପ, ସ୍ଥାପତ୍ୟ ଓ ପାରମ୍ପରିକ ସୃଜନଶୀଳତାକୁ ଆଧୁନିକ ଡିଜାଇନ୍ ସହ ଯୋଡ଼ିବା ନେଇ ମତବିନିମୟ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତା ଅଶ୍ରୁମୋଚନ ମହାନ୍ତି, ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟି, ଫିଲ୍ମ ପ୍ରଯୋଜକ ସବ୍ୟସାଚୀ ମହାପାତ୍ର, ଫ୍ୟାସନ୍ ଡିଜାଇନର ସବ୍ୟସାଚୀ ଶତପଥୀ, ବଲିଉଡ୍ ଆର୍ଟିଷ୍ଟ ସୁକାନ୍ତ



ପାଣିଗ୍ରାହୀ ଏବଂ ଏନଆଇଏଫ୍‌ଟିର ପ୍ରଫେସର ସୁସ୍ମିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଜୟା ଲକ୍ଷ୍ମୀ ପରିଡ଼ା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରେୟାରଫର୍ମ ଷ୍ଟୁଡିଓର ସହ-ପ୍ରତିଷ୍ଠାତା ପ୍ରଶାନ୍ତ ଦ୍ୱିବେଦୀ ସ୍ୱାଗତ ଭାଷଣ ଦେଇ ଷ୍ଟୁଡିଓର ଯାତ୍ରା ଓ ସଫଳତା ବିଷୟରେ ଆଲୋକପାତ କରିଥିଲେ। ଡିଜାଇନ୍ କେବଳ ବାହ୍ୟ ସୌନ୍ଦର୍ଯ୍ୟ ନୁହେଁ, ମୌଳିକ ଚିନ୍ତାଧାରା, କଳ୍ପନା ଓ କାହାଣୀ କହିବାର ଏକ ମାଧ୍ୟମ ବୋଲି ସେ ମତ ପ୍ରକାଶ କରିଥିଲେ। ଓଡ଼ିଶାର ପ୍ରାଚୀନ କଳା, ହସ୍ତଶିଳ୍ପ ଓ ସ୍ଥାପତ୍ୟ ଆଧୁନିକ ଡିଜାଇନ୍ ପାଇଁ ପ୍ରେରଣାର ଉତ୍ସ ବୋଲି ସେ କହିଥିଲେ। ଷ୍ଟୁଡିଓର ସହ-ପ୍ରତିଷ୍ଠାତା ତଥା କ୍ରିଏଟିଭ୍ ହେଡ୍ ନୀଲ୍ ଆଯା କହିଥିଲେ ଯେ ଜାତୀୟ ପୁରସ୍କାର ଡିଜାଇନ୍ ମାଧ୍ୟମରେ କାହାଣୀ କହିବାର ସେମାନଙ୍କ ପ୍ରୟାସକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି। ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଷ୍ଟୁଡିଓର ଯାତ୍ରା ଓଡ଼ିଶାର ମାଟି ଓ ପରମ୍ପରାରୁ ପ୍ରେରଣା ନେଇ ଆଗକୁ ବଢୁଛି ବୋଲି ସେ କହିଥିଲେ। ଶେଷରେ ପ୍ରଶାନ୍ତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରି ଏହି ପୁରସ୍କାରକୁ ଏକ ନୂଆ ଅଧ୍ୟାୟର ଆରମ୍ଭ ବୋଲି ଅଭିହିତ କରିଥିଲେ। ଓଡ଼ିଶାର ସୃଜନଶୀଳତାକୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ସହ ରାଜ୍ୟରେ ଏକ ଦୃଢ଼ ସୃଜନଶୀଳ ପରିବେଶ ଗଠନ କରିବା ଷ୍ଟୁଡିଓର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ।

### ଦେଶୀମଦ କାରବାରରୁ ଶତ୍ରୁତା

## ବୋମାମାଡ଼ରେ ବଡଭାଇ ମୃତ, ସାନଭାଇ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଦେଶୀମଦ କାରବାରରୁ ଦୁଇଭାଇଙ୍କ ମଧ୍ୟରେ ଶତ୍ରୁତା ଲାଗି ରହିଥିଲା । ମଙ୍ଗଳବାର ରାତିରେ ବଡଭାଇ ଉଚ୍ଚ ସ୍ୱରରେ ମୋବାଇଲରେ କଥା ହେଉଥିବା ବେଳେ ସାନଭାଇ ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରେ ବାକ୍‌ବିତଣ୍ଡା ହେଲା । ବଡଭାଇ ଘରେ ଥିବା ଏକ ବୋମା ଆଣି ସାନଭାଇ ଉପରକୁ ଫୋପାଡିବାରୁ ତା'ର ଡାହାଣ ହାତରେ ଗୁରୁତର କ୍ଷତି ହୋଇଛି । ଏହାଦ୍ୱାରା ଉତ୍ତେଜିତ ହୋଇ ସେ ପାଖରେ ରଖିଥିବା ଅନ୍ୟ ଦୁଇଟି ବୋମା ଆଣି ବଡଭାଇ ଉପରକୁ ଫୋପାଡିଥିଲା । ବଡଭାଇ ମୁଣ୍ଡରେ ବୋମା ବାଜିବାରୁ ଘଟଣାସ୍ଥଳରେ ତା'ର ମୃତ୍ୟୁ ହୋଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ସାନଭାଇକୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା । ଅବସ୍ଥା ଗୁରୁତର ଥିବାରୁ ତାକୁ କଟକ ବଡଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଛି । ମୃତ ବଡଭାଇର ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର ହୋଇଛି । ସାନଭାଇକୁ ପୋଲିସ ଗିରଫ କରି ନିଜ ହେପାଜତରେ ଚିକିତ୍ସା କରାଉଥିବା ସାମ୍ବାଦିକ ସମ୍ମିଳନୀରେ ଏସିପି କହିଛନ୍ତି । ମଦ କାରବାର ଶତ୍ରୁତା କଥା ଗାଁ ଲୋକଙ୍କ ଠାରୁ ଶୁଣିବାକୁ ମିଳୁଥିବାରୁ ସେ ଦିଗରେ ତଦନ୍ତ ହେଉଥିବା ପୋଲିସ କହିଛି । ସେହି ପରିବାରର ସବୁଠୁ ବଡଭାଇ ଜଗନ ପାଢୀଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି । ତଦନ୍ତରୁ ଜଣାପଡ଼ିଛି ଯେ, ମଙ୍ଗଳବାର ରାତି ପ୍ରାୟ ୮ଟା ସମୟରେ ଚନ୍ଦକା ଥାନା ଅନ୍ତର୍ଗତ ମହୁଲ ଗାଁରେ ରହୁଥିବା ଦୁଇଭାଇ ମୋହନ ପାଢୀ ଓ ମଦନ ପାଢୀ ନିଶାସକ୍ତ ଅବସ୍ଥାରେ ଥିଲେ । ଘର ଭିତରେ ସାନଭାଇ ମଦନ ଉଚ୍ଚ ସ୍ୱରରେ ମୋବାଇଲରେ କଥା ହେଉଥିବାରୁ ବଡଭାଇ ମୋହନ ଏହାକୁ ବିରୋଧ କରିଥିଲା । ଏହି ଛୋଟ କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ବଚସା ହେବାରୁ ବଡଭାଇ ମୋହନ ଘର ଭିତରୁ ଏକ ହାତ ତିଆରି ବୋମା ଆଣି ମଦନ ଉପରକୁ ଫୋପାଡିଥିଲା । ବିସ୍ଫୋରଣରେ ସାନଭାଇ ମଦନର ଡାହାଣ ହାତ ପାପୁଲି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇ ପ୍ରାୟ ଛିଡିଯାଇଛି । ଏହାର ପ୍ରତିଶୋଧ ନେବା ପାଇଁ ମଦନ ମଧ୍ୟ ମୋହନଙ୍କ ଉପରକୁ ଦୁଇ ବୋମା ଫିଙ୍ଗିଥିଲା । ମୋହନଙ୍କ ମୁଣ୍ଡରେ ବାଜିବାରୁ ଘଟଣାସ୍ଥଳରେ ତା'ର ମୃତ୍ୟୁ ହେଲା । ଖବର ପାଇ ପୋଲିସ ପହଞ୍ଚି ଦୁଇଜଣଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିବା ବେଳେ ବଡଭାଇକୁ ଡାକ୍ତର ମୃତ ଘୋଷଣା କରି ବ୍ୟବଚ୍ଛେଦ ପାଇଁ ସଂରକ୍ଷଣ କରିବାକୁ ପରାମର୍ଶ ଦେଇଥିଲେ । ସାନଭାଇ ଅବସ୍ଥା ଗୁରୁତର ଥିବାରୁ କ୍ୟାପିଟାଲ ହସ୍ପିଟାଲରୁ ତାକୁ କଟକ ସ୍ଥାନାନ୍ତର କରାଯାଇଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ହାତୀ ଓ ବାର୍‌ହା ପ୍ରଭୃତି ବନ୍ୟଜନ୍ତୁଙ୍କୁ ଘଉଡାଇବା ପାଇଁ ସେମାନେ ଘରେ ବୋମା ଗଚ୍ଛିତ ରଖିଥିଲେ । ଏହା ଶୁଣିବା ପରେ ଘର ପୋଲିସ ସର୍ଚ୍ଚ କରିଥିଲେ ମଧ୍ୟ ବୋମା କିମ୍ବା ତିଆରି ସାମଗ୍ରୀ ମିଳିନଥିଲା ।

## ସୁନ୍ଦରପଦା ଗଣେଶ ମଣ୍ଡପରେ ଡକ୍ଟର ତିରୁପତି ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ସବ୍ୟୁ) : ଆଧ୍ୟାତ୍ମିକତା ଯୁବାବର୍ଗଙ୍କ ପ୍ରଥମ ପସନ୍ଦ ହେଉ ଏବଂ ଈଶ୍ୱରୀୟ ଚିନ୍ତାଧାରା ଯୁବା ମାନସପଟରେ



ସଦାକାଳ କାର୍ଯ୍ୟ କଲେ ଦେଶର ଅଗ୍ରଗତି ତଥା ବିଶ୍ୱଗୁରୁ ଭାରତ ହୋଇପାରିବ ବୋଲି ହାଇଟେକ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ଼କ୍ଟର ତିରୁପତି ପାଣିଗ୍ରାହୀ କହିଛନ୍ତି। ଭୁବନେଶ୍ୱର ସ୍ଥିତ ସତ୍ୟନାରାୟଣ ଯୁବ ପରିଷଦ, କପିଳପ୍ରସାଦ, ସୁନ୍ଦରପଦାର ଶ୍ରୀଶ୍ରୀ ଗଣେଶ ଉତ୍ସବ ୨୦୨୬ ଅବସରରେ ମୁଖ୍ୟ ଅତିଥି ଭାବେ ତିରୁପତି ପାଣିଗ୍ରାହୀଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଆଗାମୀ ଦିନରେ ମିଳିମିଶି ଭାଇଚାରା ସୃଷ୍ଟି କରି ଅଂଚଳ ବାସୀଙ୍କ ଉନ୍ନତି କରିବାକୁ ପରିଷଦର କର୍ମକର୍ତ୍ତା ମାନେ ଶପଥ ଗ୍ରହଣ କରିଥିଲେ ।

## ନଗର କଂଗ୍ରେସ କମିଟି ତରଫରୁ କର୍ମୀ ସମ୍ମିଳନୀ

ଜଟଣୀ, (ସବ୍ୟୁ) : ଜଟଣୀ ନଗର କଂଗ୍ରେସ କମିଟି ତରଫରୁ ମା ଜଟିଆଣି ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ବୁଥ ସ୍ତରୀୟ କର୍ମୀ ସମ୍ମିଳନୀ ନଗର ସଭାପତି ଶିବ ପ୍ରସାଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇ ଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ,ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ,ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଅଶୋକ କୁମାର ମଙ୍ଗରାଜ,ଗୌରୀ ପ୍ରସାଦ ସିଂହ,ତପନ କୁମାର ଚକ୍ରବର୍ତ୍ତୀ, ପ୍ରତାପ ବେହେରା, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ, ସିଦ୍ଧାର୍ଥ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ବିଜେପି ସରକାରକୁ ସମାଲୋଚନା କରିଥିବା ବେଳେ ଶ୍ରୀ ରାଉତରାୟ ତୃଣ ମୂଳ ସ୍ତରରୁ କଂଗ୍ରେସ ସଂଗଠନକୁ ମଜବୁତ କରିବା ପାଇଁ ୱାର୍ଡ ସଭାପତି,ବୁଥ କମିଟି ଗଠନ ଉପରେ ଆଲୋକ ପାତ କରିବା ସହିତ ଆଗାମୀ ପଞ୍ଚାୟତ,ମୁନସିପାଲଟି ନିର୍ବାଚନରେ କଂଗ୍ରେସ ପୌର ପରିଷଦ ଓ ପଞ୍ଚାୟତ ସମିତିରେ ଅଧ୍ୟକ୍ଷ କଂଗ୍ରେସ କରିବା



ସହିତ ଖୋର୍ଦ୍ଧା ଜିଲ୍ଲାରେ ଜିଲ୍ଲା ପରିଷଦ ଦାଖଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରି ଥିଲେ। ସମ୍ପାଦକ ଶ୍ରୀ ମଙ୍ଗରାଜ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଜନହିତକର କାର୍ଯ୍ୟ ଉପରେ ଆଲୋକ ପାତ କରିବା ସହିତ କଂଗ୍ରେସର ସମସ୍ତ କର୍ମୀମାନେ ବୁଥ ସ୍ତରରେ ସଂଗଠନକୁ ମଜବୁତ କରିଲେ କଂଗ୍ରେସ ବିଜୟ ଲାଭ କରିବ ବୋଲି ପରାମର୍ଶ ଦେଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା, ବୃନ୍ଦାବନ ସାହୁ,କେଲୁ ଚରଣ ଦାସ, ହରପ୍ରସାଦ ପ୍ରଧାନ, ଜିମା ସାହାଣୀ,ଦିଲ୍ଲୀପ ପ୍ରଧାନ,ଜୟନ୍ତ ପଳେଇ,ଶରତ ଚନ୍ଦ୍ର ତ୍ରିପାଠୀ,ଶୁଭ୍ରଜିତ୍ ରାୟ,ସରୋଜ କୁମାର ପଟ୍ଟନାୟକ, ସଂଜୟ କୁମାର ସାହୁ,ଦିଲ୍ଲୀପ ଘଡ଼େଇ, ଏସ,କେ, ଅର୍ବଜ,ସାହାଦାତ ଆଲି ଖାନ୍, ଏସ,କେ, ଇଶ୍ମାଇଲ୍, ଡି, ଇଶ୍ୱର ରପ୍ରମୁଖ ଅନ୍ୟାନ୍ୟ ନେତ୍ରୁ ମଣ୍ଡଳୀ କର୍ମୀ ମାନେ ଯୋଗ ଦେଇ ଥିଲେ।

## ପୀତବାସ ପଣ୍ଡା ହତ୍ୟା ମାମଲା, ସାକ୍ଷୀଙ୍କୁ ଧମକ

# ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ନାଁରେ ପୁଣି ମାମଲା



ବ୍ରହ୍ମପୁର, (ସବ୍ୟୁ) : ଭାଜପା ନେତା ତଥା ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ସାକ୍ଷୀଙ୍କୁ ଜେଲରେ ଭିତରୁ ଫୋନରେ ଧମକଚମକ ଦେବା ନେଇ ନିକଟରେ ଜେଲରୁ ମୁକୁଳିଥିବା ବିଜେଡି ଜିଲ୍ଲା ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ନାମରେ ଆଉ ଏକ ମାମଲା ରୁଜୁ ହୋଇଛି । ଫଳରେ ତାଙ୍କର ଅଡୁଆ ଏବେ ବଢ଼ି ଯାଇଛି । ଉକ୍ତ ହତ୍ୟା ମାମଲାର ସାକ୍ଷୀ ତଥା ଆଇନଜୀବୀ ଲଳିତ ମୋହନ ମଙ୍ଗରାଜ ଏନେଇ ଗୋଶାଣି ନୂଆଗାଁରେ ଅଭିଯୋଗ କରିଛନ୍ତି । ପୋଲିସ ଜେଲରେ ଭିତରୁ ସିସିଟିଭି ଫୁଟେଜ ଓ ଫୋନ କଲ ରେକର୍ଡ ସଂଗ୍ରହ ହୋଇଛି । ସେଥିରୁ ଅଭିଯୋଗର ଅନେକ ସତ୍ୟତା ଥିବା ତଥ୍ୟ ହସ୍ତଗତ ହୋଇଛି ।

ବିକ୍ରମ ପଣ୍ଡା, ଉକ୍ତ ହତ୍ୟା ମାମଲାରେ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଥିବା ମଦନ ଦଳାଇ ଓ ଜେଲରେ କାର୍ଯ୍ୟରତ ଥିବା ଡାକ୍ତରଙ୍କ ମୋବାଇଲ ବ୍ୟବହାର କରି ସାକ୍ଷୀଙ୍କୁ ଗତ ଅଗଷ୍ଟ ୨୮ ତାରିଖରେ ଧମକ ଦେଇଥିବା ନେଇ ଅଭିଯୋଗରେ ଉଲ୍ଲେଖ ରହିଛି । ଏନେଇ ବୁଧବାର ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଖବରଦାତାଙ୍କୁ ସୂଚନା ଦେଇଛନ୍ତି । ଅନ୍ୟପଟେ ଲଳିତ ମଙ୍ଗରାଜଙ୍କ ଅଭିଯୋଗ ଆଧାରରେ ପୋଲିସ ୩୫୫/୨୬ ରେ ମାମଲା ରୁଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ ଜାରି ରଖିଛି । ଏଥିରେ ଜେଲରେ କାର୍ଯ୍ୟରତ ଡାକ୍ତରଙ୍କ ମୋବାଇଲ ବ୍ୟବହାର ହୋଇଥିବା ନେଇ ଜିଲ୍ଲା ଓ ରାଜ୍ୟ ପ୍ରଶାସନକୁ ଅବଗତ କରାଯାଇଛି ବୋଲି ଏସପି କହିଛନ୍ତି । ପ୍ରକାଶ ଥାଉକି ୨୦୨୫ ଅକ୍ଟୋବର ୬ ତାରିଖ ରାତ୍ର ପୀତବାସ ପଣ୍ଡା ହତ୍ୟା ମାମଲାରେ ପୂର୍ବତନ ବିଧାୟକ ଗିରଫ ହୋଇ ଜେଲରେ ଯାଇଥିଲେ । ଗତ ୧ ତାରିଖରେ ହାଇକୋର୍ଟ ନିର୍ଦ୍ଦେଶରେ ସର୍ତ୍ତମୂଳକ ଜାମିନରେ ମୁକୁଳିଥିଲେ । ପୁଣି ଏକ ମାମଲା ଏବେ ତାଙ୍କ ପାଇଁ ଅଡୁଆ ହୋଇପଡିଛି ।

## ପ୍ରତିଶ୍ରୁତି ସାରସ୍ୱତ ସମ୍ମାନ-୨୦୨୬ ପ୍ରଦାନ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜର ବାରିପଦାରୁ ଦୀର୍ଘ ୪୪ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଭାଗବତ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶ ପାଇଆସୁଥିବା ସାହିତ୍ୟ ଓ ସଂସ୍କୃତିମୂଳକ ତ୍ରୈମାସିକ ପତ୍ରିକା ପ୍ରତିଶ୍ରୁତି ପକ୍ଷରୁ ପବିତ୍ର ନୂଆଖାଇ ଅବସରରେ ଏକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ସାରସ୍ୱତ ସାଧକ ତଥା ବହୁ ପୁସ୍ତକର ରଚୟିତା ବୃନ୍ଦାବନ ଦାଶଙ୍କୁ ପ୍ରତିଶ୍ରୁତି ସାରସ୍ୱତ ସମ୍ମାନ-୨୦୨୬ ପ୍ରଦାନ କରାଯାଇଛି । ପ୍ରତିଶ୍ରୁତିର ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ସମ୍ବର୍ଦ୍ଧିତ ସାରସ୍ୱତ ସାଧକ ଶ୍ରୀ ଦାଶଙ୍କ ଜୀବନବ୍ୟାପୀ ସାରସ୍ୱତ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ । ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ଓ ଶାରୀରିକ ଅସୁବିଧା ଯୋଗୁଁ ଏହି କାର୍ଯ୍ୟକ୍ରମ ଶ୍ରୀ ଦାଶଙ୍କ ବାସଗୃହରେ ଅନୁଷ୍ଠିତ ହୋଇଥିଲା । ସଭାପତି ଡା. ପାର୍ଥସାରଥୀ ଜେନା ଶ୍ରୀ ଦାଶଙ୍କ ସାହିତ୍ୟକୃତି ଓ ସାରସ୍ୱତ ଅବଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ଦାଶ ସଂକ୍ଷେପରେ ତାଙ୍କ ସାରସ୍ୱତ ଜୀବନର ଅନୁଭୂତି ବର୍ଣ୍ଣନା କରିବା ସହ ଜୀବନର ଏହି ପର୍ଯ୍ୟାୟରେ ପ୍ରତିଶ୍ରୁତି ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିବାରୁ ଆୟୋଜକଙ୍କ ପ୍ରତି ଆନନ୍ଦ ଓ କୃତଜ୍ଞତା ପ୍ରକାଶ କରିଥିଲେ । ଶେଷରେ ପ୍ରତିଶ୍ରୁତିର ସମ୍ପାଦକ ଭାଗବତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## କଳିଙ୍ଗା ଘାଟି ଭୂ-ସ୍ଖଳନ ଘଟଣାକୁ ବର୍ଷେ ପୂରିଲା...

# ଏବେ ବି ଅସମ୍ପୂର୍ଣ୍ଣ ରହିଛି ସ୍ଥାୟୀ ପ୍ରତିକାର

ଭଞ୍ଜନଗର, (ସବ୍ୟୁ) : କଳିଙ୍ଗା ଘାଟି ଭୂ-ସ୍ଖଳନ ଘଟଣାକୁ ବର୍ଷେ ବିତିଲା । ସେହି ସମୟରେ ପ୍ରଭାବିତ ହୋଇଥିଲା, ଦକ୍ଷିଣ ଓଡ଼ିଶାର ଅର୍ଦ୍ଧାଧିକ ଜିଲ୍ଲା । ଗତ ସେପେଟମ୍ବର ୧୬ ଅପରାହ୍ନ ସମୟରେ ତୁହାକୁ ତୁହା ବର୍ଷା ଯୋଗୁଁ କଳିଙ୍ଗା ଘାଟିର ପାହାଡ ଉପରୁ ହଠାତ ମାଡ଼ିଆସିଲା ପାଣି । ଖସିବାକୁ ଲାଗିଲା, ବଡ଼ବଡ଼ ପଥର ଖଣ୍ଡ । ସମ୍ପୂର୍ଣ୍ଣ ଧୋଇ ହୋଇଗଲା, ପ୍ରାୟ ଶହେ ମିଟର ଘାଟି ରାସ୍ତା ।

ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଗଲା, ଗଂଜାମ - କନ୍ଧମାଳ ଜିଲ୍ଲା । ପ୍ରଭାବିତ ହେଲା, ଅର୍ଥନୈତିକ ପରିସ୍ଥିତି । ପରବର୍ତ୍ତୀ ମାସ ମଧ୍ୟରେ, ଘାଟିରେ ୩ ଥର ପାହାଡ଼ ଭୁଷୁଡିଥିଲା । ଯାହା ଥିଲା, ରାଜ୍ୟର ସବୁଠୁ ବଡ଼ଧରଣର ଘାଟି ଭୂସ୍ଖଳନ । ଦୀର୍ଘ ଦିନଧରି ଉଭୟ ଜିଲ୍ଲା ପ୍ରଶାସନ ସମେତ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଘାଟିରୁ ପଥର ହଟାଇବା କାର୍ଯ୍ୟ ଜାରି ରହିଲା । ଯୁଦ୍ଧକାଳୀନ ଭିତ୍ତିରେ ଚାଲିଲା, ଭୂସ୍ଖଳନ ସ୍ଥାନରେ ଅସ୍ଥାୟୀ ରାସ୍ତା ନିର୍ମାଣ କାର୍ଯ୍ୟ । କିନ୍ତୁ ବାରମ୍ବାର ବର୍ଷା ଯୋଗୁଁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିଲା । ଶେଷରେ ଗତ ନଭେମ୍ବର ମାସ ବେଳକୁ ଅଣଓସାରିଆ ଅସ୍ଥାୟୀ ରାସ୍ତା ନିର୍ମାଣ କାର୍ଯ୍ୟ ସରିଲା । ଗମନାଗମନ ସ୍ୱାଭାବିକ ହେଲା । ଆଜି ପର୍ଯ୍ୟନ୍ତ ସେହି ଅସ୍ଥାୟୀ ରାସ୍ତା ହିଁ ଏକମାତ୍ର ଭରଷା ହୋଇଛି ।

ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ନେଇ, କଳିଙ୍ଗା ଘାଟିର ପାଦଦେଶରେ ରହିଥିବା ଦୁର୍ଗାପ୍ରସାଦ ଗାଁ ଠାରୁ ଭାଲିଙ୍ଗିଆ ଗାଁ ଦେଇ ବିକଳ୍ପ ଘାଟି ରାସ୍ତା ଚିହ୍ନଟ କଲେ, ଭଂଜନଗର ବିଧାୟକ । ତାହା ବର୍ତ୍ତମାନ କାର୍ଯ୍ୟକାରୀ ପାଇଁ ଅନୁମୋଦନ ଅପେକ୍ଷାରେ ରହିଥିବା କୁହାଯାଇଛି ।

କଳିଙ୍ଗା ଘାଟିର ପାହାଡ ଧସିବା ଘଟଣାକୁ ଏବେ ବର୍ଷେ ପୁରିଲା । ତଥାପି ଅସ୍ପଷ୍ଟ ରହିଛି, ସ୍ଥାୟୀ ରାସ୍ତା ନିର୍ମାର ସମସ୍ତ ଉଦ୍ୟମ । ଏବେ ଏଥିପ୍ରତି ଦୁଇ ଜିଲ୍ଲାର ପ୍ରଶାସନିକ ଅଧିକାରୀଙ୍କ ସମେତ ରାଜ୍ୟ ସରକାର ଗୁରୁତ୍ୱ ଦେଇ କଳିଙ୍ଗା ଘାଟିର ସ୍ଥାୟୀ ପ୍ରତିକାର କରିବା ଜରୁରୀ ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି ।

## ମୃତଦେହ ନେଇ ଶ୍ମଶାନ ଯାଉଥିବା ଟ୍ରକ୍ ଧକ୍କା, ୫ ଗୁରୁତର

## ୩ ଗୁରୁତରଙ୍କୁ ଡାକ୍ତରଖାନା ନେଲେ ବିଧାୟକ ରମେଶ ଜେନା

ଦିଗପହଣ୍ଡି, (ସବ୍ୟୁ) : ରାୟଗଡ଼ା ୩୨୬ ନଂ ଜାତୀୟ ରାଜପଥର ରାଜନାପଲ୍ଲୀ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଶବ ଶୋଭାଯାତ୍ରାକୁ ଟ୍ରକ୍ ଧକ୍କା ଦେବାରୁ ୪ ଜଣ ମହିଳାଙ୍କ ସମେତ ୫ ଜଣ ଗୁରୁତର ଆହତ ହୋଇଛନ୍ତି । ରାୟଗଡ଼ାରୁ ବ୍ରହ୍ମପୁର ଆସୁଥିବା ଟ୍ରକ୍ଟି ନିୟନ୍ତ୍ରଣ ହରାଇ ଶୋଭାଯାତ୍ରାରେ ଥିବା ଲୋକଙ୍କୁ ଧକ୍କା ଦେଇ କିଛି ଦୂର ଘୋଷାଡ଼ି ନେଇଥିଲା । ସେହି ସମୟରେ ତପ୍ତପାଣି ରାସ୍ତା ଦେଇ ଆସୁଥିବା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚି ୩ ଜଣ ଆହତଙ୍କୁ ନିଜ ଗାଡ଼ିରେ ଦିଗପହଣ୍ଡି ଡାକ୍ତରଖାନାକୁ ନେଇଥିଲେ । ପରେ ଅଗ୍ନିଶମ ବାହିନୀ ଅନ୍ୟ ୨ ଜଣଙ୍କୁ ଉଦ୍ଧାର କରିଥିଲା । ପ୍ରାଥମିକ ଚିକିତ୍ସା ପରେ ୫ ଜଣଙ୍କୁ ଏମକେସିଜିକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଟ୍ରକକୁ ଜବତ କରି ତଦନ୍ତ ଚଳାଇଛି ।

## କୁହାଁରରୁ ଛେଳି ଓ ମେଣ୍ଢା ଚୋରି ଅଭିଯୋଗ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ଭୋଗଡା ଗ୍ରାମରେ କୃଷ୍ଣଚନ୍ଦ୍ର ଗୌଡଙ୍କ କୁହାଁରରୁ ମଙ୍ଗଳବାର ବିଳମ୍ବିତ ରାତିରେ ୭୦ଟି ଛେଳି ଓ ୧୦ଟି ମେଣ୍ଢା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଏନେଇ କେସ ନଂ ୪୬୧/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, କୃଷ୍ଣଚନ୍ଦ୍ରଙ୍କ କୁହାଁରରେ ରାତିରେ ଛେଳି ଓ ମେଣ୍ଢା ରହିଥିଲେ । ସକାଳେ ଦେଖିବା ବେଳକୁ କୁହାଁରରୁ ମେଣ୍ଢା ଓ ଛେଳି ଚୋରି ହୋଇଯାଇଥିଲା । ଏନେଇ ବୁଧବାର ଦିନ କୃଷ୍ଣଚନ୍ଦ୍ରଙ୍କ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି ।

## ଚିପଟ ନଦୀ ପୋଲ ତଳୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ବାରିପଦା, (ସବ୍ୟୁ) : ଭଞ୍ଜପୁର ଥାନା ଅନ୍ତର୍ଗତ ଚିପଟ ନଦୀ ପୋଲ ତଳୁ ବୁଧବାର ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକଙ୍କ ବୟସ ପ୍ରାୟ ୪୫ବର୍ଷ ହେବ ବୋଲି ପୁଲିସର ପ୍ରାଥମିକ ଆକଳନରୁ ଜଣାପଡ଼ିଥିବା ବେଳେ ଏଯାଏଁ ତାଙ୍କ ପରିଚୟ ମିଳିପାରିନାହିଁ । ସୂଚନା ଅନୁସାରେ, ବୁଧବାର ସକାଳେ କିଛି ସ୍ଥାନୀୟ ଲୋକ ନଦୀ କୂଳକୁ ଯାଇଥିବା ସମୟରେ ପୋଲ ତଳେ ପାଣିରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ଦେଖିଥିଲେ । ଘଟଣା ସମ୍ପର୍କରେ ସେମାନେ ତୁରନ୍ତ ପୁଲିସ ଓ ଅଗ୍ନିଶମ ବାହିନୀକୁ ଜଣାଇଥିଲେ । ଖବର ପାଇ ବାରିପଦା ଅଗ୍ନିଶମ ବାହିନୀର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନଦୀରୁ ମୃତଦେହଟିକୁ ଉଦ୍ଧାର କରିଥିଲେ । ପରେ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ବ୍ୟବଚ୍ଛେଦ ନିମନ୍ତେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଥିଲା । ତେବେ ମୃତକ କିଏ ଏବଂ କେଉଁ ପରିସ୍ଥିତିରେ ନଦୀକୁ ଆସିଥିଲେ, ସେନେଇ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ତାଙ୍କ ମୃତ୍ୟୁ ପାଣିରେ ବୁଡ଼ିବା କାରଣରୁ ହୋଇଛି କି ଅନ୍ୟ କୌଣସି କାରଣ ରହିଛି, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ । ଏନେଇ ଭଞ୍ଜପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ସ୍ପଷ୍ଟ ହୋଇପାରିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ଏଥିସହ ମୃତକଙ୍କ ପରିଚୟ ଜାଣିବା ପାଇଁ ଆଖପାଖ ଥାନାଗୁଡ଼ିକ ସହ ଯୋଗାଯୋଗ କରାଯାଇ ତଦନ୍ତ ଜାରି ରହିଛି ।

## ଡ୍ରିମ୍ସ ସ୍ମାର୍ଟ ହ୍ୟାକାଥନ୍

# ଅଭିନବ ଚିନ୍ତନ ଓ ଦକ୍ଷତା ପ୍ରଦର୍ଶନ କଲେ ୩୭୨ ଛାତ୍ରଛାତ୍ରୀ



କଟକ, (ସ୍ୱପ୍ର) : ଡ୍ରିମ୍ସ ସ୍କୁଲ ଅଫ ଇଂଜିନିୟରିଂ ଓ ଟେକ୍ନୋଲୋଜିରେ ସ୍ମାର୍ଟ ହ୍ୟାକାଥନ୍ ଉଦ୍‌ଯାପିତ ହୋଇଛି। ଶିକ୍ଷାନୁଷ୍ଠାନର ନବ ସୃଜନ ପରିଷଦ, କୋର୍ଡ଼ି କ୍ଲବ ଏବଂ ରୋବୋଟିକ୍ସ କ୍ଲବ ମିଳିତ ଆନୁକୂଲ୍ୟରେ ଉଭୟ ସଫ୍ଟୱେୟାର ଓ ହାର୍ଡ ୱେୟାର ବର୍ଗରେ ଦୁଇଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଇଂଜିନିୟରିଂ, ମ୍ୟାନେଜମେଣ୍ଟ ଓ ପ୍ରଫେସନାଲ ଷ୍ଟଡିଜ୍‌ର ୩୭୨ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଅଭିନବ ଚିନ୍ତାଧାରା, ବୈଷୟିକ ଦକ୍ଷତା ଓ ସମସ୍ୟା ସମାଧାନ କ୍ଷମତା ଆଧାରିତ ଏହି ପ୍ରତିଯୋଗିତାକୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଡ. ପ୍ରମୋଦଚନ୍ଦ୍ର ରଥ ଉଦଘାଟନ କରି ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ଚିନ୍ମୟ କୁମାର ନାୟକ, କିଟ୍ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ରଘୁନାଥ ଦେ, ଭୁବନେଶ୍ୱର ସ୍ଥିତ କୌଶଳ ବିକାଶ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ଅରବିନ୍ଦ ଚାଟାର୍ଜୀ ଏବଂ କେନ୍ଦ୍ରୀୟ ଉପକରଣ କକ୍ଷ ଓ ପ୍ରଶିକ୍ଷଣ କେନ୍ଦ୍ର ର ବରିଷ୍ଠ ପ୍ରଶିକ୍ଷକ ବିଜୟଲକ୍ଷ୍ମୀ ପଣ୍ଡା ବିଚାରକ ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦକ୍ଷତାର ମୂଲ୍ୟାୟନ କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଉପ କୁଳପତି ପ୍ରଫେସର ଡ. ରମାକାନ୍ତ ପାଣିଗ୍ରାହୀ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଡିନ୍ ଡ. ନୟନ ରଂଜନ ସାମଲ, ଡିନ୍ (ଗବେଷଣା) ଡ. ବିଶ୍ୱରଂଜନ ମହାନ୍ତି , ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା, ପ୍ରାଧ୍ୟାପକ ଡ. ଦୀପକ ରଂଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ ।

ପ୍ରାଧ୍ୟାପକ ଡ. ବଜ୍ରପଞ୍ଜର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ବିଜେତା ଦଳକୁ ସ୍ୱରୂପ ଟ୍ରଫି ଓ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏଥିସହିତ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ଦଳକୁ ସ୍ମାର୍ଟ ଇଣ୍ଡିଆ ହ୍ୟାକାଥନ୍‌ରେ ଭାଗ ନେବାକା ଲାଗି ଚୟନ କରାଯାଇଥିଲା ।

## ୱାରେଣ୍ଟ ବଳରେ ଫେରାର ଆସାମୀ ଗିରଫ

ବୁଗୁଡା, (ସବ୍ୟୁ): ଦୀର୍ଘ ବର୍ଷ ଧରି ଫେରାର ଥିବା ଜଣେ ଆସାମୀକୁ ବୁଗୁଡ଼ା ପୋଲିସ ଓ୍ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଗିରଫ ଆସାମୀ ଜଣକ ହେଲେ ବୁଗୁଡା ଏନ୍ଏସି ଅନ୍ତର୍ଗତ ଅରବିନ୍ଦ ନଗରର ପିତବାସ ସାହୁ(୪୮) । ଏନେଇ ଜିଆର କେସ୍ ନଂ ୧୬୩/୨୦୧୦ରେ ଏକ ମାମଲା ରହିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ଠାରୁ ପ୍ରକାଶ ପାଇଛି ।

ପ୍ରକାଶ ଯେ, ଗତ ୨୦୧୦ ମସିହାରେ ପିତବାସ ତାଙ୍କ ବାପାକୁ ମାଡ ମାରିବା ଅଭିଯୋଗ ହୋଇଥିଲା । ଏହି ଘଟଣା ପରଠାରୁ ସେ ଫେରାର ରହିଥିଲେ । ତେବେ ଆଜି କୌଣସି ସୂତ୍ରରୁ ଖବର ପାଇ ଏଏସଆଇ ଜଗନ୍ନାଥ ସ୍ୱାଇଁ ତାଙ୍କୁ ଅରବିନ୍ଦ ନଗରରୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।

## ଅଯୋଧାରେ ସମାଜସେବୀ ସୋମନାଥ ସିଂହଙ୍କ ୭୨ତମ ରକ୍ତଦାନ



ବାରିପଦା, (ସବ୍ୟୁ) : "ରକ୍ତଦାନ ମହତ୍ ଦାନ' କୁ ଆପଣେଇ ଅନେକ ରକ୍ତଦାତା ଅନ୍ୟ ଜଣଙ୍କର ଜୀବନ ବଞ୍ଚାଇବାରେ ସହାୟକ ହୋଇଥାନ୍ତି। ଏହି ମହତ୍ ଉଦ୍ଦେଶ୍ୟକୁ ଜୀବନର ଏକ ଅବିଚ୍ଛିନ୍ନ ଅଂଶ କରିନେଇଥିବା ବାରିପଦାର ବିଶିଷ୍ଟ ସମାଜସେବୀ ତଥା ନିୟମିତ ରକ୍ତଦାତା ସୋମନାଥ ସିଂହ ଅଯୋଧ୍ୟା ଧାମରେ ୬୦ବର୍ଷ ବୟସରେ ନିଜର ୭୨ତମ ରକ୍ତଦାନ କରି ପୁଣିଥରେ ମାନବସେବାର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ବିଶିଷ୍ଟ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ ଜଣାଇଛନ୍ତି। ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଧାମ ଅଯୋଧ୍ୟାରେ ରାମକୃଷ୍ଣ ସେବା ଫାଉଣ୍ଡେସନ ପକ୍ଷରୁ ତିନିଦିନିଆ ରାଷ୍ଟ୍ରୀୟ ରକ୍ତଦାନ ମହୋତ୍ସବ ଆୟୋଜିତ ହୋଇଥିଲା। ଏହି ରାଷ୍ଟ୍ରୀୟ ମହୋତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟକ ନିୟମିତ ରକ୍ତଦାତା ଯୋଗଦେଇ ରକ୍ତଦାନ କରିବା ସହିତ ସମାଜରେ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ। ସୋମନାଥ ସିଂହଙ୍କ ଏହି ମହତ୍ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ରାମକୃଷ୍ଣ ସେବା ଫାଉଣ୍ଡେସନ, ଅଯୋଧ୍ୟାର ପ୍ରତିଷ୍ଠାତା ତଥା ମୁଖ୍ୟ ଆକାଶ ଗୁପ୍ତା ତାଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଥିଲେ । ଏଥିସହିତ ସୋମନାଥଙ୍କୁ ପ୍ରମାଣପତ୍ର, ଟ୍ରଫି ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଶ୍ରୀ ସିଂହଙ୍କ ରକ୍ତଦାନ ଯାତ୍ରା ଦୀର୍ଘଦିନ ଧରି ଜାରି ରହିଛି । ନିଜର ମୂଲ୍ୟବାନ ସମୟ ଓ ଶ୍ରମକୁ ମାନବସେବାରେ ନିୟୋଜିତ କରି ସେ ବହୁବାର ସମ୍ମାନିତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି।


**ରେଳ ମନ୍ତ୍ରଣାଳୟ**
**(ପୂର୍ବ ତଟ ରେଳପଥ)**
**ସୂଚନା ପତ୍ର**
**ଭୁବନେଶ୍ୱର, ତାରିଖ-28.08.2026**
**ରେଳ ଆଇନ, 1989 ର ସେକ୍ସନ୍ 20A ଅନ୍ତର୍ଗତ ସୂଚନା**

ଏସ.ଓ. 4796(ଇ).— ରେଲୱେ (ସଂଶୋଧନ) ଆଇନ, 1989 (24/89)-ର ସେକ୍ସନ 20Aର ସବ୍-ସେକ୍ସନ (1) ଦ୍ୱାରା ଦିଆଯାଇଥିବା ଶକ୍ତିରେ କେନ୍ଦ୍ର ସରକାର, ଏହା ନିଶ୍ଚିତ ହେଲା ପରେ ଯେ ଜନ ସାଧାରଣଙ୍କ ଉଦ୍ଦେଶ୍ୟ ପାଇଁ, ଯାହାର ସଂକ୍ଷିପ୍ତ ବିବରଣୀ ଏଠାରେ ନିମ୍ନଲିଖିତ ସୂଚୀରେ ଦିଆଯାଇଛି, ଏହା ପାଇଁ ସ୍ଥାନ ଆବଶ୍ୟକ ହୋଇଛି ବିଶେଷ ରେଲୱେ ପ୍ରକଳ୍ପ ପୂରଣ କରିବା ପାଇଁ, ପ୍ରକଳ୍ପର ନାମ "ଖୁର୍ଦ୍ଧା ରୋଡ୍ ଡିଭିଜନ୍ ଅଧୀନ, ଓଡିଶାର ଗଞ୍ଜାମ ଜିଲ୍ଲାରେ ବ୍ରହ୍ମପୁର (BAM)- ଗୋଲନ୍ଥରା (GTA) ଷ୍ଟେସନ ମଧ୍ୟରେ KM 611/22-24 ରେ ଲେଭେଲ୍ କ୍ରସିଂ-ସଂଖ୍ୟା-320 ବନ୍ଦ କରିବା ପ୍ରତିସ୍ଥାନରେ ସଡ଼କ ଉପର ଅଧିସେତୁ ନିର୍ମାଣ" ପ୍ରକଳ୍ପ ପାଇଁ, ସେହି ଉକ୍ତ ଅଧିଗ୍ରହଣ କରିବାକୁ ତାଙ୍କର ଇଚ୍ଛା ପ୍ରକାଶ କରିଛନ୍ତି।

ଉକ୍ତ ଜମିରେ ରୁଚିଯୁକ୍ତ କୌଣସି ବ୍ୟକ୍ତି, ଅଧିକୃତ ଗଜେଟରେ ସୂଚନା ପ୍ରକାଶ ପାଇଁ ତାରିଖରୁ (30) ତିରିଶି ଦିନ ମଧ୍ୟରେ, ଉକ୍ତ ଜମିକୁ ଉଲ୍ଲେଖିତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବା ଉପରେ ଆପତ୍ତି ଉଠାଇପାରିବେ, ଯାହା ଏହି କାନୁନର ଧାରା 20D ଅନୁଧାରା (1) ଅନ୍ତର୍ଗତ ଥାଏ।

ସମସ୍ତ ଆପତ୍ତିଗୁଡ଼ିକୁ ସମ୍ପୂର୍ଣ୍ଣ କ୍ଷମତାଶୀଳ କାର୍ଯ୍ୟାଧିକାରୀଙ୍କୁ, ଅର୍ଥାତ୍ ଜମି ଅଧିଗ୍ରହଣ ପାଇଁ କ୍ଷମତାଶୀଳ କାର୍ଯ୍ୟାଧିକାରୀ (CALA) ଏବଂ କନିସି ତହସିଲଦାରଙ୍କୁ, ଲିଖିତ ଭାବରେ ଦାଖଲ କରାଯିବା ଦରକାର ହେବ, ଯାହା ଲେଭେଲ୍ କ୍ରସିଂ ସଂଖ୍ୟା-320 କୁ ବନ୍ଦ କରିବା ପରିବର୍ତ୍ତେ KM 611/22-24 ମଧ୍ୟରେ ବ୍ରହ୍ମପୁର (BAM)- ଗୋଲନ୍ଥରା (GTA) ଷ୍ଟେସନ୍ ମଧ୍ୟରେ ସଡ଼କ ଉପର ଅଧିସେତୁ ନିର୍ମାଣ ପାଇଁ ହାୱଡ଼ା-ଭିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥ ଖୁର୍ଦ୍ଧା ରୋଡ୍ ବିଭାଗରେ ନିର୍ମିତ ହେବ। ଏହାର ତଥ୍ୟ ଓ ତ୍ରୁଟିମୂଳକ ବିବରଣୀ ସହିତ ଦାଖଲ କରାଯିବା ଦରକାର। କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆପତ୍ତିକାରୀଙ୍କୁ ସେହି ବିଷୟରେ ଶୁଣିବାର ସୁଯୋଗ ଦେବେ, ସେ ନିଜେ ଉପସ୍ଥିତ କିମ୍ବା ଏକ ଆଇନ ବ୍ୟବସାୟୀ ମାଧ୍ୟମରେ ଆପତ୍ତିଗୁଡ଼ିକୁ ଶୁଣିବେ, ଏବଂ ସମସ୍ତ ଆପତ୍ତିଗୁଡ଼ିକୁ ଶୁଣିବା ପରେ ଏବଂ ଯଥା ଆବଶ୍ୟକ ହେଲେ ଅନ୍ୟାନ୍ୟ ତଦନ୍ତ କରି, କ୍ଷମତାଶୀଳ କାର୍ଯ୍ୟାଧିକାରୀ ଆଦେଶ ମାଧ୍ୟମରେ, ସେହି ଆପତ୍ତିଗୁଡ଼ିକୁ ମାନ୍ୟ କିମ୍ବା ଅମାନ୍ୟ କରିପାରିବେ।

ଏହି କାନୁନର 20D ର ସବ୍-ସେକସନ୍(2) ଅନୁସାରେ ପ୍ରାଧିକୃତ କର୍ତ୍ତୃକ ଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଆଦେଶ ଅନ୍ତିମ ନିର୍ଣ୍ଣୟ ହେବ। ଏହି ସୂଚନା ଅଧୀନ ଆସିଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଉପଲବ୍ଧ ରହିଛି ଏବଂ ଇଚ୍ଛୁକ ବ୍ୟକ୍ତି ପ୍ରାଧିକୃତ କର୍ତ୍ତାଙ୍କର ଉପରୋକ୍ତ କାର୍ଯ୍ୟାଳୟରେ ଯାଇ ସେଗୁଡ଼ିକୁ ନିରୀକ୍ଷଣ କରି ପାରିବେ।

ଅନୁସୂଚୀ

ଏହା ସହିତ ସଂଲଗ୍ନ ଭୂମିର ସଂକ୍ଷିପ୍ତ ବର୍ଣ୍ଣନା (ଅନେକ୍ସର-୧) ଯାହା ସଂରଚନା ସହିତ କିମ୍ବା ବିନା ସଂରଚନାରେ ଅଧିଗ୍ରହଣ କରାଯିବାପାଇଁ, ବିଶେଷ ରେଳପଥ ପ୍ରକଳ୍ପ ପାଇଁ, ଯଥା 'ଖୁର୍ଦ୍ଧା ରୋଡ୍ ଡିଭିଜନ ଅଧୀନ ହେଉଥିବା ହାୱଡ଼ା-ଭିଶାଖାପଟ୍ଟଣମ୍ ମୁଖ୍ୟ ରେଳପଥରେ ବ୍ରହ୍ମପୁର (BAM)- ଗୋଲନ୍ଥରା (GTA) ଷ୍ଟେସନ ମଧ୍ୟରେ KM.611/22-24 ରେ ଲେଭେଲ୍ କ୍ରସିଂ ସଂଖ୍ୟା-320 ବନ୍ଦ କରିବା ପ୍ରତିସ୍ଥାପନାରେ ସଡ଼କ ଉପର ଅଧିସେତୁ ନିର୍ମାଣ') ଗଞ୍ଜାମ ଜିଲ୍ଲାରେ, ଓଡ଼ିଶା ରାଜ୍ୟରେ।

ଜିଲ୍ଲାର ନାମ:-ଗଞ୍ଜାମ ଏନେକ୍ସର-I

ଜମି ସୂଚୀ

ପ୍ରକଳ୍ପର ନାମ:-ଆର.ଓ.ବି. ସଂଖ୍ୟା 320 ନିର୍ମାଣ

ଜିଲ୍ଲାର ନାମ:-ଗଞ୍ଜାମ, ବିଭାଗର ନାମ:-ଖୋର୍ଦ୍ଧା ରୋଡ୍, ତହସିଲର ନାମ:-କନିସି

| କ୍ରମିକ ସଂଖ୍ୟା | ଗାଁର ନାମ | ପ୍ଲଟ୍ ନମ୍ବର | ଭୂମିର କିସମ | ସମ୍ପୂର୍ଣ୍ଣ ଜମି ଏକରରେ | ଅର୍ଜିତ ଜମି ଏକରରେ | ଭୂମିର ପ୍ରକାର |
|---|---|---|---|---|---|---|
| 1 | ପଞ୍ଚମା | 386 | ବିଜେଲ୍ଲଜୀ | 0.123 | 0.086 | ସରକାରୀ |
| 2 | ପଞ୍ଚମା | 392 | ବିଲ ଦୋଫସଲି ଏକ | 0.093 | 0.004 | ବ୍ୟକ୍ତିଗତ |
| 3 | ପଞ୍ଚମା | 396 | ଟଙ୍କ | 0.265 | 0.059 | ବ୍ୟକ୍ତିଗତ |
| 4 | ପଞ୍ଚମା | 397 | ଟଙ୍କ | 0.11 | 0.050 | ବ୍ୟକ୍ତିଗତ |
| 5 | ପଞ୍ଚମା | 398 | ଟଙ୍କ | 0.195 | 0.080 | ବ୍ୟକ୍ତିଗତ |
| 6 | ପଞ୍ଚମା | 401 | ଟଙ୍କ | 0.35 | 0.113 | ବ୍ୟକ୍ତିଗତ |
| 7 | ପଞ୍ଚମା | 400 | ଟଙ୍କ | 0.295 | 0.026 | ବ୍ୟକ୍ତିଗତ |
| 8 | ପଞ୍ଚମା | 407 | ଟଙ୍କ | 0.518 | 0.063 | ବ୍ୟକ୍ତିଗତ |
| 9 | ପଞ୍ଚମା | 408 | ଟଙ୍କ | 0.275 | 0.057 | ବ୍ୟକ୍ତିଗତ |
| 10 | ପଞ୍ଚମା | 410 | ଟଙ୍କ | 0.385 | 0.060 | ବ୍ୟକ୍ତିଗତ |
| 11 | ପଞ୍ଚମା | 411 | ଟଙ୍କ | 0.3 | 0.008 | ବ୍ୟକ୍ତିଗତ |
| 12 | ପଞ୍ଚମା | 417 | ଟଙ୍କ | 0.16 | 0.084 | ବ୍ୟକ୍ତିଗତ |
| 13 | ପଞ୍ଚମା | 418 | ଟଙ୍କ | 1.174 | 0.096 | ବ୍ୟକ୍ତିଗତ |
| 14 | ପଞ୍ଚମା | 1431 | ଟଙ୍କ | 0.163 | 0.059 | ବ୍ୟକ୍ତିଗତ |
| 15 | ପଞ୍ଚମା | 439 | ଟଙ୍କ | 0.11 | 0.052 | ବ୍ୟକ୍ତିଗତ |
| 16 | ପଞ୍ଚମା | 436 | ଟଙ୍କ | 0.465 | 0.001 | ବ୍ୟକ୍ତିଗତ |
| 17 | ପଞ୍ଚମା | 438 | ଟଙ୍କ | 0.454 | 0.087 | ବ୍ୟକ୍ତିଗତ |
| 18 | ପଞ୍ଚମା | 437 | ଟଙ୍କ | 0.5 | 0.283 | ବ୍ୟକ୍ତିଗତ |
| 19 | ପଞ୍ଚମା | 442 | ଟଙ୍କ | 0.25 | 0.000 | ବ୍ୟକ୍ତିଗତ |
| 20 | ପଞ୍ଚମା | 187 | ରେଳ ରାସ୍ତା | 13.765 | 0.247 | ସରକାରୀ |
| 21 | ପଞ୍ଚମା | 1161 | ଟଙ୍କ | 0.142 | 0.001 | ବ୍ୟକ୍ତିଗତ |
| 22 | ପଞ୍ଚମା | 2005 | ଟଙ୍କ | 0.2 | 0.066 | ବ୍ୟକ୍ତିଗତ |
| 23 | ପଞ୍ଚମା | 1154 | ଟଙ୍କ | 0.09 | 0.001 | ବ୍ୟକ୍ତିଗତ |
| 24 | ପଞ୍ଚମା | 1155 | ଟଙ୍କ | 0.38 | 0.069 | ବ୍ୟକ୍ତିଗତ |
| 25 | ପଞ୍ଚମା | 1158 | ଟଙ୍କ | 0.145 | 0.014 | ବ୍ୟକ୍ତିଗତ |
| 26 | ପଞ୍ଚମା | 1157 | ଟଙ୍କ | 0.168 | 0.013 | ବ୍ୟକ୍ତିଗତ |
| 27 | ପଞ୍ଚମା | 1156 | ଟଙ୍କ | 0.361 | 0.062 | ବ୍ୟକ୍ତିଗତ |
| 28 | ପଞ୍ଚମା | 1170 | ଟଙ୍କ | 1.377 | 0.099 | ବ୍ୟକ୍ତିଗତ |
| 29 | ପଞ୍ଚମା | 1486 | ଟଙ୍କ | 0.09 | 0.000 | ବ୍ୟକ୍ତିଗତ |
| 30 | ପଞ୍ଚମା | 1172 | ଟଙ୍କ | 0.19 | 0.090 | ବ୍ୟକ୍ତିଗତ |
| 31 | ପଞ୍ଚମା | 1175 | ଟଙ୍କ | 0.133 | 0.084 | ବ୍ୟକ୍ତିଗତ |
| 32 | ପଞ୍ଚମା | 1176 | ଟଙ୍କ | 0.173 | 0.101 | ବ୍ୟକ୍ତିଗତ |
| 33 | ପଞ୍ଚମା | 1177 | ଟଙ୍କ | 0.258 | 0.016 | ବ୍ୟକ୍ତିଗତ |
| 34 | ପଞ୍ଚମା | 1178 | ଟଙ୍କ | 0.2 | 0.129 | ବ୍ୟକ୍ତିଗତ |
| 35 | ପଞ୍ଚମା | 1126 | ଟଙ୍କ | 1.716 | 0.222 | ବ୍ୟକ୍ତିଗତ |
| 36 | ପଞ୍ଚମା | 1326 | ଟଙ୍କ | 0.173 | 0.048 | ବ୍ୟକ୍ତିଗତ |
| 37 | ପଞ୍ଚମା | 1322 | ଟଙ୍କ | 0.295 | 0.073 | ବ୍ୟକ୍ତିଗତ |
| 38 | ପଞ୍ଚମା | 1328 | ଟଙ୍କ | 0.158 | 0.011 | ବ୍ୟକ୍ତିଗତ |
| 39 | ପଞ୍ଚମା | 2012 | ଟଙ୍କ | 0.375 | 0.065 | ବ୍ୟକ୍ତିଗତ |
| 40 | ପଞ୍ଚମା | 1320 | ବିଲ ଦୋଫସଲି ଏକ | 0.113 | 0.017 | ବ୍ୟକ୍ତିଗତ |
| 41 | ପଞ୍ଚମା | 1318 | ଟଙ୍କ | 0.408 | 0.022 | ବ୍ୟକ୍ତିଗତ |
| 42 | ପଞ୍ଚମା | 1319 | ବିଲ ଦୋଫସଲି ଏକ | 0.053 | 0.003 | ବ୍ୟକ୍ତିଗତ |
| 43 | ପଞ୍ଚମା | 1316 | ଟଙ୍କ | 0.227 | 0.019 | ବ୍ୟକ୍ତିଗତ |
| 44 | ପଞ୍ଚମା | 1315 | ଟଙ୍କ | 0.3 | 0.030 | ବ୍ୟକ୍ତିଗତ |
| 45 | ପଞ୍ଚମା | 1312 | ଟଙ୍କ | 0.284 | 0.015 | ବ୍ୟକ୍ତିଗତ |
| 46 | ପଞ୍ଚମା | 1309 | ଟଙ୍କ | 0.3 | 0.021 | ବ୍ୟକ୍ତିଗତ |
| 47 | ପଞ୍ଚମା | 1308 | ଟଙ୍କ | 0.692 | 0.030 | ବ୍ୟକ୍ତିଗତ |
| 48 | ପଞ୍ଚମା | 1305 | ଟଙ୍କ | 1.093 | 0.069 | ବ୍ୟକ୍ତିଗତ |
| 49 | ପଞ୍ଚମା | 1304 | ଟଙ୍କ | 0.425 | 0.052 | ବ୍ୟକ୍ତିଗତ |
| 50 | ପଞ୍ଚମା | 1303 | ଟଙ୍କ | 0.04 | 0.053 | ବ୍ୟକ୍ତିଗତ |
| 51 | ପଞ୍ଚମା | 1293 | ବିଲ ଦୋଫସଲି ଏକ | 0.158 | 0.053 | ବ୍ୟକ୍ତିଗତ |
| 52 | ପଞ୍ଚମା | 1292 | ଟଙ୍କ | 0.107 | 0.047 | ବ୍ୟକ୍ତିଗତ |
| 53 | ପଞ୍ଚମା | 1290 | ଟଙ୍କ | 0.914 | 0.051 | ବ୍ୟକ୍ତିଗତ |
| 54 | ପଞ୍ଚମା | 1285 | ଟଙ୍କ | 0.0745 | 0.074 | ବ୍ୟକ୍ତିଗତ |
| 55 | ପଞ୍ଚମା | 1284 | ବିଲ ଦୋଫସଲି ଏକ | 0.0200 | 0.001 | ବ୍ୟକ୍ତିଗତ |
| 56 | ପଞ୍ଚମା | 1281 | ବିଲ ଦୋଫସଲି ଏକ | 0.0200 | 0.001 | ବ୍ୟକ୍ତିଗତ |
| 57 | ପଞ୍ଚମା | 1280 | ଟଙ୍କ | 0.0236 | 0.024 | ବ୍ୟକ୍ତିଗତ |
| 58 | ପଞ୍ଚମା | 1279 | ଟଙ୍କ | 0.004 | 0.004 | ବ୍ୟକ୍ତିଗତ |
| 59 | ପଞ୍ଚମା | 1278 | ଟଙ୍କ | 0.138 | 0.050 | ବ୍ୟକ୍ତିଗତ |
| 60 | ପଞ୍ଚମା | 1274 | ଟଙ୍କ | 0.265 | 0.175 | ବ୍ୟକ୍ତିଗତ |
| 61 | ପଞ୍ଚମା | 1272 | ଟଙ୍କ | 0.135 | 0.067 | ବ୍ୟକ୍ତିଗତ |
| 62 | ପଞ୍ଚମା | 1264 | ଟଙ୍କ | 0.300 | 0.001 | ବ୍ୟକ୍ତିଗତ |
| 63 | ପଞ୍ଚମା | 1268 | ଟଙ୍କ | 0.099 | 0.030 | ବ୍ୟକ୍ତିଗତ |
| 64 | ପଞ୍ଚମା | 1267 | ଟଙ୍କ | 0.618 | 0.088 | ବ୍ୟକ୍ତିଗତ |
| 65 | ପଞ୍ଚମା | 1266 | ଟଙ୍କ | | 0.034 | ବ୍ୟକ୍ତିଗତ |
| 66 | ପଞ୍ଚମା | 1253 | ଟଙ୍କ | | 0.063 | ବ୍ୟକ୍ତିଗତ |
| 67 | ପଞ୍ଚମା | 1252 | ଟଙ୍କ | | 0.069 | ବ୍ୟକ୍ତିଗତ |
| 68 | ପଞ୍ଚମା | 1251 | ଟଙ୍କ | | 0.079 | ବ୍ୟକ୍ତିଗତ |
| 69 | ପଞ୍ଚମା | 1244 | ଟଙ୍କ | | 0.136 | ବ୍ୟକ୍ତିଗତ |
| 70 | ପଞ୍ଚମା | 1250 | ଟଙ୍କ | 0.266 | 0.001 | ବ୍ୟକ୍ତିଗତ |
| 71 | ପଞ୍ଚମା | 1243 | ଟଙ୍କ | 0.236 | 0.001 | ବ୍ୟକ୍ତିଗତ |
| 72 | ପଞ୍ଚମା | 1236 | ଟଙ୍କ | 0.672 | 0.246 | ବ୍ୟକ୍ତିଗତ |
| 73 | ପଞ୍ଚମା | 1231 | ଟଙ୍କ | 1.110 | 0.132 | ବ୍ୟକ୍ତିଗତ |
| 74 | ପଞ୍ଚମା | 1234 | ଟଙ୍କ | 0.110 | 0.018 | ବ୍ୟକ୍ତିଗତ |
| 75 | ପଞ୍ଚମା | 1233 | ଟଙ୍କ | 0.075 | 0.077 | ବ୍ୟକ୍ତିଗତ |
| 76 | ପଞ୍ଚମା | 1232 | ଟଙ୍କ | 0.233 | 0.072 | ବ୍ୟକ୍ତିଗତ |
| 77 | ପଞ୍ଚମା | 2018 | ଟଙ୍କ | 0.543 | 0.103 | ବ୍ୟକ୍ତିଗତ |
| 78 | ପଞ୍ଚମା | 1379 | ଟଙ୍କ | 0.172 | 0.023 | ବ୍ୟକ୍ତିଗତ |
| 79 | ପଞ୍ଚମା | 1378 | ବନ୍ଧ | 0.090 | 0.039 | ସରକାରୀ |
| 80 | ପଞ୍ଚମା | 1228 | ଟଙ୍କ | 0.618 | 0.138 | ବ୍ୟକ୍ତିଗତ |
| 81 | ରଣ୍ଡା | 1900 | ବଗାୟତ ଦୁଇ (ଆମ୍ବ) | 0.050 | 0.041 | ବ୍ୟକ୍ତିଗତ |
| 82 | ରଣ୍ଡା | 1677 | ବଗାୟତ ଦୁଇ (ଆମ୍ବ) | 0.020 | 0.024 | ବ୍ୟକ୍ତିଗତ |
| 83 | ରଣ୍ଡା | 1676 | ବଗାୟତ ଦୁଇ (ଆମ୍ବ) | 0.020 | 0.003 | ବ୍ୟକ୍ତିଗତ |
| 84 | ରଣ୍ଡା | 1899 | ବଗାୟତ ଦୁଇ (ଆମ୍ବ) | 0.125 | 0.002 | ବ୍ୟକ୍ତିଗତ |
| | Total | | | | 4.977 | |

ତହଶିଲଦାର କନିସି

ଉପ ମୁଖ୍ୟ ଇଞ୍ଜିନିୟର/ ନିର୍ମାଣ/ ଆରଏସପି/
ପୂର୍ବ ତଟ ରେଳପଥ / ଭୁବନେଶ୍ୱର

PR-201/CJ/26-27

# ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସଂଘାନୀ ଆଇସିଏ ଗ୍ଲୋବାଲର ନିର୍ଦ୍ଦେଶକ ଭାବରେ ନିର୍ବାଚିତ

ପାରାଦୀପ ,(ଜିପ୍ର) : ଆନ୍ତର୍ଜାତୀୟ ସମବାୟ ଆନ୍ଦୋଳନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶରେ ଇଫକୋ ଅଧ୍ୟକ୍ଷ ଦିଲୀପ ସଂଘାନୀଙ୍କୁ ଆନ୍ତର୍ଜାତୀୟ ସମବାୟ ସଂଘ (ଆଇସିଏ)ର ବିଶ୍ୱସ୍ତରୀୟ ନିର୍ଦ୍ଦେଶକ ବୋର୍ଡର ନିର୍ଦ୍ଦେଶକ (ଆଟ-ଲାର୍ଜ ନିର୍ଦ୍ଦେଶକ) ଭାବରେ ନିର୍ବାଚିତ କରାଯାଇଛି ।



ଦିଲୀପ ସଂଘାନୀଙ୍କୁ ବିଜୟୀ ଘୋଷଣା କରାଯିବା ମାତ୍ରେ, ପାନାମାରେ ଉପସ୍ଥିତ ଭାରତୀୟ ସମବାୟ ପ୍ରତିନିଧିମଣ୍ଡଳରେ ଉତ୍ସାହ ଏବଂ ଗର୍ବର ଲହରୀ ଖେଳିଗଲା । ସଦସ୍ୟମାନେ ମିଳିତ ଭାବରେ ଭାରତ ମାତା କି ଜୟ ଏବଂ ବନ୍ଦେ ମାତରମ ସ୍ଲୋଗାନ ଦେଇ ସମଗ୍ର ପ୍ରେକ୍ଷାଳୟକୁ ଦେଶପ୍ରେମ ଭାବନାରେ ପରିପୂର୍ଣ୍ଣ କରିଦେଲେ ବିଦେଶ ମାଟିରେ ପ୍ରତିଧ୍ୱନିତ ହେଉଥିବା ଭାରତ ମାତା କୀ ଜୟ ଏବଂ ବନ୍ଦେ ମାତରମ ଧ୍ୱନି ବିଶ୍ୱ ସମବାୟ ମଞ୍ଚରେ ଭାରତର ବୃଦ୍ଧି ପାଉଥିବା ପ୍ରତିଷ୍ଠା ଏବଂ ପ୍ରଭାବକୁ ପ୍ରତିଫଳିତ କରୁଛି ।

ପାନାମା ସିଟିରେ ଆଇସିଏ ସାଧାରଣ ସଭା ସମୟରେ ଅନୁଷ୍ଠିତ ଏହି ନିର୍ବାଚନ, ଭାରତର ବିଶାଳ ସମବାୟ ଆନ୍ଦୋଳନ ପାଇଁ ଏକ ଗର୍ବର ମୁହୂର୍ତ୍ତ । ଏହି ସଫଳତା ବିଶ୍ୱ ସମବାୟ କ୍ଷେତ୍ରରେ ଭାରତର ବର୍ଦ୍ଧିତ ଭୂମିକା, ପ୍ରଭାବ ଏବଂ ନେତୃତ୍ୱକୁ ଆହୁରି ମଜବୁତ କରୁଛି । ଶ୍ରୀ ଦିଲୀପ ସଂଘାନୀ ବହୁ ଦଶନ୍ଧି ଧରି ସମବାୟ କ୍ଷେତ୍ର ସହିତ ଜଡିତ ଅଛନ୍ତି ଏବଂ କୃଷକ, ଗ୍ରାମୀଣ ଅର୍ଥନୀତି ଏବଂ ସମବାୟ ଅନୁଷ୍ଠାନଗୁଡ଼ିକର ସଶକ୍ତିକରଣ ପାଇଁ ନିରନ୍ତର କାର୍ଯ୍ୟ କରିଛନ୍ତି । ସେ ବର୍ତ୍ତମାନ ଇଫକୋ ଏବଂ ଜିଇଉଜିସିଏସଓଏଲର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ସମବାୟ ସଂଗଠନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି । ଆନ୍ତର୍ଜାତୀୟ ସମବାୟ ସଂଘ (ଆଇସିଏ) ହେଉଛି ବିଶ୍ୱର ଅଗ୍ରଣୀ ବିଶ୍ୱ ସମବାୟ ସଂଗଠନ, ଯାହା ବିଭିନ୍ନ ଦେଶ ଏବଂ ଅଞ୍ଚଳର ସମବାୟ ସଂସ୍ଥାଗୁଡ଼ିକର ପ୍ରତିନିଧିତ୍ୱ କରେ ।

ଆଇସିଏ ଗ୍ଲୋବାଲ ବୋର୍ଡରେ ଭାରତର ପ୍ରତିନିଧିତ୍ୱ ଅନ୍ତର୍ଜାତୀୟ ମଞ୍ଚରେ ଭାରତୀୟ ସମବାୟ ଆନ୍ଦୋଳନର ସ୍ୱରକୁ ଆହୁରି ମଜବୁତ କରିବ । ଶ୍ରୀ ସଂଘାନିଙ୍କ ବିଜୟ ଭାରତର ସମବାୟ ଆନ୍ଦୋଳନର ବିଶ୍ୱସ୍ତରୀୟ ସ୍ୱୀକୃତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହକାର ସେ ସମୃଦ୍ଧି (ସହଯୋଗ ମାଧ୍ୟମରେ ସମୃଦ୍ଧି) ଦୃଷ୍ଟିକୋଣକୁ ମଧ୍ୟ ପ୍ରତିଫଳିତ କରେ । ଭାରତ ଆଜି ସମବାୟ ଆନ୍ଦୋଳନ ମାଧ୍ୟମରେ ଚାଷୀ, ଗ୍ରାମୀଣ ସମ୍ପ୍ରଦାୟ ଏବଂ ସାଧାରଣ ନାଗରିକଙ୍କ ଆର୍ଥିକ ଏବଂ ସାମାଜିକ ସଶକ୍ତିକରଣର ଏକ ନୂତନ ମଡେଲ ଉପସ୍ଥାପନ କରୁଛି । ବିଜୟ ପାଇଁ କୃତଜ୍ଞତା ପ୍ରକାଶ କରି ଶ୍ରୀ ଦିଲୀପ ସଂଘାନି ସମସ୍ତ ଆଇସିଏ ସଦସ୍ୟ ଦେଶ, ପ୍ରତିନିଧି ଏବଂ ବିଶ୍ୱ ସମବାୟ ସମ୍ପ୍ରଦାୟକୁ ଧନ୍ୟବାଦ ଜଣାଇଛନ୍ତି ।

ସେ କହିଛନ୍ତି ଯେ ସେ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ଭାରତର ସମବାୟ ଆନ୍ଦୋଳନର ଆତ୍ମା, ଅଭିଜ୍ଞତା ଏବଂ ଦୃଷ୍ଟିକୋଣକୁ ପ୍ରଭାବଶାଳୀ ଭାବରେ ଉପସ୍ଥାପନ କରିବା ଏବଂ ବିଶ୍ୱସ୍ତରୀୟ ସହଯୋଗକୁ ଆହୁରି ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ । ଦିଲୀପ ସଂଘାନିଙ୍କ ଆଇସିଏ ଗ୍ଲୋବାଲ ବୋର୍ଡରେ ନିର୍ବାଚିତ ହେବା ଭାରତ ପାଇଁ ଗର୍ବର ବିଷୟ, ଭାରତୀୟ ସମବାୟ ଆନ୍ଦୋଳନ ପାଇଁ ଏକ ସମ୍ମାନ ଏବଂ ବିଶ୍ୱସ୍ତରୀୟ ସମବାୟ କ୍ଷେତ୍ରରେ ଭାରତର ବର୍ଦ୍ଧିତ ପ୍ରଭାବର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତୀକ ।

# ନାଉଗାଁ ବ୍ଲକରେ ଧାନ ଚାଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟର ସାର ଅଭାବ

ନାଉଗାଁ, (ସବ୍ୟୁ): ନାଉଗାଁ ବ୍ଲକ ଅଞ୍ଚଳରେ ଧାନ ଚାଷ ପାଇଁ ଆବଶ୍ୟକ ଦ୍ୱିତୀୟ ପର୍ଯ୍ୟାୟର ସାର ଯୋଗାଣରେ ଅଭାବ ଦେଖାଦେଇଥିବା ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଠିକ ସମୟରେ ଆବଶ୍ୟକ ପରିମାଣର ସାର ନମିଳିବାରୁ ଧାନ ଚାଷ ପ୍ରଭାବିତ ହେବା ନେଇ ଚାଷୀମାନେ ଚିନ୍ତା ପ୍ରକାଶ କରିଛନ୍ତି । ନାଉଗାଁ ବ୍ଲକରେ ପ୍ରାୟ ୭୫୯୦ ହେକଟର ଜମିରେ ଧାନ ଚାଷ ହେଉଥିବାବେଳେ ଏହି ସମୟରେ ଫସଲ ପାଇଁ ୟୁରିଆ, ପଟାସ ଆଦି ସାରର ଆବଶ୍ୟକତା ବୃଦ୍ଧି ପାଇଛି । ବ୍ଲକର ୬ଟି କୃଷି ସମବାୟ ସେବା ସମିତି ସମେତ ୨୬ଟି ଲାଇସେନ୍ସପ୍ରାପ୍ତ ସାର ବିକ୍ରୟ କେନ୍ଦ୍ର ଥିଲେ ମଧ୍ୟ ଆବଶ୍ୟକତା ଅନୁଯାୟୀ ସାର ମିଳୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, କେତେକ ସ୍ଥାନରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦରରେ ସାର ବିକ୍ରି ହେଉଥିବାରୁ ସେମାନଙ୍କୁ ଅତିରିକ୍ତ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି । ୟୁରିଆ ବସ୍ତା ପିଛା ୫୦୦ ଟଙ୍କାରୁ ଉର୍ଦ୍ଧ୍ୱର୍ ଏବଂ ପଟାସ ବସ୍ତା ପିଛା ୩,୦୦୦ ଟଙ୍କାରୁ ଉର୍ଦ୍ଧ୍ୱର୍ ଦରରେ ବିକ୍ରି ହେଉଥିବା ନେଇ କିଛି ଚାଷୀ ଅଭିଯୋଗ କରିଛନ୍ତି । ତେବେ ଏହି ଅଭିଯୋଗର ସ୍ୱତନ୍ତ୍ର ଯାଞ୍ଚ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

ସରକାରୀ ବ୍ୟବସ୍ଥାରେ ଆବଶ୍ୟକ ସାର ଉପଲବ୍ଧ ନହେବାରୁ ଅନେକ ଚାଷୀ ବାଧ୍ୟ ହୋଇ ଖୋଲା ବଜାରରୁ ଅଧିକ ଦରରେ ସାର କିଣୁଥିବା କହିଛନ୍ତି । ଫଳରେ ଚାଷ ଖର୍ଚ୍ଚ ବଢ଼ିବା ସହ ଧାନ ଉତ୍ପାଦନ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବା ନେଇ ଚାଷୀମାନେ ଆଶଙ୍କା କରିଛନ୍ତି । ଚାଷୀମାନଙ୍କ କହିବାନୁଯାୟୀ, ଧାନ ଗଛର ଆବଶ୍ୟକ ବିକାଶ ପର୍ଯ୍ୟାୟରେ ସାର ପ୍ରୟୋଗ ନହେଲେ ଫସଲର ବୃଦ୍ଧି ଓ ଉତ୍ପାଦନ ପ୍ରଭାବିତ ହୋଇପାରେ । ତେଣୁ ନାଉଗାଁ ବ୍ଲକକୁ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଣ କରିବା ସହ ନିର୍ଦ୍ଧାରିତ ମୂଲ୍ୟରେ ସାର ବିକ୍ରି ସୁନିଶ୍ଚିତ କରିବାକୁ ସେମାନେ ଦାବି କରିଛନ୍ତି । ଏଥିସହ ସାର ବିକ୍ରୟ କେନ୍ଦ୍ରଗୁଡ଼ିକରେ ଷ୍ଟକ, ବିକ୍ରୟ ମୂଲ୍ୟ ଓ ବଣ୍ଟନ ବ୍ୟବସ୍ଥାର ନିୟମିତ ଯାଞ୍ଚ କରିବାକୁ ମଧ୍ୟ ଚାଷୀମାନେ ଦାବି କରିଛନ୍ତି ।

ଏ ସମ୍ପର୍କରେ ନାଉଗାଁ ବ୍ଲକ କୃଷି ବିଭାଗ ଅଧିକାରିଣୀ ଯୋଗାସ୍ମିତା ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସାର ଯୋଗାଣ ସମ୍ପର୍କିତ ସ୍ଥିତି ଅନୁଧ୍ୟାନ କରାଯାଇଛି । ଆବଶ୍ୟକ ପରିମାଣର ସାର ଯୋଗାଣ ପାଇଁ ଶୀଘ୍ର ପଦକ୍ଷେପ ନିଆଯିବ । ବଜାରରେ କୌଣସି ଦୋକାନୀ ନିର୍ଦ୍ଧାରିତ ଦରଠାରୁ ଅଧିକ ମୂଲ୍ୟରେ ସାର ବିକ୍ରି କରୁଥିବା ଜଣାପଡ଼ିଲେ, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ସାର ଅଭାବ ଓ ଅଧିକ ଦରର ଅଭିଯୋଗ ମଧ୍ୟରେ କୃଷି ବିଭାଗ ପକ୍ଷରୁ ଶୀଘ୍ର ପଦକ୍ଷେପ ନିଆଯାଇ ଚାଷୀଙ୍କୁ ସୁବିଧାରେ ଆବଶ୍ୟକ ସାର ଯୋଗାଇ ଦିଆଯିବ ବୋଲି ଚାଷୀମାନେ ଆଶା ପ୍ରକାଶ କରିଛନ୍ତି ।

# ଶିକ୍ଷକ ନେତା ଅବନୀ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା



ମହାକାଳପଡ଼ା, (ସବ୍ୟୁ) : ବରିଷ୍ଠ ଶିକ୍ଷକ ନେତା ସ୍ୱର୍ଗତ ଅବନୀ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଅଲଓଷ୍ଟା ଶିକ୍ଷକ ସଙ୍ଘ ମହାକାଳପଡ଼ା ଶାଖା ତରଫରୁ ପଞ୍ଚାୟତ ହାଇସ୍କୁଲ କେୟାରବାଙ୍କ ପରିସରରେ ଦିବଂଗତ ବ୍ରାହ୍ମଚର୍ଯ୍ୟ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ସଭାରେ ବ୍ଲକସଙ୍ଘ ସଭାପତି ନିର୍ମଳ ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ ।

ଆମନ୍ତ୍ରିତ ଅତିଥି ଭାବେ ରାଜ୍ୟ ସଙ୍ଘ ର ଧନେଶ୍ୱର ପାତ୍ର, ଶୁଶାନ୍ତ ପ୍ରଧାନ, ଜିଲ୍ଲା ସଙ୍ଘ ର କରୁଣାକର ଭୋଳ, ଅଶୋକ ସାହୁ, ଅବସର ପ୍ରାପ୍ତ ଶିକ୍ଷକ ସଙ୍ଘର ଘନଶ୍ୟାମ ନାୟକ, ନିରାକାର ଜେନା କେଶବ ପ୍ରାମାଣିକ, ବିଜୟ ଜେନା ଓବ୍ଲକ ସମନ୍ୱୟ ସମିତିର ଅଶୋକ ମହାପାତ୍ର ଆଦି ଉପସ୍ଥିତ ଥିଲେ ।

ଏତଦ ବ୍ୟତୀତ ଅବସର ପ୍ରାପ୍ତ କର୍ମଚାରୀ ସଙ୍ଘ ର ନରୋତ୍ତମ ପାର୍ଥସାରଥୀ ଆଦି ମଂଚାସୀନ ଥିଲେ । ଆମନ୍ତ୍ରିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଙ୍ଘର କର୍ମକର୍ତ୍ତା ସାଧାରଣ ସଦସ୍ୟ ଏବଂ କାର୍ଯ୍ୟରତ ଶିକ୍ଷକମାନେ ଆୟୋଜିତ ସଭାରେ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିଥିଲେ ।ସଭାଶେଷରେ ଶିକ୍ଷକ ବିଭୁତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛଟିଣା ଗଣେଶ ପୂଜାର ରୌପ୍ୟ ଜୟନ୍ତୀ ଉତ୍ସବ

ମଙ୍ଗଳପୁର,(ସବ୍ୟୁ): ଦଶରଥପୁର ବ୍ଲକ ଅନ୍ତର୍ଗତ ଛଟିଣା ଗ୍ରାମରେ ଗଣେଶ ପୂଜାର ୨୫ ବର୍ଷ ପୂର୍ତ୍ତି ଅବସରରେ ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହେଉଛି । ରୌପ୍ୟ ଜୟନ୍ତୀ ଅବସରରେ ବୁଧବାର ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ସଭା ଓ ଉତ୍ସବର ଆୟୋଜନ କରାଯାଇଥିଲା । କ୍ଲବ ସଭାପତି ଉତ୍କଳ କେଶରୀ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟଅତିଥି,ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଉଦ୍‌ଘାଟକ ଏବଂ ବିଜେଡି ଜିଲ୍ଲା ସଭାପତି ସରୋଜ କୁମାର ମହାପାତ୍ର,ବରିଷ୍ଠ ସମାଜସେବୀ କର୍ଣ୍ଣାଟକେଶରୀ ଦାସ ଓ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।



ଏହି ଅବସରରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା । ଦୀର୍ଘ ୨୫ ବର୍ଷ ଧରି ବିବିସି କ୍ଲବ ପକ୍ଷରୁ ଗଣେଶ ପୂଜା ଆୟୋଜନ କରିଆସୁଥିବାରୁ ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ଉତ୍ସବ କ୍ଲବର ସମସ୍ତ ସଦସ୍ୟ ଓ ଅଞ୍ଚଳବାସୀଙ୍କ ପାଇଁ ବିଶେଷ ମହ‰ ବହନ କରୁଛି । ପୂଜାକୁ କେବଳ ଧାର୍ମିକ ଉତ୍ସବ ଭାବେ ସୀମିତ ନରଖି ଏହାକୁ ଭାଇଚାରା, ସାମାଜିକ ଏକତା ଓ ଯୁବଶକ୍ତିର ମିଳନର ଏକ ମଞ୍ଚରେ ପରିଣତ କରିବାକୁ କ୍ଲବ ପକ୍ଷରୁ ଉଦ୍ୟମ କରାଯାଇଅଛି ଉତ୍ସବରେ ଯୋଗଦେଇ ପ୍ରଣବ ପ୍ରକାଶ ଦାସ ଯୁବଗୋଷ୍ଠୀଙ୍କ ଉତ୍ସାହକୁ ପ୍ରଶଂସା କରିଥିବାବେଳେ ଗଣେଶ ପୂଜା ଭଳି ପାରମ୍ପରିକ ଉତ୍ସବ ଓଡ଼ିଆ ସଂସ୍କୃତି ଓ ସାମାଜର ଭାଇଚାରାକୁ ଅଧିକ ମଜଭୁତ କରିଥାଏ ବୋଲି କହିଥିଲେ । ଯୁବପିଢ଼ି ଆମ ପରମ୍ପରା ଓ ସଂସ୍କୃତିକୁ ଆଗକୁ ନେବାରେ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଥିଲେ । ରୌପ୍ୟ ଜୟନ୍ତୀ ଅବସରରେ କ୍ଲବର ପୁରାତନ ସଦସ୍ୟ, ଯୁବଗୋଷ୍ଠୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା ।

# ମୃତ ଆଇନଜୀବୀଙ୍କ ପରିବାରକୁ ସଂଘ ପକ୍ଷରୁ ସହାୟତା

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡାର ବରିଷ୍ଠ ଆଇନ୍‌ଜିବୀ ସ୍ୱର୍ଗତ ମିର୍ ଅଫସର୍ ଅଲ୍ଲୀ ବକ୍ସଙ୍କ ହୃଦଘାତରେ ପରଲୋକ ହୋଇଯାଇଥିବାରୁ ଓକିଲ ସଂଘ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ଶୋକସଭାରେ ଜିଲ୍ଲା ଓକିଲ ସଂଘ ସଭାପତି ରବିନାରାୟଣ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଆଇନ୍‌ଜିବୀ ସ୍ୱର୍ଗତଃ ଶ୍ରୀ ଅଲ୍ଲୀଙ୍କ ପରିବାରକୁ ସହାୟତା ଦେବାପାଇଁ ସ୍ଥିର କରାଯାଇଥିଲା ।

ବୁଧବାର ଓକିଲ ସଂଘର ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ଚରଣ ରାଉତ, ବରିଷ୍ଠ ଆଇନ୍‌ଜିବୀ ମୋତିଓ୍ୱାଲା ବକ୍ସଙ୍କ ସମେତ ଅନ୍ୟ ଆଇନ୍‌ଜିବୀମାନେ ସ୍ୱର୍ଗତଃ ଅଲ୍ଲୀଙ୍କ ବାସଭବନରେ ପହଁଚି ଓକିଲ ସଂଘର ମୃତ୍ୟୁକାଳୀନ ପାଣ୍ଠିରୁ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ପରେ ମୃତ୍ୟୁ ପ୍ରମାଣପତ୍ର ପାଇବା ପରେ ଅବଶିଷ୍ଟ ସହାୟତା ପ୍ରଦାନ କରାଯିବ ବୋଲି ଉପସଭାପତି ଶ୍ରୀ ରାଉତ ପ୍ରକାଶ କରିଛନ୍ତି ।

# ସେବା ରାଜନୀତିର ଆତ୍ମା ସେବା ସଂକଳ୍ପ ଅଭିଯାନ

ରାଜନୀତି କେବଳ କ୍ଷମତା ହାସଲର ମାଧ୍ୟମ ନୁହେଁ ରାଜନୀତିର ପ୍ରକୃତ ଲକ୍ଷ୍ୟ ହେଉଛି ଜନସେବା । ଲୋକଙ୍କ ଆଶା, ଆକାଂକ୍ଷା ଓ ଆବଶ୍ୟକତାକୁ ବୁଝି ସେମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ହିଁ ରାଜନୈତିକ ନେତୃତ୍ୱର ସାର୍ଥକତା । ଭାରତୀୟ ଗଣତାନ୍ତ୍ରିକ ପରମ୍ପରାରେ ଏହି ସେବା ଭାବନାର ଏକ ସ୍ୱତନ୍ତ୍ର ମହତ୍ତ୍ୱ ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘ ସାର୍ବଜନୀନ ଜୀବନ ଓ ଦେଶର ଶାସନ ବ୍ୟବସ୍ଥାରେ ତାଙ୍କ ଭୂମିକାକୁ ଆଧାର କରି 'ସେବା ସଂକଳ୍ପ ଅଭିଯାନଦକୁ ଏକ ମାସବ୍ୟାପୀ ବ୍ୟାପକ କାର୍ଯ୍ୟକ୍ରମ ଭାବେ ଆୟୋଜନ କରାଯାଉଛି । ଭାରତୀୟ ଜନତା ପାର୍ଟିର ଜାତୀୟ ସଭାପତି ନିତିନ ନବୀନ ଏହି ଅଭିଯାନର ବିଭିନ୍ନ ଦିଗ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ରୂପରେଖା ଦେଇଛନ୍ତି ।

ପ୍ରତିବର୍ଷ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନକୁ କେନ୍ଦ୍ର କରି 'ସେବା ପକ୍ଷ ପାଳନ କରାଯାଇଥାଏ । ତେବେ ଏଥରର ଆୟୋଜନର ଗୁରୁତ୍ୱ ଅଧିକ ବ୍ୟାପକ । କାରଣ, ଏହା ପ୍ରଧାନମନ୍ତ୍ରୀଙ୍କ ସାର୍ବଜନୀନ ଜୀବନର ୨୫ ବର୍ଷର ଏକ ଦୀର୍ଘ ଅଧ୍ୟାୟ ସହିତ ସମ୍ପୃକ୍ତ । ତେଣୁ ଏହାକୁ କେବଳ ଏକ ଦଳୀୟ କାର୍ଯ୍ୟକ୍ରମରେ ସୀମିତ ନ ରଖି ସେବା, ସମର୍ପଣ, ସୁଶାସନ ଓ ଜନଭାଗୀଦାରିର ବାର୍ତ୍ତାକୁ ସମାଜର ପ୍ରତ୍ୟେକ ବର୍ଗ ଓ ଦେଶର ପ୍ରତ୍ୟେକ ପ୍ରାନ୍ତରେ ପହଞ୍ଚାଇବାର ଉଦ୍ୟମ କରାଯାଉଛି ।

**୨୫ ବର୍ଷର ଜନସେବାର ଏକ ଦୀର୍ଘ ଅଧ୍ୟାୟ**

ଗଣତନ୍ତ୍ରରେ ଧାରାବାହିକ ୨୫ ବର୍ଷ ଧରି ଜନସେବାରେ ରହିବା ଏକ ଉଲ୍ଲେଖନୀୟ ଯାତ୍ରା । ଏହି ଯାତ୍ରାକୁ କେବଳ ଜଣେ ରାଜନେତାଙ୍କ ବ୍ୟକ୍ତିଗତ ସଫଳତା ଭାବେ ଦେଖିଲେ ଏହାର ସମ୍ପୂର୍ଣ୍ଣ ଚିତ୍ର ପ୍ରକାଶ ପାଇବ ନାହିଁ । ଏହା ପଛରେ ରହିଛି ଜନତାଙ୍କ ଆସ୍ଥା, ଆଶୀର୍ବାଦ, ଦଳୀୟ କର୍ମୀଙ୍କ ନିରନ୍ତର ପରିଶ୍ରମ ଏବଂ ଦେଶବାସୀଙ୍କ ଆଶା-ଆକାଂକ୍ଷା । ଜଣେ ସାଧାରଣ କର୍ମୀରୁ ଦେଶର ପ୍ରଧାନ ସେବକ ପର୍ଯ୍ୟନ୍ତ ନରେନ୍ଦ୍ର ମୋଦୀଙ୍କ ଯାତ୍ରା ଏକ ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ଦିଏ । ଦୃଷ୍ଟିକୋଣ ସ୍ପଷ୍ଟ, ଲକ୍ଷ୍ୟ ଦୃଢ଼ ଏବଂ ସଂକଳ୍ପ ଅଟଳ ହେଲେ ଜଣେ ସାଧାରଣ ନାଗରିକ ମଧ୍ୟ ବଡ଼ ପରିବର୍ତ୍ତନର ବାହକ ହୋଇପାରନ୍ତି ।

ଏହି ଅଭିଯାନର ଏକ ବଡ଼ ଉଦ୍ଦେଶ୍ୟ ହେଉଛି, ଏହି ପ୍ରେରଣାକୁ ଯୁବପିଢ଼ି ଓ ସାଧାରଣ ଜନତାଙ୍କ ନିକଟକୁ ନେବା । ତେବେ ଗତ ୨୫ ବର୍ଷର ଯାତ୍ରାକୁ କେବଳ ସଫଳତାର ଗାଥା ଭାବେ ନୁହେଁ, ବରଂ ଏହି ସମୟରେ ଦେଶ ସମ୍ମୁଖୀନ ହୋଇଥିବା ଚ୍ୟାଲେଞ୍ଜ, ନୀତିଗତ ଆଲୋଚନା, ଜନମତ ଓ ବିଭିନ୍ନ ଅନୁଭୂତିର ଆଲୋକରେ ମଧ୍ୟ ବିଚାର କରାଯିବା ଆବଶ୍ୟକ । ଏହି ଆତ୍ମମୂଲ୍ୟାଙ୍କନ ହିଁ ଗଣତନ୍ତ୍ରକୁ ଅଧିକ ସୁଦୃଢ଼ କରେ ।

**'ବିକଶିତ ଭାରତ' ୨୦୪୭: ସାମୂହିକ ସଂକଳ୍ପ**

ଏହି ଅଭିଯାନର କେନ୍ଦ୍ରବିନ୍ଦୁରେ ରହିଛି 'ବିକଶିତ ଭାରତଦ । ସ୍ୱାଧୀନତାର ଶତବାର୍ଷିକୀ ବର୍ଷରେ ଭାରତକୁ ଏକ ବିକଶିତ, ଆତ୍ମନିର୍ଭର ଓ ସଶକ୍ତ ରାଷ୍ଟ୍ର ଭାବେ ଦେଖିବାର ଏହି ସ୍ୱପ୍ନ କେବଳ ସରକାରର ଲକ୍ଷ୍ୟ ହୋଇ ରହିପାରିବ ନାହିଁ । ଏହା ହେବା ଦରକାର ପ୍ରତ୍ୟେକ ଭାରତୀୟଙ୍କ ସାମୂହିକ ସଂକଳ୍ପ ।

'ଆଶୀର୍ବାଦର ଦୀପଦ, 'ମୋ ସ୍ୱପ୍ନର ଭାରତ, 'ସେବା ନମୋ ସେବା , 'ଅଙ୍ଗନ ମିଳନ ସେବା , 'ସେବା ମୋର ଯୋଗଦାନ , 'ସେବା ସେତୁ ଅଭିଯାନ , 'ସେବାର ରଙ୍ଗ ରାଷ୍ଟ୍ର ସଙ୍ଗଦ ଏବଂ 'ବଡ଼ନଗର ବାରାଣସୀ ସେବା ଯାତ୍ରା ପରି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ସହ ଅଧିକ ନିକଟ ସମ୍ପର୍କ ସ୍ଥାପନର ପରିକଳ୍ପନା ରହିଛି ।

ଏହି କାର୍ଯ୍ୟକ୍ରମ ଗୁଡ଼ିକର ନାମ ଓ ରୂପରେଖାରୁ ଏକ କଥା ସ୍ପଷ୍ଟ ଏହି ଅଭିଯାନକୁ କେବଳ ସଭା, ସମାବେଶ କିମ୍ବା ରାଜନୈତିକ ଆୟୋଜନରେ ସୀମିତ ରଖିବାର ଉଦ୍ଦେଶ୍ୟ ନାହିଁ । ସେବା, ଯୁବ ସମ୍ପୃକ୍ତି, ସାମାଜିକ ସଂଯୋଗ, ନବସୃଜନ ଏବଂ ଭାରତର ଭବିଷ୍ୟତ ନେଇ ସାଧାରଣ ଲୋକଙ୍କ ସ୍ୱପ୍ନକୁ ଏକ ବୃହତ୍ତର ମଞ୍ଚରେ ଆଣିବା ଏହାର ଲକ୍ଷ୍ୟ ।

ଚାକିରି ଖୋଜୁଥିବା ଯୁବକରୁ ଚାକିରିଦାତା ପର୍ଯ୍ୟନ୍ତ ଭାରତର ଭବିଷ୍ୟତ ଯୁବପିଢ଼ିର ହାତରେ । ତେଣୁ ବିକାଶର ଯେକୌଣସି ଦୀର୍ଘମିଆଦୀ ପରିକଳ୍ପନାରେ ଯୁବଶକ୍ତିକୁ କେନ୍ଦ୍ରସ୍ଥାନ ଦେବା ଅପରିହାର୍ଯ୍ୟ ।

ଷ୍ଟାର୍ଟଅପ୍, ଉଦ୍ୟମିତା, ନବସୃଜନ ଓ ପ୍ରଯୁକ୍ତି ମାଧ୍ୟମରେ ଯୁବପିଢ଼ିକୁ କେବଳ ଚାକିରି ଖୋଜୁଥିବା ଯୁବକ ଭାବେ ନୁହେଁ, ଚାକିରି ସୃଷ୍ଟି କରୁଥିବା ଉଦ୍ୟୋଗୀ ଭାବେ ଗଢ଼ି ତୋଳିବାର ଚିନ୍ତାଧାରା ଆଜିର ଆବଶ୍ୟକତା ।

ଏହି ପରିପ୍ରେକ୍ଷୀରେ 'ସେବା ଫର୍ଷ୍ଟ ଇନୋଭେସନ୍ ଚ୍ୟାଲେଞ୍ଜ ଏକ ଉଲ୍ଲେଖନୀୟ ପଦକ୍ଷେପ । ଷ୍ଟାର୍ଟଅପ୍, ଛାତ୍ରଛାତ୍ରୀ, ପେସାଦାର ଓ କର୍ପୋରେଟ୍ ଇନୋଭେଟରମାନଙ୍କୁ ଏହା ସହିତ ଯୋଡ଼ାଯିବ । ରାଜ୍ୟସ୍ତରରେ ଇନୋଭେସନ୍ ଚ୍ୟାଲଞ୍ଜ, ଶିକ୍ଷାନୁଷ୍ଠାନ ଓ ଇନ୍କ୍ୟୁବେସନ୍ ସେଣ୍ଟର ମଧ୍ୟରେ ସମନ୍ୱୟ ଏବଂ ଅନଲାଇନ୍ ଆବେଦନ ପରି ବ୍ୟବସ୍ଥା ମାଧ୍ୟମରେ ନୂଆ ପ୍ରତିଭାକୁ ସାମ୍ନାକୁ ଆଣିବାର ଉଦ୍ୟମ ହେବ ।

ଚୟନିତ ନବସୃଜନକୁ ଜାତୀୟ ସ୍ତରରେ ପ୍ରଦର୍ଶନ କରାଯିବ । ଲାଇଭ୍ ଡେମୋ, ପ୍ରଦର୍ଶନୀ ଓ ଯୁବ ସଂବାଦ ମାଧ୍ୟମରେ ନୂଆ ଚିନ୍ତାଧାରାକୁ ଜାତୀୟ ମଞ୍ଚ ମିଳିବ । ଏହାର ସଫଳତା କେବଳ ପୁରସ୍କାରରେ ନୁହେଁ ଗ୍ରାମଠାରୁ ସହର ପର୍ଯ୍ୟନ୍ତ ପ୍ରତିଭାବାନ ଯୁବକ-ଯୁବତୀଙ୍କୁ ସୁଯୋଗ ଦେବାରେ ରହିବ ।

**ସେହିପରି ବିକାଶର ଅପରିହାର୍ଯ୍ୟ ଶକ୍ତି**

କୌଣସି ରାଷ୍ଟ୍ରର ବିକାଶ ମହିଳାଙ୍କ ସମାନ ଭାଗୀଦାରି ବିନା ସମ୍ପୂର୍ଣ୍ଣ ହୋଇପାରେ ନାହିଁ । ମହିଳାଙ୍କୁ କେବଳ ସରକାରୀ ଯୋଜନାର ଲାଭାର୍ଥୀ ଭାବେ ନୁହେଁ, ବିକାଶର ସକ୍ରିୟ ଅଂଶୀଦାର ଓ ନେତୃତ୍ୱଦାତା ଭାବେ ଦେଖିବା ଆବଶ୍ୟକ । 'ବେଟି ବଚାଓ, ବେଟି ପଢ଼ାଓ ଠାରୁ ଆରମ୍ଭ କରି ମହିଳାଙ୍କ ଶିକ୍ଷା, ଆର୍ଥିକ ସ୍ୱାବଲମ୍ବନ, ଉଦ୍ୟମିତା ଓ ନେତୃତ୍ୱ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗକୁ ଏହି ଅଭିଯାନରେ ସ୍ଥାନ ଦିଆଯିବାର ଯୋଜନା ରହିଛି ।

ବିକଶିତ ଭାରତର ସ୍ୱପ୍ନ ସେତେବେଳେ ସାର୍ଥକ ହେବ, ଯେତେବେଳେ ମହିଳା, ଯୁବ, କୃଷକ, ଶ୍ରମିକ, ଗରିବ ଓ ସମାଜର ବଞ୍ଚିତ ବର୍ଗ ବିକାଶ ପ୍ରକ୍ରିୟାର ସମାନ ଅଂଶୀଦାର ହେବେ । ବିକାଶ କେବେ ମଧ୍ୟ କୌଣସି ଏକ ବର୍ଗର ସମୃଦ୍ଧିରେ ସୀମିତ ହୋଇପାରେ ନାହିଁ । ଗରିବ, ଯୁବ, ଅନ୍ନଦାତା ଓ ନାରୀ ଏହି ଚାରି ଶକ୍ତିକୁ ବିକାଶ ଯାତ୍ରାର କେନ୍ଦ୍ରରେ ରଖିବା ହିଁ ସମାବେଶୀ ବିକାଶର ମୂଳ ଆଧାର ।

ସୀମାନ୍ତ ଗ୍ରାମଠାରୁ ମହାନଗର ପର୍ଯ୍ୟନ୍ତ ପ୍ରତ୍ୟେକ ଅଞ୍ଚଳକୁ ବିକାଶର ମୁଖ୍ୟଧାରା ସହିତ ଯୋଡ଼ିବା ଏକ ବଡ଼ ଦାୟିତ୍ୱ । ଶେଷ ପର୍ଯ୍ୟାୟର ଲୋକଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବା, ମୌଳିକ ସୁବିଧାର ବିକାଶ, ସଡ଼କ ଓ ଯୋଗାଯୋଗ ବ୍ୟବସ୍ଥାର ସୁଧାର ଏବଂ ଡିଜିଟାଲ୍ ସେବାର ପ୍ରସାରକୁ ବିକାଶର ମାନଦଣ୍ଡ ଭାବେ ଦେଖିବାକୁ ହେବ ।

**ବଦଳୁଥିବା ଭାରତର ଚିତ୍ର**

ଗତ କିଛି ବର୍ଷରେ ଭାରତର ବିକାଶ ଯାତ୍ରାରେ ଅନେକ ନୂଆ ସମ୍ଭାବନା ଉଦ୍ଭବ ହୋଇଛି । ଇନଫ୍ରାଷ୍ଟ୍ରକଚର, କୃଷି, ମାନୁଫ୍ୟାକ୍ଚରିଂ, ଡିଫେନ୍ସ, ସ୍ପେସ୍, ଡିଜିଟାଲ୍ ଅର୍ଥନୀତି ଓ ମାନବ ସମ୍ବଳ ପରି କ୍ଷେତ୍ରରେ ଭାରତ ନୂଆ ଲକ୍ଷ୍ୟ ନେଇ ଆଗକୁ ବଢ଼ୁଛି । 'ଆତ୍ମନିର୍ଭର ଭାରତଦର ଚିନ୍ତାଧାରା ମଧ୍ୟ ଏହି ବ୍ୟାପକ ଆର୍ଥିକ ଓ ରଣନୈତିକ ଦୃଷ୍ଟିକୋଣର ଏକ ଅଂଶ ।

ବିଶ୍ୱମଞ୍ଚରେ ଭାରତର ପ୍ରଭାବ ବୃଦ୍ଧି ଏବଂ ଭାରତୀୟ ନେତୃତ୍ୱ ପ୍ରତି ବିଭିନ୍ନ ଦେଶର ଆଗ୍ରହ ଏହି ପରିବର୍ତ୍ତନର ଏକ ପ୍ରତିଫଳନ । କିନ୍ତୁ ବିକାଶର ପ୍ରକୃତ ମାପଦଣ୍ଡ କେବଳ ବିଶ୍ୱମଞ୍ଚରେ ମିଳୁଥିବା ସମ୍ମାନ ନୁହେଁ । ସାଧାରଣ ଲୋକଙ୍କ ଜୀବନମାନ କେତେ ଉନ୍ନତ ହେଲା, ରୋଜଗାର ଓ ଆୟର ସୁଯୋଗ କେତେ ବଢ଼ିଲା, ଗରିବ ଓ ବଞ୍ଚିତଙ୍କ ଜୀବନରେ କେତେ ସ୍ଥାୟୀ ପରିବର୍ତ୍ତନ ଆସିଲା ଏହି ପ୍ରଶ୍ନଗୁଡ଼ିକ ମଧ୍ୟ ସମାନ ଗୁରୁତ୍ୱର ।



**ମନମୋହନ ସାମଲ**
**ରାଜ୍ୟ ସଭାପତି ଓ ସାଂସଦ (ରାଜ୍ୟସଭା)**
**ଭାରତୀୟ ଜନତା ପାର୍ଟି, ଓଡ଼ିଶା**

'ସେବା ସଂକଳ୍ପ ଅଭିଯାନଦର ଶେଷ ପର୍ଯ୍ୟାୟରେ 'ସୁଶାସନ ସଂବାଦଦ ପରି କାର୍ଯ୍ୟକ୍ରମ ଆୟୋଜନର ପରିକଳ୍ପନା ରହିଛି । ପଞ୍ଚାୟତସ୍ତରରୁ ଆରମ୍ଭ କରି ଦେଶର ଶୀର୍ଷସ୍ତର ପର୍ଯ୍ୟନ୍ତ ଜନପ୍ରତିନିଧିଙ୍କ ଭୂମିକା, ଦାୟିତ୍ୱ ଓ ଅବଦାନ ଉପରେ ଆଲୋଚନା ଏହାର ଏକ ମୁଖ୍ୟ ଅଂଶ ହେବ ।

ଗଣତନ୍ତ୍ରର ଶକ୍ତି କେବଳ ସଂସଦ କିମ୍ବା ବିଧାନସଭାରେ ସୀମିତ ନୁହେଁ । ଏହାର ପ୍ରକୃତ ଭିତ୍ତି ଗ୍ରାମ, ପଞ୍ଚାୟତ, ପୌରସଂସ୍ଥା ଓ ୱାର୍ଡ ସ୍ତରରେ ରହିଛି । ସ୍ଥାନୀୟ ଜନପ୍ରତିନିଧିମାନେ ଲୋକଙ୍କ ସବୁଠାରୁ ନିକଟରେ ରହି ସେମାନଙ୍କ ସମସ୍ୟା ଓ ଆବଶ୍ୟକତାକୁ ଶାସନ ବ୍ୟବସ୍ଥା ସମ୍ମୁଖରେ ଉପସ୍ଥାପନ କରନ୍ତି । ତେଣୁ ଗଣତାନ୍ତ୍ରିକ ବିକାଶରେ ସେମାନଙ୍କ ଭୂମିକା ଅତ୍ୟନ୍ତ ମୂଲ୍ୟବାନ ।

ପ୍ରଧାନମନ୍ତ୍ରୀଙ୍କ ସାର୍ବଜନୀନ ଜୀବନର ୨୫ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ସ୍ତରର ଜନପ୍ରତିନିଧିଙ୍କୁ ସମ୍ମାନିତ କରିବା ଏହି ଅଭିଯାନକୁ ଆହୁରି ଅର୍ଥପୂର୍ଣ୍ଣ କରିପାରେ । 'ବିକଶିତ ଭାରତ ସଂକଳ୍ପ ପ୍ରସ୍ତାବଦ ମାଧ୍ୟମରେ ସରପଞ୍ଚଠାରୁ ପ୍ରଧାନମନ୍ତ୍ରୀ ପର୍ଯ୍ୟନ୍ତ ବିଭିନ୍ନ ସ୍ତରର ଜନପ୍ରତିନିଧିଙ୍କୁ ଏକ ସାମୂହିକ ସଂକଳ୍ପରେ ଯୋଡ଼ିବାର ପ୍ରୟାସ ନିଶ୍ଚିତ ଭାବେ ଗଣତନ୍ତ୍ରର ମୂଳ ଭାବନାକୁ ସୁଦୃଢ଼ କରିବ ।

'ବଡ଼ନଗର ବାରାଣସୀ ସେବା ଯାତ୍ରା ଏହି ଅଭିଯାନର ଏକ ପ୍ରତୀକାତ୍ମକ ଅଧ୍ୟାୟ ହୋଇପାରେ । ଏହା ନରେନ୍ଦ୍ର ମୋଦୀଙ୍କ ଜୀବନ ଓ ରାଜନୈତିକ ଯାତ୍ରା ସହିତ ସଂପୃକ୍ତ ଦୁଇଟି ପ୍ରମୁଖ ସ୍ଥାନକୁ ଏକ ସୂତ୍ରରେ ବାନ୍ଧିବାର ଚେଷ୍ଟା ।

ଜଣେ ସାଧାରଣ ପରିବାରରୁ ଉଠି ଜାତୀୟ ନେତୃତ୍ୱର ଶୀର୍ଷସ୍ଥାନରେ ପହଞ୍ଚିବାର କାହାଣୀ ନିଶ୍ଚିତ ଭାବେ ଅନେକଙ୍କ ପାଇଁ ପ୍ରେରଣାଦାୟକ । କିନ୍ତୁ ଏହି ଯାତ୍ରାର ବଡ଼ ସନ୍ଦେଶ ହେଉଛି ରାଜନୀତି କେବଳ ପଦ, ପ୍ରତିଷ୍ଠା ଓ କ୍ଷମତାର ଯାତ୍ରା ନୁହେଁନ୍ତି ଏହା ଜନସେବା, ଦାୟିତ୍ୱ ଓ ସମର୍ପଣର ଏକ ମାଧ୍ୟମ ହୋଇପାରେ ।

**ସେବାକୁ ରାଜନୈତିକ ସଂସ୍କୃତିର ଆଧାର କରିବା**

'ସେବା ସଂକଳ୍ପ ଅଭିଯାନର ସବୁଠାରୁ ବଡ଼ ସନ୍ଦେଶ ହେଉଛି ରାଜନୈତିକ କାର୍ଯ୍ୟକଳାପକୁ ସାମାଜିକ ସେବା ସହିତ ଯୋଡ଼ିବା । ଭାରତୀୟ ରାଜନୈତିକ ଚିନ୍ତାଧାରାରେ 'ସେବାର ମୂଳ ଅତ୍ୟନ୍ତ ଗଭୀର । ମହାତ୍ମା ଗାନ୍ଧୀଙ୍କ ଗ୍ରାମସ୍ୱରାଜରୁ ଆରମ୍ଭ କରି ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଅନ୍ତ୍ୟୋଦୟ ଦର୍ଶନ ପର୍ଯ୍ୟନ୍ତ ସାଧାରଣ ମଣିଷଙ୍କ ଜୀବନକୁ ରାଜନୀତିର କେନ୍ଦ୍ରରେ ରଖିବାର ଚିନ୍ତା ଦେଖିବାକୁ ମିଳେ । ତେଣୁ ସେବାର ସଫଳତା କେବଳ କେତେଟି କାର୍ଯ୍ୟକ୍ରମ ହେଲା କିମ୍ବା କେତେ ଲୋକ ତାହାରେ ଯୋଗଦେଲେ, ତାହାରେ ମାପି ହେବ ନାହିଁ । ପ୍ରକୃତ ମାପଦଣ୍ଡ ହେବ କେତେ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆସିଲା, କେତେ ଯୁବକ ପ୍ରେରିତ ହେଲେ, କେତେ ନୂଆ ଧାରଣା ଜନ୍ମ ନେଲା ଏବଂ କେତେ ସାମାଜିକ ସମସ୍ୟାର ସମାଧାନ ପାଇଁ ନୂଆ ପଥ ଖୋଲିଲା ।

**ସବକା ସାଥ୍, ସବକା ବିକାଶଦର ପ୍ରକୃତ ପରୀକ୍ଷା**

'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ ଏହି ମନ୍ତ୍ରର ପ୍ରକୃତ ଅର୍ଥ ତେବେ ହିଁ ସାର୍ଥକ ହେବ, ଯେତେବେଳେ ଦେଶର ବିକାଶ ଯାତ୍ରାରେ ପ୍ରତ୍ୟେକ ବର୍ଗ ନିଜକୁ ଏହାର ଅଂଶୀଦାର ଭାବେ ଅନୁଭବ କରିବ ।

ଗ୍ରାମୀଣ ଓ ସହରୀ ଭାରତ ମଧ୍ୟରେ ବିକାଶର ଅସମାନତା କମିବା ଦରକାର । ମହିଳା ଓ ଯୁବପିଢ଼ିଙ୍କ ପାଇଁ ଅଧିକ ଆର୍ଥିକ ସୁଯୋଗ ସୃଷ୍ଟି ହେବା ଦରକାର । କୃଷକଙ୍କ ଆୟ ଓ ଜୀବନମାନରେ ସ୍ଥାୟୀ ଉନ୍ନତି ଆସିବା ଦରକାର । ଗରିବ ଓ ବଞ୍ଚିତ ବର୍ଗଙ୍କ ସାମାଜିକ ସୁରକ୍ଷା ଆହୁରି ଦୃଢ଼ ହେବା ଦରକାର ।

ସେଥିପାଇଁ 'ବିକଶିତ ଭାରତ' ୨୦୪୭ କେବଳ ଏକ ସରକାରୀ ଘୋଷଣା ନୁହେଁ, ୧୪୦ କୋଟିରୁ ଅଧିକ ଭାରତୀୟଙ୍କ ସାମୂହିକ ସ୍ୱପ୍ନ ଓ ସଂକଳ୍ପ ।

ଏପରି ବ୍ୟାପକ ଅଭିଯାନକୁ ଜନସାଧାରଣଙ୍କ ନିକଟକୁ ନେବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଟେଲିଭିଜନ, ମୁଦ୍ରଣ ଗଣମାଧ୍ୟମ, ଡିଜିଟାଲ୍ ପ୍ଲାଟଫର୍ମ ଓ ସୋସିଆଲ୍ ମିଡିଆ ମାଧ୍ୟମରେ ଏକ ସ୍ଥାନର କାର୍ଯ୍ୟକ୍ରମ ଦେଶର କୋଟିକୋଟି ଲୋକଙ୍କ ନିକଟରେ ପହଞ୍ଚିପାରେ ।

କିନ୍ତୁ ଏଠାରେ ମିଡିଆର ଦାୟିତ୍ୱ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ଗଣମାଧ୍ୟମର କାମ କେବଳ କୌଣସି ଦଳ କିମ୍ବା ସରକାରର ଦାବିକୁ ପ୍ରଚାର କରିବା ନୁହେଁ । ନୀତିର ପ୍ରକୃତ ପ୍ରଭାବ, ଉପଲବ୍ଧି, ସମସ୍ୟା, ସୀମାବଦ୍ଧତା ଓ ଜନମତ ସବୁକୁ ସମାନ ଭାବେ ଜନସାଧାରଣଙ୍କ ସମ୍ମୁଖରେ ରଖିବା ହେଉଛି ଗଣମାଧ୍ୟମର ଗଣତାନ୍ତ୍ରିକ ଦାୟିତ୍ୱ ।

ସୂଚନା ଯେତେବେଳେ ସଂବାଦରେ ପରିଣତ ହୁଏ ଏବଂ ସଂବାଦ ଯେତେବେଳେ ଜନଭାଗୀଦାରିକୁ ଜନ୍ମ ଦିଏ, ସେତେବେଳେ ହିଁ ଗଣତନ୍ତ୍ର ଅଧିକ ଜୀବନ୍ତ ହୁଏ ।

'ସେବା ସଂକଳ୍ପ ଅଭିଯାନଦକୁ ଯଦି କେବଳ ଏକ ରାଜନୈତିକ ଉତ୍ସବ ଭାବେ ଦେଖାଯାଏ, ତେବେ ଏହାର ମୂଳ ଉଦ୍ଦେଶ୍ୟ ନିଶ୍ଚିତ ଭାବେ ସୀମିତ ହୋଇଯିବ । ଏହାକୁ ଯଦି ଜନସେବା, ସୁଶାସନ, ନବସୃଜନ, ଯୁବଶକ୍ତି, ନାରୀ ସଶକ୍ତିକରଣ ଓ ଜନଭାଗୀଦାରିର ଏକ ବୃହତ୍ତର ମଞ୍ଚରେ ପରିଣତ କରାଯାଇପାରେ, ତେବେ ଏହାର ଅର୍ଥ ଅନେକ ଗୁଣ ବଢ଼ିଯିବ ।

୨୫ ବର୍ଷର ସାର୍ବଜନୀନ ଜୀବନକୁ ପଛକୁ ଚାହିଁ ଦେଖିବା ସହିତ ଆଗାମୀ ୨୫ ବର୍ଷ ପାଇଁ ଦିଗ ନିର୍ଦ୍ଧାରଣ କରିବା ମଧ୍ୟ ଆବଶ୍ୟକ । ଗତ ଦୁଇ ଦଶକରେ ଦେଶ କେଉଁଠାରୁ କେଉଁଠାକୁ ଆସିଛି? କେଉଁ କ୍ଷେତ୍ରରେ ଆମେ ସଫଳ ହୋଇଛୁ? କେଉଁଠି ଆହୁରି କାମ କରିବାର ଆବଶ୍ୟକତା ରହିଛି? ୨୦୪୭ର ଭାରତ କିପରି ହେବା ଉଚିତ? ଏହି ପ୍ରଶ୍ନଗୁଡ଼ିକ ନେଇ ଦେଶବ୍ୟାପୀ ଗମ୍ଭୀର ଜନସଂବାଦ ହେବା ଆବଶ୍ୟକ ।

କାରଣ ବିକଶିତ ଭାରତ କେବଳ ସରକାର ଗଢ଼ିପାରିବ ନାହିଁ । ଏଥିପାଇଁ ଦରକାର ନାଗରିକଙ୍କ ସକ୍ରିୟ ଭାଗୀଦାରି, ଯୁବଶକ୍ତିର ନବସୃଜନ, ମହିଳାଙ୍କ ନେତୃତ୍ୱ, କୃଷକଙ୍କ ସମୃଦ୍ଧି, ଶ୍ରମିକଙ୍କ ସମ୍ମାନ, ଉଦ୍ୟୋଗର ବିକାଶ ଏବଂ ସମାଜର ସମସ୍ତ ବର୍ଗ ମଧ୍ୟରେ ପରସ୍ପର ଆସ୍ଥା ।

**ସେବା ହିଁ ରାଜନୀତିର ଆତ୍ମା**

ଶେଷ ପର୍ଯ୍ୟନ୍ତ ଯେକୌଣସି ରାଜନୈତିକ ଅଭିଯାନର ସଫଳତା ତାହାର ଆୟୋଜନର ବ୍ୟାପକତାରେ ନୁହେଁ, ବରଂ ଲୋକଙ୍କ ଜୀବନରେ ଆସିଥିବା ପରିବର୍ତ୍ତନରେ ମାପିବା ଦରକାର ।

ସେବାର ବାର୍ତ୍ତା କେତେ ଦୂର ପହଞ୍ଚିଲା ଏହା ନିଶ୍ଚିତ ଭାବେ ଗୁରୁତ୍ୱପୂର୍ଣ୍ଣନ୍ତ କିନ୍ତୁ ତାଦ ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ସେହି ସେବା ଫଳରେ କେତେ ଜୀବନ ବଦଳିଲା, କେତେ ପରିବାର ଆଶାର ଆଲୋକ ପାଇଲେ, କେତେ ଯୁବକ ନୂଆ ସୁଯୋଗ ପାଇଲେ ଏବଂ କେତେ ଲୋକ ନିଜକୁ ବିକାଶ ଯାତ୍ରାର ଅଂଶୀଦାର ଭାବେ ଅନୁଭବ କଲେ ।

'ସେବା ଯଦି ରାଜନୀତିର ଆତ୍ମା, 'ସୁଶାସନ ଯଦି ତାହାର ମାଧ୍ୟମ ଏବଂ 'ବିକଶିତ ଭାରତ ୨୦୪୭ ଯଦି ଆମର ଜାତୀୟ ଲକ୍ଷ୍ୟ, ତେବେ ଏହି ତିନୋଟିକୁ ଜନଭାଗୀଦାରିର ଏକ ସୁଦୃଢ଼ ସୂତ୍ରରେ ବାନ୍ଧିବା ହେଉଛି ଆମ ସମସ୍ତଙ୍କ ସାମ୍ନାରେ ଥିବା ବଡ଼ ଆହ୍ୱାନ ।

'ସେବା ସଂକଳ୍ପ ଅଭିଯାନଦ ସେହି ଆହ୍ୱାନକୁ ଏକ ନୂଆ ଦିଗ ଦେବାର ପ୍ରୟାସ । ଏହା ଯଦି ସେବାକୁ କାର୍ଯ୍ୟରେ, ସଂକଳ୍ପକୁ ସାମୂହିକ ପ୍ରୟାସରେ ଏବଂ ବିକାଶର ସ୍ୱପ୍ନକୁ ଜନଆନ୍ଦୋଳନରେ ପରିଣତ କରିପାରେ, ତେବେ ଏହା କେବଳ ଏକ ଅଭିଯାନ ହୋଇ ରହିବ ନାହିଁ । ଭାରତର ଗଣତାନ୍ତ୍ରିକ ଯାତ୍ରାରେ ଜନସେବା, ଜନଭାଗୀଦାରି ଓ ସୁଶାସନର ଏକ ନୂଆ ଅଧ୍ୟାୟର ଆରମ୍ଭ ହୋଇପାରିବ ।

କାରଣ ରାଜନୀତିର ସର୍ବୋଚ୍ଚ ଲକ୍ଷ୍ୟ କ୍ଷମତା ନୁହେଁ ସେବା । ଏବଂ ସେବାର ସର୍ବୋଚ୍ଚ ପରିଚୟ ହେଉଛି ଲୋକଙ୍କ ଜୀବନରେ ସ୍ଥାୟୀ ପରିବର୍ତ୍ତନ ।

# ପୂଜା ମଣ୍ଡପ ବୁଲି ଦର୍ଶନ କଲେ ଜିଲ୍ଲାପରିଷଦ ଭୀମସେନ



କଣାସ, (ସବ୍ୟୁ):ପୁରୀ ଜିଲ୍ଲା କଣାସ ବ୍ଲକର ବିଭିନ୍ନ ଗ୍ରାମ ଓ ବଜାର ଅଞ୍ଚଳରେ ଚଳିତ ବର୍ଷ ଗଣେଶ ପୂଜା ବେଶ ଧୂମଧାମରେ ପାଳିତ ହୋଇଯାଇଛି। ଆକର୍ଷଣୀୟ ତୋରଣ ଓ ସୁସଜ୍ଜିତ ପୂଜା ମଣ୍ଡପଗୁଡ଼ିକରେ ବିଘ୍ନବିନାଶକ ଶ୍ରୀଗଜାନନ ବିରାଜମାନ କରିଛନ୍ତି। ଏହି ପାବନ ଅବସରରେ କଣାସ ବ୍ଲକ ୪ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଭୀମସେନ ପାଇକରାୟ ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରି ପ୍ରଭୁ ଗଣପତିଙ୍କ ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ବିଭିନ୍ନ ପୂଜା କମିଟି ପକ୍ଷରୁ ତାଙ୍କୁ ବାଜା, ବାଣ ଓ ପୁଷ୍ପଗୁଚ୍ଛ ଦେଇ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀ ପାଇକରାୟ ନିଜ ସମର୍ଥକମାନଙ୍କ ସହ ସାଧାରଣ ଶ୍ରଦ୍ଧାଳୁଙ୍କ ଗହଣରେ ସାମିଲ ହୋଇଥିଲେ। ଏହି ଅବସରରେ ସେ କଣାସ ଓ ସତ୍ୟବାଦୀ ବ୍ଲକବାସୀଙ୍କ ସୁଖ, ଶାନ୍ତି ଏବଂ ସମୃଦ୍ଧି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅନେକ ମଣ୍ଡପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିବା ଦେଖିବାକୁ ମିଳିଥିଲା। ପୂଜା ମଣ୍ଡପଗୁଡ଼ିକରେ ନେତାଙ୍କ ଉପସ୍ଥିତି ଓ ସାଧାରଣ ଲୋକଙ୍କ ଆନନ୍ଦ-ଉତ୍ସାହ ଚଳିତ ପାର୍ବଣ ପରିବେଶକୁ ଆହୁରି ଜୀବନ୍ତ ଓ ଚଳଚଞ୍ଚଳ କରିତୋଳିଛି।ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ସୁଶିଲକାନ୍ତ ରାଉତ,ପ୍ରସନ୍ନ ପଟ୍ଟନାୟକ,ଶେଖର ବାରିକ,ସମାଜସେବୀ ଦିବେସ ମାନସିଂହ,ବଳରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଗଣପତି କ୍ଲବର ପାଲା ଉତ୍ସବ

ଅସ୍ତରଙ୍ଗ,(ସବ୍ୟୁ): ଅସ୍ତରଙ୍ଗ ବଜାର ବସ ଷ୍ଟାଣ୍ଡ ନିକଟ ରେ ଥିବା ବାବା ଗଣପତି ମନ୍ଦିର ଟ୍ରଷ୍ଟ ତରଫରୁ, ଗଣପତିଙ୍କ ପୂଜା ଉପଲକ୍ଷେ ୩୨ତମ ପୂଜା ଓ ପାଲା ଉତ୍ସବ ପାଳିତ ହୋଇ ଯାଇଛି । ପୂଜାର ପ୍ରଥମ ଦିବସ ତଥା ରବିବାର ଦିନ ଗାୟକ ଜ୍ଞାନପ୍ରିୟ କାନୁନଗୋ ପାଲା ପରିବେଷଣ କରିଥିବା ବେଳେ, ଏହି ପାଲା ତିନିଦିନ ବ୍ୟାପି ପାଳନ ହୋ ସହ ଚତୁର୍ଥ ଓ ପଞ୍ଚମ ଦିନରେ ଭଜନ ସନ୍ଧ୍ୟା। ଓ ଗୁଞ୍ଜନ ସଂଗିତାଳୟ ଦାରା ଭକ୍ତି ସଂଗୀତ ସହ, ନୃତ୍ୟ ପରିବେଷଣ ଆଦି କାର୍ଯ୍ୟକ୍ରମ ରହିଛି ବୋଲି ଅନୁଷ୍ଠାନ ସଭାପତି ରବି ନାରାୟଣ ମଲ୍ଲ ଜଣାଇଛନ୍ତି ।

# ଜଙ୍କିଆ ପଲ୍ଲୀ ଉତ୍ସବ ତୃତୀୟ ସନ୍ଧ୍ୟା ଦର୍ଶକଙ୍କ ମନ ମୋହିଲା କଟକ 'ଶ୍ରୀ କଳା ମନ୍ଦିର'ର ନୃତ୍ୟ



ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଓଁ ଶ୍ରୀ ଗ୍ରୁପ ପୂଜା କମିଟି ପକ୍ଷରୁ ବାଲିଗାଡ଼ିଆସ୍ଥିତ ବାସନ୍ତୀ ପଡ଼ିଆଠାରେ ୧୫ତମ ପଲ୍ଲୀ ଉତ୍ସବ ୨୦୨୬ର ତୃତୀୟ ସନ୍ଧ୍ୟା ଅନୁଷ୍ଠାନର ସଭାପତି ସୁନିଲ କୁମାର ନରେନ୍ଦ୍ରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ସଂଯୋଜକ ବିଶ୍ୱ ଭୂଷଣ ଛୋଟରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସନ୍ଧ୍ୟାରେ ରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଯୁବ ନେତା ମନ୍ମଥ ରାଉତରାୟ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଶୁଭମ ଦାଶ ଏବଂ ସମାଜସେବୀ ଅବନୀକାନ୍ତ ଜେନା ଯୋଗଦାନ କରିଥିଲେ। ମଞ୍ଚ ପରିଚାଳନା କମଲେଶ ମହାରଣା ଓ ଅଶ୍ୱିନୀ ମହାନ୍ତି କରିଥିଲେ।ସାଂସ୍କୃତିକ କାର୍ଯ୍ୟକ୍ରମରେ କଟକର ପ୍ରସିଦ୍ଧ ନୃତ୍ୟ ଅନୁଷ୍ଠାନ 'ଶ୍ରୀ କଳା ମନ୍ଦିର' ର କଳାକାରମାନଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ନୃତ୍ୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ପାଲଟିଥିଲା। ସେମାନଙ୍କର ଉଚ୍ଚକୋଟୀର କଳା ନୈପୁଣ୍ୟ ଓ ମନମୁଗ୍ଧକର ପରିବେଷଣ ଉପସ୍ଥିତ ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିବା ସହ ସମ୍ପୂର୍ଣ୍ଣ ପ୍ରାଙ୍ଗଣକୁ ମୁଖରିତ କରିରଖିଥିଲା। ଏହା ସହିତ କଟକର 'ମାତୃଶକ୍ତି ଡ୍ୟାନ୍ସ ଏକାଡେମୀ' ଏବଂ ଭୁବନେଶ୍ୱରର ଟୁଇକିଲ ଡ୍ୟାନ୍ସ ଏକାଡେମୀ' ର କଳାକାରମାନେ ମଧ୍ୟ ନିଜ ନିଜର ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲେ।ଉତ୍ସବ ପଡ଼ିଆରେ ଘରକରଣା ସାମଗ୍ରୀ ଓ ଖାଦ୍ୟ ଷ୍ଟଲଗୁଡ଼ିକରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ପିଣ୍ଟୁ ପାଟଲସିଂହ, ଇନ୍ଦ୍ରଜିତ୍ ମାଟି, ସୁରେନ୍ଦ୍ର ନାଥ ଜେନା, ଅରୁଣ ଶ୍ରୀଚନ୍ଦନ, କେଦାର ବଳବନ୍ତରାୟ, ସଂଗ୍ରାମ ପଟ୍ଟନାୟକ, ବର୍ଣ୍ଣି ଜେନା ଓ ରାକେଶ ଜେନା ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଧର୍ମପରାୟଣା ମହିଳାଙ୍କ ପରଲୋକ

କାକଟପୁର,(ସବ୍ୟୁ): କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ବରିଷ୍ଠ ସେବାୟତ ସ୍ୱର୍ଗତ ସାଧୁଚରଣ ଦୀକ୍ଷିତଙ୍କ ଧର୍ମପତ୍ନୀ ତଥା ଅଞ୍ଚଳର ଜଣେ ଧର୍ମପରାୟଣା ମହିଳା ସରୋଜିନୀ ଦୀକ୍ଷିତ(୮୯)ଙ୍କ କାକଟପୁରସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଦୀକ୍ଷିତ ପରିବାର ସମେତ ସମଗ୍ର ଅଞ୍ଚଳରେ ଶୋକର ପରିବେଶ ସୃଷ୍ଟି ହୋଇଛି।ତାଙ୍କ ବିୟୋଗର ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି, ରାଜନେତା, ସେବାୟତ ଓ ଶୁଭେଚ୍ଛୁ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ମା' ମଙ୍ଗଳା ମନ୍ଦିର ସେବାୟତ ନିଯୋଗର ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି କମଳ ଲୋଚନ ଦୀକ୍ଷିତ, ସମ୍ପାଦକ ପବିତ୍ର ମୋହନ ଦୀକ୍ଷିତ, ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ଅଞ୍ଜନ କୁମାର ଦୀକ୍ଷିତ, ପ୍ରଦୀପ୍ତ କୁମାର ଦୀକ୍ଷିତଙ୍କ ସମେତ ବହୁ ବନ୍ଧୁବାନ୍ଧବ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

# ଯୁବ ସମାଜସେବୀଙ୍କ ସ୍ମୃତିଚାରଣ ସଭା



ଖଣ୍ଡପଡ଼ା ,(ସବ୍ୟୁ): ଖଣ୍ଡପଡ଼ା ସହରର ଯୁବ ସମାଜସେବୀ ତଥା ଶିକ୍ଷାବିତ ସ୍ୱର୍ଗତ ବିନାୟକ ସାହୁଙ୍କ ସ୍ମୃତିଚାରଣ ଉଦ୍ଦେଶ୍ୟରେ ସାମନ୍ତ ଚନ୍ଦ୍ରଶେଖର ସ୍ମୃତିମନ୍ଦିର ଓ ପାଠାଗାର ସମ୍ମୁଖରେ ଏକ ଶ୍ରଦ୍ଧାଞ୍ଜଳି ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ବିନାୟକ ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ,ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ,ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ଶିଶୁ ସାହିତ୍ୟିକ କାଶିନାଥ ଦାସ, ଶିକ୍ଷାବିତ ଆର୍ତ୍ତତ୍ରାଣ ମିଶ୍ର,ରଶ୍ମିତା ରାଉତ ପ୍ରମୁଖ ଯୋଗଦେଇ ଯୁବ ସମାଜସେବୀଙ୍କ ସ୍ମୃତିଚାରଣ କରିଥିଲେ।ସ୍ୱର୍ଗତ ସାହୁ ଏକାଧାରାରେ ଥିଲେ ଜଣେ ସୁ ସଂଗଠକ,ଶିକ୍ଷାବିତ ଓ ସମାଜସେବୀ ବୋଲି ସ୍ମୃତିଚାରଣ ସଭାରେ ମତ ପ୍ରକାଶ ପାଇଥିଲା। ଅତିଥିମାନେ ସମାଜସେବୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।ଯୁବ ସଂଗଠକ ମହେନ୍ଦ୍ର କୁମାର ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏ ଅବସରରେ 'ସ୍ମୃତିରେ ବିନାୟକ' ଶିର୍ଷକ ଏକ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ବେଳେ ସ୍ୱର୍ଗତ ସାହୁଙ୍କ କାର୍ଯ୍ୟଶୈଳୀକୁ ନେଇ ବିଭିନ୍ନ ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା। ସ୍ମୃତିଚାରଣ ସଭାରେ ଖଣ୍ଡପଡ଼ା ସହରାଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କ ସମେତ ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ। ସନ୍ଧ୍ୟାରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

# ବରିଷ୍ଠ ସାମ୍ବାଦିକ ରଞ୍ଜନ ପଟ୍ଟନାୟକଙ୍କ ପରଲୋକ



ନିମାପଡ଼ା,(ସବ୍ୟୁ): ନିମାପଡ଼ାର ବରିଷ୍ଠ ସମ୍ବାଦିକ ରଞ୍ଜନ ପଟ୍ଟନାୟକ (ଫୁକା)ଙ୍କ ଗତ ମଙ୍ଗଳବାର ଦିନ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ପଟନାୟକ କନକ ଟିଭି, ଦୈନିକ ଖବର କାଗଜ ଧରିତ୍ରୀରେ ନିମାପଡ଼ା ପ୍ରତିନିଧି ଭାବେ କାର୍ଯ୍ୟ କରିଥିବା ବେଳେ ନିଜେ ଆଜି ପର୍ଯ୍ୟନ୍ତ ନାମକ ଏକ ସାପ୍ତାହିକ ପତ୍ରିକା ବାହାର କରି ଅନେକ ବର୍ଷ ପର୍ଯ୍ୟନ୍ତ ତାହାର ସମ୍ପାଦକ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରୀ ପଟ୍ଟନାୟକ ନିମାପଡ଼ା ପ୍ରେସ କ୍ଲବର ପୂର୍ବତନ ସଭାପତି, ନିମାପଡ଼ା ମହୋତ୍ସବ କମିଟି ଓ ହେଲ୍ଥ ଲାଇନ ର ପ୍ରତିଷ୍ଠାତା ସଭ୍ୟ ଥିଲେ । ସେ କିଡନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଆସୁଥିଲେ। ତାଙ୍କ ମୃତ୍ୟୁରେ ସାମ୍ବାଦିକ ମହଲରେ ଏକ ଅପୂରଣୀୟ କ୍ଷତି ଘଟିଛି। ନିମାପଡ଼ା ପ୍ରେସ କ୍ଲବ, ନିମାପଡ଼ା ସାଂବାଦିକ ସଂଘ, ଚାରିଛକ ପ୍ରେସ କ୍ଲବ ପକ୍ଷରୁ ତାଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଦିଆଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି ।ସାମ୍ବାଦିକ ଫୁକାଙ୍କ ପରଲୋକରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ରାଜ୍ୟ ସ୍ତରୀୟ ପସା ପ୍ରତିଯୋଗିତା

କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ବଡାସ ଗ୍ରାମର ଆରାଧ୍ୟ ଦେବୀ ମା ପଞ୍ଚମୁଖୀଙ୍କ ପୀଠ ସ୍ଥଳୀରେ ଦୁଇଦିନଧରି ଏକ ରାଜ୍ୟସ୍ତରୀୟ ପସା ଖେଳ ଉଦଯାପିତ ହୋଇଯାଇଛି। ବଡାସ ଗ୍ରାମ କମିଟିର ସଭାପତି ସୁବୋଧ କୁମାର ଦାସ ଏହି ପସା ଖେଳ ଉଦଘାଟନ କରିଥିବା ବେଳେ , ହାଡୀବନ୍ଧୁ ପାଢ଼ୀ ପସା ଖେଳର ନିୟମବଳି ବିଷୟରେ ସମସ୍ତ ତଥ୍ୟ ଖେଳାଳି ମାନଙ୍କୁ ଅବଗତ କରାଇଥିଲେ। ପୁରୀ ଜିଲ୍ଲାର ମୋଟ ବଛା ବଛା ୩୨ଟି ଦଳ ଏହି ପ୍ରତିଯୋଗିତାରେ ଯୋଗ ଦେଇଥିଲେ।

# ବିଜେଡିରେ ସାମିଲ ହେଲେ ବିଭିନ୍ନ ଦଳର କର୍ମୀ

କଣାସ, (ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକରେ ବିଜୁ ଜନତା ଦଳ (ବିଜେଡି)ର ସଂଗଠନ ଆହୁରି ମଜବୁ ହୋଇଛି। ସତ୍ୟବାଦୀର ପୂର୍ବତନ ବିଧାୟକ ଅତା ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ନେତୃତ୍ୱରେ ଆଳିବାଡ଼ ପଞ୍ଚାୟତର ବିଭିନ୍ନ ଦଳର ନେତା ଓ କର୍ମୀ ବିଜେଡିରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି।ଆଳିବାଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ହରିବନ୍ଧୁ ପଲେଇ ଏବଂ ବର୍ତ୍ତମାନର ସରପଞ୍ଚ ମଞ୍ଜୁଲତା ପ୍ରଧାନଙ୍କ ପୁତ୍ର ତାଙ୍କର ବହୁ ସହଯୋଗୀ ଓ ସମର୍ଥକଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି। ଶ୍ରୀ ସାମନ୍ତରାୟ ନୂତନ ସଦସ୍ୟମାନଙ୍କୁ ଦଳକୁ ସ୍ୱାଗତ କରିବା ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।ଏହି ଅବସରରେ ଶ୍ରୀ ସାମନ୍ତରାୟ କହିଛନ୍ତି ଯେ, ଏହି ମିଶ୍ରଣ ପର୍ବ ଦ୍ୱାରା କଣାସ ବ୍ଲକ ସମେତ ସମଗ୍ର ଅଞ୍ଚଳରେ ବିଜୁ ଜନତା ଦଳର ସଂଗଠନ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ ହେବ। ଦଳର ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଲୋକମାନେ ବିଜେଡି ସହ ଯୋଡ଼ି ହେଉଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ଦୁଇସପ୍ତାହ ଧରି ସିରିଜ ଚୋରି ପୋଲିସ ନିଦ ହଜାଇ ଦେଇଛନ୍ତି ଚୋର

ଗୋପ ,(ସବ୍ୟୁ): -ଗତ ଦୁଇ ସପ୍ତାହ ଧରି ଗୋପ ଥାନା ଅଞ୍ଚଳରେ ଲଗାତାର ମନ୍ଦିରରୁ ଚୋରି ଚାଲିଛି। ଦୁଇ ସପ୍ତାହ ମଧ୍ୟରେ ପାଞ୍ଚଟି ମନ୍ଦିର ରେ କଳା କନା ବୁଲାଇ ପୋଲିସର ନିଦ ହଜାଇ ଦେଇଛନ୍ତି ଚୋର। ମନ୍ଦିରରୁ ଚୋରି ଘଟଣାରେ ଅଗଷ୍ଟ ମାସ ୩୦ ତାରିଖରେ ୬ ଜଣ ସନ୍ଦିଗ୍ଧ ଚୋର ଗିରଫ ହେବାର ଦୁଇ ସପ୍ତାହ ଧରି ଦୃବୃତ ମାନେ ଲଗାତାର ଚୋରି କରିଚାଲିଛନ୍ତି।ତେବେ ଚୋରଙ୍କ ଟାର୍ଗେଟରେ ଗୋପ ଥାନା ଅଂଚଳରେ ଥିବା ଦେବା ଦେବୀ ମନ୍ଦିର।ମଙ୍ଗଳବାର ବିଳମ୍ବିତ ରାତିରେ ଗୋପ ଥାନା ନିକଟସ୍ଥ ବେଦପୁର ପଞ୍ଚାୟତ ୟତ ଅନ୍ତର୍ଗତ ବାବା ଦକ୍ଷିଣେଶ୍ୱରଙ୍କ ଗ୍ରୀଲ ତାଡି ଚୋରମାନେ ଠାକୁରଙ୍କର ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଆସବା ପତ୍ର ଲୁଟି ନେଇଛନ୍ତି। ସକାଳୁ ପୂଜକ ଗୋପାଳ କୃଷ୍ଣ ପାଢ଼ୀ ମନ୍ଦିର ଖୋଲିବା ପରେ ଚୋରି ହୋଇଥିବା ଜଣାପଡିଛି।ତେବେ ପୂଜକ ତଥା ବିଜେପି ନେତା ଗୋବିନ୍ଦ ଚନ୍ଦ୍ର ପାଢ଼ୀ ଗୋପ ଥାନାରେ ଅଭିଯୋଗ କରିବା ପରେ ଗୋପ ଥାନା ଶବ ଇନିସିପେକ୍ଟର ବୁଧରାୟ ମାଝୀ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।ସୂଚନା ଥାଉକି ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିଜ ନିର୍ବାଚନ ମଣ୍ଡଳୀ ରେ ଯଦି ମଠ,ମନ୍ଦିର ଏବେ ଅସୁରକ୍ଷିତ ତେବେ ସାଧାରଣ ଲୋକେ କେତେ ସୁରକ୍ଷିତ।ଯାହାକୁ ନେଇ ବୁଦ୍ଧିଜୀବ ମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଚୋରମାନେ ବାବାଙ୍କ ତ୍ରିଶୂଳ କୁ ମଧ୍ୟ ଦୃବୃ ମାନେ ନେବାକୁ ଭୁଲି ନାହାନ୍ତି। ରୁପା ଆଖି,ସହିତ ଘଣ୍ଟ, ଘଣ୍ଟି,ପିତଳ ବାସନ କୁସନ ସହିତ ବାବା ଙ୍କର ନୂଆ ବସ୍ତ୍ର ନେଇଯାଇଛନ୍ତି।ନିଶା ଖୋର ବ୍ୟକ୍ତି ଏଭଳି କାଣ୍ଡ ଭିଆଉ ଥିବା ବୁଦ୍ଧି ଯିବି ଓ ବରିଷ୍ଠ ନାଗରିକ ମାନେ କହିଛନ୍ତି।

ଏମିତିକି ଗୋପ ମେଡ଼ିକାଲ ଭିତରେ ମଦ ବିକ୍ରି ହେଉଥିବା ବେଳେ ଗୋପ ଥାନା ଜାଗା ତଥା ପରିବା ହାଟରେ ମଧ୍ୟ ଚରସ, ବ୍ରାଉନ ସୁଗର ଭଳି ମାଦକ ଦ୍ରବ୍ୟ ଖୁଲମ ଖୁଲା ଅବାଧରେ ବିକ୍ର ହେଉଛି।ଗୋପ ଥାନା ଓ କୋଣାର୍କ ଅବକାରୀ ବିଭାଗ ଅଞ୍ଚଳରେ ଗାଁ ଗାଁ ରେ ମଦ ବିକ୍ରି ହେଉଥିବା ବେଳ କୋଣାର୍କ ଅବକାରୀ ବିଭାଗ ନିରବ ଦ୍ରଷ୍ଟା ସାଜିଛି।କୋଣାର୍କ ଅବକାରୀ ବିଭାଗ ର ଜଣେ କନେଷ୍ଟବଲ ଚୋର ମଦ ବେପାରୀଙ୍କୁ ସହାୟତା କରୁଥିବା ବୁଦ୍ଧି ଜୀବୀମାନେ ଅଭିଯୋଗ କରିଛନ୍ତି।ସେହିଭଳି ଏହି କନେଷ୍ଟବଲ ଜଣଙ୍କ ଦୀର୍ଘ ବର୍ଷ ଧରି କୋଣାର୍କର ରାଜୁତି କରୁଥିବା ବେଳେ କଣ ପାଇଁ କନେଷ୍ଟବଲଙ୍କର ବଦଳି ହେଉନି ତାହା ତଦନ୍ତ ଦାବିହେଉଛି।

# ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକଙ୍କ ପରଲୋକ



ଭାପୁର/ଖଣ୍ଡପଡ଼ା (ସବ୍ୟୁ): ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ତଥା ଜଣେ ଦକ୍ଷ ସଂଗଠକ ଓ ଆଦର୍ଶ ଶିକ୍ଷକ ଭାବେ ସୁପରିଚିତ ବିଭୁପ୍ରସାଦ ସାହୁ (୫୩) ଙ୍କର ମଙ୍ଗଳବାର ବିଳମ୍ବତବିତ ରାତି ପ୍ରାୟ ୧୧ଟାରେ ହୃଦଘାତରେ ପରଲୋକ ହୋଇଯାଇଛି।ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ,ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଫତେଗଡ ଗ୍ରାମସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।ଶିକ୍ଷକ ସ୍ୱର୍ଗତ ସାହୁଙ୍କ ବିୟୋଗରେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ ସଦସ୍ୟଙ୍କ ସମେତ ଖଣ୍ଡପଡା ଓ ଭାପୁର ବ୍ଲକ ଅଞ୍ଚଳରେ କର୍ତ୍ତବ୍ୟରତ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଗଭିର ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।ପୁରୀ ସ୍ୱର୍ଗଦ୍ୱାର ଠାରେ ଆତ୍ମୀୟସ୍ୱଜନଙ୍କ ଉପସ୍ଥିତିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ଅକାଳ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଉଛି।

# 'ପ୍ରଯୁକ୍ତିବିଦ୍ୟା ସାଜିଛି ଭାରତର ଆର୍ଥିକ ସମ୍ପତ୍ତି ଓ ପ୍ରଶାସନିକ ଦକ୍ଷତା ବୃଦ୍ଧିର ପ୍ରମୁଖ ମାଧ୍ୟମ'

**ଶା**ସନ ବିଫଳତା କ୍ୱଚିତ ଉଦ୍ଦେଶ୍ୟର ଅଭାବରୁ ସୃଷ୍ଟି ହୁଏ । ଗୋଟିଏ ସବ୍‌ସିଡି (ଆର୍ଥିକ ସହାୟତା) ଯେତେ ଉଦାର ହୋଇଥିଲେ ବି ସେଥିରେ ଅନିୟମିତତା ବା ବାଟମାରଣା ହୋଇପାରେ । ଗୋଟିଏ ନିୟମ ଯେତେ ଭଲ ଉଦ୍ଦେଶ୍ୟରେ ତିଆରି ହୋଇଥିଲେ ବି ତାହା ଜଣେ ସଚ୍ଚୋଟ ଉଦ୍ୟୋଗୀଙ୍କ ମନରେ କୌଣସି ପ୍ରକ୍ରିୟାଗତ ଭୁଲ୍ ହୋଇଯିବାର ଭୟ ସୃଷ୍ଟି କରିପାରେ । ଗୋଟିଏ ଅଭିଯୋଗ ପୋର୍ଟାଲ୍ ଥାଇ ମଧ୍ୟ ଜଣେ ନାଗରିକ ନିଜର ଶୁଣାଣି ହେଉନାହିଁ ବୋଲି ଅନୁଭବ କରିପାରେ । ତେଣୁ, ଅସଲ ପ୍ରଶ୍ନ ଏହା ନୁହେଁ ଯେ ନୀତିଟି ସଦୁଦ୍ଦେଶ୍ୟ ରଖି ପ୍ରସ୍ତୁତ କରାଯାଇଥିଲା କି ନାହିଁ ବରଂ ଅସଲ ପ୍ରଶ୍ନ ହେଉଛି ସେହି ବ୍ୟବସ୍ଥା ପ୍ରକୃତରେ କିପରି ଆଚରଣ ବା ପରିଣାମ ସୃଷ୍ଟି କଲା ଏବଂ ତାହା ଆଶା କରାଯାଉଥିବା ଆଚରଣକୁ ଅଧିକ ସହଜ, ଆକଳନଯୋଗ୍ୟ ଓ ବ୍ୟାପକ ସ୍ତରରେ କାର୍ଯ୍ୟକାରୀ କରିବାକୁ ସକ୍ଷମ କଲା କି ନାହିଁ।



ରାଜୀବ ଗୌବା

ଭାରତର ଭଳି ଏକ ବିଶାଳ ଦେଶ ପାଇଁ, ଶାସନ କେବଳ କାର୍ଯ୍ୟକ୍ରମ ପରିଚାଳନା କରିବା ବିଷୟରେ ନୁହେଁ । ଏହା ଏପରି ବ୍ୟବସ୍ଥା ନିର୍ମାଣ କରିବା ବିଷୟରେ ଯାହା ଲକ୍ଷ ଲକ୍ଷ ଲୋକଙ୍କୁ ଦ୍ରୁତ, ଦକ୍ଷତା ଏବଂ ପୂର୍ବାନୁମାନଯୋଗ୍ୟତା ସହିତ ପ୍ରଦାନ କରିପାରିବ । ଏହା ନରେନ୍ଦ୍ର ମୋଦିଙ୍କ ଗୁଜରାଟରୁ କେନ୍ଦ୍ର ସରକାର ପର୍ଯ୍ୟନ୍ତ ୨୫ ବର୍ଷର ଶାସନ ଯାତ୍ରାର ମୂଳରେ ଅଛି । ବ୍ୟକ୍ତିଗତ ଯୋଜନା ପରିଚାଳନା କରିବା ଠାରୁ ଆରମ୍ଭ କରି ରାଜ୍ୟ ନାଗରିକ, ବ୍ୟବସାୟ ଏବଂ ଅଧିକାରୀଙ୍କ ସହିତ ଯୋଗାଯୋଗ କରୁଥିବା ବ୍ୟବସ୍ଥାଗୁଡ଼ିକୁ ପୁନଃନିର୍ମାଣ କରିବା ପର୍ଯ୍ୟନ୍ତ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି ।

ଏହାର ନୀତି ଅତି ସରଳ: ଉପଯୁକ୍ତ ଫଳାଫଳ ହାସଲ କରିବା, ତାହାକୁ ମାପିବା ଏବଂ ଏହାର ପରିସର ବୃଦ୍ଧି କରିବାକୁ ସହଜ କରିବା ।

ଏହି ପରିବର୍ତ୍ତନରେ ପ୍ରଯୁକ୍ତିବିଦ୍ୟା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି । ଡିଜିଟାଲ୍ ପରିଚୟ, ପ୍ରତ୍ୟକ୍ଷ ହସ୍ତାନ୍ତର, ମାନକ ପ୍ରକ୍ରିୟା, ଡ୍ୟାସବୋର୍ଡ, ରାଙ୍କିଙ୍ଗ୍, ଡିଜିଟାଲ୍ କ୍ରୟ ବ୍ୟବସ୍ଥା, ଅଭିଯୋଗ ନିବାରଣ ପ୍ଲାଟଫର୍ମ ଏବଂ ସାର୍ବଜନୀନ କାର୍ଯ୍ୟଦକ୍ଷତା ତଥ୍ୟ ଏକ ନୂତନ ଶାସନ ବ୍ୟବସ୍ଥା ସୃଷ୍ଟି କରିଛି, ଯାହା ସରକାରଙ୍କୁ ଅଭୂତପୂର୍ବ ସ୍ତର ଓ ଗତିରେ କାର୍ଯ୍ୟ କରିବାକୁ ସକ୍ଷମ କରିଛି ।

ଏହାର ଅର୍ଥନୈତିକ ପ୍ରଭାବ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ ।

ଜେଏଏମ୍ ବ୍ୟବସ୍ଥା – ଅର୍ଥାତ୍ ଜନ ଧନ, ଆଧାର ଏବଂ ମୋବାଇଲ୍ ସଂଯୋଗ – ସରକାର ଓ ନାଗରିକଙ୍କ ମଧ୍ୟରେ ଏକ ସିଧାସଳଖ ଡିଜିଟାଲ୍ ସେତୁ ସ୍ଥାପନ କରିଛି । ଡିବିଟି ବ୍ୟବସ୍ଥା ମାଧ୍ୟମରେ ହିତାଧିକାରୀଙ୍କ ଖାତାକୁ ୫୩ ଲକ୍ଷ କୋଟି ଟଙ୍କାରୁ ଅଧିକ ଅର୍ଥ ପହଞ୍ଚିପାରିଛି ସେହିପରି ନକଲି, ମୃତ ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦେବା ଫଳରେ ସରକାରୀ ରାଜକୋଷରୁ ପ୍ରାୟ ୫.୧୪ ଲକ୍ଷ କୋଟି ଟଙ୍କା ସଞ୍ଚୟ ହୋଇପାରିଛି ।

୨୦୨୫ ମସିହାର ଏକ ଆକଳନରୁ ଜଣାପଡ଼ିଛି ଯେ, ଯଦିଓ ହିତାଧିକାରୀଙ୍କ ସଂଖ୍ୟା ୧୬ ଗୁଣ ବୃଦ୍ଧି ପାଇଛି, ତଥାପି 'କଲ୍ୟାଣକାରୀ ଦକ୍ଷତା ସୂଚକାଙ୍କ'-ଅର୍ଥାତ୍ ସରକାରଙ୍କ ଦ୍ୱାରା ଖର୍ଚ୍ଚ ହେଉଥିବା ଅର୍ଥର ଯେଉଁ ଅଂଶ ପ୍ରକୃତରେ ନାଗରିକଙ୍କ ନିକଟରେ ପହଞ୍ଚିଥାଏ ତାହା ୨୦୧୪ ମସିହାର ୦.୩୨ରୁ ବୃଦ୍ଧି ପାଇ ୨୦୨୩ ରେ ୦.୯୧ ରେ ପହଞ୍ଚିଛି ।

ପିଏମ୍-କିସାନ୍ ଯୋଜନା ଅଧୀନରେ ୯.୪୯ କୋଟି କୃଷକଙ୍କ ବ୍ୟାଙ୍କ ଖାତାକୁ ୪.୪୭ ଲକ୍ଷ କୋଟି ଟଙ୍କା ପ୍ରତ୍ୟକ୍ଷ ଭାବେ ହସ୍ତାନ୍ତର କରାଯାଇଥିବା ବେଳେ ୨.୧ କୋଟି ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ସହ ୨୨,୧୦୬ କୋଟି ଟଙ୍କାର ଆନୁମାନିକ ସଞ୍ଚୟ ହୋଇଥିବା କୁହାଯାଇଛି । ଖାଦ୍ୟ ବଣ୍ଟନ ବ୍ୟବସ୍ଥାରେ ୫.୦୩ କୋଟିରୁ ଅଧିକ ନକଲି, ଜାଲି କିମ୍ବା ଅସ୍ତିତ୍ୱହୀନ ରାସନ୍ କାର୍ଡ ବାଦ ଦିଆଯାଇଛି । ଏଥିସହ ପ୍ରତିମାସ ୮୦ କୋଟି ଲୋକଙ୍କୁ ମାଗଣା ଖାଦ୍ୟଶସ୍ୟ ପ୍ରଦାନ କରାଯାଉଛି, ଯାହାକୁ ମୁଦ୍ରାସ୍ଫୀତି ସହ ସଂଯୁକ୍ତ ଏକ ବିଶିଷ୍ଟ ସାର୍ବଜନୀନ ମୌଳିକ ଆୟ ସହାୟତା ବ୍ୟବସ୍ଥା ଅଟେ ।

ଉଦ୍ଦେଶ୍ୟ କେବଳ ଅନିୟମିତତାକୁ ରୋକିବା ନୁହେଁଛ କଲ୍ୟାଣମୂଳକ ସେବାକୁ ଅଧିକ ଲକ୍ଷ୍ୟଭିତ୍ତିକ, ଦକ୍ଷ ଓ ବ୍ୟାପକ କରିବା ହେଉଛି ଏହାର ଲକ୍ଷ୍ୟ ।

ପ୍ରଧାନମନ୍ତ୍ରୀ ମୋଦିଙ୍କ 'ଜନ ଭାଗିଦାରୀ' ନୀତି ଦ୍ୱାରା ପ୍ରେରିତ ହୋଇ ନାଗରିକମାନେ ମଧ୍ୟ କ୍ରମେ ଶାସନର ସହଭାଗୀ ହୋଇଛନ୍ତି । 'ଗିଭ୍ ଇଟ୍ ଅପ୍' ଅଭିଯାନ ମାଧ୍ୟମରେ ପରିବାରଗୁଡ଼ିକୁ ସ୍ୱଇଚ୍ଛାରେ ଏଲପିଜି ସବସିଡି ଛାଡ଼ିବାକୁ ଉତ୍ସାହିତ କରାଯାଇଥିଲା । ୧.୧୩ କୋଟିରୁ ଅଧିକ ଉପଭୋକ୍ତା ଏଥିରେ ସାମିଲ ହୋଇଥିବା ବେଳେ ୪.୧୫ କୋଟି ନକଲି, ଜାଲି, ଅସ୍ତିତ୍ୱହୀନ କିମ୍ବା ନିଷ୍କ୍ରିୟ ଏଲପିଜି ସଂଯୋଗ ବାଦ ଦିଆଯାଇଥିଲା ।

ଏହା ଦର୍ଶାଏ ଯେ ନୀତି କେବଳ ନିୟମ ମାଧ୍ୟମରେ ନୁହେଁ, ବରଂ ବିଶ୍ୱାସ, ସ୍ୱଚ୍ଛତା ଓ ନାଗରିକଙ୍କ ଅଂଶଗ୍ରହଣ ମାଧ୍ୟମରେ ମଧ୍ୟ କାର୍ଯ୍ୟକାରୀ ହୋଇପାରେ ।

ଏହି ସମାନ ଦର୍ଶନ ଆର୍ଥିକ ନିୟନ୍ତ୍ରଣ କ୍ଷେତ୍ରରେ ମଧ୍ୟ ପ୍ରତିଫଳିତ ହୋଇଛି । ଜଣେ ଉଦ୍ୟୋଗୀ ପାଇଁ, ନିୟମ ସମୟ ସମୟରେ ଅଧିକ ଜଟିଳ ହୋଇପାରେ । ଏହା ସମୟ, ଧ୍ୟାନ, ଅନିଶ୍ଚିତତା ଏବଂ କେତେକ ସମୟରେ ଆତ୍ମବିଶ୍ୱାସ ନଷ୍ଟ କରେ । ଅତ୍ୟଧିକ ଅପରାଧୀକରଣ ତେଣୁ ଉତ୍ପାଦନଶୀଳ ଅନୁପାଳନ ପରିବର୍ତ୍ତେ ପ୍ରତିରକ୍ଷାମୂଳକ ଆଚରଣକୁ ଉତ୍ସାହିତ କରିପାରେ।

'ଜନ ବିଶ୍ୱାସ' ସଂସ୍କାରଗୁଡ଼ିକ ସିଧାସଳଖ ଏହି ସମସ୍ୟାର ସମାଧାନ କରେ । ୨୦୨୩ ମସିହାର 'ଜନ ବିଶ୍ୱାସ ଆଇନ୍' ୪୨ଟି କେନ୍ଦ୍ରୀୟ ଆଇନ୍ ଅଧୀନରେ ଥିବା ୧୮୩ଟି ବ୍ୟବସ୍ଥାକୁ ଅପରାଧିକ ଶ୍ରେଣୀରୁ ବାଦ୍ ଦେଇଥିଲା । ୨୦୨୬ର ଆଇନ୍ ଏ ଦିଗରେ ଆହୁରି ବଡ଼ ପଦକ୍ଷେପ ନେଇଥିଲା । ଏହା ୨୩ ଟି ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ୭୯ଟି କେନ୍ଦ୍ରୀୟ ଆଇନର ୭୮୪ଟି ବ୍ୟବସ୍ଥାରେ ସଂଶୋଧନ କରିଥିଲା ଯାହା ମଧ୍ୟରେ ୭୧୭ଟି ବ୍ୟବସ୍ଥା ଓ ୧୦୦୦ରୁ ଅଧିକ ଅପରାଧକୁ ଅପରାଧିକ ଶ୍ରେଣୀରୁ ବାଦ୍ ଦିଆଯାଇଥିଲା ଏବଂ ଜୀବନଯାପନକୁ ସହଜ କରିବା ପାଇଁ ୬୭ଟି ବ୍ୟବସ୍ଥାରେ ସଂଶୋଧନ କରାଯାଇଥିଲା । ଏହି ଆଇନ୍ ୨୦୨୬ ମସିହା ଅପ୍ରେଲ ମାସରେ କାର୍ଯ୍ୟକାରୀ ହୋଇଥିଲା ।

ନିୟାମକ ଅନୁପାଳନ ଭାର ହ୍ରାସ କରିବା ପଦକ୍ଷେପ ପଛରେ ମଧ୍ୟ ସମାନ ଚିନ୍ତାଧାରା ରହିଛି । ନଭେମ୍ବର ୨୦୨୫ ସୁଦ୍ଧା ୪୭,୦୦୦ରୁ ଅଧିକ ଅନୁପାଳନ ଆବଶ୍ୟକତାକୁ ହ୍ରାସ କରାଯାଇଥିଲା। ଯେଉଁଥିରେ ୧୬,୧୦୮ଟିକୁ ସରଳୀକୃତ, ୨୨,୨୮୭ଟିକୁ ଡିଜିଟାଲ୍କରଣ, ୪,୪୫୮ଟିକୁ ଅପରାଧିକ ଶ୍ରେଣୀରୁ ବାଦ୍ ଏବଂ ୪,୨୭୦ଟି ଅନାବଶ୍ୟକ ଅନୁପାଳନକୁ ହଟାଇ ଦିଆଯାଇଥିଲା ।

ବ୍ୟକ୍ତିଗତ ଭାବରେ, ପ୍ରତ୍ୟେକ ହ୍ରାସ ଛୋଟ ଦେଖାଯାଇପାରେ । ଲକ୍ଷ ଲକ୍ଷ ଫାର୍ମ ଏବଂ ନାଗରିକଙ୍କ ମଧ୍ୟରେ, ସେହି ଛୋଟ ହ୍ରାସ ଏକ ଆର୍ଥିକ ଲାଭ ପ୍ରଦାନ କରିଥାଏ । ସାର୍ବଜନୀନ କ୍ରୟରେ ସମାନ ନୀତି ଦୃଶ୍ୟମାନ । ଜିଇଏମ୍ ସମ୍ପର୍କ-ଚାଳିତ କ୍ରୟରୁ ଏକ ଅଧିକ ସ୍ୱଚ୍ଛ ଡିଜିଟାଲ୍ ବଜାରରେ ପରିବର୍ତ୍ତନ କରେ ଯେଉଁଠାରେ କ୍ରେତାମାନେ ଯୋଗାଣକାରୀଙ୍କୁ ତୁଳନା କରିପାରିବେ ଏବଂ ବିକ୍ରେତାମାନେ ସରକାରୀ ଚାହିଦା ଦେଖିପାରିବେ।

୩୦ ଜୁଲାଇ ୨୦୨୬ ସୁଦ୍ଧା, ଜିଇଏମ୍ ରେ ୧୧.୭୫ ଲକ୍ଷ ଏମଏସଏମଇ, ୩୭,୭୫୮ ଷ୍ଟାର୍ଟଅପ୍ ଏବଂ ୨.୧୭ ଲକ୍ଷ ମହିଳା ଉଦ୍ୟୋଗୀ ପଞ୍ଜୀକୃତ ହୋଇଥିଲେଛ ପ୍ଲାଟଫର୍ମ ମାଧ୍ୟମରେ ଏମଏସଏମଇ କ୍ରୟ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୩୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା ।

ଏହି ସଂଖ୍ୟାଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ କାରଣ ସରକାରୀ ଚାହିଦା ପ୍ରତି ପ୍ରବେଶ ନିଜେ ଏକ ଶିଳ୍ପ ନୀତି ଉପକରଣ ହୋଇପାରେ । ଏକ ଛୋଟ ଫାର୍ମ ଯାହା ସାଧାରଣ ଚାହିଦାକୁ ଦେଖିପାରେ ଏବଂ ପ୍ରତିଦ୍ୱନ୍ଦ୍ୱିତା କରିପାରେ ତାହାର କ୍ଷମତା, ଗୁଣବତ୍ତା ଏବଂ ସ୍କେଲରେ ନିବେଶ କରିବାର ଏକ ଦୃଢ଼ କାରଣ ରହିଛି ।

କାର୍ଯ୍ୟଦକ୍ଷତା ମଧ୍ୟ କ୍ରମଶଃ ମାପଯୋଗ୍ୟ ହେଉଛି ।

୨୦୨୬ ମସିହାରେ, ସିପିଜିଆରଏଏମଏସ୍ ମାଧ୍ୟମରେ ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଧାରିତ ସମୟସୀମାକୁ ୩୦ ଦିନରୁ ୨୧ ଦିନକୁ ହ୍ରାସ କରାଯାଇଥିଲା । ୨୦୨୬ ମସିହା ଜାନୁଆରୀ ୧ ରୁ ଜୁଲାଇ ୧୫ ମଧ୍ୟରେ, ଏହି ପ୍ଲାଟଫର୍ମରେ ୧୫.୨୧ ଲକ୍ଷ ଅଭିଯୋଗ ଗ୍ରହଣ କରାଯାଇଥିଲା ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ତଥା ବିଭାଗଗୁଡ଼ିକ ପାଇଁ ଏହାର ସମାଧାନର ହାରାହାରି ସମୟ ୧୩ ଦିନ ରହିଥିଲା ।

ଏହାର ମୂଳ ନୀତି ଅତ୍ୟନ୍ତ ସରଳ: ଯାହାକୁ ମାପ କରାଯାଇପାରିବ ତାହାର ପରିଚାଳନା କରାଯାଇ ପାରିବ ଏବଂ ଯାହାକୁ ଦେଖାଯାଇପାରିବ ତାହାର ଉନ୍ନତି କରାଯାଇପାରିବ । ଶାସନ ବ୍ୟବସ୍ଥାରେ କରାଯାଇଥିବା ଏହା ଏକ ଗଭୀର ପରିବର୍ତ୍ତନ।।

ସିଧାସଳଖ ସହାୟତା ପାଉଥିବା ଜଣେ ଚାଷୀ ଅଧିକ ନିଶ୍ଚିତତା ସହ ଯୋଜନା ପ୍ରସ୍ତୁତ କରିପାରିବେ । ଅନାବଶ୍ୟକ ନିୟମକାନୁନର ସାମ୍ନା କମ୍ କରୁଥିବା ଜଣେ ଉଦ୍ୟୋଗୀ ନିଜ ବ୍ୟବସାୟ ଗଢ଼ିବା ଉପରେ ଧ୍ୟାନ ଦେଇପାରିବେ । ସରକାରୀ ଚାହିଦା ସହ ସଂଯୁକ୍ତ ହୋଇପାରୁଥିବା ଏକ ଏମଏସଏମଇ (କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ) ନିଜର କ୍ଷମତା ବୃଦ୍ଧି ଦିଗରେ ନିବେଶ କରିପାରିବ । ନିଜ ଅଭିଯୋଗର ସ୍ଥିତି ଜାଣିପାରୁଥିବା ଜଣେ ନାଗରିକଙ୍କର ବ୍ୟବସ୍ଥା ପ୍ରତି ଅଧିକ ବିଶ୍ୱାସ ରହିଥାଏ ।

ପ୍ରତ୍ୟେକ କ୍ଷେତ୍ରରେ, ଶାସନ ଗ୍ରହଣକାରୀଙ୍କ ଆଚରଣ ପରିବର୍ତ୍ତନ କରେ ଏବଂ ଯେତେବେଳେ ସେହି ପରିବର୍ତ୍ତନ ଲକ୍ଷ ଲକ୍ଷ ନାଗରିକ, ଉଦ୍ୟୋଗ ଏବଂ ଅଧିକାରୀଙ୍କ ମଧ୍ୟରେ ଘଟେ, ଏହା ଏକ ଆର୍ଥିକ ଲାଭାଂଶ ସୃଷ୍ଟି କରେ ।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଶାସନ ଶୈଳୀ ଯେଉଁ ଗଭୀର ପରିବର୍ତ୍ତନ ଆଣିଛି, ତାହା ହେଉଛି ରାଷ୍ଟ୍ର, ନାଗରିକ, ଉଦ୍ୟୋଗୀ ଏବଂ ଅଧିକାରୀଙ୍କ ମଧ୍ୟରେ ଏକ ସୁଚିନ୍ତିତ ସମନ୍ୱୟ ବ୍ୟବସ୍ଥାର ସୃଷ୍ଟି-ଯାହା ନାଗରିକଙ୍କ ପ୍ରତି ଥିବା ବିଶ୍ୱାସ ବା 'ଜନ ବିଶ୍ୱାସ' ଉପରେ ଆଧାରିତଛ ପ୍ରଧାନମନ୍ତ୍ରୀ ମୋଦୀ 'ବିକଶିତ ଭାରତ' ପାଇଁ ଏହି ଶାସନ ମଡେଲ୍କୁ ହିଁ ନିର୍ଦ୍ଧାରିତ କରିଛନ୍ତି ।

ଭାରତର ବିଶାଳ ଆକାରକୁ ଥରେ ମୁଖ୍ୟତଃ ଏକ ପ୍ରଶାସନିକ ଚ୍ୟାଲେଞ୍ଜ ଭାବରେ ଦେଖାଯାଉଥିଲା । ତଥାପି, ଉଦୀୟମାନ ଶାସନ ଢାଞ୍ଚା ଏକ ଭିନ୍ନ ସମ୍ଭାବନା ଉପସ୍ଥାପନ କରୁଛି: ଯେତେବେଳେ ସେବା, ବଜାର ଏବଂ ସୁଯୋଗଗୁଡ଼ିକ ସହଭାଗୀ ଡିଜିଟାଲ୍ ଏବଂ ସଂସ୍ଥାଗତ ବ୍ୟବସ୍ଥା ମାଧ୍ୟମରେ ଦକ୍ଷ ଭାବରେ ଲୋକଙ୍କ ପାଖରେ ପହଞ୍ଚିବ ସେତେବେଳେ ପରିମାଣର ସୁବିଧାଗୁଡ଼ିକୁ ବ୍ୟବହାର କରାଯାଇପାରିବ । ଭାରତର ପ୍ରଗତିର ପରବର୍ତ୍ତୀ ପର୍ଯ୍ୟାୟ ପୁଞ୍ଜି, ଭିତ୍ତିଭୂମି, ଦକ୍ଷତା, ପ୍ରଯୁକ୍ତିବିଦ୍ୟା ଏବଂ ଉଦ୍ୟୋଗ ଉପରେ ନିର୍ଭର କରିବ । ତଥାପି, ଏହା ଶାସନ ହିଁ ନିର୍ଣ୍ଣୟ କରେ ଯେ ଏହି କାରକଗୁଡ଼ିକ କେତେ ଦକ୍ଷତାର ସହିତ ଏକତ୍ର କାର୍ଯ୍ୟ କରନ୍ତି ।

ସେଥିପାଇଁ ମୋଦିଙ୍କ ଶାସନ ମଡେଲ୍ ଆଉ କେବଳ ଏକ ପ୍ରଶାସନିକ କାର୍ଯ୍ୟ ହୋଇ ରହିନାହିଁ । ଏହା ଏକ ଆର୍ଥିକ ସମ୍ପଦରେ ପରିଣତ ହେଉଛି ଏବଂ ଏକ ବିକଶିତ ଅର୍ଥନୀତି ଆଡ଼କୁ ଭାରତର ଯାତ୍ରାକୁ ବ୍ୟାପକ କରିବାରେ ଦେଶର ଏକ ପ୍ରମୁଖ ପ୍ରତିଯୋଗିତାମୂଳକ ସୁଯୋଗ ହୋଇପାରେ ।

(ଲେଖକ ନୀତି ଆୟୋଗର ସଦସ୍ୟ ଏବଂ ଭାରତ ସରକାରଙ୍କ ପୂର୍ବତନ କ୍ୟାବିନେଟ୍ ସଚିବ)

# ସମ୍ପାଦକୀୟ



## ୭୬ ବର୍ଷରେ ମୋଦିଜୀ

'ଭାରତରେ କିଏ ନୂତନ ପ୍ରଧାନମନ୍ତ୍ରୀ ହେବେ, ସେ ବିଷୟରେ ଭାରତୀୟମାନଙ୍କ ମଧ୍ୟରେ ଅନିଶ୍ଚିତତା ଲାଗି ରହିଥିଲେ ହେଁ, ବିଜେପିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନରେନ୍ଦ୍ର ମୋଦି କସ୍ମିନ କାଳେ ଭାରତର ପ୍ରଧାନମନ୍ତ୍ରୀ ହୋଇ ପାରିବେ ନାହିଁ ବୋଲି କଂଗ୍ରେସ ଦଳ ପକ୍ଷରୁ ବାରମ୍ବାର ପ୍ରଚାର ଚାଲିଛି । ଏପରିକି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଶ୍ରୀ ମମତା ବାନାର୍ଜୀ ମୋଦିଙ୍କ ବିରୋଧରେ ମନ୍ତବ୍ୟ ଦେଇ କହିଛନ୍ତି ଯେ ଜଣେ ସାଂପ୍ରଦାୟିକ ବ୍ୟକ୍ତି ଭାରତରେ କେବେହେଲେ ପ୍ରଧାନମନ୍ତ୍ରୀ ହୋଇ ପାରିବେ ନାହିଁ । ଅପରପକ୍ଷରେ ନିଖିଳ ଭାରତ କଂଗ୍ରେସ କମିଟିର ଉପାଧ୍ୟକ୍ଷ ରାହୁଲ ଗାନ୍ଧିଙ୍କୁ କଂଗ୍ରେସ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବୋଲି ବିଜ୍ଞାପିତ କରାଯାଇ ନଥିଲେ ହେଁ, ତାଙ୍କଛଡା ଆଉ କୌଣସି ବ୍ୟକ୍ତି ପ୍ରଧାନମନ୍ତ୍ରୀ ହେବେ ନାହିଁ ବୋଲି ପରୋକ୍ଷରେ ପ୍ରଚାର କରାଯାଉଛି ।...' (ଭାରତୀୟ ଗଣତନ୍ତ୍ର ଓ ନୂତନ ପ୍ରଧାନମନ୍ତ୍ରୀ, ଗୁରୁବାର, ମେ ୧୫ (୨୦୧୪) ପୃଷ୍ଠା ୬ରେ ଗୋଟିଏ ଦୈନିକ ଓଡ଼ିଆ ସମ୍ବାଦପତ୍ରର ସମ୍ପାଦକୀୟ ପୃଷ୍ଠାରେ ଏ ଲେଖକର ଲେଖା ଆରମ୍ଭରୁ କିୟଂଦଶ) । ଉଲ୍ଲେଖନୀୟ ଯେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦିଜୀ ଗତ ୨୬ ମେ (୨୦୧୪)ରେ ଶପଥ ଗ୍ରହଣ କରିଥିଲେ । ସେ ଶପଥ ନେବାର ପ୍ରାୟ ଦଶଦିନ ପୂର୍ବରୁ ଏ ଲେଖାରେ ଯାହା ପ୍ରକାଶ ପାଇଥିଲା, ତାହାକୁ ଭାରତର ସଚେତନ ପାଠକମାନେ ପଢ଼ି ଏହା ଠିକ୍ ବୋଲି ଭାବି ପାରିଥିବେ ।

ମୋଦିଜୀ ପ୍ରଧାନମନ୍ତ୍ରୀ ନ ହୁଅନ୍ତୁ ବୋଲି କଂଗ୍ରେସ ଦଳ କେବଳ ନୁହେଁ, ତୃଣମୂଳ କଂଗ୍ରେସ ଦଳ ମଧ୍ୟ ଚାହୁଁଥିଲା ବୋଲି ଏହି ଲେଖାରେ ଏ ଲେଖକ ପ୍ରତିପାଦିତ କରିଥିଲା । ମୋଦିଜୀ ପ୍ରଧାନମନ୍ତ୍ରୀ ଭାବେ ବାରବର୍ଷ କାଳ କ୍ଷମତାସୀନ ହୋଇଛନ୍ତି । ମୋଦିଜୀଙ୍କୁ ମୂଳରୁ ବିରୋଧ କରି ଆସୁଥିବା କଂଗ୍ରେସ ଦଳ ବା ରାହୁଲ ଗାନ୍ଧି ବିଗତ ବାର ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ହୋଇ ପାରି ନାହାନ୍ତି । ଏଥିପାଇଁ ସେ ଦାୟୀ ନା ତାଙ୍କର କଂଗ୍ରେସ ଦଳ ଦାୟୀ ? ଏ ବିଷୟରେ ବିରୋଧୀ ଦଳର ନେତା ଭାବେ ରାହୁଲ ଗାନ୍ଧି ନିଜକୁ ନିଜେ ସମୀକ୍ଷା କରିବା ଆବଶ୍ୟକ ।

**ମୋଦିଜୀ ପ୍ରଧାନମନ୍ତ୍ରୀ ନ ହୁଅନ୍ତୁ ବୋଲି କଂଗ୍ରେସ ଦଳ କେବଳ ନୁହେଁ, ତୃଣମୂଳ କଂଗ୍ରେସ ଦଳ ମଧ୍ୟ ଚାହୁଁଥିଲା ବୋଲି ଏହି ଲେଖାରେ ଏ ଲେଖକ ପ୍ରତିପାଦିତ କରିଥିଲା । ମୋଦିଜୀ ପ୍ରଧାନମନ୍ତ୍ରୀ ଭାବେ ବାରବର୍ଷ କାଳ କ୍ଷମତାସୀନ ହୋଇଛନ୍ତି । ମୋଦିଜୀଙ୍କୁ ମୂଳରୁ ବିରୋଧ କରି ଆସୁଥିବା କଂଗ୍ରେସ ଦଳ ବା ରାହୁଲ ଗାନ୍ଧି ବିଗତ ବାର ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ହୋଇ ପାରି ନାହାନ୍ତି । ଏଥିପାଇଁ ସେ ଦାୟୀ ନା ତାଙ୍କର କଂଗ୍ରେସ ଦଳ ଦାୟୀ ? ଏ ବିଷୟରେ ବିରୋଧୀ ଦଳର ନେତା ଭାବେ ରାହୁଲ ଗାନ୍ଧି ନିଜକୁ ନିଜେ ସମୀକ୍ଷା କରିବା ଆବଶ୍ୟକ ।**

ସେହିପରି ତୃଣମୂଳ କଂଗ୍ରେସ ନେତ୍ରୀ ସୁଶ୍ରୀ ମମତା ବାନାର୍ଜୀ ଏବେ ରାଜନୀତିରୁ ସନ୍ୟାସ ନେବା ପରି ଅବସ୍ଥାରେ ରହିଛନ୍ତି । ବିଜେପି ଓ ମୋଦିଜୀଙ୍କୁ ବିରୋଧ କରି ଶେଷରେ ସେ ଓ ତାଙ୍କର ଦଳ ପଶ୍ଚିମବଙ୍ଗରେ ଧରାଶାୟୀ ହୋଇଛନ୍ତି । ଜଣେ ସାଂପ୍ରଦାୟିକ ବ୍ୟକ୍ତି ଭାବେ ମୋଦିଜୀ କେବେହେଲ ପ୍ରଧାନମନ୍ତ୍ରୀ ହୋଇ ପାରିବେ ନାହିଁ ବୋଲି କହୁଥିବା ମମତା ବାନାର୍ଜୀଙ୍କ ବକ୍ତବ୍ୟ ଭୁଲ ବୋଲି ପ୍ରମାଣିତ ହୋଇଛି । ଏପରିକି ମୋଦିଜୀଙ୍କ ବାର ବର୍ଷର ପ୍ରଧାନମନ୍ତ୍ରିତ୍ୱ କାଳରେ ଭାରତରେ କୌଣସିଠାରେ ସାଂପ୍ରଦାୟିକ ଦଙ୍ଗା ହଙ୍ଗାମା ହୋଇନାହିଁ ।

ମୋଦିଜୀ ୨୦୦୧ରୁ ୨୦୧୪ ପର୍ଯ୍ୟନ୍ତ ଦୀର୍ଘ ତେର ବର୍ଷ କାଳ ଗୁଜରାଟର ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଥିଲେ । ଏହା ପରେ ସେ ଭାରତର ପ୍ରଧାନମନ୍ତ୍ରୀ ମଧ୍ୟ ହେଲେ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱକାଳ ସେ ଏକାଦିକ୍ରମେ କ୍ଷମତାସୀନ ରହି ଅନ୍ୟମାନଙ୍କର ରେକର୍ଡ ଭାଙ୍ଗି ଏକ ନୂତନ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି । ସେ ୨୫ ବର୍ଷରୁ ଅଧିକ କାଳ କ୍ଷମତାସୀନ ହୋଇଥିଲେ ହେଁ କେବେ ସେ ଛୁଟି ନେଇଥିବା ଛୁଟିରେ ଭ୍ରମଣ କରି ମଉଜ ମଜଲିସ କରି ଥିବାର ଦୃଷ୍ଟାନ୍ତ ମଧ୍ୟ ନାହିଁ । ତେଣୁ ରାଜନୀତିକ ସ୍ତରରେ ତାଙ୍କୁ ସହଜରେ ବଦନାମ କରିହେବ ନାହିଁ । ଗୁଜରାଟର ଭଦନଗରଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଜନ୍ମଗ୍ରହଣ କରି ସେଠାରେ ବଢ଼ିଥିଲେ । ସେ ମାଧ୍ୟମିକ ସ୍କୁଲରେ ସେଠାରେ ପଢ଼ିବା ସମୟରେ ଆଠ ବର୍ଷ ବୟସରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘରେ ମିଶିଥିଲେ । ୧୯୭୧ରେ ସେ ସଂଘର ପୂର୍ଣ୍ଣକାଳୀନ କର୍ମୀ ଭାବେ ରହିଥିଲେ । ଏହା ପରେ ସଂଘରୁ ତାଙ୍କୁ ୧୯୮୫ରେ ଭାରତୀୟ ଜନତା ପାର୍ଟିକୁ ପଠା ଯାଇଥିଲା । ସେବେଠାରୁ ସେ ନିରବଚ୍ଛିନ୍ନ ଭାବେ ବିଜେପିରେ କାର୍ଯ୍ୟ କରି ମୁଖ୍ୟମନ୍ତ୍ରୀ ଓ ଭାରତର ପ୍ରଧାନମନ୍ତ୍ରୀ ଭାବେ ସାରା ଭାରତରେ ସୁନାମ ଅର୍ଜନ କରିଛନ୍ତି । ଏବେ ତାଙ୍କର ପ୍ରଶଂସା କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ।

ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଶୁଭଦୃଷ୍ଟି ରହିଛି । ସେ ଦୀର୍ଘ ଚବିଶ ବର୍ଷର ଆଞ୍ଚଳିକ ଶାସନକୁ ବଦଳାଇ ଏଠାରେ ଜଣେ ସଚ୍ଚୋଟ ଆଦିବାସୀ ଯୁବକ ମୋହନଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କରାଇଛନ୍ତି । ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର ଉନ୍ନତି ପାଇଁ କେନ୍ଦ୍ର ସରକାର କାର୍ଯ୍ୟ କରି ଆସୁଛନ୍ତି । ତେବେ ଓଡ଼ିଶା ଆହୁରି ବିକଶିତ ହେଉ, ଆହୁରି ଆଗକୁ ଯାଉ, ଏଥିପାଇଁ ତାଙ୍କର ଚେଷ୍ଟା ଜାରି ରହୁ । ତାଙ୍କର ଦୀର୍ଘ ଓ ନିରାମୟ ଜୀବନ ପାଇଁ ଶ୍ରୀଜଗନ୍ନାଥଙ୍କଠାରେ ଆମର ପ୍ରାର୍ଥନା ।

**(ଡଃ ଗୁରୁକଲ୍ୟାଣ ମହାପାତ୍ର)**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିକାଶ, ସ୍ୱାଭିମାନ ଓ ଭାରତୀୟତାର ପ୍ରତୀକ : ନରେନ୍ଦ୍ର ମୋଦି



**ମୋହନ ଚରଣ ମାଝୀ**
**ମୁଖ୍ୟମନ୍ତ୍ରୀ, ଓଡ଼ିଶା**

ଆଜି ହେଉଛି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଜନ୍ମ ଦିବସ । ତାଙ୍କର ସାରା ଜୀବନ ଦେଶ ସେବା ଓ ସମାଜରେ ପରିବର୍ତ୍ତନ ଆଣିବା ଦିଗରେ ସମର୍ପିତ । ତେଣୁ, ତାଙ୍କର ଏହି ଜନ୍ମ ଦିବସକୁ 'ସେବା ସଂକଳ୍ପ' ଭାବେ ଏକ ମାସ ବ୍ୟାପୀ ପାଳନ କରାଯିବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ କେବଳ ଜଣେ ରାଜନେତାଙ୍କ ଜୀବନର ଉତ୍ସବ ନୁହେଁ, ବରଂ ଗତ ଦଶନ୍ଧି ମଧ୍ୟରେ ଭାରତର ଆତ୍ମବିଶ୍ୱାସ, ଆକାଂକ୍ଷା ଏବଂ ବିକାଶ ଦିଗକୁ ଆକାର ଦେଇଥିବା ପରିବର୍ତ୍ତନ ଉପରେ ପ୍ରତିଫଳନ କରିବାର ଏକ ସୁଯୋଗ ।

ଆଧୁନିକ ଭାରତ, ବିଶେଷ ଭାବେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଇତିହାସ ଯେତେବେଳେ ବି ଲେଖାହେବ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର କାଳଖଣ୍ଡ ବିଶେଷ ରୂପରେ ରେଖାଙ୍କିତ ହେବ । କାରଣ ଗତ ୨୦୧୪ ମସିହା ପରବର୍ତ୍ତୀ ଭାରତରେ ରାଷ୍ଟ୍ର ଗଠନ ପାଇଁ ଯେଉଁ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳୁଛି ତାହା ଦେଶକୁ ବ୍ରିଟିଶ ଶାସକଙ୍କ ଦାଉରୁ ଦେଶକୁ ମୁକ୍ତି କରିବା ପାଇଁ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଖାଯାଇଥିଲା, ଏହା ଅତ୍ୟୁକ୍ତି ନୁହେଁ, କାରଣ ସ୍ୱାଧୀନତାର ପ୍ରଥମ ପଚାଶ ଦଶକରେ ଅଭିବୃଦ୍ଧି ଏତେ କମ ଥିଲା ଯେ ପାଶ୍ଚାତ୍ୟ ଅର୍ଥଶାସ୍ତ୍ରୀମାନେ ଅପମାନ ସୂଚକ 'ହିନ୍ଦୁ ଅଭିବୃଦ୍ଧି' କହୁଥିଲେ । ଭାରତ ପରି ବିଶାଳ ଦେଶରେ ଅଭିବୃଦ୍ଧି କମ୍ ରହୁଥିବାରୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ଦେଶ ମୁକୁଳିପାରି ନ ଥିଲା ।

କିନ୍ତୁ, ୨୦୧୪ ମସିହାରେ ଦେଶର ରାଜନୈତିକ ମାନଚିତ୍ର ଯେ ବଦଳି ଥିଲା, ତାହା ନୁହେଁ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନୀତି ଦେଶର ବିକାଶକୁ ଏକ ନୂତନ ଦଶା ଓ ଦିଶା ପ୍ରଦାନ କରିଥିଲା । ଜୁଲାଇ ୨୦୧୬ରେ ନୀତି ଆୟୋଗର ୧୫ ବର୍ଷୀୟ ଭିଜନ ଡକ୍ୟୁମେଣ୍ଟର ଉନ୍ମୋଚନ ସମୟରେ ପ୍ରଧାନମନ୍ତ୍ରୀ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ନୀତିକୁ ଲୋକଲୋଚନକୁ ଆଣିଥିଲେ । ଏହି ନୀତି ଅନୁସାରେ ଭାରତ ଆଉ ତାଳିପକା ବିକାଶ ଦିଗରେ ଚାଲି ପାରିବ ନାହିଁ । ଦେଶକୁ ବିକଶିତ କରିବାକୁ ହେଲେ ଦେଶର ନୀତିରେ 'ରୂପାନ୍ତରିତ ପରିବର୍ତ୍ତନ'କୁ ଆଦୃତ କରିବାକୁ ହେବ, ଯାହାର ମୂଳଦୁଆ ହେଉଛି, 'ଗତି, ରୂପାନ୍ତରଣ ଓ ଉତ୍ତରଦାୟୀତା।' (Speed,Transformation Accountability) । ଏହି ପରିବର୍ତ୍ତିତ ନୀତି ଓ ନୂତନ ସଂକଳ୍ପ ସହିତ ଆରମ୍ଭ ହେଲା ନୂତନ ରାଷ୍ଟ୍ର ଗଠନର ମହାଯଜ୍ଞ ।

ବର୍ତ୍ତମାନ ମାନନୀୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ବାର ବର୍ଷରୁ କିଛି ଅଧିକ ସମୟ ଅତିବାହିତ ହୋଇଛି । ଏହି ସମୟ ମଧ୍ୟରେ ଅନେକ ଆଭ୍ୟନ୍ତରୀଣ ତଥା ଆନ୍ତର୍ଜାତିକ ସମସ୍ୟା ଦେଶ ସମ୍ମୁଖରେ ଉପନୀତ ହୋଇଛି । ଯେପରିକି ରୁଷିଆ-ୟୁକ୍ରେନ ଯୁଦ୍ଧ, ବର୍ତ୍ତମାନ ଚାଲୁଥିବା ମଧ୍ୟପ୍ରାଚ୍ୟରେ ଯୁଦ୍ଧ । ଆଭ୍ୟନ୍ତରୀଣ କ୍ଷେତ୍ରରେ ଚଳିତ ଶତାବ୍ଦୀର ସବୁଠାରୁ ବଡ ସଙ୍କଟ କୋଭିଡ ତଥା ଦେଶ ଗତ ପଚାଶ ଦଶନ୍ଧି ଧରି ପ୍ରଭାବିତ ହୋଇଥିବା ନକ୍ସଲବାଦ ଓ ମାଓବାଦୀ ହିଂସା । କିନ୍ତୁ, ଏହି ପ୍ରତ୍ୟେକଟି ସମସ୍ୟାର ସମ୍ମୁଖୀନ ହୋଇ ଦେଶକୁ ଦୃଢ, ସ୍ଥିର ରଖି ବିକାଶର ଗତିକୁ ବଜାୟ ରଖିବା କୌଣସି ଚମତ୍କାରରୁ କମ ନୁହେଁ । ଏହାର ସଦ୍ୟତମ ପ୍ରମାଣ ହେଉଛି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ଅଭିବୃଦ୍ଧି ହାର ୭.୮ ପ୍ରତିଶତ ଥିଲା । ଯେତେବେଳେ ସମଗ୍ର ବିଶ୍ୱ ନିଜ ଅର୍ଥନୀତି ମଙ୍ଗ ସଳଖିବା ପାଇଁ ସଂଗ୍ରାମ କରୁଛନ୍ତି, ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧି ହାସଲ କରିଥିବା ବୃହତ ଅର୍ଥନୀତି ଭାବେ ଉଭା ହୋଇଛି ଯାହା କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତି ଓ ସୁପରିଚାଳନା ପାଇଁ ସମ୍ଭବ ହୋଇ ପାରିଛି ।

ଏହି ଦଶ ବର୍ଷରେ ମାନନୀୟ ପ୍ରଧାନମନ୍ତ୍ରୀ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ' ମନ୍ତ୍ରରେ ଭାରତକୁ ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରିଣତ କରିବା ପାଇଁ ରୋଡମ୍ୟାପ ପ୍ରସ୍ତୁତ କରି ଅଗ୍ରସର ହେଉଛନ୍ତି । ଏହି ବାର ବର୍ଷରେ ମୋଦିଜୀଙ୍କର ଉପଲବ୍ଧିର ତାଲିକା ବହୁତ ଲମ୍ବା । ଏହି ସଫଳତା ମଧ୍ୟରେ ୨୫ କୋଟି ଭାରତୀୟଙ୍କୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ମୁକ୍ତ କରିବା ଏକ ମାପଦଣ୍ଡ । ସ୍ୱଚ୍ଛ ଭାରତ, ଉଜ୍ଜ୍ୱଳା ଯୋଜନା, ପିଏମ କିଷାନ, ଆୟୁଷ୍ମାନ ଭାରତ, ନୂତନ ଶିକ୍ଷାନୀତି, ମେକ ଇନ ଇଣ୍ଡିଆ, ନାରୀ ଶକ୍ତି ବନ୍ଦନ ଅଧିନିୟମ, ୟୁପିଆଇ, ଜିଏସଟି, ଖେଲୋ ଇଣ୍ଡିଆ ପରି ଯୁଗାନ୍ତକାରୀ ନୀତି ଓ କାର୍ଯ୍ୟକ୍ରମ ଫଳରେ ଦେଶର ପ୍ରତ୍ୟେକ ବର୍ଗଙ୍କ ଜୀବନଶୈଳୀ ସୁଲଳିତ ଓ ସ୍ୱାଚ୍ଛନ୍ଦ୍ୟ ହୋଇପାରିଛି ।



ମାନନୀୟ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡ଼ିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି । ଗତ ଜୁନ, ୨୦୨୪ରେ ରାଜ୍ୟରେ ଏକ ନୂତନ ସରକାର ଆସିବା ଏହି ଭୂମିକାକୁ ସାର୍ଥକ କରିବାରେ ନିଶ୍ଚିତ ଭାବେ ସହାୟକ ହେବ । ଦୀର୍ଘଦିନ ଧରି ଓଡ଼ିଶାର ପ୍ରାକୃତିକ ପ୍ରାଚୁର୍ଯ୍ୟ, ଯେପରିକି ଖଣିଜ ଦ୍ରବ୍ୟ, ସୁଦୀର୍ଘ ତଟ, ପାଣି, ଜଳ, ଜଙ୍ଗଲର ସଦୁପଯୋଗ ହୋଇପାରି ନ ଥିଲା । ଏହି କାରଣରୁ ରାଜ୍ୟର ପ୍ରକୃତ ସାମର୍ଥ୍ୟର ସୁଫଳ ଏହାର ଜନସାଧାରଣ ପାଇ ପାରି ନ ଥିଲେ । କିନ୍ତୁ, ଗତ ଦୁଇ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ଓଡ଼ିଶାରେ ଏକ ପ୍ରକାର ଦ୍ୱିତୀୟ ଶିଳ୍ପ ବିପ୍ଳବ ଚାଲିଛି । ମାତ୍ର ଦୁଇ ବର୍ଷରେ ଓଡିଶା ପାଇଁ ୨୨ ଲକ୍ଷ କୋଟି ଟଙ୍କାରୁ ବି ଅଧିକ ନିବେଶ ସମ୍ଭାବନା ସୃଷ୍ଟି ହୋଇଛି ଯାହା ମଧ୍ୟରୁ ତିନି ଲକ୍ଷ କୋଟି ଟଙ୍କାରୁ ବି ଅଧିକ ବ୍ୟୟରେ ୧୫୪ ଗୋଟି ଶିଳ୍ପର ଉଦ୍‌ଘାଟନ କିମ୍ବା ଗ୍ରାଉଣ୍ଡ ବ୍ରେକିଙ୍ଗ କରାଯାଇଛି । ଆଗାମୀ ଦିନରେ ରାଜ୍ୟରେ ଅତି କମରେ ୧୭ ଲକ୍ଷ ନୂଆ ରୋଜଗାର ସୃଷ୍ଟି ହେବାକୁ ଯାଉଛି । ଏହା ସମ୍ଭବ ହୋଇଥିଲା ମୋଦୀଜୀଙ୍କର ଗୋଟିଏ ଆହ୍ୱାନ ଓଡ଼ିଶାରେ ନିବେଶ ପାଇଁ 'ୟେହି ସମୟ ହୈ, ସହି ସମୟ ହୈ' ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ବିକାଶ ଦୃଷ୍ଟିକୋଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ ଏହା ବିକାଶ ଏବଂ ମର୍ଯ୍ୟାଦାକୁ ପରସ୍ପରଠାରୁ ପୃଥକ ବୋଲି ବିବେଚନା କରେ ନାହିଁ । ତାଙ୍କ ମତରେ ଦେଶର ବିକାଶର ଫଳ ଯେପରି ସମାଜର ଶେଷ ପାହାଚରେ ଥିବା ବ୍ୟକ୍ତି ପାଖରେ ପହଞ୍ଚି ପାରିବ ।

ତେଣୁ, ପ୍ରଧାନମନ୍ତ୍ରୀ ସବୁବେଳେ ଚାରି ବର୍ଗ ବିଶେଷ ଭାବେ 'ମହିଳା, ଗରିବ, ଅନ୍ନଦାତା ଓ ଯୁବା'ଙ୍କ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି । ପୂର୍ବ ବ୍ୟବସ୍ଥା ଅନୁସାରେ ଏମାନେ କେବଳ ଲାଭାର୍ଥୀ ଭାବେ ପରିଗଣିତ ହେଉଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନୂତନ ଶାସନ ପଦ୍ଧତିରେ ତାଙ୍କୁ 'ବିକାଶ ଯାତ୍ରାରେ ଅଂଶୀଦାର' ଭାବେ ଗୁରୁତ୍ୱ ଦିଆଯାଏ । ଏହି ଚିନ୍ତନର ପ୍ରତିଛବି ହେଉଛନ୍ତି ଦେଶର ପ୍ରଥମ ନାଗରିକ ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ଯିଏ କି ସାଧାରଣ ଜନଜାତି ଭାବେ ଯାତ୍ରା ଆରମ୍ଭ କରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ଅଳଙ୍କୃତ କରି ପାରିଛନ୍ତି ।

ଏକ ଆଦିବାସୀ ପରିବାରରେ ଜନ୍ମ ହୋଇ ବ୍ୟକ୍ତିଗତ ଭାବରେ ଏହି ଭାବନାକୁ ମୁଁ ହୃଦୟଙ୍ଗମ କରେ । କେନ୍ଦୁଝରର ଏକ ଅଖ୍ୟାତ ପଲ୍ଲୀରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ପର୍ଯ୍ୟନ୍ତ ମୋର ଯାତ୍ରା ପ୍ରମାଣ କରେ ଯେ ଲୋକତନ୍ତ୍ରରେ ସର୍ବୋତ୍ତମ ସମ୍ଭାବନା ସୁଯୋଗ ସୃଷ୍ଟି କରିପାରେ । ନୂତନ ଭାରତ ଏହି ବାର୍ତ୍ତା ପ୍ରଦାନ କରେ ଯେ 'ଜନ୍ମ' ଜଣେ ବ୍ୟକ୍ତିକୁ ସୀମିତ କରେ ନାହିଁ । କଠିନ ପରିଶ୍ରମ, ସେବା, ସଚ୍ଚୋଟତା ଏବଂ ସୁଯୋଗ ସେମାନଙ୍କୁ ଅଧିକ ଦାୟିତ୍ୱରେ ପହଞ୍ଚାଇ ପାରେ ।

ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ଦୃଷ୍ଟିକୋଣ ଏହି ବ୍ୟାପକ ଜାତୀୟ ଦୃଷ୍ଟିକୋଣର ଏକ ଅଂଶ । ଭାରତର ବିକାଶ ସେତେବେଳେ ସନ୍ତୁଳିତ ହୋଇପାରିବ ଯେତେବେଳେ ପୂର୍ବ ଭାରତ ଏହାର ପୂର୍ଣ୍ଣ ସମ୍ଭାବନାକୁ ଆଗକୁ ବଢ଼େଇ ପାରିବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଓଡ଼ିଶା ଏହି ପରିବର୍ତ୍ତନରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ ।

ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ବିଶ୍ୱ ମହତ୍ତ୍ୱାକାଂକ୍ଷା ଏବଂ ତୃଣମୂଳ ସମ୍ବେଦନଶୀଳତାର ସନ୍ତୁଳନ । ଆଜି, ଭାରତ ବିଶ୍ୱର ପ୍ରମୁଖ ମଞ୍ଚଗୁଡ଼ିକରେ ଆତ୍ମବିଶ୍ୱାସର ସହିତ କଥା ହେଉଛି ଯାହାର ସଦ୍ୟତମ ପ୍ରମାଣ ହେଉଛି ନିକଟରେ ସମାପ୍ତ ହୋଇଥିବା ବ୍ରିକ୍ସ ୨୦୨୬ ର ଆୟୋଜନ । ଅନ୍ତର୍ଜାତୀୟ ସମ୍ପର୍କ, ଆର୍ଥିକ ସହଯୋଗ ଏବଂ ବିଶ୍ୱ ନୀତି ଆଲୋଚନାରେ ଭାରତର ଭୂମିକା ପୂର୍ବ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇଛି । କିନ୍ତୁ ଏହି ବିଶ୍ୱ ପ୍ରତିଛବି ସହିତ ସମାନ୍ତରାଳ ଭାବରେ, ପ୍ରଧାନମନ୍ତ୍ରୀ ସାଧାରଣ ନାଗରିକଙ୍କ ସହିତ ସିଧାସଳଖ ଆଲୋଚନା ମଧ୍ୟ ବଜାୟ ରଖିଛନ୍ତି ।

**ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ବିଶ୍ୱ ମହତ୍ତ୍ୱାକାଂକ୍ଷା ଏବଂ ତୃଣମୂଳ ସମ୍ବେଦନଶୀଳତାର ସନ୍ତୁଳନ । ଆଜି, ଭାରତ ବିଶ୍ୱର ପ୍ରମୁଖ ମଞ୍ଚଗୁଡ଼ିକରେ ଆତ୍ମବିଶ୍ୱାସର ସହିତ କଥା ହେଉଛି ଯାହାର ସଦ୍ୟତମ ପ୍ରମାଣ ହେଉଛି ନିକଟରେ ସମାପ୍ତ ହୋଇଥିବା ବ୍ରିକ୍ସ ୨୦୨୬ ର ଆୟୋଜନ । ଅନ୍ତର୍ଜାତୀୟ ସମ୍ପର୍କ, ଆର୍ଥିକ ସହଯୋଗ ଏବଂ ବିଶ୍ୱ ନୀତି ଆଲୋଚନାରେ ଭାରତର ଭୂମିକା ପୂର୍ବ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇଛି । କିନ୍ତୁ ଏହି ବିଶ୍ୱ ପ୍ରତିଛବି ସହିତ ସମାନ୍ତରାଳ ଭାବରେ, ପ୍ରଧାନମନ୍ତ୍ରୀ ସାଧାରଣ ନାଗରିକଙ୍କ ସହିତ ସିଧାସଳଖ ଆଲୋଚନା ମଧ୍ୟ ବଜାୟ ରଖିଛନ୍ତି ।**

ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ରାଜ୍ୟ ଶାସନ ପଦ୍ଧତିକୁ ବିଶେଷ ଭାବେ ପ୍ରଭାବିତ କରିଛି । ଦେଶରେ ଦ୍ରୁତ ଶିଳ୍ପାୟନ ସହିତ ସମାଜର ଆର୍ଥିକ ଓ ସାମାଜିକ ସ୍ତରରେ ଦୁର୍ବଳ ବର୍ଗଙ୍କ ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ଓ ଯୋଜନା ପ୍ରଣୟନ କରୁଛନ୍ତି ।

ସେଥିମଧ୍ୟରୁ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, କନ୍ୟା ସୁମଙ୍ଗଳ ଯୋଜନା, ଲକ୍ଷପତି ଦିଦି ଯୋଜନା, ଶିକ୍ଷା ପାଇଁ ନୂଆ ଶିକ୍ଷା ନୀତି, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, କେଜିରୁ ପିଜି ନିଃଶୁଳ୍କ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ନଦାତାଙ୍କ ପାଇଁ କୃଷକ ସମୃଦ୍ଧି ଯୋଜନା ଓ ସି ଏମ କିଷାନ ଯୋଜନା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ କଲ୍ୟାଣକାରୀ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରାଜ୍ୟର ଗରିବଙ୍କ ପାଇଁ ଉତ୍ସର୍ଗୀକୃତ । ସବୁଠାରୁ ଉଲ୍ଲେଖନୀୟ ବିଷୟ ଯେ ଏହି ଯୋଜନା କେବଳ ଘୋଷାଣରେ ସୀମାବଦ୍ଧ ହୋଇ ରହିନାହିଁ, ଏହା ଯେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ତାହାଙ୍କ ପାଖରେ ପହଞ୍ଚୁଛି ।

ଅନେକ ସମୟରେ ବିଭିନ୍ନ ମହଲରେ ଆଲୋଚନା ହୁଏ ଯେ ଡବଲ ଇଞ୍ଜିନ ପରେ ଓଡ଼ିଶା ପାଇଲା କ'ଣ ? ଏହାର ଏକ ଲମ୍ବା ତାଲିକା ଅଛି । ସଂକ୍ଷେପରେ କହିଲେ ଡବଲ ଇଞ୍ଜିନ ସରକାରଙ୍କ ସୁଫଳ ସ୍ୱରୂପ ଓଡ଼ିଶାକୁ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ, ୪୦ ହଜାର କୋଟି ଟଙ୍କାର ସଡ଼କ ପ୍ରକଳ୍ପ, ୨୫ ହଜାର କୋଟିର ବନ୍ଦର ପ୍ରକଳ୍ପ ଏବଂ ୨୫ ହଜାର କୋଟି ଟଙ୍କା ବ୍ୟୟରେ ଜାହାଜ ନିର୍ମାଣ ଓ ମରାମତି ପ୍ରକଳ୍ପ, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର, କୋଷ୍ଟାଲ ହାଇୱେ ଆଦି ବିଶାଳ ଭିତ୍ତିଭୂମି ଯୋଗାଇ ଦିଆଯାଇଛି ।

ଓଡ଼ିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦିଜୀ କେବେ ହେଲେ କାର୍ପଣ୍ୟ ପ୍ରଦର୍ଶନ କରି ନାହାନ୍ତି । ଯେତେବେଳେ ରାଜ୍ୟରେ ବିରୋଧୀ ଦଳର ସରକାର ଥିଲା, ସେତେବେଳେ ମଧ୍ୟ ରାଜ୍ୟର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେତେବେଳେ ଯାହା ସହାୟତା ଦାବି କରଯାଇଥିଲା, ସବୁ ଶ୍ରୀ ମୋଦିଜୀ ଯୋଗାଇ ଦେଇଥିଲେ । ସେ କୋଭିଡ ମହାମାରୀ ପାଇଁ ସହାୟତା ହେଉ କି ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରୀୟ ସହାୟତା ହେଉ । ଏହି ଉଦାରତା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କୁ ରାଜନେତା ଠାରୁ 'ରାଷ୍ଟ୍ରନେତା' ଭାବେ ଗଢି ତୋଳିଛି ।

ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ରଗଠନ ଲକ୍ଷ୍ୟରେ ଆଉ ଏକ ମହତ୍ତ୍ୱ ପୂର୍ଣ୍ଣ ଦିଗ ହେଉଛି 'ବିକାଶ ଭି, ବିରାସତ ଭି' । ଶ୍ରୀ ମୋଦିଜୀଙ୍କର ନେତୃତ୍ୱ ଓ ପୃଷ୍ଠପୋଷକତାରେ ଦେଶରେ 'ସାଂସ୍କୃତିକ ରାଷ୍ଟ୍ରବାଦ'ର ଏକ ନୂତନ ସ୍ରୋତ ପ୍ରବାହିତ ହେଉଛି, ଯାହା ଆଗରୁ କେବେ ଦେଖାଯାଇ ନ ଥିଲା । ଆଜି ପ୍ରତ୍ୟେକ ଭାରତୀୟ ଆମର ହଜାର ହଜାର ବର୍ଷର ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ଅନୁସାରେ ଆମ ସରକାର ବି ଓଡ଼ିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଛନ୍ତି । ଗତ ଦୁଇ ବର୍ଷରେ ରାଜ୍ୟ ସରକାର ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରା, ବିଶେଷ ଭାବେ ଜଗନ୍ନାଥ ସଂସ୍କୃତିକୁ ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ପରିଚିତ କରିବା ପାଇଁ ଅନେକ କାର୍ଯ୍ୟ କରିଛନ୍ତି ଓ ଆଗକୁ ଜାରି ରହିବ ।

ଭାରତ ଆଜି ଏପରି ଏକ ସମୟରେ ଅଛି ଯେତେବେଳେ ଆକାଂକ୍ଷା ଏବଂ ସମ୍ଭାବନା ଏକାଠି ଆଗକୁ ବଢୁଛି । ଓଡ଼ିଶା ଏହି ଯାତ୍ରାରେ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ଚାହୁଁଛି, କେବଳ ଏକ ଅଂଶୀଦାର ନୁହେଁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମୋର ଜନ୍ମଦିନର ଶୁଭେଚ୍ଛା କେବଳ ଆନୁଷ୍ଠାନିକ ନୁହେଁ । ତାଙ୍କ ପ୍ରତି ସବୁଠାରୁ ଅର୍ଥପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ହେବ ଏକ ବିକଶିତ, ଆତ୍ମନିର୍ଭରଶୀଳ, ଆତ୍ମବିଶ୍ୱାସୀ ଏବଂ ଅନ୍ତର୍ଭୁକ୍ତିବାଦୀ ରାଷ୍ଟ୍ର ଭାବରେ ପରିକଳ୍ପିତ ଭାରତ ଗଠନରେ ଆମର କାର୍ଯ୍ୟ ମାଧ୍ୟମରେ ଯୋଗଦାନ ଦେବା ।

ଓଡ଼ିଶା ଏହି ଜାତୀୟ ସଂକଳ୍ପ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ । ଏକ ବିକଶିତ ଓଡ଼ିଶାରୁ ଏକ ବିକଶିତ ଭାରତ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଆମର ସବୁଠାରୁ ସାର୍ଥକ ଇଚ୍ଛା ଏବଂ ଯଥାର୍ଥ ପ୍ରତିବଦ୍ଧତା ।

# ଭୟ



**ଦିଲୀପ ରାଜ ବେହେରା**

ଭୟ ଅସୁରକ୍ଷା, ଅସହାୟ ଏବଂ ହତାଶାର ସମନ୍ୱିତ ଭାବ । ଏହା ଆତ୍ମବିଶ୍ୱାସହୀନତା ଓ ମାନସିକ ଦୁର୍ବଳତା । ଭୟ ନିଜକୁ ସଂକୋଚନ ଏବଂ ସୀମିତ କରି ଅନ୍ୟଠାରୁ ଦୂରତା ନିର୍ମାଣ କରିବା,ଅଜଣା ପରିସ୍ଥିତି ଏବଂ ବିପଦର ଆଶଙ୍କା ସୃଷ୍ଟି କରେ । ଅଜ୍ଞାନତା ଏବଂ ଅନିଶ୍ଚିତତା ଏହାର କାରଣ ହୋଇଥାଏ ।

ଧନ, ସମ୍ପର୍କ, ପ୍ରତିଷ୍ଠା, ସୁବିଧା କିମ୍ବା ନିଜ ଅସ୍ତିତ୍ୱ ହରାଇବାର ଆଶଙ୍କା ମନରେ ଭୟ ସୃଷ୍ଟି କରେ । ପୂର୍ବରୁ ଘଟିଥିବା ଦୁଃଖଦ ଘଟଣାର ସ୍ମୃତି ଭବିଷ୍ୟତ ପ୍ରତି ଭୟ ସୃଷ୍ଟି କରେ । ବାସ୍ତବ ବିପଦଠାରୁ ମନର କଳ୍ପିତ ବିପଦ ଅଧିକ ଭୟ ସୃଷ୍ଟି କରେ ।

ଆତ୍ମବିଶ୍ୱାସର ଅଭାବ କାର୍ଯ୍ୟ କ୍ଷେତ୍ରରେ ସହଜରେ ଭୟଭୀତ କରେ । ଅଧିକ ମୋହ ଏବଂ ଆସକ୍ତି ଅଧିକ ଭୟଭୀତ କରିଥାଏ । ନିଜର ପରିଚୟ, ମାନ ସମ୍ମାନ ରକ୍ଷା କରିବାର ଚେଷ୍ଟା ଭୟକୁ ଜନ୍ମ ଦିଏ । ଭୟ ଦ୍ୱାରା ପ୍ରାଣଶକ୍ତି କ୍ଷୟ ହୋଇଥାଏ । ଭୟ ଆତ୍ମବିଶ୍ୱାସକୁ ଦୋହଲାଇ ଦିଏ । ଭୟ ମନର ଏକ ସ୍ୱାଭାବିକ ପ୍ରବୃତ୍ତି । ଭୟରେ ଶରୀର ଶକ୍ତିହୀନ ଏବଂ ମନ ଭାରସମ୍ୟ ହରାଏ ।

ମନରେ ଭୟର ପ୍ରତିକ୍ରିୟା ସୃଷ୍ଟି ହୁଏ । ସବୁ କାର୍ଯ୍ୟରେ ନକାରତ୍ମକ ଏବଂ ବିରୋଧାଭାଷ ନିର୍ମାଣ କରେ । ଭୟ ଦ୍ୱାରା ଇଛା ଶକ୍ତି ଓ ସଂକଳ୍ପ ଶକ୍ତି କମି ଯାଏ । ଏହାଦ୍ୱାରା ମାନସିକ ଦୁର୍ବଳତା ସୃଷ୍ଟି ହୁଏ । ଭୟ ନିଜ ମଧ୍ୟରେ ହେୟ ଭାବ ଜାଗ୍ରତ କରେ । ହୀନମନ୍ୟତା ସୃଷ୍ଟି କରି ନିକୃଷ୍ଟ ଭାବନାକୁ ପ୍ରଶ୍ରୟ ଦିଏ ।

ଭୟ ଆଜିକାଲି ସାମାଜିକ ଜୀବନକୁ ଗ୍ରାସ କରିବା ପରି ମନେ ହୁଏ । ଭୟ ଦେଖାଇ ଶାନ୍ତି ସ୍ଥାପନ ଚାହୁଁଛୁ । ଏହା ବୃଥା ପ୍ରଚେଷ୍ଟା ମାତ୍ର । ଭୟ କେବଳ ସମସ୍ତ ଅଶାନ୍ତର କାରଣ । ପରିବାରରେ ପିଲାଙ୍କୁ ମଣିଷ କରିବା ଆଳରେ ଭୟ ଦେଖାଉ । ରାସ୍ତାରେ ପୋଲିସ ଲାଲ ଆଖି ଦେଖାଏ । ଭୟଭୀତ କରି ସାହିରେ ଗୁଣ୍ଡା ବଦମାସ, ନେତା ରାଜୁତି କରନ୍ତି । ଚାକିରିରେ ଭୟ ଦେଖାଇ ଉପରିସ୍ଥ ଅଧିକାର ଅନୈତିକ କାର୍ଯ୍ୟ କରାନ୍ତି । ଧନ ଭୟ, ନିନ୍ଦା ଭୟ, ରୋଗ ଭୟ,କାଳ୍ପନିକ ଭୟ ଏବଂ ଭୟରୁ ଭୟ ଆଦି ସବୁଠି ଭୟର ହୁକୁମାତୀ, ଶାସନ । ଘରେ ଚୋର ଭୟ, ରାସ୍ତାରେ ଦୁର୍ଘଟଣା ଭୟ । ସମ୍ପର୍କରେ ଅପମାନର ଭୟ, ପ୍ରେମ ଓ ସମ୍ମାନ ନ ପାଇବାର ଭୟ, ସ୍ୱାମୀ ସ୍ତ୍ରୀଙ୍କ ଅଧିକାର ଭୟ, ପୁତ୍ର କନ୍ୟାଙ୍କ ସ୍ନେହ ଓ ପ୍ରେମ ହଜିଯିବାର ଭୟ ।

ଭୟ ଆତ୍ମଘାତୀ ଦୁର୍ବଳତା, ଏହା ଜୀବନକୁ ନିପତିତ କରାଏ । ନିର୍ଭୟତା ଆଧ୍ୟାତ୍ମିକ ବିକାଶ ପାଇଁ ଅପରିହାର୍ଯ୍ୟ । ଆମ ସମାଜରେ ଭୟର ଛାୟା ବିସ୍ତାରିତ ଓ ପ୍ରେରିତ ହୋଇଛି । ଭୟ ଦ୍ୱାରା ଆମେ ଯେଉଁ ନୀତି ନିୟମ ପାଳନ ପାଇଁ ଅନ୍ୟକୁ ବିବଶ କରୁ, ଏହାଦ୍ୱାରା ଭୀରୁ ଅଧିକ ଭୀରୁ ହୋଇଯାଏ ଏବଂ ନିର୍ଭୀକ ଅଧିକ ନିର୍ଭୀକ ହୋଇ କୁକର୍ମ କରିଥାଏ ।

ସାମାଜିକ ରୀତି ନୀତିକୁ ଭୟଭୀତ ହୋଇ ବାଧ୍ୟ ବାଧକତାରେ ଗ୍ରହଣ କରି ନେବାଦ୍ୱାରା ଭଲ ଲୋକଙ୍କ ମୁହଁରୁ ହସ ଲିଭିଯାଏ । ନିଜ ମନରେ ସେମାନେ ଅପରାଧ ବୋଧର ଶିକାର ହୁଅନ୍ତି । ଭୀରୁ ବ୍ୟକ୍ତି ଜୀବନ୍ତ ଶବ ପାଲଟି ଯାଏ ।

ଅପରପକ୍ଷରେ ଅହଂକାରଗ୍ରସ୍ତ ଦୁଃସାହସୀ ହୁଏ ଏବଂ ପ୍ରତିକ୍ରିୟାଶୀଳ ହୋଇ ସଂସ୍କାରହୀନ ଓ ଅତ୍ୟାଚାରୀ ହୁଏ । ଭୟ ମଣିଷ ଚରିତ୍ରକୁ ବଦଳାଇ ପାରେ ନାହିଁ, କେବଳ କିଛି ସମୟ ପାଇଁ ଏହାକୁ ଚପାଇ ରଖେ । ପୁଣି ସୁଯୋଗ ପାଇଲେ ପୁରୁଣା ରୁଗ୍ଣ ଚରିତ୍ର ବାହାରି ଆସେ । ଭୟକୁ ଅଧିକ ଚାପି ରଖିଥିବା ବ୍ୟକ୍ତି, ଅନ୍ୟକୁ ଅଧିକ ଗାଳିଗୁଲଜ ଓ ଅସଭ୍ୟ ଭାଷାର ବ୍ୟବହାର କରିବା ଦେଖାଯାଏ । ଭୟାର୍ତ୍ତ ଅଧିକ ନିଷ୍ଠୁର ଓ ମିଥ୍ୟାବାଦୀ ହୁଏ ।

ସବୁଠାରୁ ଜୀବନର ବଡ଼ ଭୟ, ମୃତ୍ୟୁର ଭୟ । ଭୟର ଆତଙ୍କକୁ ପ୍ରେମର ଅମୃତ ଧାରାରେ ରୂପାନ୍ତରିତ କରିବାକୁ ହେବ । ସେହି ପ୍ରେମର ଉତ୍ସ ଆତ୍ମ ଚିନ୍ତନ ଓ ଧ୍ୟାନରୁ ମିଳି ପାରିବ । ଭୟ ଦ୍ୱାରା କାହାକୁ ଧାର୍ମିକ କରାଯାଇ ପାରିବ ନାହିଁ । କାରଣ ଭୟ ଅଧର୍ମର ମୂଳ ମଞ୍ଜି । ଧାର୍ମିକ ଭାବନା ନିର୍ମାଣ ପାଇଁ ଆମକୁ ନରକ ଆଦିର ଭୟ ଦେଖାଇ ଧର୍ମଭୀରୁ କରାଯାଏ ।

ଭୟ ଏକ ପାପ, ତାହାକୁ ପୁଣ୍ୟ ନିର୍ମାଣ ପାଇଁ ସମାଜରେ ବ୍ୟବହାର କରାଯାଏ । ତେଣୁ ଏଭଳି ସମାଜ ନିର୍ମାଣ ହୁଏ ଯେଉଁଠି, ସାଧୁ ସନ୍ଥ ଭୟଭୀତ ଏବଂ ଦୁଷ୍ଟ ବଦମାସ ନିର୍ଭୀକ ପୁରୁଷ ହୋଇଥାନ୍ତି । ପ୍ରେମ ଓ ସହାବସ୍ଥାନ ଦ୍ୱାରା ପରିବାର, ସମାଜ ଓ ରାଷ୍ଟ୍ର ନିର୍ମାଣ ସୁନ୍ଦର ହେବ ।

ପ୍ରେମ ହିଁ ଭୟର ବିକଳ୍ପ । ପ୍ରେମର ବିସ୍ତାର ମନକୁ ଭୟ ଶୂନ୍ୟ କରିବାରେ ସାମର୍ଥ୍ୟ ଯୋଗାଇବ । ଆତ୍ମଚିନ୍ତନ, ଆତ୍ମପ୍ରତ୍ୟୟ ଏବଂ ଆତ୍ମଦର୍ଶନ ହିଁ ଭୟକୁ ନିଃଶେଷ କରିବ ।

ଅଜ୍ଞାନରୁ ଜ୍ଞାନକୁ, ଅନିଶ୍ଚିତତାରୁ ସ୍ୱୀକୃତିକୁ ଏବଂ ଦୁର୍ବଳତାରୁ ଆତ୍ମବିଶ୍ୱାସକୁ ଯାତ୍ରା ଭୟ ମୁକ୍ତିର ପଥ । ବାସ୍ତବତାକୁ ଗ୍ରହଣ କରିବା ଏବଂ ଅନିଶ୍ଚିତତାକୁ ସ୍ୱୀକାର କରିବା ଭୟକୁ ହ୍ରାସ କରେ । ଅତ୍ୟଧିକ ଚିନ୍ତାଶୀଳ ବ୍ୟକ୍ତି ସହଜରେ ଭୟର ଆଶଙ୍କାରେ ଅଧିକ ପୀଡିତ ହୁଅନ୍ତି । ଅତୀତର ସ୍ମୃତି ଓ ଭବିଷ୍ୟତର କଳ୍ପନା ଛାଡ଼ି ବର୍ତ୍ତମାନକୁ ସଚେତନ ଭାବେ ରଖାଯାଇ ପାରିଲେ ମନରେ ଶାନ୍ତ ଏବଂ ସ୍ଥିରତା ଆସିବ । ଭୟକୁ ଦମନ କରିବା ନୁହେଁ, ଭୟକୁ ବୁଝିବା ହିଁ ତାହାର ନିରାକରଣର ହେବ । ଆତ୍ମଜ୍ଞାନ ମୃତ୍ୟୁ ଭୟକୁ ଦୂର କରିବାରେ ସମର୍ଥ ହୁଏ ।

**ଖଣ୍ଡଗିରି ଏନ୍‌କ୍ଲେଭ, ଭୁବନେଶ୍ୱର**
**ମୋ-୭୭୩୫୩୪୮୬୬୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭାରତୀୟ...

ରାଜିନାମାର ବ୍ୟବସ୍ଥାକୁ ସମ୍ମାନ କରିବା ଆବଶ୍ୟକ ବୋଲି ପାକିସ୍ତାନୀ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ ପାକିସ୍ତାନୀ କୂଟନୀତିଜ୍ଞଙ୍କୁ କୁହାଯାଇଛି ।

ଏହାସହ ଭାରତର ଏହି ବାର୍ତ୍ତା ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ପର୍ଯ୍ୟନ୍ତ ପହଞ୍ଚାଇବାକୁ ମଧ୍ୟ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଇସଲାମାବାଦରେ ଥିବା ଭାରତୀୟ କୂଟନୀତିଜ୍ଞଙ୍କୁ ମଧ୍ୟ ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ନିକଟରେ ସମାନ ଭାବେ ପ୍ରତିବାଦ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ପାକିସ୍ତାନୀ କୂଟନୀତିଜ୍ଞଙ୍କୁ ବୈଦେଶିକ ମନ୍ତ୍ରଣାଳୟର ଜନପଥ କାର୍ଯ୍ୟାଳୟକୁ ତଲବ କରାଯାଇଥିଲା । ସେଠାରେ ସେ ପ୍ରାୟ ୩୦ ମିନିଟ୍ ରହିଥିବା ଜଣାପଡ଼ିଛି ।

ସୂତ୍ର ଅନୁଯାୟୀ, ସେପ୍ଟେମ୍ବର ୧୫ ସନ୍ଧ୍ୟାରେ ଉତ୍ତର ଆରବ ସାଗରରେ ନିୟମିତ ନିରୀକ୍ଷଣ ଅଭିଯାନରେ ଥିବା ଭାରତୀୟ ନୌସେନାର ଏକ ଅଗ୍ରଣୀ ଯୁଦ୍ଧଜାହାଜ ନିକଟକୁ ଏକ ପାକିସ୍ତାନୀ ଜାହାଜ ଆସିଥିଲା । ଓମାନର ପ୍ରାୟ ୨୨୦ କିଲୋମିଟର ପୂର୍ବରେ ପାକିସ୍ତାନୀ ଜାହାଜଟି ଭାରତୀୟ ଜାହାଜ ନିକଟ ଦେଇ ଯାଇଥିଲା । ସୂତ୍ରଙ୍କ କହିବା ଅନୁଯାୟୀ, ପାକିସ୍ତାନୀ ଜାହାଜଟି ଅଧିକ ବେଗରେ ଆସି ଅସୁରକ୍ଷିତ ଓ ଅପେଶାଦାର ଢଙ୍ଗରେ ଦିଗ ପରିବର୍ତ୍ତନ କରିଥିଲା । ଫଳରେ ଦୁଇ ଜାହାଜ ମଧ୍ୟରେ ଧକ୍କା ହୋଇଥିଲା । ତେବେ ଏହି ଘଟଣାରେ କୌଣସି କ୍ଷୟକ୍ଷତି ହୋଇନଥିବା ସୂତ୍ର ପ୍ରକାଶ କରିଛି ।

ଘଟଣାରେ ସମ୍ପୃକ୍ତ ଦୁଇଟି ଜାହାଜର ନିର୍ଦ୍ଦିଷ୍ଟ ପରିଚୟ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ । ତେବେ ସୂତ୍ର ଅନୁଯାୟୀ, ପାକିସ୍ତାନୀ ନୌସେନାର ହୁନେନ୍ ଶ୍ରେଣୀର ଏକ କର୍ଭେଟ୍ ଭାରତୀୟ ଅଗ୍ରଣୀ ଯୁଦ୍ଧଜାହାଜ ସହ ଧକ୍କା ହୋଇଥିଲା । ଘଟଣା ସମୟରେ ସମୁଦ୍ର ଅଶାନ୍ତ ଥିବାରୁ ପରେ ଉଭୟ ଜାହାଜକୁ ପରସ୍ପରଠାରୁ ଦୂରକୁ ନିଆଯାଇଥିଲା । ଭାରତୀୟ ଓ ପାକିସ୍ତାନୀ ନୌସେନା ମଧ୍ୟରେ ଏଭଳି ଧକ୍କା ଘଟଣା ଏହା ପ୍ରଥମ ନୁହେଁ । ୨୦୧୧ ଜୁନ୍‌ରେ ପାକିସ୍ତାନ ନୌସେନାର 'ବାବର' ଏବଂ ଭାରତୀୟ ନୌସେନାର ଆଇଏନ୍‌ଏସ୍ ଗୋଦାବରୀ ମଧ୍ୟରେ ମଧ୍ୟ ସମାନ ଧରଣର ଘଟଣା ଘଟିଥିଲା ।

## ସମ୍ବଲପୁରରେ....

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣର ଆରମ୍ଭରେ ମା' ସମଲେଶ୍ୱରୀ, ବୀର ସୁରେନ୍ଦ୍ର ସାଏ, ଶହିଦ ମାଧୋ ସିଂ, ଛବିଲ ସାଏ, ସନ୍ଥକବି ଭୀମଭୋଇ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେ କହିଥିଲେ ଯେ ସମ୍ବଲପୁରୀ ଭାଷା, ସଂସ୍କୃତି, ଗୀତ ଓ ଶାଢ଼ୀ ସମଗ୍ର ଅଞ୍ଚଳିକ ପରିଚୟର ଗୌରବ । ଆଜି ଉଦ୍‌ଘାଟିତ ଓ ଶିଳାନ୍ୟାସ ହୋଇଥିବା ୯୨୦ କୋଟି ଟଙ୍କାର ପ୍ରକଳ୍ପ ମଧ୍ୟରେ ୫୩୩୧.୪୭ କୋଟି ଟଙ୍କାର ୧୫ଟି ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ ଏବଂ ୮୬୫.୩୧ କୋଟି ଟଙ୍କାର ୩୫ଟି ନୂତନ ପ୍ରକଳ୍ପର ଶିଳାନ୍ୟାସ ସାମିଲ ଅଛି । ଏଥିରେ ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ (କୁଚିଣ୍ଡା ପାଇଁ ୬୦.୫୦ କୋଟି), କ୍ରୀଡ଼ା (୭୪.୨୭ କୋଟି), ସଡ଼କ ଓ ପୋଲ ନିର୍ମାଣ (୫୮୫ କୋଟି) ଏବଂ ଜଳସମ୍ପଦ କ୍ଷେତ୍ରରେ ୨୨୦.୫୬ କୋଟି ଟଙ୍କାର ମେଗା ଲିଫ୍ଟ ଜଳସେଚନ ଓ ୮.୮୮ କୋଟି ଟଙ୍କାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଭୁକ୍ତ ।

ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଗତ ଜାନୁଆରୀ ୨୦୨୬ରେ ସେ ୯୪୮ କୋଟି ଟଙ୍କାର ପ୍ରକଳ୍ପ ସହ ୫୦ଟି ବୈଦ୍ୟୁତିକ ବସ୍‌ର ଶୁଭାରମ୍ଭ କରିଥିଲେ । ଅଇଁଠାପାଲି ବସ୍ ଟର୍ମିନାଲ୍ ଓ ଏହାର ୧୦ ବର୍ଷର ରକ୍ଷଣାବେକ୍ଷଣ ପାଇଁ ୬୩୮.୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ସହରରେ ଜଳସଙ୍କଟ ଓ ଜଣ୍ଡିସ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅମୃତ୍ ୨.୦ ଅଧୀନରେ ୪୫୦ କୋଟି ଟଙ୍କାର 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ପ୍ରକଳ୍ପ ଜରିଆରେ ୪୧ଟି ୱାର୍ଡକୁ ୧୦୦ ନିୟୁତ ଲିଟର ବିଶୁଦ୍ଧ ଜଳ ଯୋଗାଇ ଦିଆଯିବ । ଏତଦ୍‌ବ୍ୟତୀତ, ବୁର୍ଲା ଓ ହୀରାକୁଦ ରିଙ୍ଗ ରୋଡ୍, ରେମେଡ୍-ହୀରାକୁଦ ୪-ଲେନ୍ ରାସ୍ତା ଆଦିର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି ।

ଏହି ଗୋଟିଏ ବର୍ଷରେ ସେପ୍ଟେମ୍ବର ସୁଦ୍ଧା ସମ୍ବଲପୁର ପାଇଁ ପ୍ରାୟ ୭,୨୧୦ କୋଟି ଟଙ୍କାର ବିକାଶମୂଳକ କାର୍ଯ୍ୟ କରାଯାଉଛି । ଶାସନ ବ୍ୟବସ୍ଥାକୁ ଲୋକାଭିମୁଖୀ କରିବା ପାଇଁ ଭୁବନେଶ୍ୱର ବାହାରେ ସମ୍ବଲପୁରରେ ପ୍ରଥମ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ମଧ୍ୟ କରାଯାଇଥିଲା । ପଶ୍ଚିମ ଓଡ଼ିଶାର ଶିଳ୍ପ ବିକାଶ ଓ ନିଯୁକ୍ତି ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଲପଙ୍ଗାଠାରେ ହିଣ୍ଡାଲ୍‌କୋର ସମ୍ପ୍ରସାରଣ ପାଇଁ ୪୦,୦୦୦ କୋଟି ଏବଂ ରେଙ୍ଗାଲିଠାରେ ଜେଏସ୍‌ଡବ୍ଲ୍ୟୁ-ଜେଏଫ୍‌ଇ ଷ୍ଟିଲ୍ ଦ୍ୱାରା ୩୨,୦୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ।

ଏହା ସହିତ କୃଷି ଭବନ, ଛାତ୍ରୀ ନିବାସ, ସମ୍ବଲପୁର ଫୁଟବଲ୍ ଏକାଡେମୀର ଆଧୁନିକୀକରଣ ଏବଂ 'ହୀରାକୁଦ ଡ୍ୟାମ୍ ମାଷ୍ଟର ପ୍ଲାନ' ନିର୍ମାଣ କରାଯାଉଛି । ରାଜ୍ୟ ସରକାର ୨୦୩୬ ଶତାବ୍ଦୀ ପୂର୍ତ୍ତି ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାରର ଅର୍ଥବ୍ୟବସ୍ଥାରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି ।

ନାରୀ ସଶକ୍ତିକରଣକୁ ଗୁରୁତ୍ୱ ଦେଇ ସେ କହିଛନ୍ତି ଯେ 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଓ 'କନ୍ୟା ସୁମଙ୍ଗଳ' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆଗକୁ ନିଆଯାଉଛି ଏବଂ ରାଜ୍ୟ ବଜେଟର ୪୦ ପ୍ରତିଶତ ମହିଳାଙ୍କ ପାଇଁ ବ୍ୟୟ ହେଉଛି । କେନ୍ଦ୍ର ଓ ରାଜ୍ୟର 'ଡବଲ ଇଞ୍ଜିନ' ସରକାରର ସଫଳତା ଗଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାକୁ ୯୦ ହଜାର କୋଟିର ରେଳ, ୪୦ ହଜାର କୋଟିର ସଡ଼କ, ୨୫ ହଜାର କୋଟିର ବନ୍ଦର ଏବଂ ୨୫ ହଜାର କୋଟି ଟଙ୍କାର ଜାହାଜ ନିର୍ମାଣ ପ୍ରକଳ୍ପ ମିଳିଛି ।

ସମ୍ବଲପୁରରେ ୧,୫୨୧ କୋଟି ଟଙ୍କାର ୪-ଲେନ୍ ବାଇପାସ୍, ଭୀମ୍‌ସାରର ୧,୭୦୦ କୋଟିର ସମ୍ପ୍ରସାରଣ, ୧୦୦ କୋଟିର ଆକ୍ୱା ପାର୍କ, ଏବଂ ୧୦୦ କୋଟି ଟଙ୍କାର 'ସମଲେଇ ଫେଜ୍-୨' କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ରଙ୍ଗବତୀ' ଗୀତର ତିନିଜଣ ସ୍ରଷ୍ଟା ଓ ଶିଳ୍ପୀଙ୍କୁ ପଦ୍ମଶ୍ରୀ ସମ୍ମାନରେ ବିଭୂଷିତ କରାଯିବା ପ୍ରସଙ୍ଗ ଉଲ୍ଲେଖ କରି ସେ ସଂସ୍କୃତି ପ୍ରତି କେନ୍ଦ୍ର ସରକାରଙ୍କ ସମ୍ମାନକୁ ପ୍ରଶଂସା କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଓ ବିଶ୍ୱକର୍ମା ପୂଜା ଅବସରରେ ମାସବ୍ୟାପୀ ସେବା ସଂକଳ୍ପ ଅଭିଯାନ, 'ଆଶୀର୍ବାଦର ଦୀପ' ଏବଂ 'ଏକ ପେଡ ମା କେ ନାମ' କାର୍ଯ୍ୟକ୍ରମରେ ସାମିଲ ହେବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଦୀପ ଲଗାଇ ଟଙ୍କାର ଦୀର୍ଘ ନିରାମୟ ଜୀବନ କାମନା କରିବାକୁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ ।

ଗଣମାଧ୍ୟମକୁ ସ୍ୱତନ୍ତ୍ର ବିବୃତ୍ତି ପ୍ରଦାନ କରୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମ୍ବଲପୁରଠାରେ ସ୍ଥାପିତ ଡପ୍‌ଲର ପାଣିପାଗ ରାଡାରର ସ୍ୱତନ୍ତ୍ର ଆଞ୍ଚଳିକ ଗୁରୁତ୍ୱ ରହିଥିବା ବେଳେ ଏହାଦ୍ୱାରା ଓଡ଼ିଶାର ଏକ ବ୍ୟାପକ ଅଞ୍ଚଳ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥା ସହିତ ସାମିଲ ହୋଇ ପାରିଛି । ସେ କହିଥିଲେ ଯେ ପାରାଦୀପ ଓ ଗୋପାଳପୁର ପରେ ଏହା ରାଜ୍ୟର ତୃତୀୟ ଡପଲର ରାଡାର । ୨୪ ଘଣ୍ଟା କାର୍ଯ୍ୟକ୍ଷମ ଏହି ରାଡାର ୨୫୦ କିଲୋମିଟର ପରିଧି ମଧ୍ୟରେ ସଠିକ୍ ତଥ୍ୟ ଏବଂ ୪୫୦ କିଲୋମିଟର ପର୍ଯ୍ୟନ୍ତ ପାଣିପାଗର ଗତିବିଧି ପୂର୍ବାନୁମାନ କରିପାରିବ ।

ଏହାଦ୍ୱାରା ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ସୁବର୍ଣ୍ଣପୁର, ବଲାଙ୍ଗୀର, ବୌଦ୍ଧ, ନୂଆପଡ଼ା, ଅନୁଗୁଳ, କଳାହାଣ୍ଡି, କେନ୍ଦୁଝର ଓ ଢେଙ୍କାନାଳ ଆଦି ୧୩ଟି ଜିଲ୍ଲା ସହ ଛତିଶଗଡ଼ ଓ ଝାଡ଼ଖଣ୍ଡର କିଛି ଅଞ୍ଚଳ ଉପକୃତ ହେବେ । ପ୍ରାକ୍-ମୌସୁମୀ ବଜ୍ରଝଡ଼, ବଜ୍ରପାତ ଓ କୁଆପଥର ବର୍ଷାର ଆଗୁଆ ସୂଚନା ମିଳିବା ଫଳରେ ଓଡ଼ିଶାର 'ଭାତ ହାଣ୍ଡି' ବରଗଡ଼ ସମେତ ସମଗ୍ର ମହାନଦୀ ଅବବାହିକାର ଚାଷୀମାନେ ବିଶେଷ ଉପକୃତ ହେବେ ।

ଏହି ରାଡାର ପ୍ରତି ୧୦ ମିନିଟ୍‌ରେ ୧୫୦ ମିଟର ରିଜୋଲୁସନରେ ବୃଷ୍ଟିପାତର ଆକଳନ କରି ହୀରାକୁଦ ଜଳଭଣ୍ଡାରର ଜଳପ୍ରବାହ ପରିଚାଳନାକୁ ଅଧିକ ସୁଦୃଢ଼ କରିବ । ଏହା ସହିତ ବିଦ୍ୟୁତ, ଶିଳ୍ପ, ପରିବହନ ଓ ଗ୍ରୀଡ୍ ଅପରେସନ୍ କ୍ଷେତ୍ରରେ ମଧ୍ୟ ଏହା ସତର୍କତାମୂଳକ ପଦକ୍ଷେପ ନେବାରେ ସାହାଯ୍ୟ କରିବ । ସରକାର 'ଟେକ୍ନୋଲୋଜି ଡ୍ରିଭିନ୍ ପ୍ରୋ-ଆକ୍ଟିଭ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ସିଷ୍ଟମ' ଗଠନ କରୁଛନ୍ତି ଏବଂ ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀରେ ମଧ୍ୟ ଡପ୍‌ଲର ରାଡାର ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ଏହି ସମାରୋହ ଅବସରରେ କେନ୍ଦ୍ର ଭୂ-ବିଜ୍ଞାନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଆଭାସୀ ମାଧ୍ୟମରେ ନିଜର ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଯେ, ସମ୍ବଲପୁରଠାରେ ଉଦ୍‌ଘାଟିତ ଡପ୍‌ଲର ରାଡାର ଆମ ପୂର୍ବାନୁମାନ ପ୍ରଣାଳୀ କ୍ଷେତ୍ରରେ ଏକ ବିରାଟ ସଫଳତା ଓ ମାଇଲଖୁଣ୍ଟ । ୨୦୧୪ ମସିହା ପରଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ପାଣିପାଗ ବିଭାଗ ଏବଂ ମହାକାଶ ବିଜ୍ଞାନକୁ ସର୍ବୋଚ୍ଚ ପ୍ରାଥମିକତା ଓ ମାନ୍ୟତା ଦିଆଯାଇଛି ।

ଆଜି ଭାରତ କେବଳ ନିଜ ଦେଶ ନୁହେଁ, ପଡ଼ୋଶୀ ଦେଶଗୁଡ଼ିକୁ ମଧ୍ୟ ପାଣିପାଗ ପୂର୍ବାନୁମାନ ଓ ତଥ୍ୟ ଯୋଗାଇ ସହାୟତାର ହାତ ବଢ଼ାଉଛି । କେନ୍ଦ୍ରମନ୍ତ୍ରୀ ଆହୁରି ମଧ୍ୟ ପ୍ରକାଶ କରିଛନ୍ତି ଯେ ଆଗାମୀ ଦିନରେ ଦେଶରେ ଆହୁରି ୪୦ଟି ଡପ୍‌ଲର ରାଡାର ଯୋଡ଼ାଯିବ, ଯାହାଦ୍ୱାରା ସମଗ୍ର ଓଡ଼ିଶା ରାଜ୍ୟର କୋଣ-ଅନୁକୋଣ ପାଇଁ ସଠିକ୍ ପାଣିପାଗ ପୂର୍ବାନୁମାନ ମିଳିପାରିବ । ଜଳବାୟୁ ସହନଶୀଳ ରାଜ୍ୟ ଭାବେ ଓଡ଼ିଶାର ଏହି ନୂତନ ଅଭ୍ୟୁଦୟ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସେ ପ୍ରକାଶ କରିଛନ୍ତି ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀ ନିଜ ବକ୍ତବ୍ୟରେ କହିଥିଲେ ଯେ, ପଶ୍ଚିମ ଓଡ଼ିଶାରେ ଡପ୍‌ଲର ପାଣିପାଗ ରାଡାରର ସ୍ଥାପନା ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ଓ ଆବଶ୍ୟକତାକୁ ପୂରଣ କରିଛି । ସେ ଦର୍ଶାଇଥିଲେ ଯେ ଓଡ଼ିଶା ସରକାର ବିପର୍ଯ୍ୟୟ ପୂର୍ବପ୍ରସ୍ତୁତି ଓ ଆଗୁଆ ସୂଚନା ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ପାଇଁ ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି । ସମ୍ବଲପୁରଠାରେ କାର୍ଯ୍ୟକ୍ଷମ ହୋଇଥିବା ଏହି ରାଡାର ଦ୍ୱାରା କେବଳ ସମ୍ବଲପୁର ନୁହେଁ, ପଶ୍ଚିମ ଓଡ଼ିଶାର ୧୩ଟି ଜିଲ୍ଲାର କୃଷକ, ଆଞ୍ଚଳିକ ଜନସାଧାରଣ ଏବଂ ବିପର୍ଯ୍ୟୟ ପ୍ରଶମନ ବାହିନୀ ବିପଦର ବହୁ ଆଗରୁ ବଜ୍ରପାତ, ପ୍ରବଳ ବର୍ଷା ଓ ଝଡ଼ତୋଫାନର ସଠିକ୍ ତଥ୍ୟ ପାଇପାରିବେ । ଆଗାମୀ ଦିନରେ ବାଲେଶ୍ୱର, ଭୁବନେଶ୍ୱର ଓ ପୁରୀଠାରେ ମଧ୍ୟ ନୂତନ ଡପ୍‌ଲର ରାଡାର ସ୍ଥାପନ କରାଯାଇ ସମଗ୍ର ଓଡ଼ିଶାକୁ ଏକ ସୁରକ୍ଷିତ ଏବଂ ପ୍ରଯୁକ୍ତିବିଦ୍ଧି-ଭିତ୍ତିକ ବିପର୍ଯ୍ୟୟ ମୁକାବିଲା ବ୍ୟବସ୍ଥା ଅଧୀନକୁ ଅଣାଯିବ ବୋଲି ଶ୍ରୀ ପୂଜାରୀ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମନମୋହନ ସାମଲ, ବିଧାୟକ ଜୟ ନାରାୟଣ ମିଶ୍ର, ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ମୃତ୍ୟୁଞ୍ଜୟ ମହାପାତ୍ର, ଏସ୍‌ଆର୍‌ସି ରାଜେଶ ପ୍ରଭାକର ପାଟିଲ, ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂ ମୀନା, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

## ୧୯ରେ...

ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ସେହିଭଳି ୧୮ ତାରିଖ ସକାଳ ଯାଏଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ରାୟଗଡା, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଥିବାବେଳେ ୧୯ ତାରିଖ ସକାଳ ଯାଏଁ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ସେହିଭଳି ଘଡ଼ଘଡ଼ି ସହ ବର୍ଷା ଲାଗି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଦେବଗଣ, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡକୁ ୟେଲୋ ୱାର୍ଣ୍ଣିଂ ରହିଛି । ୨୧ ତାରିଖ ସକାଳ ଯାଏ ପ୍ରବଳ ବର୍ଷା ନେଇ କଳାହାଣ୍ଡି, ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି ।

## ପାଣିରେ...

ବେଳେ ଜଣେ ସୁରକ୍ଷିତ ଉଦ୍ଧାର ହୋଇଛନ୍ତି । ମୃତକ ହେଲେ ଦୁଇ ୧୪ ବର୍ଷର ପ୍ରୀତମ ସାମଲ ଓ ଆଦର୍ଶ ସାହୁ । ଆଦର୍ଶଙ୍କ ଘର ହିଞ୍ଜିଳିକାଟୁର ବଇଚବଣିଆ ହୋଇଥିବା ବେଳେ ପ୍ରୀତମଙ୍କ ଘର ରାୟଗ ପ୍ରୀତମ ନିଜ ଦାଦାଙ୍କ ଘରେ ରହି ପଢୁଥିଲେ । ସେପଟେ ଗଞ୍ଜାମ ଦିଗପହଣ୍ଡି ଥାନା ସିଦ୍ଧିଖଣ୍ଡିରେ ଅଘଟଣ । ଗଜାନନଙ୍କ ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିବା ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି । ମୃତ ଛାତ୍ର ଜଣଙ୍କ ମୋରମ ଜେନାଙ୍କ ପୁଅ ସୀତାଂଶୁ ଜେନା । ସେହିପରି ସୁନ୍ଦରଗଡ଼ ଶଙ୍ଖ ନଦୀରେ ବୁଡ଼ି ୩ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗ ବୀରମିତ୍ରପୁର ରାଏବଗା -ଶଙ୍ଖ ନଦୀରେ ବୁଡ଼ିଗଲେ ୫ ଛାତ୍ରୀ । ୨ ଛାତ୍ରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୩ଜଣଙ୍କ ଜୀବନ ଯାଇଛି । ମୃତ ଝିଅମାନଙ୍କ ବୟସ ୮ରୁ ୧୦ ବର୍ଷ ହେବ । ଓରାମ ସମାଜର କରମ ପୂଜା ପାଇଁ ନଦୀରୁ ପାଣି ଆଣିବାକୁ ଯାଇଥିଲେ ଛାତ୍ରୀ । ହଠାତ ନଦୀରେ ପାଣି ଆସିଯିବାରୁ ୫ଜଣ ଭାସି ଯାଇଥିଲେ । ସ୍ଥାନୀୟ ଲୋକମାନେ ୨ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ୩ ଜଣ ନାବାଳିକା ମୃତ୍ୟୁ ହୋଇଥିଲା । ଉଦ୍ଧାର ୨ ଛାତ୍ରୀଙ୍କୁ ବୀରମିତ୍ରପୁର ହସ୍ପିଟାଲରେ ଚିକିତ୍ସା କରାଯାଉଛି । ମୃତକମାନେ ହେଲେ ମଝାଟୋଲିର ଗୀତିକା ସାହୁ (୬),ସିବିକା ସାହୁ (୬) ଓ ଡିପାପଡ଼ାର ଶ୍ରୁତି ସାହୁ । ଖବର ରାଏବୋଗା ଥାନାଧିକାରୀ ଦିବ୍ୟ ଓରାମ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବୀରମିତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରଖିଛନ୍ତି । ଏ ନେଇ ରାଏବୋଗା ଥାନାରେ ଏକ ଅପମୃତ୍ୟୁ ମାମଲା (୦୯/୨୬) ରୁଜୁ ହୋଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ଓରାମ ସୂଚନା ଦେଇଛନ୍ତି ।

ଅନ୍ୟ ପକ୍ଷରେ ସଲଙ୍ଗାବାବାହାଲ ଗ୍ରାମର ପ୍ରତାପ ସାହୁ ସୁରକ୍ଷିତ ଥିବା ପୁଲିସ କହିଛି । ଏହି ଘଟଣା ରାଏବଗା ଓ ସଲଙ୍ଗାବାହାଲ ଅଞ୍ଚଳରେ ଶୋକର ଛାୟା ଖେଳେଇଦେଇଛି ।ସେହିପରି କୋରାପୁଟରେ ପୋଖରୀ ଗାଧୋଇବା ହେଲା କାଳ । ପୋଖରୀରେ ବୁଡ଼ି ଚାଲିଗଲା ଜଣେ ବୃଦ୍ଧଙ୍କ ଜୀବନ । ଦଶମନ୍ତପୁର ଦମକଳବାହିନୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ମୃତଦେହକୁ ବନ୍ଧରୁ ଉଦ୍ଧାର କରାଯାଇଛି । କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଗିଲିଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ଟିକରପଡ଼ା ଗାଁରେ ଘଟିଛି ଏଭଳି ଘଟଣା । ମୃତକ ଜଣକ ଲିମ ଦିଶାରୀ ବୋଲି ଜଣାପଡିଛି ।

ଭଦ୍ରକ ଚାନ୍ଦବାଲି ବ୍ଲକ ଦିଗଛିଆ ଅଂଚଳର ଏକ ଘରୋଇ ଆବାସିକ ବିଦ୍ୟାଳୟରେ ଘଟିଛି ଏହି ଦୁଃଖଦ ଘଟଣା । ମୃତ ଛାତ୍ର ହେଉଛନ୍ତି ଚରମ୍ପା ଅଂଚଳର ପୀୟୂଷ ଦାସ । ଦିଗଛିଆ ଅଂଚଳର ଏକ ଘରୋଇ ଆବାସିକ ବିଦ୍ୟାଳୟର କିଛି ଛାତ୍ର ଗଣେଶ ମୂର୍ତ୍ତି ବିସର୍ଜନ ପାଇଁ ନିକଟସ୍ଥ କୃଷି ଗବେଷଣା କେନ୍ଦ୍ର ପରିସରରେ ଥିବା ପୋଖରୀକୁ ଯାଇଥିଲେ । ବିସର୍ଜନ ସମୟରେ ହଠାତ୍ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡ଼ି ଯାଇଥିଲେ ନବମ ଶ୍ରେଣୀର ଛାତ୍ର ପୀୟୂଷ ଦାସ । ସାଥୀ ଛାତ୍ରମାନେ ଖୋଜାଖୋଜି କରି ନପାଇବା ପରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ପରେ ଗଦି ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ପୋଖରୀରେ ଖୋଜାଖୋଜି କରି ପୀୟୂଷଙ୍କୁ ଉଦ୍ଧାର କରିଥିଲେ । ତେବେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା । ପୀୟୂଷ ଚରମ୍ପା ଅଂଚଳର ବାସିନ୍ଦା ଏବଂ ଉକ୍ତ ଆବାସିକ ବିଦ୍ୟାଳୟର ହଷ୍ଟେଲରେ ରହି ପାଠ ପଢୁଥିଲେ । ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା । ବିସର୍ଜନବେଳେ ଛାତ୍ରମାନଙ୍କ ସୁରକ୍ଷା ବ୍ୟବସ୍ଥା ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି । ଏହି ଅଭିଯୋଗର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ ।

ସେହିଭଳି ଗଣେଶ ଭସାଣ ବେଳେ ଜଗତସିଂହପୁରଜିଲ୍ଲା ଗୋପାଳପୁର ସଫେଇ(କେନାଲ)ର ପ୍ରଖର ସ୍ରୋତରେ ଭାସିଯାଇ ୩ ଛାତ୍ରଙ୍କ ସମେତ ଜଣେ ବୋଲେରୋ ଡ୍ରାଇଭରଙ୍କର ମୃତ୍ୟୁ ଘଟିଛି । ଏଭଳି ଛାତିଥରା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ମୃତକମାନେ ହେଲେ ଓରନାଳ ଗାଁର ମନୋଜିତ ସ୍ୱାଇଁ(୨୩), ସ୍ୱପ୍ନଜିତ ବାରିକ(୨୨), ଜଗନ୍ନାଥ ପଲେଇ(୨୫) ଏବଂ ରଶ୍ମିରଂଜନ ନାୟକ(୨୫) । ମନୋଜିତ ଓ ସ୍ୱପ୍ନଜିତ ଏରସମା କଲେଜରେ ଯୁକ୍ତ ତିନି ଶ୍ରେଣୀରେ ପୁଥିବା ବେଳେ ରଶ୍ମିରଂଜନ ଭୁବନେଶ୍ୱରର ଏକ ଘରୋଇ ଇଂଜିନିୟରିଂ କଲେଜରେ ବି.ଟେକ ପୁଥିଲେ । ଜଗନ୍ନାଥ ଏକ ବୋଲେରୋରେ ଡ୍ରାଇଭର ଥିଲେ । ଭାସିଯାଇଥିବା ଛାତ୍ରଙ୍କୁ ଉଦ୍ଧାର କରିବାକୁ ଯାଇ ବୋଲେରୋ ଡ୍ରାଇଭର ଜଗନ୍ନାଥ ସଫେଇ ଭିତକୁ ଡେଇଁ ପଡ଼ିଥିଲେ ହେଲେ ସେ ମଧ୍ୟ ପ୍ରଖର ସ୍ରୋତରେ ଭାସି ଯାଇଥିଲେ । ଖବର ପାଇ ଏରସମା ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲା । ସେତେବେଳକୁ ଦୁଇଜଣଙ୍କୁ ସ୍ଥାନୀୟ କିଛି ମତ୍ସ୍ୟଜୀବୀ ଓ ଲୋକେ ଖୋଜାଖୋଜି କରି ଉଦ୍ଧାର କରିସାରିଥିଲେ । ଅନ୍ୟ ଦୁଇଜଣଙ୍କୁ ଅଗ୍ନିଶମ ବାହିନୀ ଦୀର୍ଘ ଦୁଇଘଣ୍ଟାର କସରତ ପରେ ଉଦ୍ଧାର କରିଥିଲା । ସମସ୍ତଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଏରସମା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ତେବେ ସନ୍ଧ୍ୟାରେ ହୋଇଯାଇଥିବାରୁ ଆଜି ବ୍ୟବଚ୍ଛେଦ ହୋଇପାରି ନାହିଁ । ଆସନ୍ତାକାଲି ଗୁରୁବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

# ବଜ୍ରପାତରେ ଚାଲିଗଲା ୨ ଜୀବନ

ଆନନ୍ଦପୁର,(ସବ୍ୟୁ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ବୁଧବାର ବଜ୍ରପାତ ଘଟି ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ଅଚାନକ ବଜ୍ରପାତରେ ଦୁଇଟି ପରିବାରର ଦୁଇ ଜଣଙ୍କ ଜୀବନ ଚାଲିଯିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ପରିବେଶ ସୃଷ୍ଟି ହୋଇଛି । ପଦମପୁର ପଞ୍ଚାୟତ ଅନ୍ତର୍ଗତ ପଣ୍ଡା ସାହିର ଲିପୁ ସାହୁ (୧୯) ଚାଷଜମିରେ କାମ କରୁଥିବା ସମୟରେ ହଠାତ ବଜ୍ରପାତ ହୋଇଥିଲା । ଏଥିରେ ସେ ଗୁରୁତର ହୋଇ ଘଟଣାସ୍ଥଳରେ ଅଚେତ ହୋଇପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ସେହିପରି କଣ୍ଟିପାଳ ପଞ୍ଚାୟତ ଅଞ୍ଚଳର ସବିତା ବାରିକ (୫୦) ନିଜ ବାଡ଼ିକୁ ଯାଉଥିବା ସମୟରେ ବଜ୍ରପାତର ଶିକାର ହୋଇଥିଲେ । ତାଙ୍କୁ ମଧ୍ୟ ପରିବାର ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା ।ଚିକିତ୍ସାଳୟରେ ଡାକ୍ତର ଉଭୟ ଲିପୁ ସାହୁ ଓ ସବିତା ବାରିକଙ୍କୁ ପରୀକ୍ଷା କରି ମୃତ ଘୋଷଣା କରିଥିଲେ । ବଜ୍ରପାତ ଭଳି ଅଚାନକ ପ୍ରାକୃତିକ ଦୁର୍ଘଟଣାରେ ଦୁଇ ଜଣଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି । ମୃତକଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ

ବେତନଟୀ (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନ ବେତନଟୀ ବ୍ଲକ ତଥା ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଓଜୋନ ଦିବସ ପାଳିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଇକୋ କ୍ଲବ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଓଜୋନ ସ୍ତରର ସୁରକ୍ଷା ନିମନ୍ତେ ସଂକଳ୍ପ ନେଇ ଥିଲେ ।

ଚଳିତ ବର୍ଷ ପାଇଁ ନିର୍ଦ୍ଧାରିତ ବିଷୟ ବସ୍ତୁ ଗ୍ଲୋବାଲ ଆକ୍ସନ ଫର୍ ଏ କୁଲିଙ୍ଗ ପ୍ଲାନେଟ ଅର୍ଥା ଏକ ଶୀତଳ ଗ୍ରହ ନିମନ୍ତେ ବିଶ୍ୱସ୍ତରୀୟ ପ୍ରକ୍ରିୟା ଉପରେ ଅନୁଷ୍ଠିତ ଏକ ଆଲୋଚନା ଚକ୍ରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରି ନିଜ ନିଜର ମତ ଉପସ୍ଥାପନ କରିଥିଲେ । ଉନ୍ନତ ବୈଜ୍ଞାନିକ ପଦ୍ଧତି ଓ ସମ୍ମିଳିତ ଆନ୍ତର୍ଜାତୀୟ ପ୍ରଚେଷ୍ଟା ବଳରେ ଓଜୋନ ସ୍ତରର ସୁରକ୍ଷା ଓ ପରିବର୍ତ୍ତିତ ଜଳବାୟୁର ସନ୍ତୁଳନ ରକ୍ଷା ସମ୍ଭବ ହୋଇ ପାରିବ ବୋଲି ମଞ୍ଚାସିନ ଅତିଥି ଗଣ ମତବ୍ୟକ୍ତ କରିଥିଲେ ଝ ପୂର୍ବତନ ପ୍ରଧାନଶିକ୍ଷକଅଜିତ କୁମାର ମିଶ୍ର,ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ ଓ ଭାଗ୍ୟଶ୍ରୀ ମହାନ୍ତ ମଞ୍ଚାସୀନ ହୋଇ ନିଜ ନିଜର ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ଓଜୋନ ସ୍ତର ଉପାଦେୟତା ବିଷୟରେ ଅନୁଷ୍ଠିତ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇ ଥିଲା । ସର୍ବଶେଷରେ ନବମ ଶ୍ରେଣୀ ଛାତ୍ରୀ କ୍ରିଷ୍ଣା ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମିତ୍ରପୁର ଅଞ୍ଚଳରୁ ଡିଜେ ଜବତ

ନୀଳଗିରି ,(ସବ୍ୟୁ): ଜିଲ୍ଲାପ୍ରଶାସନ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଗଣେଶ ପୂଜାରେ ଓ ଭସାଣୀ ରେ ଡିଜେ କୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବା ପାଇଁ ବାରଣ କରିଥିଲେ । ସେଥି ପାଇଁ ନିଳଗିରି ଏସ ଡି ପି ଓ ନିର୍ମଳା ଗୋଛାୟତ ଓ ଆଇ ଆଇ ସି ଗୋବର୍ଦ୍ଧନ ନାୟକ ନିଳଗିରିରେ ସମସ୍ତ ପୂଜା କମିଟିର ସଦସ୍ୟ ମାନଙ୍କୁ ଡାକି ଶାନ୍ତି ବୈଠକ ଡାକି ଡିଜେ ନ ବଜାଇବାକୁ ବାରଣ କରିଥିଲେ । ମାତ୍ର ଏହି ନିୟମକୁ ଅଣଦେଖା କରି ବୁଧବାର ଦିନ ମିତ୍ରପୁର ଅଂଚଳରେ ଗଣେଶ ଭସାଣିରେ ଡି ଜେ, ବାଜୁଥିବା ନେଇ ଖବର ପାଇବା ପରେ ଆଇ ଆଇ ସି ଗୋବର୍ଦ୍ଧନ ନାୟକ, ସବ୍ ଇନ୍ସପେକଟର ଦେବବ୍ରତ ସ୍ୱାଇଁ ପୋଲିସ୍ ଫୋର୍ସ ନେଇ ଚଡ଼ାଉ କରିଥିଲେ । ପୋଲିସ ପାଖା ପାଖି ୫କି. ମି. ଖୋଜା ଖୋଜି କଲା ପରେ ଶେଷରେ ଏକ କ୍ରସର ରେ ଲୁଚାଇ ରଖାଯାଇଥିବା ଡି.ଜେ. କୁ ଜବଦ କରି ଥାନାକୁ ଆଣିଥିଲେ ।୩ଜଣଅପରେଟରଙ୍କୁ ଥାନାରେ ଅଟକ ରଖିଛି ପୋଲିସ ।

ଜାତୀୟ ଆର୍ଥିକ ରିପୋର୍ଟିଂ କର୍ତ୍ତୃପକ୍ଷ
୭ମ-୮ମ ମହଲା, ହିନ୍ଦୁସ୍ତାନ ଟାଇମ୍ସ ହାଉସ୍,
୧୮-୨୦ କେ.ଜି. ମାର୍ଗ, ନୂଆଦିଲ୍ଲୀ-୧୧୦୦୦୧

ଏନଏଫଆରଏ, ୦୩ ସେପ୍ଟେମ୍ବର ୨୦୨୬ ତାରିଖର ନିଯୁକ୍ତି ବିଜ୍ଞପ୍ତି ମାଧ୍ୟମରେ, ନିମ୍ନଲିଖିତ ପଦବୀଗୁଡ଼ିକରେ ନିଯୁକ୍ତି ପାଇଁ ଅଲ୍ ଇଣ୍ଡିଆ କିମ୍ବା କେନ୍ଦ୍ରୀୟ ସିଭିଲ୍ ସେବା ଅଧିକାରୀ, ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଅଧିକାରୀ, ଆରବିଆଇ/ସାର୍ବଜନୀନ କ୍ଷେତ୍ର ବ୍ୟାଙ୍କ/ସରକାରୀ ଆର୍ଥିକ ସଂସ୍ଥା/ନିୟାମକ ସଂସ୍ଥା/ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ/ସ୍ୱୟଂଶାସିତ ଓ ସାମ୍ବିଧାନିକ ସଂସ୍ଥା/ଅନ୍ୟାନ୍ୟ ସରକାରୀ ସଂସ୍ଥାର ଅଧିକାରୀମାନଙ୍କଠାରୁ ଆବେଦନ ଆହ୍ୱାନ କରୁଛି :

(i) କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ – ୦୨ ଟି ପଦବୀ
(ii) ମୁଖ୍ୟ ମହାପ୍ରବନ୍ଧକ – ୦୧ ଟି ପଦବୀ
(iii) ମହାପ୍ରବନ୍ଧକ – ୦୩ ଟି ପଦବୀ
(iv) ଉପ–ମହାପ୍ରବନ୍ଧକ – ୦୧ ଟି ପଦବୀ
(v) ସହକାରୀ ମହାପ୍ରବନ୍ଧକ – ୦୧ ଟି ପଦବୀ
(vi) ସହକାରୀ ପ୍ରବନ୍ଧକ – ୦୨ ଟି ପଦବୀ
(vii) ବ୍ୟକ୍ତିଗତ କିମ୍ବା ସାଧାରଣ ସହାୟକ (ଗ୍ରେଡ୍–III) – ୦୪ ଟି ପଦବୀ
(viii) ବ୍ୟକ୍ତିଗତ କିମ୍ବା ସାଧାରଣ ସହାୟକ (ଗ୍ରେଡ୍–II) – ୦୩ ଟି ପଦବୀ
(ix) ବ୍ୟକ୍ତିଗତ କିମ୍ବା ସାଧାରଣ ସହାୟକ (ଗ୍ରେଡ୍–I) – ୦୩ ଟି ପଦବୀ
(x) ବରିଷ୍ଠ ବ୍ୟକ୍ତିଗତ ସଚିବ – ୦୩ ଟି ପଦବୀ
(xi) ବ୍ୟକ୍ତିଗତ ସଚିବ – ୦୧ ଟି ପଦବୀ

ଏହି ନିଯୁକ୍ତି ଡେପୁଟେସନ୍ (ପ୍ରତିନିଯୁକ୍ତି) କିମ୍ବା ସ୍ୱଳ୍ପମିଆଦୀ ଚୁକ୍ତିଭିତ୍ତିକ ଆଧାରରେ କରାଯିବ (ଯାହା ସଂସ୍ଥାର ୱେବସାଇଟ www.nfra.gov.in ରେ ଉଲ୍ଲେଖ କରାଯାଇଥିବା ନିୟମାବଳୀ ଅନୁଯାୟୀ ପ୍ରଯୁଜ୍ୟ ହେବ । ଆଗ୍ରହୀ ଓ ଯୋଗ୍ୟ ଅଧିକାରୀମାନେ 'ଏମ୍ପ୍ଲୟମେଣ୍ଟ ନ୍ୟୁଜ୍' ରେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୪୫ ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମାଟରେ ଉପଯୁକ୍ତ ମାଧ୍ୟମ ଦେଇ ଆବେଦନ କରିପାରିବେ ।
CBC 07122/11/0003/2627

## ଇପିଏଫ୍‌ଓ...

କରିଛନ୍ତି ।

୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ଇପିଏଫ୍‌ଓର ଦରମା ସୀମାରେ କୌଣସି ପରିବର୍ତ୍ତନ ହୋଇନଥିଲା । ୨୦୧୪ ସେପ୍ଟେମ୍ବରରେ ଏହାକୁ ୧୫,୦୦୦ ଟଙ୍କାକୁ ବଢ଼ାଯାଇଥିଲା । ଏବେ ଦରମା ବୃଦ୍ଧି, ଆୟ ବଢ଼ିବା ଏବଂ ସଂଗଠିତ ନିଯୁକ୍ତିର ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ସୀମାକୁ ୨୫,୦୦୦ ଟଙ୍କା କରାଯାଇଛି । ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୧୪ ପରଠାରୁ ଗତ ୧୨ ବର୍ଷ ମଧ୍ୟରେ ହାରାହାରି ଓ ସର୍ବନିମ୍ନ ଦରମାରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି । ଏଥିସହ ଜୀବନଧାରଣ ଖର୍ଚ୍ଚ ମଧ୍ୟ ବଢ଼ିଛି । ବର୍ତ୍ତମାନ ଜଣେ ଦରମାଭୋଗୀ କର୍ମଚାରୀଙ୍କ ହାରାହାରି ମାସିକ ଆୟ ପ୍ରାୟ ୨୩,୦୦୦ ଟଙ୍କାରେ ପହଞ୍ଚିଛି ।

ପୂର୍ବରୁ ଦରମା ସୀମା ୧୫,୦୦୦ ଟଙ୍କା ଥିବାରୁ ଏହି ସୀମାରୁ ଅଧିକ ଦରମା ପାଉଥିବା କିଛି ନୂଆ କର୍ମଚାରୀ ବାଧ୍ୟତାମୂଳକ ଇପିଏଫ୍ କଭରେଜ୍‌ରୁ ବାଦ ପଡୁଥିଲେ । ଏହା ଯୋଗୁ ସେମାନେ କର୍ମଚାରୀ ପେନ୍‌ସନ୍ ଯୋଜନା (ଇପିଏସ୍)ର ସୁବିଧା ମଧ୍ୟ ପାଉନଥିଲେ । ଏବେ ଦରମା ସୀମା ବୃଦ୍ଧି ପାଇବା ଫଳରେ ଏଭଳି କର୍ମଚାରୀମାନେ ମଧ୍ୟ ଇପିଏଫ୍‌ଓର ବାଧ୍ୟତାମୂଳକ ପରିସରକୁ ଆସିବେ ।

କେନ୍ଦ୍ର ସରକାର କହିଛନ୍ତି ଯେ, ଇପିଏଫ୍‌ଓ ବିଶ୍ୱର ଅନ୍ୟତମ ବୃହତ୍ ସାମାଜିକ ସୁରକ୍ଷା ବ୍ୟବସ୍ଥା ପରିଚାଳନା କରୁଛି । ବର୍ତ୍ତମାନ ଇପିଏଫ୍‌ଓରେ ପ୍ରାୟ ୭.୯୮ କୋଟି ସଦସ୍ୟ ଏବଂ ୭.୬୮ ଲକ୍ଷ ପ୍ରତିଷ୍ଠାନ ରହିଛନ୍ତି । ଏହି ନିଷ୍ପତ୍ତିର ପ୍ରଭାବ ବୁଝିବାକୁ ଏକ ଉଦାହରଣ ଦିଆଯାଇଛି । ପୂର୍ବରୁ ୧୫,୦୦୦ ଟଙ୍କାର ଦରମା ସୀମା ଥିବାବେଳେ ଜଣେ ନୂଆ କର୍ମଚାରୀ ମୌଳିକ ଦରମା ଓ ମହଙ୍ଗାଭତ୍ତା ମିଶାଇ ୧୬,୦୦୦ ଟଙ୍କା ପାଉଥିଲେ, ତେବେ ତାଙ୍କୁ ବାଧ୍ୟତାମୂଳକ ଇପିଏଫ୍‌ରେ ସାମିଲ କରିବା ନିଯୁକ୍ତିଦାତାଙ୍କ ପାଇଁ ଆବଶ୍ୟକ ନଥିଲା । କିନ୍ତୁ ଏବେ ସେହି କର୍ମଚାରୀ ୧୬,୦୦୦ ଟଙ୍କା ଦରମା ପାଇଲେ ମଧ୍ୟ ୨୫,୦୦୦ ଟଙ୍କାର ନୂଆ ସୀମା ମଧ୍ୟରେ ଥିବାରୁ ବାଧ୍ୟତାମୂଳକ ଇପିଏଫ୍ କଭରେଜ୍‌ରେ ଆସିବେ ।

ଆଇନ ବିଶେଷଜ୍ଞ ଦେବଜାନୀ ଆଇଚ୍‌ଙ୍କ ମତରେ, ଦରମା ସୀମା ବୃଦ୍ଧି ପାଇବା ଫଳରେ ଇପିଏଫ୍ ସମ୍ବନ୍ଧୀୟ ନିୟମ ପାଳନ କ୍ଷେତ୍ରରେ ନିଯୁକ୍ତିଦାତାଙ୍କ ଉପରେ ବ୍ୟାପକ ପ୍ରଭାବ ପଡ଼ିବ । ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ମୌଳିକ ଦରମା ପାଉଥିବା ଅଧିକ ସଂଖ୍ୟକ କର୍ମଚାରୀଙ୍କ ପାଇଁ ନିଯୁକ୍ତିଦାତାଙ୍କୁ ୧୨ ପ୍ରତିଶତ ଇପିଏଫ୍ ଯୋଗଦାନ କରିବାକୁ ପଡ଼ିବ । ଏହାସହ ଇପିଏସ୍ ଓ ଇଡିଏଲ୍‌ଆଇ ଯୋଗଦାନରେ ମଧ୍ୟ ପରିବର୍ତ୍ତନ ଆସିବ । ନୂଆ ଦରମା ସୀମା ଅନୁଯାୟୀ ମାନବ ସମ୍ବଳ, ବେତନ ପ୍ରଦାନ ବ୍ୟବସ୍ଥା ଏବଂ କର୍ମଚାରୀଙ୍କ ଦସ୍ତାବିଜରେ ଆବଶ୍ୟକ ପରିବର୍ତ୍ତନ କରିବା ସହ ନୂଆ ଢାଞ୍ଚାରେ ଇପିଏଫ୍ ଦାଖଲ ବ୍ୟବସ୍ଥାକୁ ଅଦ୍ୟତନ କରିବାକୁ ପଡ଼ିବ ।

# ପାରିବାରିକ କଳହ : ସ୍ୱାମୀଙ୍କ ମାଡ଼ରେ ସ୍ତ୍ରୀ ମୃତ

ଭଦ୍ରକ ,(ସବ୍ୟୁ): ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ପାଇକିରାପୁର ଗ୍ରାମରେ ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀଙ୍କ ମାଡ଼ରେଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ମୃତ ମହିଳା ଜଣଙ୍କ ନାମ କମଳିନୀ ପତି । ସେ ସ୍ୱାମୀ ବିଜୟ ପତି ଓ ତିନି ଛୋଟ ପିଲାଙ୍କ ସହ ରହୁଥିଲେ । ପରିବାର ଲୋକ ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ବିଜୟ ମଦ୍ୟପାନ କରି ଘରେ ପାଟିତୁଣ୍ଡ କରିବା ସହ କମଳିନୀଙ୍କ ସହ ମାଡ଼ପିଟ କରୁଥିଲେ ।ମଙ୍ଗଳବାର ବିଳମ୍ବିତ ରାତିରେ ମଧ୍ୟ ବିଜୟ ମଦ୍ୟପାନ କରି ଘରେ ଗଣ୍ଡଗୋଳ କରିବା ସହ କମଳିନୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ପରେ ଘର ଭିତରେ କମଳିନୀଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି ।ଘଟଣା ପରେ ଘର ଭିତରେ ଭଙ୍ଗା ମଦ ବୋତଲ ଓ କାଚ ଖଣ୍ଡ ପଡ଼ିଥିବା ଦେଖାଯାଇଥିବା ଗ୍ରାମବାସୀ କହିଛନ୍ତି । ଆଜି ସକାଳେ ଗ୍ରାମବାସୀଙ୍କଠାରୁ ଖବର ପାଇ ଚାନ୍ଦବାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ପୋଲିସ ବିଜୟ ପତିଙ୍କୁ ଥାନାକୁ ନେଇ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି । ଏହି ଘଟଣାକୁ ନେଇ ପାଇକିରାପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. MSM-FRTEXAM-SLRA-3-26
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର କ୍ୟାରେଜ୍ ଏବଂ ୱାଗନ୍ ଡିପୋରେ ପାଞ୍ଚ ବର୍ଷ ପାଇଁ ଲିଫ୍ଟିଂ ମେସିନାରୀ, ଲିଫ୍ଟିଂ ସରଞ୍ଜାମ ଏବଂ ଚାପଯୁକ୍ତ ପାତ୍ରଗୁଡ଼ିକର ପରୀକ୍ଷଣ ଓ ପ୍ରମାଣୀକରଣ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 12,00,586.64, EMD (₹): 24,000.00, ଶେଷ ହେବା ଅବଧି : 60 ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.10.2026 ରିଖ 1500 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ https://www.ireps.gov.inରେ ଉପଲବ୍ଧ ହେବ ।
ଅସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର (Frt.), ସମ୍ବଲପୁର
PR-442/R/26-27

ପୂର୍ବ ତଟ ରେଳପଥ
(1) ଟେଣ୍ଡର ସଂ. ELOP-T-08-2026
କାର୍ଯ୍ୟର ନାମ : 02 (ଦୁଇ) ବର୍ଷ ଅବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ଛତ୍ରପୁର (CAP) ଠାରେ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ ।
ବିଜ୍ଞାପିତ ମୂଲ୍ୟ : ₹ 1,00,42,166.16, EMD : ₹ 2,00,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, ଶେଷ ହେବା ଅବଧି : 730 ଦିନ ।
(2) ଟେଣ୍ଡର ସଂ. ELOP-T-09-2026
କାର୍ଯ୍ୟର ନାମ : 02 ବର୍ଷ ଅବଧି ନିମନ୍ତେ ସବ୍‌ସିଡ୍ ପ୍ରାପ୍ତ ଭୋଜନ ବ୍ୟବସ୍ଥା ସହିତ ଟମକା (TMKA) ଠାରେ 18 ଶଯ୍ୟା ବିଶିଷ୍ଟ ରନିଙ୍ଗ୍ ରୁମ୍, ଚଣ୍ଡିଖୋଲ ରୋଡ୍ (CIKR) ଠାରେ 12 ଶଯ୍ୟା ବିଶିଷ୍ଟ ରନିଙ୍ଗ୍ ରୁମ୍ ଏବଂ କାମାକ୍ଷାନଗର (KKNR) ଠାରେ 12 ଶଯ୍ୟା ବିଶିଷ୍ଟ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ ।
ବିଜ୍ଞାପିତ ମୂଲ୍ୟ : ₹ 2,09,43,083.36, EMD : ₹ 2,54,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 11,800/-, ଶେଷ ହେବା ଅବଧି : 730 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.18.09.2026ରିଖ (ଉଭୟ ଟେଣ୍ଡର ନିମନ୍ତେ) ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.10.2026ରିଖ 1530 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍
PR-443/R/26-27

GOVERNMENT OF ODISHA
DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER
MINOR IRRIGATION DIVISION, NAYAGADA
32001/872/2627
E-Procurement Notice
BID IDENTIFICATION NO-SEMIDN-7/2026-27
Letter No- 2800 Dated- 07 / 09 / 2026

The Superintending Engineer, Minor Irrigation Division, Nayagada on behalf of Governor Of Odisha invites percentage rate bids in Double cover only in ONLINE mode for the Constructions of works detailed in the table from "B" Class Contractors registered with the State Government an contractors of equivalent Grade/Class registered with Central Government /M.E.S/ Railways for execution of civil works on production of definite proof from the appropriate authority. The bidders may submit bids for any or all of the following works.

1. Name of the works : Improvement of Project under Imp.to D/W grant for the year 2026-27.
2. Total No. of works. : 01 (One).
3. Estimated Cost. : Rs. 65.51 lakh Approximately.
4. Class of Contractor. : Class "B"
5. Period of completion. : 06 (Six) Calendar months
6. Date & time of Availability of Bid Document in the Portal for online bidding. : From 11.09.2026 at 10 A.M. to 17.09.2026 up to 5 PM.
7. Last date/Time for receipt of Bid only in ONLINE. : 17.09.2026 up to 5 PM.
8. Date/Time of Opening of Technical Bid. : 18.09.2026 at 11.00 AM. at Office of the Superintending Engineer, M.I. Division, Nayagada.
9. Date/Time of Opening of Financial Bid : To be intimated through web site after evaluation of Technical Bid.
10. Name & Address of the Officer Inviting the Bid. : Office of the Superintending Engineer, M.I. Division, Nayagada, Tel No. (06753)291009, e-Mail ID: eemidivisionnayagarh@gmail.com
11. Further details can be seen from the "e" Procurement Portal https://tendersodisha.gov.in

Sd/- Superintending Engineer, M.I. Division, Nayagada
OIPR : 32001/32260/1/26-27/0004

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୬୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତସିଂହପୁର-ସୁବ୍ରତ କୁମାର ନାୟକ-୯୪୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୬୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୬୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୭୨୨, କେନ୍ଦୁଝର- ରବିନାରାୟଣରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୭୯୮୮୯୨୯, ନବରଙ୍ଗପୁର-କେ. ସାକିଲଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୪୩୭୩୪୦୫୫୫, ଫୁଲବାଣୀ-ସନ୍ତୋଷମିଶ୍ର-୯୪୩୯୦୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା-ରବୀନ୍ଦ୍ର ପାଟ୍ଟଶାଣୀ-୯୪୩୭୬୭୯୦୯୯, ପୁରୀ- ବିଶ୍ୱଜିତ ପଟ୍ଟନାୟକ-୯୪୩୭୯୭୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୬୨୯୮୭୭୪, ଭଦ୍ରକ-ପ୍ରିୟଦର୍ଶନ ବୋଉତି-୯୪୩୭୬୬୬୫୬୦୨, ଢେଙ୍କାନାଳ-ସନ୍ତୋଷ ଶତପଥୀ-୯୮୬୧୫୬୭୭୨୮ ।

## ରୋବାଡି ଏସ୍‌ଏସ୍‌ଡି ବାଳିକା ସ୍କୁଲରେ ଜଣ୍ଡିସ

# ୮୦ ଆକ୍ରାନ୍ତ, ୪ ଗୁରୁତର, ଜଣେ ବ୍ରହ୍ମପୁର ସ୍ଥାନାନ୍ତର

ରାୟଗଡ଼ା,(ସବ୍ୟୁ.): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ରୋବାଡିସ୍ଥିତ ଏସଏସ୍‌ଡି ବାଳିକା ବିଦ୍ୟାଳୟରେ ଜଣ୍ଡିସ ବ୍ୟାପିବା ଘଟଣାକୁ ନେଇ ଚିନ୍ତା ପ୍ରକାଶ ପାଇଛି । ବିଦ୍ୟାଳୟରେ ଅନ୍ତେବାସୀ ଭାବେ ରହି ଅଧ୍ୟୟନ କରୁଥିବା ପ୍ରାୟ ୩୭୦ ଛାତ୍ରୀଙ୍କ ମଧ୍ୟରୁ ଗତ ଏକ ସପ୍ତାହ ମଧ୍ୟରେ ପ୍ରାୟ ୮୦ ଜଣଙ୍କଠାରେ ଜଣ୍ଡିସର ଲକ୍ଷଣ ଦେଖାଦେଇଥିବା ଜଣାପଡ଼ିଛି । ଆକ୍ରାନ୍ତଙ୍କ ମଧ୍ୟରୁ ୪ ଜଣଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଜଣେ ଛାତ୍ରୀଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସେପ୍ଟେମ୍ବର ୭ ତାରିଖରୁ ବିଦ୍ୟାଳୟର ଛାତ୍ରୀମାନଙ୍କଠାରେ ଜଣ୍ଡିସର ଲକ୍ଷଣ ଦେଖାଦେଇଥିଲା । ଆଖି ହଳଦିଆ ପଡ଼ିବା, ପରିସ୍ରାର ରଙ୍ଗ ପରିବର୍ତ୍ତନ ଭଳି ଲକ୍ଷଣ ଦେଖାଯିବା ପରେ ଶିକ୍ଷକମାନେ ଏ ନେଇ ତତ୍ପର ହୋଇଥିଲେ । ଆକ୍ରାନ୍ତ ଛାତ୍ରୀମାନଙ୍କୁ ତୁରନ୍ତ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପରୀକ୍ଷା କରାଯାଇଥିଲା । ପରୀକ୍ଷା ପରେ କେତେକ ଛାତ୍ରୀଙ୍କଠାରେ ଜଣ୍ଡିସର ଲକ୍ଷଣ ଚିହ୍ନଟ ହୋଇଥିବା ବେଳେ ରକ୍ତ ଓ ପରିସ୍ରା ପରୀକ୍ଷା କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷକ କହିଛନ୍ତି । ଘଟଣା ପରେ ସ୍ୱାସ୍ଥ୍ୟ ବିଭାଗର ଏକାଧିକ ଟିମ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ପର୍ଯ୍ୟାୟକ୍ରମେ ଚାଲିଥିବା ପରୀକ୍ଷାରେ ଆହୁରି କେତେକ ଛାତ୍ରୀଙ୍କଠାରେ ଜଣ୍ଡିସର ଲକ୍ଷଣ ଥିବା ଜଣାପଡ଼ିଥିଲା । ଏହି କ୍ରମରେ ପ୍ରାୟ ୮୦ ଛାତ୍ରୀ ଚିକିତ୍ସିତ ହୋଇଥିବା ବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ଜଣେ ଛାତ୍ରୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜିକୁ ପଠାଯାଇଛି । ଜଣ୍ଡିସ ବ୍ୟାପିବାର କାରଣ ଅନୁଧ୍ୟାନ ପାଇଁ କୋଲନରା ସ୍ୱାସ୍ଥ୍ୟ ବିଭାଗ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କ ଟିମ, ଗ୍ରାମୀଣ ଜଳ ଓ ପରିମଳ ବିଭାଗ ଏବଂ ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀମାନେ ବିଦ୍ୟାଳୟରେ ପହଞ୍ଚି ସ୍ଥିତି ଯାଞ୍ଚ କରିଛନ୍ତି । ଯାଞ୍ଚ ପରେ ବିଦ୍ୟାଳୟରେ ବ୍ୟବହୃତ ଜଳ ଉତ୍ସକୁ କିଛି ଦିନ ପାଇଁ ବନ୍ଦ ରଖାଯାଇଥିବା ଜଣାପଡ଼ିଛି । ପାଣି ଓ ପରିମଳ ସମସ୍ୟା ପ୍ରତି ଗୁରୁତ୍ୱ ଦିଆଯାଇ ସ୍ଥିତି ନିୟନ୍ତ୍ରଣ ପାଇଁ ମଙ୍ଗଳ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ଏବଂ ଜଳ ଓ ପରିମଳ ବିଭାଗର ଟିମ ନିୟମିତ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରୁଛନ୍ତି । କୋଲନରା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତିଦିନ ବିଦ୍ୟାଳୟକୁ ଯାଇ ସ୍ଥିତି ସମ୍ପର୍କରେ ରିପୋର୍ଟ ପ୍ରଦାନ କରୁଥିବା ଜଣାପଡ଼ିଛି । ଘଟଣାର ପ୍ରକୃତ କାରଣ ଅନୁଧ୍ୟାନ ସହ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଉପରେ ନଜର ରଖାଯାଇଥିବା ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ସୂଚନା ଦେଇଛନ୍ତି ।

## ୪୫ବର୍ଷ ହେବ ସହରରେ ଜମିଟିଏ ପାଇଁ

# ଅପେକ୍ଷାରେ ସୈନିକଙ୍କ ବିଧବା ପତ୍ନୀ

କଟକ,(ସବ୍ୟୁ) : ଦୀର୍ଘ ୪୫ବର୍ଷ ହେବ ସହରରେ ଜମି ଟିଏ ପାଇଁ ଅପେକ୍ଷା କରି ରହିଛନ୍ତି ଜଣେ ସ୍ୱର୍ଗତଃ ସୈନିକଙ୍କ ବିଧବା ପତ୍ନୀ । ଶେଷରେ ହାଇକୋର୍ଟ ସୈନିକଙ୍କ ବିଧବା ପତ୍ନୀଙ୍କୁ ଜମି ପ୍ରଦାନ ସଂକ୍ରାନ୍ତରେ ଆସନ୍ତା ୧୫ ଦିନ ମଧ୍ୟରେ ନିଷ୍ପତ୍ତି ନେବାକୁ ବାରଙ୍ଗ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରିଣୀ ଖୁରସିଦା ବେଗମ୍ ଏହି ଆଦଶ କପି ପାଇବାର ସପ୍ତାହକ ମଧ୍ୟରେ ସାନି ଏକ ସ୍ମାରକପତ୍ର ତହସିଲଦାରଙ୍କୁ ପ୍ରଦାନ କରିବେ । ଏହି ସ୍ମାରକପତ୍ର ରିଟ୍ ପିଟିସନର ଶୁଣାଣି କରି ତହସିଲଦାର ୧୫ଦିନ ମଧ୍ୟରେ ଆବଶ୍ୟକ ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟର ବିଚାରପତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏବଂ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ଆବେଦନକାରିଣୀଙ୍କ ସ୍ୱାମୀ ସ୍ୱର୍ଗତ ଆବୁ ସାୟେଦ ହାରୁନ୍

### ବାରଙ୍ଗ ତହସିଲ୍‌ଦାରଙ୍କୁ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ

ଖୁରସିଦା ଜଣେ ସେନାବାହିନୀ କର୍ମଚାରୀ ଥିଲେ, ଯିଏ ୧୯୬୨ ଚୀନ୍ ଯୁଦ୍ଧ ସମୟରେ ଜାମ୍ମୁ ଓ ଶ୍ରୀନଗରରେ କାର୍ଯ୍ୟରତ ଥିଲେ । ଜମିହୀନ ସୈନିକ ଭାବେ ୧୯୭୬ରେ ଜମି ପାଇବା ଲାଗି ସେ ଆବେଦନ କରିବା ପରେ କଟକ ସଦର ତହସିଲଦାର ୧୯୮୦ ମସିହାରେ ବିଦ୍ୟାଧରପୁର ମୌଜାରେ ୮ ଡିସିମିଲ ଜମି ମଞ୍ଜୁର କରିଥିଲେ । କିନ୍ତୁ ୧୯୮୯ ମସିହାରେ କଟକ ଅତିରିକ୍ତ ଜିଲ୍ଲାପାଳ ଏହି ଆଦେଶକୁ ବାତିଲ କରିଦେଇଥିଲେ । ଆବେଦନକାରୀ କଟକ ତୁଳସୀପୁର ମୌଜାରେ ଜମି ପାଇଁ ଆବେଦନ କରିଥିଲାବେଳେ ବାରଙ୍ଗ ଅଞ୍ଚଳରେ ଜମି ଦିଆଯାଇଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ପକ୍ଷରୁ ଏହି ବାତିଲ୍ ପାଇଁ କାରଣ ଦର୍ଶାଯାଇଥିଲା । ୨୦୧୬ରେ ସ୍ୱାମୀଙ୍କ ପରଲୋକ ପରେ ଆବେଦନକାରିଣୀ ୨୦୨୩ରେ ଜିଲ୍ଲାପାଳଙ୍କ ନିକଟରେ ଏହି ଜମି ପାଇବା ଲାଗି ପୁନର୍ଗର ଆବେଦନ କରିଥିଲେ । ମାତ୍ର କଟକ ତହସିଲଦାର ଚିଠି ମାଧ୍ୟମରେ ଜଣାଇଥିଲେ ଯେ, ସେହି ପ୍ଲଟ୍ କଟକ ସଦର ନୁହେଁ ବରଂ ବାରଙ୍ଗ ତହସିଲ ଅଧୀନରେ ଆସୁଛି । ଅଦାଲତ ସମସ୍ତ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଆବେଦନକାରିଣୀଙ୍କୁ ଆସନ୍ତା ୧ ସପ୍ତାହ ମଧ୍ୟରେ ଆବଶ୍ୟକୀୟ ସମସ୍ତ କାଗଜପତ୍ର ସହ ବାରଙ୍ଗ ତହସିଲଦାରଙ୍କ ନିକଟରେ ଏକ ନୂତନ ସ୍ମାରକପତ୍ର ଦାଖଲ କରିବାକୁ କହିଛନ୍ତି । ଏହାର ୧୫ ଦିନ ମଧ୍ୟରେ ବାରଙ୍ଗ ତହସିଲଦାର ଆଇନ ଅନୁଯାୟୀ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।

# ଏନ୍‌ଟିପିସି କୋରବା : ବିଜୁଳି ଉତ୍ପାଦନରୁ ସବୁଜ ପଦକ୍ଷେପ

ରାଇପୁର, (ଶକ୍ତି ପ୍ରକାଶ ନନ୍ଦ) : ଛତିଶଗଡ଼ ଆନ୍ତଃରାଜ୍ୟ ଗଣମାଧ୍ୟମ ପରିଦର୍ଶନ କାର୍ଯ୍ୟକ୍ରମର ଅଂଶ ଭାବେ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ଦଳ ଏନ୍‌ଟିପିସି



କୋରବା ପରିଦର୍ଶନ କରିଛନ୍ତି । ଏହି ଅବସରରେ ସାମ୍ବାଦିକମାନେ ବିଦ୍ୟୁତ ଉତ୍ପାଦନ ପ୍ରକ୍ରିୟା, ପରିଚାଳନାଗତ ଦକ୍ଷତା, ବୈଷୟିକ ପଦକ୍ଷେପ, ପରିବେଶ ସୁରକ୍ଷା ଓ ସାମାଜିକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଛନ୍ତି । ପରିଦର୍ଶନ ସମୟରେ ଏନ୍‌ଟିପିସି କୋରବାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ପ୍ରତିନିଧି ଦଳ ସହ ଆଲୋଚନା କରି କେନ୍ଦ୍ରର କାର୍ଯ୍ୟପ୍ରଣାଳୀ ଓ ଉତ୍ପାଦନ ସମ୍ପର୍କରେ ସୂଚନା ଦେଇଥିଲେ । ୨,୬୦୦ ମେଗାୱାଟ୍ ସ୍ଥାପିତ କ୍ଷମତା ବିଶିଷ୍ଟ ଏନ୍‌ଟିପିସି କୋରବା ୨୦୨୫-୨୬ରେ ୮୭.୭୧ ପ୍ରତିଶତ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର (ପିଏଲ୍‌ଏଫ୍) ହାସଲ କରିଥିଲା । କ୍ରମାଗତ ଛଅ ବର୍ଷ ଧରି ଏହା ଏନ୍‌ଟିପିସିର ବିଭିନ୍ନ କେନ୍ଦ୍ର ମଧ୍ୟରେ ଉଚ୍ଚ ପିଏଲ୍‌ଏଫ୍ ରେକର୍ଡ କରିଆସୁଛି । କେନ୍ଦ୍ରର ୟୁନିଟ୍-୧ ଓ ୟୁନିଟ୍-୭ ଯଥାକ୍ରମେ ୪୯୫ ଓ ୪୫୫ ଦିନ ଧରି ନିରନ୍ତର ଚାଲିଥିବା ସୂଚନା ଦିଆଯାଇଥିଲା । ପରିବେଶ ସୁରକ୍ଷା କ୍ଷେତ୍ରରେ ମଧ ଏନ୍‌ଟିପିସି କୋରବାର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସାମ୍ବାଦିକମାନେ ଜାଣିଥିଲେ । କେନ୍ଦ୍ରର ୩୩ ପ୍ରତିଶତରୁ ଅଧିକ ଅଞ୍ଚଳରେ ସବୁଜ ଆବରଣ ରହିଥିବାବେଳେ ୩୦ ଲକ୍ଷରୁ ଅଧିକ ଗଛ ରୋପଣ କରାଯାଇଛି । ଏଥିସହ ଫ୍ଲାଇ ଆଶ୍‌ର ବ୍ୟବହାର ଓ ଜମି ପୁନରୁଦ୍ଧାର ଭଳି ପଦକ୍ଷେପ ସମ୍ପର୍କରେ ମଧ ସୂଚନା ଦିଆଯାଇଥିଲା । ସିଏସ୍‌ଆର୍ ଅଧୀନରେ ସ୍ୱାସ୍ଥ୍ୟସେବା, ଶିକ୍ଷା, ଦକ୍ଷତା ବିକାଶ ଓ ଜୀବିକା ସୃଷ୍ଟି କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ ପ୍ରତିନିଧି ଦଳ ଅବଗତ ହୋଇଥିଲେ । ପରିଦର୍ଶନର ସମନ୍ୱୟ କରିଥିଲେ ସିବିସି, ସମ୍ବଲପୁରର ସହକାରୀ ନିର୍ଦ୍ଦେଶକ ମନମୋହନ ପାଢ଼ୀ ଓ ପିଆଇବି, ଭୁବନେଶ୍ୱରର ସୂଚନା ସହାୟକ ବିକାଶ ରଞ୍ଜନ ଦଳାଇ ।

## ଗଣେଶ ପୂଜା ଅବସରରେ

# ଶ୍ରୀଜଗନ୍ନାଥଙ୍କ ଆଦ୍ୟ ରୂପ 'ଶ୍ରୀନୀଳମାଧବବ ବେଶ ପ୍ରଦର୍ଶିତ

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ପ୍ୟାସନ୍ କ୍ଲବ୍ ଆନୁକୂଲ୍ୟରେ ପବିତ୍ର ୨୧ ତମ ଗଣେଶ ପୂଜା ଉତ୍ସବ ଏବଂ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ, ବିଶ୍ୱ ସନାତନ ସେବା ଟ୍ରଷ୍ଟ ତଥା ଶ୍ରୀଜଗନ୍ନାଥ ଭକ୍ତ ସମାଜ, ପୁରୀଙ୍କ ମିଳିତ ସହଯୋଗରେ "ଶ୍ରୀନୀଳମାଧବ ହିଁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ରୂପ" ସ୍ୱତନ୍ତ୍ର ବେଶ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆନନ୍ଦ ଉଲ୍ଲାସର ସହ ଶୁଭାରମ୍ଭ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ପ୍ରବକ୍ତା ଭାବେ ବାଲ୍ ସନ୍ଥ ପ୍ରେମାନନ୍ଦ ମହାରାଜ ଯୋଗଦେଇ ଶ୍ରୀନୀଳମାଧବ ଓ ମହାପ୍ରଭୁ



ଶ୍ରୀଜଗନ୍ନାଥଙ୍କ ଲୀଳା ତଥା ଆଦ୍ୟ ସ୍ୱରୂପ ସମ୍ପର୍କରେ ତତ୍ତ୍ୱପୂର୍ଣ୍ଣ ପ୍ରବଚନ ପ୍ରଦାନ କରିଥିଲେ । ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସମାଜସେବୀ ଶ୍ରୀ ତ୍ରିନାଥ ଲେଙ୍କାଙ୍କୁ "ଶ୍ରୀନୀଳମାଧବ ସମ୍ମାନ" ଏବଂ ଗଙ୍ଗାଧର ରଥଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନର ସଭାପତି ଡ. ନାରାୟଣ ମହାପାତ୍ର, ସମ୍ପାଦକ ଉମାନାଥ ମିଶ୍ର ଏବଂ ପ୍ୟାସନ୍ କ୍ଲବ୍‌ର ସଭାପତି ଅଶୋକ ପଲେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନରେନ ସାହୁ, ସୁରେଶ ମିଶ୍ର, ଶୁକେଶ ଗୋସ୍ୱାମୀ, ତ୍ରିଲୋଚନ ନାୟକ, ଅକ୍ଷୟ ସାହୁ, ବିଜୟ ମୋହନ ପଣ୍ଡା, ଭାରତୀ ଭୂଷଣ ପଟ୍ଟନାୟକ ଓ ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ ଶ୍ରୀଜଗନ୍ନାଥ ସଂସ୍କୃତି ଅନୁଷ୍ଠାନର ଭଜନ କଳାକାରମାନଙ୍କ ଦ୍ୱାରା ଭକ୍ତିରସାମୃତ ଭଜନ ପରିବେଷଣ କରାଯାଇଥିଲା ।

# ଗଞ୍ଜେଇ ଜବତ, ବେପାରୀ ଗିରଫ

ଧର୍ମଶାଳା,(ସବ୍ୟୁ):ଧର୍ମଶାଳା ପୁଲିସ ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରିବା ସହ ତା ନିକଟରୁ ୮ କେଜିରୁ ଉର୍ଦ୍ଧ ଗଞ୍ଜେଇ ଜବତ କରିଛି। ଏନେଇ ଧର୍ମଶାଳା ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ସୂଚନା ମୁତାବକ କଟକ ଜିଲ୍ଲା ମାହାଙ୍ଗା ଥାନା କଉଡିଖୋଲ ଗ୍ରାମର ହଟ କିଶୋର ନାୟକଙ୍କ ପୁଅ ବିକ୍ରମ ନାୟକ ( ୪୫) ଓଡି-୦୨-ସିଏନ-୯୬୨୭ ନମ୍ବର ବିଶିଷ୍ଟ ଏକ ସ୍କୁଟିରେ ଗଞ୍ଜେଇ ଭର୍ତି କରି ବେପାର ଉଦ୍ଦେଶ୍ୟରେ ଚଣ୍ଡିଖୋଲ ଆଡକୁ ଆସୁଥିବା ନେଇ ପେଟ୍ରୋଲିଂ ଡିୟୁଟିରେ ଥିବା ଏସଆଇ ଦିଲିପ କୁମାର ଦେଉରୀ ଖବର ପାଇଥିଲେ। ପରେ କଂଟିଗଡିଆ ଛକ ନିକଟରେ ଅପେକ୍ଷା କରିଥିବା ବେଳେ ଦୁଇ ଜଣ ବ୍ୟକ୍ତି ଏକ ସ୍କୁଟରରେ ଅସୁଥିବା ଦେଖି ପୁଲିସ ତାଙ୍କୁ ଅଟକାଇ ଯାଂଚ କରିବା ବେଳେ ତାଙ୍କ ସ୍କୁଟରରୁ ଗଞ୍ଜେଇ ବାହାରିଥିଲା। ଏହି ସମୟରେ ସ୍କୁଟର ପଛରେ ବସିଥିବା ବ୍ୟକ୍ତି ଜଣକ ଘଟଣା ସ୍ଥଳରୁ ଚମ୍ପଟ ମାରିଥିବା ବେଳେ ପୁଲିସ ସ୍କୁଟରରେ ଗଞ୍ଜେଇ ନେଇଯାଉଥିବା ବେପାରୀକୁ ଗିରଫ କରିବା ସହ ତାନିକଟରୁ ୮ କେଜି ୩୦୦ ଗ୍ରାମର ଗଞ୍ଜେଇ, ବ୍ୟବହାର କରିଥିବା ସ୍କୁଟର ,ଗୋଟିଏ ମୋବାଇଲ ଫୋନ ଓ ୩୨୦ ଟଙ୍କା ଜବତ କରିଛି। ଅଭିଯୁକ୍ତ ବିକ୍ରମ ଫୁଲବାଣୀ ଅଂଚଳରୁ ଗଞ୍ଜେଇ ଆଣି ବହୁ ପୁର୍ବରୁ ଏହି ବ୍ୟବସାୟ କରୁଥିବା ପୁଲିସ ନିକଟରେ ସ୍ୱିକାର କରିଛି। ଏନେଇ ତଦନ୍ତକାରୀ ଅଧିକାରୀ ଏସଆଇ ସଂଯୁକ୍ତା ବେହେରା ଘଟଣାର ତଦନ୍ତ କରିବା ସହ ଧର୍ମଶାଳା ଥାନା କେଶ ନମ୍ବର ୩୮୭/୨୬ ରୁଜୁ କରାଯାଇ ଅଭିଯୁକ୍ତ ବିକ୍ରମ ନାୟକକୁ ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଏସଡିପିଓ

## କ୍ରମ୍ପଟନର ନୂତନ ୱାଲସ୍ମାଇଲ ଆଉଟଡ଼ୋର ଡ଼େକୋୱାଲ ଲାଇଟ ସମ୍ଭାର

ଭୁବନେଶ୍ୱର, (ସବ୍ୟୁ) : ବାହାର ସ୍ଥାନଗୁଡ଼ିକ ଆଜିକାଲି ଘରର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବାରୁ, ଏହାର ଆକର୍ଷଣ ଓ ପରିବେଶକୁ ସମୃଦ୍ଧ କରିବାରେ ଆଲୋକ ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରୁଛି । ଏହି ପରିବର୍ତ୍ତିତ ଆବଶ୍ୟକତାକୁ ଧ୍ୟାନରେ ରଖି ଗୁଣବତା ଓ ନବସୃଜନକାରୀ ଆଲୋକ ବ୍ୟବସ୍ଥାର ସମାଧାନ ପାଇଁ ସୁନାମ ଅର୍ଜନ କରିଥିବା କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍ଟ୍ରିକାଲ ଲିମିଟେଡ଼, ନିଜର ସର୍ବଶେଷ ୱାଲସ୍ମାଇଲ ଆଉଟଡ଼ୋର ଡ଼େକୋୱାଲ ଲାଇଟ ସମ୍ଭାରର ଶୁଭାରମ୍ଭ କରିଛି । ସମକାଳୀନ ସୌନ୍ଦର୍ଯ୍ୟ, ସ୍ଥାୟିତ୍ୱ ଏବଂ କାର୍ଯ୍ୟକ୍ଷମତାକୁ ଏକାଠି କରି ପ୍ରସ୍ତୁତ କରାଯାଇଥିବା ଏହି ସଂଗ୍ରହ ଆଧୁନିକ ବାହ୍ୟସ୍ଥାନଗୁଡ଼ିକ ପାଇଁ ଏକ ପ୍ରିମିୟମ ଆଲୋକ ବ୍ୟବସ୍ଥାର ଅନୁଭବ ପ୍ରଦାନ କରେ । ଗ୍ରାହକମାନେ ଏଭଳି ଆଉଟଡ଼ୋର ଆଲୋକ ବ୍ୟବସ୍ଥାର ସମାଧାନ ଚାହୁଁଛନ୍ତି, ଯାହା ସେମାନଙ୍କ ଘରର ·ରିପାଖର ପରିବେଶ ସହ ମେଳଖାଇବା ସହିତ ନିର୍ଭଯୋଗ୍ୟ ପ୍ରଦର୍ଶନ ଦେଇପାରିବ । ଏହି ଆବଶ୍ୟକତାକୁ ପୂରଣକରି କ୍ରମ୍ପଟନ ୱାଲସ୍ମାଇଲ ଆଉଟଡ଼ୋର ଡ଼େକୋୱାଲ ଲାଇଟ ସମ୍ଭାରର ଆଧୁନିକ ଡ଼ିଜାଇନ ସହିତ ବାହାର ବ୍ୟବହାର ଉପଯୋଗୀ ବୈଶିଷ୍ଟ୍ୟ ଗୁଡ଼ିକୁ ସଂଯୋଗ କରିଥାଏ, ଯାହା ବିଭିନ୍ନ ସ୍ଥାନର ପରିବେଶ, ରୂପରେଖ ଏବଂ କାର୍ଯ୍ୟକାରୀତାକୁ ବୃଦ୍ଧିକରିବାରେ ସାହାଯ୍ୟ କରେ । ଏହି ସମ୍ଭାର ବାଲକୋନୀ, ବାରଣ୍ଡା, ପୁଲସାଇଡ଼ସ୍ଥାନ, ଲବି, ପାର୍କିଙ୍ଗସ୍ଥାନ, ଗ୍ରହଣୀୟକାରୀ ଓ ପ୍ରଦର୍ଶିତ ଆଲୋକ ବ୍ୟବସ୍ଥାଭଳି ସ୍ଥାନଗୁଡ଼ିକ ପାଇଁ ଅତ୍ୟନ୍ତ ଉପଯୋଗୀ ।

Crompton
Amazing, Every Day

# ଗୌତମ ନଗର ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀରେ ଆଧ୍ୟାତ୍ମିକ ପ୍ରବଚନ

ଭୁବନେଶ୍ୱର, (ସବ୍ୟୁ) : ସ୍ଥାନୀୟ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀ ପକ୍ଷରୁ ଗତକାଲି ବିଶେଷ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହରିଦ୍ୱାର ସାଧନା ସଦନର ସଭାପତି ପରମ ପୂଜ୍ୟ ମହାମଣ୍ଡଳେଶ୍ୱର ଶ୍ରୀ ସ୍ୱାମୀ ଦିବ୍ୟାନନ୍ଦ ସରସ୍ୱତୀ ଜୀ ମହାରାଜ ଯୋଗଦାନ କରି "ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଦ୍‌ବେଗ ଓ ମାନସିକ ଚାପ ନିରାକରଣ ପାଇଁ ଯୋଗ" ଶୀର୍ଷକ ଉପରେ ସାରଗର୍ଭକ ପ୍ରବଚନ ପ୍ରଦାନ କରିଥିଲେ । ମହାରାଜ ଜୀ କହିଥିଲେ, ବର୍ତ୍ତମାନ ପ୍ରତିଯୋଗିତାମୂଳକ ଯୁଗରେ ଯୁବକ ଓ ଛାତ୍ରଛାତ୍ରୀମାନେ ଅତ୍ୟଧିକ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି । ଏହାର ସମାଧାନ ପାଇଁ ଯୋଗ, ପ୍ରାଣାୟାମ



ଓ ଧ୍ୟାନ ହେଉଛି ଏକ ଅବ୍ୟର୍ଥ ଔଷଧ । ଯୋଗ କେବଳ ଶାରୀରିକ ସୁସ୍ଥତା ନୁହେଁ, ଏହା ମନକୁ ଶାନ୍ତ, ସ୍ଥିର ଓ ଏକାଗ୍ର କରିଥାଏ । ନିୟମିତ ଯୋଗାଭ୍ୟାସ ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ ଓ ଜୀବନରେ ସକାରାତ୍ମକତା ଆସେ । ବେଦ, ଉପନିଷଦ ଭଗବତ୍ ଗୀତା ଓ ବିଭିନ୍ନ ଶାସ୍ତ୍ରରୁ ଉଦ୍ଧୃତ କରି ସୁଖ ଦୁଃଖରୁ ସଂଯୋଗ ଓ ବିୟୋଗ କରି ଭଗବତ୍ ପ୍ରାପ୍ତି ପାଇଁ ଉପଦେଶ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକାଡେମୀର ସଭାପତି ପ୍ରଫେସର (ଡ.) ପ୍ରଶାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥିଙ୍କୁ ଆଧ୍ୟାତ୍ମିକ ପୁଷ୍ପମାଲ୍ୟ ଓ ସମ୍ମାନ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । ସେ କହିଥିଲେ ଯେ ପୂଜ୍ୟ ମହାରାଜଙ୍କ ପରି ଜଣେ ମହାନ ସନ୍ଥଙ୍କ ଉପସ୍ଥିତି ଅନୁଷ୍ଠାନ ପାଇଁ ଆଶୀର୍ବାଦ ସ୍ୱରୂପ ଓ ତାଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛୁ । ଏହି ଅବସରରେ ଏକାଡେମୀର ଅଧ୍ୟାପକ ଗିରିଜା ଶଙ୍କର ଷଡ଼ପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ପ୍ରବଚନ ସଭାରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଅଧ୍ୟାପକ, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଉତ୍କଳ ଗୌରବ ଇଣ୍ଟରନ୍ୟାସନାଲ ସ୍କୁଲରେ ମନୋଜ ଦାସ ପାଠାଗାର ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ଓଡ଼ିଆ ସିନେମା ସୁପରଷ୍ଟାର ବାବୁଶାନ ମହାନ୍ତି ଗୁରୁବାର ଦିନ କେନ୍ଦୁଝରର ସୋସୋର ବେରୁନାପାଡି ସ୍ଥିତ ଉତ୍କଳ ଗୌରବ ଅନ୍ତର୍ଜାତୀୟ ବିଦ୍ୟାଳୟରେ ମନୋଜ ଦାସ ଲାଇବ୍ରେରୀକୁ ଉଦ୍‌ଘାଟନ କରିଛନ୍ତି । ପ୍ରଖ୍ୟାତ ଓଡ଼ିଆ ଲେଖକ ତଥା ଚିନ୍ତକ ମନୋଜ ଦାସଙ୍କ ନାମରେ ନାମିତ ଏହି ଲାଇବ୍ରେରୀ ଛାତ୍ରଛାତ୍ରୀଙ୍କୁ ଓଡ଼ିଶାର ସମୃଦ୍ଧ ସାହିତ୍ୟ ଓ ସାଂସ୍କୃତିକ ଐତିହ୍ୟ ସହିତ ଯୋଡ଼ିବା ସହିତ ପଢ଼ିବା ପ୍ରତି ପ୍ରେମ, କୌତୁହଳ ଏବଂ ସ୍ୱାଧୀନ ଚିନ୍ତାଧାରା ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି । ଲାଇବ୍ରେରୀ ଏକ ଅସାଧାରଣ କାହାଣୀର ଏକ ନୂତନ ଅଧ୍ୟାୟକୁ ଚିହ୍ନିତ କରେ । ଏକ ଦଶନ୍ଧିରୁ ଅଧିକ ସମୟ ପୂର୍ବେ ଏକ ସାଧାରଣ ଚାଳଛପର କୁଡିଆରେ ଯାହା ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟ, ପ୍ରତ୍ୟେକ ଗ୍ରାମୀଣ ଶିଶୁ ଗୁଣାତ୍ମକ ଶିକ୍ଷା ଯୋଗ୍ୟ ବୋଲି ବିଶ୍ୱାସ ଉପରେ ନିର୍ମିତ । ଏହା ଏକ ଇଂରାଜୀ ମାଧ୍ୟମ ଆନ୍ତର୍ଜାତୀୟ




ବିଦ୍ୟାଳୟରେ ପରିଣତ ହୋଇଛି ଯାହା ବଂଚିତ ସମ୍ପ୍ରଦାୟର ୪୫୦+ ଛାତ୍ରଛାତ୍ରୀଙ୍କୁ ସେବା ପ୍ରଦାନ କରୁଛି । ପରମହଂସ ଯୋଗାନନ୍ଦଙ୍କ ଶିକ୍ଷା ଦ୍ୱାରା ପରିଚାଳିତ ହୋଇ ବିଦ୍ୟାଳୟର ଦର୍ଶନ ଆଧ୍ୟାତ୍ମିକ ମୂଲ୍ୟବୋଧ ସହିତ ଦକ୍ଷତା ଆଧୁନିକ ଏକାଡେମିକ୍ କଠୋରତାକୁ କାଳଜୟୀ ପ୍ରାଚ୍ୟ ମୂଲ୍ୟବୋଧ ସହିତ ଯୋଡିଥାଏ, ଚରିତ୍ର, ସହାନୁଭୂତି, ଅନୁଶାସନ ଏବଂ ଉଦ୍ଦେଶ୍ୟ ଗଠନ କରୁଥିବାବେଳେ ଆଧୁନିକ ଦୁନିଆ ପାଇଁ ପିଲାମାନଙ୍କୁ ପ୍ରସ୍ତୁତ କରିଥାଏ । ଏହା ଇଉଜେନିକ୍ସର ସହ-ପ୍ରତିଷ୍ଠାତା ଡ. ପ୍ରଦୀପ ସେଠୀଙ୍କ ବିଶ୍ୱାସକୁ ପ୍ରତିବିମ୍ବିତ କରେ ଯେ ଆଧୁନିକ ବିଜ୍ଞାନ ଏବଂ ମାନବିକ ମୂଲ୍ୟବୋଧ ଏକାଠି । ଏହି ଅବସରରେ ଉତ୍କଳ ଗୌରବ ଫାଉଣ୍ଡେସନର ପ୍ରତିଷ୍ଠାତା ପରିଚାଳନା ଟ୍ରଷ୍ଟି ଡକ୍ଟର ପ୍ରଦୀପ ସେଠୀ କହିଛନ୍ତି, "ମୁଁ ଏହି ବିଦ୍ୟାଳୟର ପ୍ରଥମ ଦିନରୁ ଏହି ବିଦ୍ୟାଳୟର ଯାତ୍ରା ଦେଖିଛି । ଏହା ଏକ ଚାଳଛପର କୁଟୀର ଭାବରେ ଆରମ୍ଭ ହୋଇଥିଲା ଏବଂ ଏକ ସରଳ ବିଶ୍ୱାସ ଯେ ପ୍ରତ୍ୟେକ ପିଲା, ସେମାନେ ଯେଉଁଠୁ ଆସନ୍ତୁ, ସେମାନେ ଭଲ ଶିକ୍ଷା ପାଇବାକୁ ଯୋଗ୍ୟ ଅଟନ୍ତି । ଆଜି ଏଠାରେ ଠିଆ ହୋଇ ଏହି ପିଲାମାନେ ଶିଖିବା, ସ୍ୱପ୍ନ ଦେଖିବା ଏବଂ ଏକ ବିଦ୍ୟାଳୟରେ ବଢୁଥିବା ଦେଖିବା ମୋ ପାଇଁ ଅତ୍ୟନ୍ତ ଭାବପ୍ରବଣ ଅଟେ ।

# ଜିଓ ବ୍ୟବହାରକାରୀଙ୍କୁ ମିଳିବ ୧୨ ମାସ ପାଇଁ ମାଗଣା କାନଭା ପ୍ରୋ

## ୪,୦୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟର ସୁଯୋଗ

ଭୁବନେଶ୍ୱର, (ସବ୍ୟୁ) : ଜିଓ ବ୍ୟବହାରକାରୀମାନେ ଏବେ ବିନା କୌଣସି ଅତିରିକ୍ତ ଖର୍ଚ୍ଚରେ କାନଭାର ପ୍ରିମିୟମ୍ ଡିଜାଇନ୍ ଟୁଲ୍ ବ୍ୟବହାର କରିପାରିବେ । ଜିଓ ଏବଂ କାନଭା ମଧ୍ୟରେ ହୋଇଥିବା ସହଭାଗିତା ବଳରେ ଯୋଗ୍ୟ ଗ୍ରାହକମାନେ ୧୨ ମାସ ପାଇଁ ମାଗଣାରେ କାନଭା ପ୍ରୋ କିମ୍ବା କାନଭା ପ୍ରୋ ଲାଇଟ ପାଇପାରିବେ । କମ୍ପାନୀ ସୂଚନା ଅନୁଯାୟୀ, ଏହି ଅଫରର ମୂଲ୍ୟ ୪,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି, ଯାହା ଜିଓ ଗ୍ରାହକଙ୍କ ପାଇଁ ମାଗଣାରେ ଉପଲବ୍ଧ ହେବ ଏବଂ ସେପ୍ଟେମ୍ବର ୧୬ରୁ ମାଇଁ ଜିଓ ଆପ୍ ମାଧ୍ୟମରେ ଏହାକୁ ଆକ୍ଟିଭେଟ୍ କରାଯାଇପାରିବ । କେଉଁ ଗ୍ରାହକ କେଉଁ ନିର୍ଦ୍ଦିଷ୍ଟ କାନଭା ପ୍ଲାନ ପାଇବେ, ତାହା ସେମାନଙ୍କର ଜିଓ ରିଚାର୍ଜ ପ୍ଲାନ ଉପରେ ନିର୍ଭର କରିବ । ୩୯୯ ଟଙ୍କିଆ ପ୍ଲାନରେ କାନଭା ପ୍ରୋ ଅନ୍ତର୍ଭୁକ୍ତ ଥିବାବେଳେ, ୩୪୯ ଟଙ୍କା ଓ ତଦୁର୍ଦ୍ଧ୍ୱ ମୂଲ୍ୟର 'ଦୈନିକ ୨ଜିବି ଡାଟା' ପ୍ରଦାନ କରୁଥିବା ଯୋଗ୍ୟ ପ୍ଲାନଗୁଡ଼ିକରେ କାନଭା ପ୍ରୋ ଲାଇଟ ମିଳିବ । ଏହି ଅଫର୍ ସହିତ କୌଣସି ଅତିରିକ୍ତ ଶୁଳ୍କ କିମ୍ବା ଲୁକ୍କାୟିତ ଚାର୍ଜ ନାହିଁ । ଏହାର ସିଧାସଳଖ ଲାଭ ଛାତ୍ରଛାତ୍ରୀ, କଣ୍ଟେଣ୍ଟ କ୍ରିଏଟର୍, ପ୍ରଫେସନାଲ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ମିଳିବ । କାନଭା ସାହାଯ୍ୟରେ, ବ୍ୟବହାରକାରୀମାନେ ସିଧାସଳଖ ନିଜ ମୋବାଇଲ୍ ଫୋନରେ ସ୍କୁଲ୍ ପ୍ରୋଜେକ୍ଟ, ସୋସିଆଲ୍ ମିଡିଆ ପୋଷ୍ଟ, ପ୍ରେଜେଣ୍ଟେସନ୍, ମାର୍କେଟିଂ ସାମଗ୍ରୀ ଏବଂ ପର୍ବପର୍ବାଣୀର ଶୁଭେଚ୍ଛା ବାର୍ତ୍ତା ଇତ୍ୟାଦି ବିଭିନ୍ନ ଡିଜାଇନ୍ ପ୍ରସ୍ତୁତ କରିପାରିବେ । ହିନ୍ଦୀ ସମେତ ବିଭିନ୍ନ ଭାରତୀୟ ଭାଷାରେ ମଧ କଣ୍ଟେଣ୍ଟ ପ୍ରସ୍ତୁତ କରାଯାଇପାରିବ । କାନଭା ପ୍ରୋ ଲାଇଟରେ ଲକ୍ଷ ଲକ୍ଷ ପ୍ରିମିୟମ ଡିଜାଇନ, ଫୋଟୋ, ଭିଡିଓ ଓ ଫଣ୍ଟ ସହିତ ବ୍ୟାକଗ୍ରାଉଣ୍ଡ ରିମୁଭର୍, ମ୍ୟାଜିକ୍ ରିସାଇଜ୍ ଏବଂ ୫୦ଜିବି କ୍ଲାଉଡ୍ ଷ୍ଟୋରେଜ ଭଳି ଅନନ୍ୟ ଫିଚର ମିଳିବ । ସେହିଭଳି 'କାନଭା ପ୍ରୋ' ରେ ଏସବୁ ଫିଚର ସହିତ କାନଭା ଏଆଇ, କଣ୍ଟେଣ୍ଟ ପ୍ଲାନର, ଲିମିଟ ଏବଂ ୧୦୦ ଜିବି କ୍ଲାଉଡ଼ ଷ୍ଟୋରେଜ ଭଳି ଅତିରିକ୍ତ ଫିଚର ଉପଲବ୍ଧ ହେବ ।

Jio | Canva

# ପୋଖରୀରୁ ଯୁବକଙ୍କ ମୃତ ଦେହ ଉଦ୍ଧାର

ଯାଜପୁରସଦର, (ସବ୍ୟୁ) : ଯାଜପୁର ସଦର ଥାନା ଅନ୍ତର୍ଗତ କଚେରୀଗାଁ ଗ୍ରାମର ବିଷ୍ଣୁ ମଳିକଙ୍କ ସାନ ପୁଅ ଅଜୟ ମଳିକ (୨୬) ବର୍ଷ ସେହି ଗ୍ରାମର କାଶୀନାଥ ମଳିକ ସହ ଗତ ୧୩ ତାରିଖ ତଥା ରବିବାର ସନ୍ଧ୍ୟାରେ ରେ ସାଙ୍ଗ ହୋଇ ଘରୁ ବାହାରି ଯାଇଥିଲେ ଅଜୟର ଫେରିବାରେ ବିଳମ୍ବ ହେବାରୁ ରାତ୍ରିରେ ଅଜୟର ପରିବାର ଅଜୟକୁ ଫୋନ କରିଥିଲେ ଅଜୟ ଯାଉଛି ବୋଲି ବାପାକୁ କହିଥିଲେ ମାତ୍ର ରାତ୍ରିରେ ଅଜୟ ଘରକୁ ଫେରିନଥିଲା ସୋମବାର ସକାଳେ ଅଜୟକୁ ପରିବାର ଲୋକେ ଫୋନ କରିଥିଲେ, ମାତ୍ର ଅଜୟର ମୋବାଇଲ ବନ୍ଦ ଥିଲା ଏବିଷୟରେ ସୋମବାର ଦିନ ସକାଳେ ଅଜୟ ସହିତ ଯାଇଥିବା କାଶୀନାଥକୁ ପଚାରିବାରୁ ସେ ଅଜୟ କୁଆଡେ ଗଲା ଜାଣିନାହିଁ ବୋଲି କହିଥିଲା ଗ୍ରାମ ପାଖ ପୋଖରୀ ପାଖରେ ଅଜୟର ଚପଲ ପଡିଥିବାର ଦେଖି ଅଜୟ କୁଆଡେ ପଳାଇ ଯାଇଛି ତାର ସନ୍ଧାନ ମିଳୁନାହିଁ ବୋଲି ପରିବାର ସଦସ୍ୟ ଯାଜପୁର ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ ପୋଖରୀରେ ପଡ଼ିଯାଇଥିବା ସନ୍ଦେହ କରି ସଦର ପୋଲିସ ବରୁଆଁ ଅଗ୍ନିଶମ ସେବା ବାହିନୀର ସହାୟତା ନେଇଥିଲେ । ଅଗ୍ନିଶମ ବାହିନୀ ପୋଖରୀରେ ଖୋଜି ଅଜୟକୁ ଉଦ୍ଧାର କରି ଏକ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା । ସେଠାରେ ଡ଼ାକ୍ତର ଦେଖି ଅଜୟକୁ ମୃତ ଘୋଷଣା କରିଥିଲେ । ସଦର ଥାନା ପୋଲିସ ୨୭/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଜଣାପଡିଛି । ଅଜୟର ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ସଦର ଥାନା ପୋଲିସ ଘଟଣା ର ତଦନ୍ତ କରି ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆଣିବା ପାଇଁ ସାଧାରଣରେ ଦାବି ହେଉଛି ।

## ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା

# ରାଜା ବଜାର କାଦୁଆ ଗଣେଶଙ୍କ ଧବଳମୁଖ ଦର୍ଶନ ପାଇଁ ଭିଡ଼

ଜଟଣୀ, (ସବ୍ୟୁ) : ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶପୂଜା ଲାଗି ଜଟଣୀ ସହର ଚଳଚଞ୍ଚଳ ହୋଇଉଠିଛି । ଏହି ପୂଜା ୧୧ ଦିନ ତଥା ପୂର୍ଣ୍ଣମୀ ତିଥି ପର୍ଯ୍ୟନ୍ତ ଚାଲିବ । ତେବେ ପ୍ରଭୁ ଗଜାନନ ଜଟଣୀର ବିଭିନ୍ନ ମଣ୍ଡପରେ ବିରାଜମାନ ହୋଇଥିବା ବେଳେ ସେଥି ମଧ୍ୟରୁ ଅନେକ ପୂଜାମଣ୍ଡପର ପୂଜା ପଛର ଐତିହ୍ୟ ରହିଛି । ସେଥି ମଧ୍ୟରୁ ଜଟଣୀ ରାଜା ବଜାରରେ ପୂଜା ପାଉଥିବା କାଦୁଆ ଗଣେଶ ଅନ୍ୟତମ । କାଦୁଆ ଗଣେଶଙ୍କ ଧବଳ ମୁଖଦର୍ଶନ କଲେ ସନ୍ତାନ ପ୍ରାପ୍ତି ହୋଇଥାଏ ବୋଲି ଏଠାରେ ଐତିହ୍ୟ ତଥା ପୌରାଣିକ ଗାଥା ରହିଛି । ରାଜାବଜାର ପୂଜା କମିଟି ସଭାପତି ଶରତ କୁମାର ସାହୁ ଓ ସମ୍ପାଦକ ଶ୍ରୀକାନ୍ତ ପ୍ରଧାନଙ୍କ ସୂଚନାନୁଯାୟୀ ରାଜାବଜାର ଗଜାନନଙ୍କ ପୂଜା ୧୯୩୭ ମସିହାଠାରୁ ଆରମ୍ଭ ହୋଇଥିବା ଜଣାଯାଏ । ଏଠାରେ ସ୍ୱର୍ଗତ ଦିନବନ୍ଧୁ ସାହୁ ଏବଂ ତାଙ୍କର କିଛି ସହଯୋଗୀ ମିଳିତ ଭାବେ ପୂଜା ଆରମ୍ଭ କରିଥିଲେ । କୁହାଯାଏ



ପୂଜା ଆରମ୍ଭ ବର୍ଷଠାରୁ ଏଠାରେ ବର୍ଷା ହେବାର ଏକ ଅଲୌକିକ ରହସ୍ୟ ରହିଛି । ତେଣୁ ଏହି ପୂଜା କାଦୁଅପଚପଚ ପରିବେଶ ମଧ୍ୟରେ ହେଉଥିବାରୁ ଏହାକୁ କାଦୁଆ ଗଣେଶ ବୋଲି କୁହାଯାଏ । ଏଠାରେ ପୂଜା ପାଉଥିବା ପ୍ରଭୁ ଗଜାନନଙ୍କ ମୁଖ ଧବଳ ହୋଇଥାଏ । ପ୍ରତିଦିନ ଠାକୁରଙ୍କ ନିକଟରେ ୧ କ୍ୱିଣ୍ଟାଲ ମିଷ୍ଟାନ୍ନ ଭୋଗଲାଗି ହୋଇଥାଏ ଚଳିତବର୍ଷ ପୂଜାକୁ ଆହୁରି ଜାକଜମକ ମଧ୍ୟରେ କରାଯାଉଛି । ମାଲିକା ଅର୍ଜୁନ ମନ୍ଦିର ତୋରଣ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ।

ଛତିଶଗଡ଼ ନରସଂହାର

# ୧୦ ଜଣଙ୍କୁ ମିଳିଲା ମୃତ୍ୟୁଦଣ୍ଡ

**ନୂଆଦିଲ୍ଲୀ:** ଦୀର୍ଘ ୧୩ ବର୍ଷରେ ଦେଶକୁ ଦୋହଲାଇ ଦେଇଥିବା ନକ୍ସଲ ଆଟାକରେ ଆସିଛି ରାୟ। ଛତିଶଗଡ଼କୁ ମୁରବୀ ଶୂନ୍ୟ କରି ଦେଇଥିବା ଝିରମ ଘାଟି ନରସଂହାର ଘଟଣାରେ ୧୦ ଜଣଙ୍କୁ ମିଳିଛି ଫାଶୀ ଦଣ୍ଡ। ୨୦୧୩ ନରସଂହାରରେ ଝିରମ ଘାଟିରେ ହୋଇଥିବା ମାଓବାଦୀ ଆକ୍ରମଣରେ କଂଗ୍ରେସର ଅନେକ ବରିଷ୍ଠ ନେତାଙ୍କ ସମେତ ୨୯ ଜଣ ପ୍ରାଣ ହରାଇଥିଲେ। ଏବେ ଛତିଶଗଡ଼ର ବସ୍ତର ରିଜନର ସ୍ୱତନ୍ତ୍ର ଏନଆଇଏ କୋର୍ଟ ୧୦ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି।ଲାଲ ହିଂସାର ଅନ୍ୟତମ ବଡ଼ ଘଟଣା ହେଉଛି ଝିରାମ ଘାଟି ଆଟାକ। ୨୦୧୩ ମସିହା ମେ' ୨୫ ତାରିଖରେ ମାଓବାଦୀମାନେ କଂଗ୍ରେସ କନଭୟକୁ ଜାତୀୟ ରାଜପଥରେ ଆଟାକ କରିଥିଲେ। ବସ୍ତର ଜିଲ୍ଲା ଅନ୍ତର୍ଗତ ଦର୍ଭା ପୁଲିସ ଷ୍ଟେସନ ଅଧୀନରେ ଥିବା ଝିରାମ ଘାଟିର ଗୋଟିଏ ଜାତୀୟ ରାଜପଥ ଅତିକ୍ରମ କରୁଥିଲା କଂଗ୍ରେସ ନେତାମାନଙ୍କ ଗାଡ଼ି। ଏହି ସମୟରେ ମାଓବାଦୀମାନେ ପୂରା ଅଞ୍ଚଳକୁ ଘେରାବନ୍ଦୀ କରି ଗୁଳି ବର୍ଷା କରିଥିଲେ। କଂଗ୍ରେସ ନେତା ଓ କର୍ମୀମାନେ ପରିବର୍ତ୍ତନ ଶୋଭାଯାତ୍ରାକୁ ଫେରୁଥିବା ବେଳେ ନକ୍ସଲ ଆମ୍ବୁସରେ ଫସି ଯାଇଥିଲେ। ଏହି ଆକ୍ରମଣରେ ଛତିଶଗଡ଼ର ତତ୍କାଳୀନ କଂଗ୍ରେସ ସଭାପତି ନନ୍ଦ କୁମାର ପଟେଲ, ତାଙ୍କ ପୁଅ ଦୀନେଶ, ବିଧାନସଭାର ପୂର୍ବତନ ବିରୋଧୀ ଦଳ ନେତା ମହେନ୍ଦ୍ର କର୍ମା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଦ୍ୟା ଚରଣ ଶୁକ୍ଲା ଓ ପୂର୍ବତନ ବିଧାୟକଙ୍କ ଉଦୟ ମୁଦଲିୟାରଙ୍କ ସମେତ ଅନେକ ବରିଷ୍ଠ କଂଗ୍ରେସ ନେତାଙ୍କ ମୃତ୍ୟୁ ହୋଇଥିଲା। କିଛି ସାଧାରଣ ଲୋକ ଓ ସୁରକ୍ଷାକର୍ମୀ ମଧ୍ୟ ଏହି ନକ୍ସଲ ହମଲାରେ ପ୍ରାଣ ହରାଇଥିଲା। ଏହି ଘଟଣାର ୧୩ ବର୍ଷ ପରେ ଜଗଦଲପୁର ସ୍ଥିତ ଏନଆଇଏ କୋର୍ଟର ସ୍ୱତନ୍ତ୍ର ବିଚାରପତି ଅଭୟ ସିଂହ ରାଜପୁତ ୧୦ ଦୋଷୀଙ୍କ ବିରୋଧରେ ଦଣ୍ଡାଦେଶ ଘୋଷଣା କରିଛନ୍ତି। ଏମାନଙ୍କ ମଧ୍ୟରେ ୨ ଜଣ ମହିଳା ରହିଛନ୍ତି। ସେପ୍ଟେମ୍ବର ୫ରେ ପ୍ରଥମେ ଏମାନଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲେ।ସେମାନଙ୍କ ବିରୋଧରେ ମୋଟ ୨୪ଟି ଚାର୍ଜ ଲାଗିଥିବା ବେଳେ ୭ଟି ଦଫାରେ ସମସ୍ତଙ୍କୁ ଦଣ୍ଡବିଧାନ କରାଯିବା ସହ ୮୦୦ ଟଙ୍କା ଲେଖାଏ ଜୋରିମାନା ଲାଗୁ କରାଯାଇଛି। ଏବେ ଏନଆଇଏ କୋର୍ଟ ସମସ୍ତଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଉଚ୍ଚ କୋର୍ଟଙ୍କ ଚୂଡ଼ାନ୍ତ ନିର୍ଦ୍ଦେଶ ପରେ ଏହାକୁ କାର୍ଯ୍ୟକାରୀ କରାଯିବ। ଦୋଷୀମାନଙ୍କୁ ଉପର କୋର୍ଟରେ ଆବେଦନ କରିବାକୁ ୩୦ ଦିନର ସମୟ ମିଳିଛି। ଏହି ଘଟଣାର ତଦନ୍ତ ପ୍ରଥମେ ବସ୍ତର ପୁଲିସ୍ କରିଥିଲା। କିନ୍ତୁ ହମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏହାର ତଦନ୍ତ ଦାୟିତ୍ୱ ଏନଆଇଏକୁ ହସ୍ତାନ୍ତର କରାଯାଇଥିଲା।

## ▸▸ ଉପରକୋର୍ଟରେ ଆବେଦନ କରିବାକୁ ୧୦ ଦିନ ସମୟ



# ଅନନ୍ତ ନାଗ ପାଇବେ ଦାଦା ସାହେବ ଫାଲକେ ସମ୍ମାନ

**ନୂଆଦିଲ୍ଲୀ:** ଭାରତୀୟ ସିନେମା ଜଗତର ଭେଟରାନ ଅଭିନେତା ଅନନ୍ତ ନାଗଙ୍କୁ ମିଳିବ ସମ୍ମାନଜନକ ଦାଦାସାହେବ ଫାଲ୍କେ ସମ୍ମାନ। ୨୦୨୪ ବର୍ଷ ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନୀତ କରାଯିବ।ଭାରତୀୟ ସିନେମା ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଭାରତ ସରକାର ଏହି ପୁରସ୍କାରରେ ସମ୍ମାନୀତ କରିବେ। ବୁଧବାର ପିଆଇବି ପକ୍ଷରୁ ଅନନ୍ତ ନାଗ୍ଙ୍କ ନାଁ ବିଧିବଦ୍ଧ ଭାବେ ଫାଲ୍କେ ପୁରସ୍କାର ପାଇଁ ଘୋଷଣା କରାଯାଇଛି। ଘୋଷଣା ସମ୍ପର୍କରେ ସୂଚନା ଦେଇ ପିଆଇବି କହିଛି ଯେ ଦାଦା ସାହେବ ଫାଲକେ ଆୱାର୍ଡ ଚୟନ କମିଟିର ସୁପାରିସ ଆଧାରରେ ଭାରତ ସରକାର ଅନନ୍ତ ନାଗଙ୍କୁ ୨୦୨୪ ବର୍ଷ ପାଇଁ ସମ୍ମାନଜନକ ଦାଦାସାହେବ ଫାଲକେ ସମ୍ମାନରେ ସମ୍ମାନୀତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତୀୟ ସିନେମା ପ୍ରତି ତାଙ୍କର ଅବଦାନ ଓ ପିଢ଼ି ପରେ ପିଢ଼ିକୁ ଅନୁପ୍ରାଣିତ କରିବା ଭଳି ତାଙ୍କର ସୁବର୍ଣ୍ଣ ସିନେମା ଯାତ୍ରା ପାଇଁ ତାଙ୍କୁ ଏହି ସମ୍ମାନ ମିଳିବ। ଆସନ୍ତା ୨୨ ତାରିଖରେ ଗୁଜରାଟର କେଭାଡିଆ ଠାରେ ୭୨ତମ ଜାତୀୟ ଫିଲ୍ମ ପୁରସ୍କାର ଉତ୍ସବ ଆୟୋଜନ ହେବ। ପ୍ରଥମଥର ପାଇଁ ଦିଲ୍ଲୀ ବାହାରେ ଏହା ଆୟୋଜନ ହେବାକୁ ଯାଉଥିବା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ହାତରୁ ଅନନ୍ତ ନାଗ୍ ଫାଲ୍କେ ପୁରସ୍କାର ଗ୍ରହଣ କରିବେ।୧୯୪୮ ମସିହା ସେପ୍ଟେମ୍ବର ୪ରେ ଅନନ୍ତ ନାଗ୍ରାକାଟେ ଭାବେ ଅନନ୍ତ ନାଗ ଭାବେ ଭାରତୀୟ ସିନେମାରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି। କନ୍ନଡ ସିନେମାରେ ସେ ଅତ୍ୟନ୍ତ ଜଣାଶୁଣା। ନିଜର ଲମ୍ବା କ୍ୟାରିୟରରେ ସେ ୩୦୦ରୁ ଅଧିକ ସିନେମାରେ ନଜର ଆସିଛନ୍ତି।ଏହା ମଧ୍ୟରେ ୨୫୦ରୁ ଅଧିକ କନ୍ନଡ ଫିଲ୍ମ ରହିଛି। କନ୍ନଡ ବ୍ୟତୀତ ସେ ହିନ୍ଦୀ, ତେଲୁଗୁ, ତାମିଲ, ମରାଠୀ, ମାଲାଲିୟମ ଓ ଇଂଲିଶ ସିନେମାରେ ଅଭିନୟ କରିଛନ୍ତି। ଫିଲ୍ମ ବ୍ୟତୀତ ଅନେକ ଟିଭି ସିରିଆଲ୍ରେ ମଧ୍ୟ ସେ ନିଜ ସ୍ୱତନ୍ତ୍ର ଛାପ ଛାଡ଼ିଛନ୍ତି।ଦୁରଦର୍ଶନର ଲୋକ ପ୍ରିୟ ସିରିଜ ମାଲଗୁଡ଼ି ଡେଜ୍ରେ ସେ ଅଭିନୟ କରିଥିଲେ।ପ୍ରସିଦ୍ଧ ଲେଖକ ଆରକେ ନାରାୟଣଙ୍କ କାହାଣୀକୁ ନେଇ ଏହି ସିରିଜ ପ୍ରସ୍ତୁତ କରାଯାଇଥିଲା। ନିଜ ଅଭିନୟ କ୍ୟାରିୟରରେ ଅନନ୍ତ ନାଗ ୫ଥର କର୍ଣ୍ଣାଟକା ରାଜ୍ୟ ଫିଲ୍ମ ପୁରସ୍କାର ଜିତିଛନ୍ତି। ୨୦୨୫ରେ ଭାରତ ସରକାର ତାଙ୍କୁ ଦେଶର ତୃତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମ ଭୂଷଣରେ ସମ୍ମାନୀତ କରିଥିଲେ। ଏବେ ଭାରତ ସରକାର ତାଙ୍କୁ ଫାଲ୍କେ ସମ୍ମାନରେ ସମ୍ମାନୀତ କରିବେ। ସିନେମା ଜଗତର ସର୍ବୋଚ୍ଚ ସମ୍ମାନ ହେଉଛି ଦାଦା ସାହେବ ଫାଲ୍କେ ଆୱାର୍ଡ। ଭାରତୀୟ ସିନେମା ପ୍ରତି ଯୋଗଦାନ ଓ ଏହାର ବିକାଶ ପାଇଁ ସବୁ କିଛି ଦେଇଥିବା ଜଣେ ବ୍ୟକ୍ତିଙ୍କୁ ଏହି ସମ୍ମାନ ମିଳିଥାଏ।



## ସିବିଏଫସି ନୂଆ ବୋର୍ଡ ଗଠିତ

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ବୁଧବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ (ସିବିଏଫସି) ର ପୁନର୍ଗଠନ କରିଛନ୍ତି । ୨୦୧୭ ପରେ ପ୍ରଥମ ଥର ପାଇଁ ସିବିଏଫ୍ସିର ନୂଆ ବୋର୍ଡ ଗଠନ କରାଯାଇଛି । ଶଶିଶେଖର ବେମ୍ପତିଙ୍କ ଅଧକ୍ଷତାରେ ଗଠିତ ନୂଆ ବୋର୍ଡରେ ମୋଟ ଓଡ଼ିଶାର ଖ୍ୟାତନାମା ଚଳଚ୍ଚିତ୍ର ନିର୍ମାତା ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କ ସମେତ ୧୮ ଜଣ ସଦସ୍ୟ ରହିଛନ୍ତି । ନୂଆ ବୋର୍ଡର କାର୍ଯ୍ୟକାଳ ୩ ବର୍ଷ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ରହିବ । ନୂଆ ବୋର୍ଡରେ ବଲିଉଡ୍ ଅଭିନେତ୍ରୀ ପ୍ରୀତି ଜିଣ୍ଟା, ଅଭିନେତା ପଙ୍କଜ ତ୍ରିପାଠୀ, ନୀଳମାଧବ ପଣ୍ଡା ଓ ସୁନୀଲ ସେଟ୍ଟୀଙ୍କୁ ସଦସ୍ୟ ଭାବେ ସାମିଲ କରାଯାଇଛି । ଏହାବ୍ୟତୀତ ପଲ୍ଲବୀ ଯୋଶୀ, ପ୍ରସେନଜିତ ଚାଟାର୍ଜୀ, ରୂପାଲି ଗାଙ୍ଗୁଲି, ପ୍ରିୟଦର୍ଶନ ଓ ରିକି କେଜ୍ ମଧ୍ୟ ନୂଆ ବୋର୍ଡରେ ସ୍ଥାନ ପାଇଛନ୍ତି । ଅନ୍ୟ ସଦସ୍ୟଙ୍କ ମଧ୍ୟରେ ମନୋଜ ଯୋଶୀ, ଅଭିଷେକ ଜୈନ, ସୁପ୍ରିୟା ୟାର୍ଲାଗଡ୍ଡା, ଚଳଚ୍ଚିତ୍ର ସମାଲୋଚକ ବିନୋଦ ଅନୁପମ, କବି ଓ ଲେଖକ ଯତୀନ୍ଦ୍ର ମିଶ୍ର, ନିଶିଗନ୍ଧା ୱାଡ୍ ଏବଂ ଗାୟକ ତଥା ପୂର୍ବତନ ସାଂସଦ ହଂସରାଜ ହଂସ ଅଛନ୍ତି । ଥିଏଟର ନିର୍ଦ୍ଦେଶକ ୱାମନ କେନ୍ଦ୍ରେ ଓ ଲେଖକ ରମେଶ ପାଟଙ୍ଗେଙ୍କୁ ପୂର୍ବ ବୋର୍ଡରୁ ନୂଆ ବୋର୍ଡରେ ମଧ୍ୟ ରଖାଯାଇଛି । ଏହି ଦୁଇଜଣ ପୂର୍ବ ବୋର୍ଡର ଏକମାତ୍ର ସଦସ୍ୟ, ଯେଉଁମାନେ ପୁନର୍ଗଠିତ ବୋର୍ଡରେ ସ୍ଥାନ ପାଇଛନ୍ତି ।

## ପ୍ରତିରକ୍ଷା ମନ୍ତ୍ରଣାଳୟର ସ୍ୱତନ୍ତ୍ର ପଦକ୍ଷେପ

# ସେନା ପଦକ ବିଜେତାଙ୍କ ପାଇଁ ରେଳ ଯାତ୍ରାରେ ଜୀବନବ୍ୟାପୀ ରିହାତି

**ନୂଆଦିଲ୍ଲୀ:** ସାହସୀ ଭାରତୀୟ ସୈନିକଙ୍କ ସମ୍ମାନାର୍ଥେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ବୀରତା ପାଇଁ ସେନା ପଦକ, ନୌସେନା ପଦକ ଏବଂ ବାୟୁ ସେନା ପଦକ ପାଇଥିବା ସୈନିକମାନଙ୍କୁ ଭାରତୀୟ ରେଳବାଇରେ ଜୀବନବ୍ୟାପୀ ଯାତ୍ରାର ସୁବିଧା ଦିଆଯିବ। ସାହସିକତା ପୁରସ୍କାର ବିଜେତାଙ୍କ ଜୀବନ ସାଥୀ ମଧ୍ୟ ଏହି ସୁବିଧାର ଲାଭ ପାଇବେ। ଜୀବନ ସାଥୀ ହରାଇଥିବାଙ୍କ କ୍ଷେତ୍ରରେ ଏହି ସୁବିଧା ପୁନଃବିବାହ ପର୍ଯ୍ୟନ୍ତ ଜାରି ରହିବ। ଦେଶର ପ୍ରତିରକ୍ଷା ପାଇଁ ଅଦମ୍ୟ ସାହସ, ବୀରତ୍ୱ ଏବଂ ତ୍ୟାଗ ପ୍ରଦର୍ଶନ କରିଥିବା ଯବାନ ଏବଂ ସେମାନଙ୍କ ପରିବାରଙ୍କ ସମ୍ମାନାର୍ଥେ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଅନୁମୋଦନ କରିଛି। ସେନା ଅନୁଯାୟୀ ଏହି ପଦକ୍ଷେପରେ ମରଣୋତ୍ତର ବୀରତା ପୁରସ୍କାର ପାଇଥିବା ଅବିବାହିତ ଯବାନଙ୍କ ପିତାମାତାଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଲାଭାର୍ଥୀମାନେ ଭାରତୀୟ ରେଳବାଇର ପ୍ରଥମ ଶ୍ରେଣୀ, ଦ୍ୱିତୀୟ ଏୟାରକଣ୍ଡିସନଡ୍ ଶ୍ରେଣୀ ଏବଂ ଏସି ଚେୟାର କାର୍ରେ ଯାତ୍ରା କରିପାରିବେ। ଏହି ସୁବିଧାକୁ ସରଳ ଏବଂ ସୁବିଧାଜନକ କରିବା ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଡିଜିଟାଲ୍ ଏବଂ କାଗଜବିହୀନ କରିଛି। ଅନଲାଇନ୍ ଏନେଇ ପଞ୍ଜୀକରଣ ଆବଶ୍ୟକ। ପଞ୍ଜୀକରଣ ପ୍ରକ୍ରିୟା ଭାରତୀୟ ରେଳବାଇ ରିହାତି କାର୍ଡ ପୋର୍ଟାଲରେ କରାଯିବ। ଯାଞ୍ଚ ଏବଂ ପ୍ରମାଣୀକରଣ ପରେ, ଯୋଗ୍ୟ ହିତାଧିକାରୀମାନଙ୍କୁ ଅନଲାଇନରେ ଇଲେକ୍ଟ୍ରୋନିକ୍ ଯାତ୍ରା ପାସ୍ ପ୍ରଦାନ କରାଯିବ। ଏହି ଇଲେକ୍ଟ୍ରୋନିକ୍ ପାସ୍ ଉପରେ ଆଧାରିତ ଟିକେଟ୍ ବୁକିଂ ୧ ନଭେମ୍ବର ୨୦୨୬ରେ ଭାରତୀୟ ରେଳବାଇର ଆଇଆରସିସିପି ୱେବ୍ ପୋର୍ଟାଲ ମାଧ୍ୟମରେ ଆରମ୍ଭ ହେବ। ଡିଜିଟାଲ୍ ସିଷ୍ଟମ୍ ହିତାଧିକାରୀମାନଙ୍କୁ ଯାତ୍ରା ସୁବିଧା ପାଇବା ପାଇଁ ଏହା କାଗଜପତ୍ର ଏବଂ ଅନାବଶ୍ୟକ ଔପଚାରିକତାରୁ ମୁକ୍ତି ଦେବ। ପ୍ରତିରକ୍ଷା ମନ୍ତ୍ରଣାଳୟର ଏହି ପଦକ୍ଷେପ ସୈନିକ ଏବଂ ସେମାନଙ୍କ ପରିବାରର କଲ୍ୟାଣ ଏବଂ ସମ୍ମାନ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରଦର୍ଶନ କରୁଛି। ବୀରତ୍ୱ ପୁରସ୍କାର ପାଇଥିବା ସୈନିକମାନେ ରାଷ୍ଟ୍ରର ପ୍ରତିରକ୍ଷାରେ ଅସାଧାରଣ ସାହସ ପ୍ରଦର୍ଶନ କରିଛନ୍ତି। ଅନେକ ସୈନିକ କର୍ତ୍ତବ୍ୟ ପାଳନ ସମୟରେ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ, ସେମାନଙ୍କ ପରିବାରର ଭୂମିକା ଏବଂ ବଳିଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ସୁବିଧାକୁ କେବଳ ରେଳ ଯାତ୍ରାରେ ଏକ ରିହାତି ଭାବରେ ଦେଖାଯିବା ଉଚିତ୍ ନୁହେଁ। ଏହାର ଉଦ୍ଦେଶ୍ୟ ହେଉଛି ରାଷ୍ଟ୍ରର ପ୍ରତିରକ୍ଷାକୁ ପ୍ରାଥମିକତା ଦେଇଥିବା ସୈନିକଙ୍କ ସାହସ, ବଳିଦାନ ଏବଂ ସେବାକୁ ସମ୍ମାନିତ କରିବା।



# ଆମେରିକା- ଇରାନ ଶାନ୍ତି ଚୁକ୍ତି ପାଳନ କରନ୍ତୁ: ଚୀନ୍

**ବେଜିଂ:** ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଆମେରିକା ମଧ୍ୟରେ ସଂଘର୍ଷ ଜାରି ରହିଛି। ଉଭୟଙ୍କ ମଧ୍ୟରେ ଏକ ଶାନ୍ତି ଚୁକ୍ତିନାମା ପାଇଁ ପ୍ରୟାସ କରାଯାଉଛି। ଅନୁମାନ କରାଯାଉଛି, ଚୀନ୍ ମଧ୍ୟ ଶାନ୍ତି ପ୍ରୟାସରେ ସାମିଲ ହୋଇଛି। କିଛି ଦିନ ପୂର୍ବରୁ ଏକ ଶାନ୍ତି ଚୁକ୍ତିନାମା ହୋଇଥିଲା, କିନ୍ତୁ ଏହା ପରେ ଭାଙ୍ଗିଯାଇଥିଲା। ସମ୍ପ୍ରତି ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଚୀନ୍ ଗସ୍ତରେ ଅଛନ୍ତି। ସେ ତାଙ୍କର ଚୀନ୍ ପ୍ରତିପକ୍ଷ ୱାଙ୍ଗ ୟିଙ୍କ ସହ ସାକ୍ଷାତ କରିବେ। ଚୀନ୍ ଉଭୟ ପକ୍ଷକୁ ଶାନ୍ତି ଚୁକ୍ତିନାମା ପୁନଃସ୍ଥାପିତ କରିବାକୁ ଆହ୍ୱାନ ଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ଆରାଘଚି ମେ' ମାସରେ ଚୀନ୍ ଗସ୍ତ କରିଥିଲେ। ଏବେ ପୁଣି ସେ ଚୀନ୍ ଗସ୍ତ କରିଛନ୍ତି। ଆମେରିକା ସହିତ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ଆରାଗଚିଙ୍କର ଦ୍ୱିତୀୟ ଚୀନ୍ ଗସ୍ତ। ଏଥର ମଧ୍ୟ ତାଙ୍କର ଗସ୍ତ ଟ୍ରମ୍ପ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ହେବାକୁ ଥିବା ବୈଠକର ଠିକ୍ ପୂର୍ବରୁ ହୋଇଛି। ଶେଷ ବୈଠକ ବେଜିଂରେ ହୋଇଥିଲା, ଏବଂ ଏଥର ଏହା ସେପ୍ଟେମ୍ବର ଶେଷ ଭାଗରେ ୱାସିଂଟନରେ ହେବ। ମେ' ମାସରେ ଏବଂ ବର୍ତ୍ତମାନ ସେପ୍ଟେମ୍ବରରେ ହେବାକୁ ଥିବା ଏହି ବୈଠକଗୁଡ଼ିକ ଯୁଦ୍ଧ ସମୟରେ ଚୀନ୍ ନିର୍ବାହ କରିଥିବା ଭୂମିକାକୁ ପ୍ରତିଫଳିତ କରିବ ବୋଲି ଅନୁମାନ କରାଯାଉଛି।

ଚୀନ୍ ନିଜକୁ ଏକ ନିରପେକ୍ଷ ପକ୍ଷ ଭାବରେ ଉପସ୍ଥାପନ କରିଛି ଏବଂ ବିବାଦର ଅନ୍ତ କରିବାକୁ ଚାହୁଁଛି। ୱାସିଂଟନ ଏବଂ ତେହେରାନ ଉଭୟଙ୍କୁ ସଂଘର୍ଷ ଏଡାଇବାକୁ ଚୀନ୍ ଅନୁରୋଧ କରିଛି। ଏକ ବିବୃତିରେ ୱାଙ୍ଗ କହିଛନ୍ତି,ଆମେ ଚାହୁଁନାହୁଁ ଆଞ୍ଚଳିକ ଉତ୍ତେଜନା ଆହୁରି ବୃଦ୍ଧି ପାଉ ଏବଂ ୟେମେନ ଏବଂ ଲୋହିତ ସାଗର ଜଡିତ ହେଉ।ଆମେ ୱାସିଂଟନ ଏବଂ ତେହେରାନକୁ ବାକି ଥିବା ପ୍ରସଙ୍ଗଗୁଡ଼ିକ ଉପରେ ଅର୍ଥପୂର୍ଣ୍ଣ ଆଲୋଚନା କରିବାକୁ ଅନୁରୋଧ କରୁଛୁ। ଇସଲାମାବାଦ ବୁଝାମଣାପତ୍ର ପରେ ହୋଇଥିବା ସହମତି ଉପରେ ଆଧାରିତ ଆଲୋଚନାର ଢାଞ୍ଚା ପୁନଃସ୍ଥାପନ କରିବାକୁ ମଧ୍ୟ ଆହ୍ୱାନ କରୁଛୁ। ଉଭୟ ଦେଶ ସଂଯମତା ଅବଲମ୍ବନ କରିବା ଉଚିତ୍।

# ଗାଜାରେ ଭୁଶୁଡ଼ିଲା ଯୁଦ୍ଧକ୍ଷତିଗ୍ରସ୍ତ କୋଠା, ୧୨ ମୃତ

**ଗାଜା :** ଯୁଦ୍ଧରେ ପୂର୍ବରୁ କ୍ଷତିଗ୍ରସ୍ତ ଗାଜାର ଏକ ୭ ମହଲା କୋଠା ରାତିରେ ଭୁଶୁଡ଼ି ପଡ଼ିବାରୁ ୫ ଶିଶୁଙ୍କ ସମେତ ଅତି କମ୍ରେ ୧୨ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଛି । ଗାଜାର ଉଦ୍ଧାରକାରୀ ଦଳ ବୁଧବାର କୋଠାର ଧ୍ୱଂସାବଶେଷ ଭିତରେ ଫସିଥିବା ଲୋକଙ୍କୁ ଖୋଜୁଥିବାବେଳେ ପ୍ରାୟ ୧୦୦ ଜଣ ଏହା ତଳେ ଫସିଥିବା ଆଶଙ୍କା କରାଯାଉଛି । ଘଟଣାରେ ଆଉ ୧୪ ଜଣ ଆହତ ହୋଇଛନ୍ତି । କୋଠାଟି ଯୁଦ୍ଧ ସମୟରେ ଇସ୍ରାଏଲୀ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିଲା ।ଗାଜା ସିଟିର ସିଭିଲ୍ ଡିଫେନ୍ସ ସେବା ନିର୍ଦ୍ଦେଶକ ରାଏଦ୍ ଅଲ୍-ଦହସାନ୍ କହିଛନ୍ତି ଯେ ଭୁଶୁଡ଼ିଥିବା କୋଠାରେ ଅତି କମ୍ରେ ୧୦ଟି ପରିବାର ରହୁଥିଲେ । ଆଶ୍ରୟର ଅଭାବ ଯୋଗୁଁ ଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ସେମାନେ ଏହି କୋଠାରେ ଆଶ୍ରୟ ନେଇଥିଲେ । କୋଠା ଭୁଶୁଡ଼ିବା ପରେ ମଧ୍ୟ ଧ୍ୱଂସାବଶେଷ ତଳୁ ଲୋକଙ୍କ ସ୍ୱର ଶୁଣାଯାଉଥିବାରୁ ଆହୁରି ଜୀବିତ ଲୋକଙ୍କୁ ଉଦ୍ଧାର କରିବାର ଆଶା ରହିଥିବା ସେ କହିଛନ୍ତି ।ଉଦ୍ଧାର କାର୍ଯ୍ୟରେ ମିଳିତ ଜାତିସଂଘର କେତେକ ସଂସ୍ଥା ଓ ଇଜିପ୍ଟର ରିଲିଫ୍ ଏଜେନ୍ସି ମଧ୍ୟ ସାମିଲ ହୋଇଛି । ତେବେ ଭାରୀ ଯନ୍ତ୍ରପାତିର ଅଭାବ ଯୋଗୁଁ ଉଦ୍ଧାରକାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇଛି । ଜାତିସଂଘ ବିକାଶ କାର୍ଯ୍ୟକ୍ରମର ଗାଜା କାର୍ଯ୍ୟାଳୟ ମୁଖ୍ୟ ଆଲେସାଣ୍ଡ୍ରୋ ମ୍ରାକିଚ୍ କହିଛନ୍ତି ଯେ, ଗାଜାରେ ପ୍ରାୟ ୪୦୦ କୋଠା ଭୁଶୁଡ଼ିବା ବିପଦରେ ରହିଛି ।



# ଘର ଓ ଦୋକାନ ଜାଳିଦେଲେ କୁକି ଉଗ୍ରବାଦୀ

**ଇମ୍ଫାଲ:** ଜାତିଗତ ହିଂସାପ୍ରଭାବିତ ମଣିପୁରର କାଙ୍ଗପୋକପି ଜିଲ୍ଲାର ଚାୱାଙ୍ଗକିନିଙ୍ଗ ନାମକ ଏକ ନାଗା ଗାଁରେ ସନ୍ଦିଗ୍ଧ କୁକି ଉଗ୍ରବାଦୀମାନେ ମଙ୍ଗଳବାର ରାତିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଅତି କମ୍ରେ ୫ଟି ଘର ଓ ଜଣଙ୍କ ଦୋକାନ ଜାଳିଦିଆଯାଇ ଥିବାବେଳେ ଗୁଳିବିନିମୟ ମଧ୍ୟ ହୋଇଛି। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିଛି। ତେବେ ଆକ୍ରମଣର ଦାୟିତ୍ୱ କୌଣସି ସଂଗଠନ ନେଇନାହିଁ। ଗାଁର ବାସିନ୍ଦା ଡାନିଏଲ ଚାରେନାମାଇଙ୍କ କହିବା ଅନୁସାରେ, ମଙ୍ଗଳବାର ରାତି ପ୍ରାୟ ୧୦ଟା ୩୦ରେ ଭାରୀ ଅସ୍ତ୍ରଶସ୍ତ୍ରଧାରୀ କୁକି ଉଗ୍ରବାଦୀମାନେ ଗାଁରେ ଆକ୍ରମଣ କରିଥିଲେ। ବୁଧବାର ସକାଳ ପ୍ରାୟ ୫ଟା ପର୍ଯ୍ୟନ୍ତ ଆକ୍ରମଣ ଜାରି ରହିଥିଲା। ପ୍ରାୟ ୧୦୦ ଜଣ ସଶସ୍ତ୍ର ବ୍ୟକ୍ତି ଆକ୍ରମଣରେ ସାମିଲ ଥିବା ଡାନିଏଲ ଅଭିଯୋଗ କରିଛନ୍ତି। ତାଙ୍କ ଦୋକାନ ସମେତ ଅତି କମ୍ରେ ୫ଟି ଘର ଜାଳିଦିଆଯାଇଥିଲା। କାଙ୍ଗପୋକପି ଜିଲ୍ଲା ମୁଖ୍ୟାଳୟଠାରୁ ପ୍ରାୟ ୧୩ କିଲୋମିଟର ଦୂରରେ ଥିବା ଚାୱାଙ୍ଗକିନିଙ୍ଗ ଏକ ନାଗା ଲିଆଙ୍ଗମାଇ ଗାଁ। ନାଗା ଓ କୁକି ଗାଁ ମଧ୍ୟରେ ଥିବା ଏହି ଗାଁରେ ନେପାଳୀ, ମାଓ, ରୋଙ୍ଗମେଇ ଓ ପାଓମେଇ ସମ୍ପ୍ରଦାୟର ଲୋକ ମଧ୍ୟ ରହୁଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଆକ୍ରମଣ ସମୟରେ ସୁରକ୍ଷାବଳ ପହଞ୍ଚି ନ ଥିଲେ। ନିଆଁ ଲିଭାଇବା ପାଇଁ ସେମାନେ ବୁଧବାର ସକାଳେ ଗାଁରେ ପହଞ୍ଚିଥିଲେ। ଗାଁରେ ସୁରକ୍ଷାବଳର ଏକ ଶିବିର ସ୍ଥାପନ ପାଇଁ ଲୋକେ ଦାବି କରିଛନ୍ତି। ଗାଁର ନାଗା ପ୍ରହରୀମାନେ ଆକ୍ରମଣର ପ୍ରତିରୋଧ କରିଥିବା ଜଣାପଡ଼ିଛି। ଏଥିରେ କେହି ମୃତାହତ ହୋଇନଥିବା ସୂଚନା ମିଳିଛି। ଗତ ଫେବ୍ରୁଆରିରୁ ନାଗା-କୁକି ଉତ୍ତେଜନା ବଢ଼ିବା ପରଠାରୁ ଉଭୟ ସମ୍ପ୍ରଦାୟର ଅତି କମ୍ରେ ୩୦ ଜଣଙ୍କ ମୃତ୍ୟୁ ହୋଇଛି। ରବିବାର ତାମେଙ୍ଗଲଙ୍ଗ ଜିଲ୍ଲାର ଖେଡାଗାରରେ ୪ଟି ପରିତ୍ୟକ୍ତ ନାଗା ଘର ଜାଳିଦିଆଯାଇଥିଲା। ଏହାର କିଛି ଘଣ୍ଟା ପୂର୍ବରୁ ପୃଥକ୍ ଆକ୍ରମଣରେ ୪ କୁକିଙ୍କ ମୃତ୍ୟୁ ହୋଇଥିଲା।

## ଏଡ଼ବ୍ଲୁଏସ - ସୋନାଟା ଆଇଟି ସହବନ୍ଧିତ

**ନୂଆଦିଲ୍ଲୀ:** ସୋନାଟା ସଫଫେଓ୍ୱର ପକ୍ଷରୁ ଏହାର ଘରୋଇ ବ୍ୟବସାୟିକ ସଂସ୍ଥା ସୋନାଟା ଇନଫରମେସନ ଟେକ୍ନୋଲୋଜି ଲିମିଟେଡ୍ (ଏସଆଇଟିଏଲ), ଭାରତରେ ଉଦ୍ୟୋଗଗୁଡ଼ିକର କ୍ଲାଉଡ୍ ଗ୍ରହଣ ଓ ଆଧୁନିକୀକରଣକୁ ତ୍ୱରାନ୍ୱିତ କରିବା ପାଇଁ ଆମାଜନ ୱେବ ସର୍ଭିସ (ଏଡ଼ବ୍ଲୁଏସ) ସହିତ ୫ ବର୍ଷିଆ ରଣନୀତିକ ସହଯୋଗ ଚୁକ୍ତି (ଏସସିଏ) ସ୍ୱାକ୍ଷର କରିଛି । ଏହି ଚୁକ୍ତି ସୋନାଟାର କ୍ଲାଉଡ୍ ସେବା ପ୍ରଦାନକାରୀଙ୍କ ନେତୃତ୍ୱାଧୀନ ଅଭିବୃଦ୍ଧି ରଣନୀତିକୁ ଆହୁରି ଆଗକୁ ବାଢ଼ିବା ସହ ଭାରତୀୟ ବଜାରରେ କ୍ଲାଉଡ୍ ପରିବର୍ତ୍ତ ନୂତନ ସୁଯୋଗକୁ ଉପଯୋଗ କରିବାର କ୍ଷମତାକୁ ବଢ଼ାଇବ। ବୃଥିବା କୃତ୍ରିମ ବୁଦ୍ଧିମତା (ଏଆଇ) ଓ କ୍ଲାଉଡ୍ ପରିବର୍ତ୍ତନର ସୁଯୋଗକୁ ଉପଯୋଗ କରିବା ପାଇଁ ଦୁଇ ସଂସ୍ଥା ଭାରତରେ ମିଳିତ ଭାବେ ବଜାର ପ୍ରବେଶ ରଣନୀତି (ଜିଟିଏମ) ଆପଣାଇବେ । ସୋନାଟା ସଫ୍ଟୱେୟାର ଘରୋଇ ବ୍ୟବସାୟ (ଏସଆଇଟିଏଲ) ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ସୁଜିତ ମହାନ୍ତି କହିଛନ୍ତି, ଭାରତରେ ଆମର କ୍ଲାଉଡ୍ ବ୍ୟବସାୟକୁ ଆଗେଇ ନେବା ଦିଗରେ ଏଡ଼ବ୍ଲୁଏସ ସହିତ ଏହି ୫ ବର୍ଷିଆ ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ଆମକୁ ଏଡ଼ବ୍ଲୁଏସ ସମ୍ପର୍କିତ କ୍ଷମତାକୁ ଆହୁରି ଗଭୀର କରିବା, ଗ୍ରାହକମାନଙ୍କ ପରିବର୍ତ୍ତନ ଯାତ୍ରାର ପ୍ରାରମ୍ଭିକ ପର୍ଯ୍ୟାୟରୁ ସେମାନଙ୍କ ସହ ଯୋଡ଼ି ହେବା ଏବଂ ଅଧିକ ରଣନୀତିକ ସୁଯୋଗକୁ ଉପଯୋଗ କରିବାରେ ସକ୍ଷମ କରିବ।

## ସାଉଦିର ଏଫ୍-୧୫ ଫାଇଟର୍ ଜେଟ ଧ୍ୱଂସ

**ରିୟାଦ୍:** ସାଉଦି ଆରବ ଓ ୟେମେନର ଇରାନ୍ ସମର୍ଥିତ ହୁତି ବିଦ୍ରୋହୀଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷ ବୁଧବାର ଆହୁରି ଉଗ୍ର ରୂପ ନେଇଛି। ପବିତ୍ର ମକ୍କା ସହର ଆଡ଼କୁ ଆସୁଥିବା ଏକ ହୁତି ଡ୍ରୋନକୁ ସାଉଦି ପ୍ରତିରକ୍ଷା ବାହିନୀ ନଷ୍ଟ କରିଦେବାର କିଛି ଘଣ୍ଟା ମଧ୍ୟରେ, ହୁତି ସଂଗଠନ ସାଉଦିର ଏକ ଏଫ୍-୧୫ ଫାଇଟର୍ ଜେଟକୁ ଆକାଶରେ ଖସାଇ ଦେଇଥିବା ଦାବି କରିଛି। ତେବେ ହୁତିର ଏହି ଦାବିକୁ ସ୍ୱତନ୍ତ୍ର ଭାବେ ନିଶ୍ଚିତ କରାଯାଇନାହିଁ। ଗତ ସପ୍ତାହକ ମଧ୍ୟରେ ସାଉଦି ନେତୃତ୍ୱାଧୀନ ମିଳିତ ସେନା ୪୫୦ରୁ ଅଧିକ ବିମାନ ଆକ୍ରମଣ କରିଥିବା ହୁତି ପକ୍ଷରୁ ସୂଚନା ଦିଆଯାଇଛି। ମିଳିତ ସେନାର ପ୍ରବକ୍ତା ତୁର୍କୀ ଅଲ୍-ମାଲକି କହିଛନ୍ତି ଯେ, ସୁରକ୍ଷା ବାହିନୀ ମକ୍କାର ନିଷିଦ୍ଧ ଆକାଶମାର୍ଗରେ ପ୍ରବେଶ କରିବା ପୂର୍ବରୁ ହିଁ ହୁତି ଡ୍ରୋନକୁ ଚିହ୍ନଟ କରି ଧ୍ୱଂସ କରିଦେଇଛନ୍ତି।

# ଅଡୁଆରେ ଟିଏମସିର ୧୦ ବିଦ୍ରୋହୀ ବିଧାୟକ: ବିଧାନସଭାର ନୋଟିସ୍ ତଲବ

**କୋଲକାତା:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପରାଜୟ ପରେ ମମତା ବାନାର୍ଜୀଙ୍କ ଟିଏମସି ବିରୋଧରେ ବିଦ୍ରୋହ ଘୋଷଣା କରି ଅଲଗା ହୋଇ ଯାଇଥିବା ୧୦ ବିଧାୟକଙ୍କ ଅଡୁଆ ବଢ଼ିଛି। ସେମାନଙ୍କ ବିରୋଧରେ ମମତାଙ୍କ ଟିଏମସି କରିଥିବା ଅଯୋଗ୍ୟ ଘୋଷଣା ଆବେଦନ ଉପରେ ପଶ୍ଚିମବଙ୍ଗ ବିଧାନସଭା ସଚିବାଳୟ ନୋଟିସ କରିଛି। ଟିଏମସିର ୧୦ ବିଦ୍ରୋହୀ ବିଧାୟକଙ୍କୁ ଗୋଟିଏ ସପ୍ତାହ ମଧ୍ୟ ଅଯୋଗ୍ୟ ଘୋଷଣା ଆବେଦନର ଜବାବ ରଖିବାକୁ କୁହାଯାଇଛି। ଏହି ଘଟଣା ବେଳେ ଦଳ ଭିତରେ ସୃଷ୍ଟି ହୋଇଥିବା ଆଭ୍ୟନ୍ତରୀଣ କନ୍ଦଳକୁ ବିସ୍ଫୋରକ ରୂପ ଦେଇଛି। ନୋଟିସର ଦିନକ ପୂର୍ବରୁ ମମତାଙ୍କ ଟିଏମସିର ବରିଷ୍ଠ ନେତା ଶୋଭନଦେବ ଚଟ୍ଟୋପାଧ୍ୟାୟ ସୁପ୍ରିମକୋର୍ଟରେ ପହଞ୍ଚି ବିଧାନସଭାର ବିରୋଧୀ ଦଳ ନେତା ରତ୍ନବ୍ରତ ବାନାର୍ଜୀ ଓ ଅନ୍ୟ ୯ ଜଣ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଆବେଦନ କରିଛନ୍ତି। ତେଣୁ ଏହି ବିବାଦ ଏବେ ବିଧାନସଭା, କୋର୍ଟ, ସଂସଦ ଓ ନିର୍ବାଚନ କମିଶନଙ୍କ ନିକଟରେ ପହଞ୍ଚି ଯାଇଛି ।ଟିଏମସିର ଆବେଦନ ଉପରେ ବିଧାନସଭା ପକ୍ଷରୁ ରତ୍ନବ୍ରତ ବାନାର୍ଜୀ, ଅରୂପ ରୟ, ଫିରହଦ ହକିମ, ସନ୍ଦୀପନ ସାହା, ଅଖରୁଜମାନ ଅନସାରୀ, ଶିଉଲୀ ସାହା, ସାବିନା ୟସ୍ମୀନ, ବିପ୍ଳବ ମିତ୍ର, ଜାଭେଦ ଖାନ ଓ ରଥିନ ଘୋଷଙ୍କୁ ନୋଟିସ କରାଯାଇଛି। ସମସ୍ତଙ୍କୁ ଆସନ୍ତା ୭ ଦିନ ମଧ୍ୟରେ ଜବାବ ରଖିବାକୁ କୁହାଯାଇଛି।ନୋଟିସ ପାଇଥିବା ଘଟଣାକୁ ବିଦ୍ରୋହୀ ବିଧାୟକ ଅନସାରୀ ସ୍ୱୀକାର କରିଛନ୍ତି। ସେ କହିଛନ୍ତି, "ଆମେ ଦଳ ମଧ୍ୟରେ ଏହି ପ୍ରସଙ୍ଗରେ ଆଲୋଚନା କରିବୁ ଓ ସମୟ ପୂର୍ବରୁ ଉପଯୁକ୍ତ ନିଷ୍ପତ୍ତି ନେବୁ।" ଜୁଲାଇ ୭ରେ ମମତାଙ୍କ ଦ୍ୱାରା ବେଙ୍ଗଲ ବିଧାନସଭାର ବିରୋଧୀ ଦଳ ନେତା ଭାବେ ନିଯୁକ୍ତ ପାଇଁ ଶୋଭନଦେବ ବାଚସ୍ପତି ରଥିନ ବୋଷଙ୍କୁ ଚିଠି ଲେଖିଥିଲେ। ୧୦ ଜଣ ବିଧାୟକ ଦଳର ସ୍ୱାର୍ଥ ବିରୋଧରେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ସେ ଚିଠିରେ ଉଲ୍ଲେଖ କରିଥିଲେ। ପୂର୍ବରୁ ବିରୋଧୀ ଦଳ ନେତା ନିଯୁକ୍ତିକୁ ନେଇ ବିବାଦ ଲାଗି ରହିଛି। ରତ୍ନବ୍ରତ ବାନାର୍ଜୀ ବିଦ୍ରୋହୀ ବିଧାୟକଙ୍କ ସମର୍ଥନରେ ବିଧାନସଭାର ବିରୋଧୀ ଦଳ ନେତା ମାନ୍ୟତା ପାଇଛନ୍ତି। ଏହାକୁ ବାଚସ୍ପତି ମଧ୍ୟ ଅନୁମତି ଦେଇଛନ୍ତି। କିନ୍ତୁ ଶୋଭନଦେବ ଏହି ନିଷ୍ପତ୍ତିକୁ କ୍ୟାଲକାଟା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ରତ୍ନବ୍ରତ ବାନାର୍ଜୀଙ୍କ ବିଦ୍ରୋହୀ କ୍ୟାମ୍ପ ଟିଏମସିର ୮୦ ବିଧାୟକଙ୍କ ମଧ୍ୟରୁ ୬୫ ଜଣଙ୍କ ସମର୍ଥନ ହାସଲ କରିଥିବା ଦାବି କରିଛି। ଏଥିପାଇଁ ରତ୍ନବ୍ରତ ବାନାର୍ଜୀ ବିରୋଧୀ ଦଳ ନେତା ହୋଇଥିବା ବେଳେ ଅନସାରୀ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ପାଇଛନ୍ତି। ଏଥିସହ ସେମାନେ ମମତାଙ୍କ ନେତୃତ୍ୱାଧୀନ ଟିଏମସିକୁ ମଧ୍ୟ ଚ୍ୟାଲେଞ୍ଜ କରୁଛନ୍ତି।



# ଅକ୍ଟୋବର ୨୮ରେ ଡବ୍ଲ୍ୟୁପିଏଲ୍ ନିଲାମ

## ପ୍ରଥମ ମହିଳା ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବ ଭାରତ

ନୂଆଦିଲ୍ଲୀ,୧୬।୯ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ନିଲାମ ଆସନ୍ତା ମାସ ୨୮ ତାରିଖରେ କୋଚିରେ କରିବାକୁ ବିସିସିଆଇ ଚିନ୍ତା କରିଛି। ମଙ୍ଗଳବାର ବିସିସିଆଇ ଓ ଡବ୍ଲ୍ୟୁପିଏଲ୍ ପରିଚାଳନା ପରିଷଦ ମଧ୍ୟରେ ହୋଇଥିବା ଭର୍ଚୁଆଲ୍ ବୈଠକରେ ୨୦୨୭ ଋତୁ ପାଇଁ ଯୋଜନା ଚୂଡ଼ାନ୍ତ ହୋଇଛି। ଏହି ବୈଠକରେ ବାରାଣାସୀରେ ପ୍ରଥମ ଥର ଡବ୍ଲ୍ୟୁପିଏଲର କିଛି ମ୍ୟାଚ୍ ଖେଳାଯିବା ନେଇ ମଧ୍ୟ ଆଲୋଚନା ହୋଇଛି।

ଏବେ ମ୍ୟାଚ୍ ଆୟୋଜନର ପ୍ରାଥମିକତା ତାଲିକାରେ ୨ଟି ଭେନ୍ୟୁ ମୁମ୍ବାଇର ବ୍ରାବୋର୍ନ ଷ୍ଟାଡିୟମ୍ ଓ ବଡ଼ୋଦରାର କୋଟାମ୍ବି ଷ୍ଟାଡିୟମ୍ ରହିଛି। ଫେବୃଆରି ମଧ୍ୟଭାଗରେ ଭାରତ ପ୍ରଥମ ମହିଳା ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବ। ତେଣୁ ଏହା ପୂର୍ବରୁ ଜାନୁଆରି ଓ ଫେବ୍ରୁଆରି ମଧ୍ୟ ଡବ୍ଲ୍ୟୁପିଏଲ୍ ସାରିଦେବାକୁ ବିସିସିଆଇ ଯୋଜନା କରିଛି। ଗତ ବର୍ଷ ଡବ୍ଲ୍ୟୁପିଲ୍ କେବଳ ୨ଟି ସ୍ଥାନରେ ଖେଳାଯାଇଥିଲା। ଏହା ପୂର୍ବରୁ କିନ୍ତୁ ୪ ଭେନ୍ୟୁରେ ଆୟୋଜିତ ହେଉଥିଲା। ଯଦି ବାରାଣାସୀ ନୂଆ ଭେନ୍ୟୁ ହୁଏ। ତେବେ ଏହା ୟୁପି ୱାରିୟର୍ଜର ଘରୋଇ ପଡ଼ିଆ ହେବ।

# ଇତିହାସ ରଚିଲେ ବ୍ରୁକ୍



ସାଉଥହାମ୍ପଟନ୍,୧୬।୯ (ଏଜେନ୍ସି): ଇଂଲଣ୍ଡ ଅଧିନାୟକ ହ୍ୟାରି ବ୍ରୁକ୍ ଚଳିତ ବର୍ଷ ଚମତ୍କାର ଫର୍ମରେ ରହିଛନ୍ତି। ମଙ୍ଗଳବାର ଏଠାରେ ଖେଳାଯାଇଥିବା ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟି-୨୦ରେ ସେ ଅପରାଜିତ ୧୧୪ ରନ୍ କରି ନୂଆ ମାଇଲଖୁଣ୍ଟ ଛୁଇଁଥିଲେ। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୨ ଟି-୨୦ ଶତକ ହାସଲ କରିବାରେ ସେ ପୂର୍ଣ୍ଣ ସଦସ୍ୟ ଦଳର ଏକମାତ୍ର ଅଧିନାୟକ ହେବାର ଗୌରବ ଅର୍ଜନ କରିଛନ୍ତି।

ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ୪୨ ବଲରେ ଶତକ ଅର୍ଜନ କରିଥିବା ବ୍ରୁକ୍ ୪୯ ବଲ୍ରୁ ୧୧୪ ରନ୍ କରି ଅପରାଜିତ ରହିଥିଲେ। ଫଳରେ ତାଙ୍କ ଦଳ ୨୫୪/୪ କରିଥିଲା। ଏହାକୁ ପିଛା କରି ଶ୍ରୀଲଙ୍କା ୧୯ ଓଭରରେ ୧୩୫ ରନରେ ଅଲଆଉଟ୍ ହୋଇ ୧୧୯ ରନରେ ହାରିଥିଲା। ଅଧିନାୟକ ଭାବେ ସର୍ବାଧିକ ଟେଷ୍ଟ ଶତକ ରେକର୍ଡ ଅଷ୍ଟ୍ରେଲିଆର ରିକି ପଣ୍ଟିଂ (୨୦୦୬, ୭ ଶତକ)ଙ୍କ ନାମରେ ରହିଛି। ସେହିଭଳି ଦିନିକିଆ ରେକର୍ଡ ଭାରତର ବିରାଟ କୋହଲି (୬ ଶତକ, ୨୦୧୭ ଓ ୨୦୧୮)ଙ୍କ ନାମରେ ରହିଛି। ଟ୍ୱେଣ୍ଟି-୨୦ରେ କେବଳ ବ୍ରୁକ୍ ରହିଛନ୍ତି।

# ବିଶ୍ୱ ପାରା ସୁଟିଂ: ଭାରତକୁ ସ୍ୱର୍ଣ୍ଣ, ରୌପ୍ୟ



ଚାଙ୍ଗୱନ,୧୬।୯ (ଏଜେନ୍ସି): ଭାରତୀୟ ପାରା ସୁଟରମାନେ ଚଳିତ ଚାଙ୍ଗୱନ୍ ୨୦୨୬ ଡବ୍ଲ୍ୟୁଏସ୍ପିଏସ୍ ପାରା ସୁଟିଂ ବିଶ୍ୱ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ କରାୟତ୍ତ କରିଛନ୍ତି। ମିଲି ଶାହ, ମୋନା ଅଗ୍ରୱାଲ ଓ ଅବନୀ ଲେଖାରାଙ୍କୁ ନେଇ ଗଠିତ ଭାରତୀୟ ଦଳ ଆର୍ ୨ ମହିଳା ୧୦ ମିଟର ଏୟାର ରାଇଫଲ୍ ଷ୍ଟାଣ୍ଡିଂ ଏସ୍ଏଚ୍ ୧ ଦଳ ଗତ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିଲେ। ସେହି ଭଳି ରାକେଶ ନିଦାଗୁଣ୍ଡି, ଆନନ୍ଦ କ୍ରିଷ୍ଣା, ସ୍ୱରୂପ ଉନହଲକଙ୍କ ନେଇ ଗଠିତ ଭାରତୀୟ ଦଳ ଆର୍ ୧ ପୁରୁଷ ୧୦ ମିଟର ଏୟାର ରାଇଫଲ ଷ୍ଟାଣ୍ଡିଂ ଏସ୍ଏଚ୍ ୧ ଦଳଗତ ଇଭେଣ୍ଟ୍ରେ ରୌପ୍ୟ ପାଇଥିଲେ। ୫ ସିରିଜରେ ଏମାନେ ୧୮୩୬.୩ ସ୍କୋର୍ କରିଥିଲେ। ମହିଳା ଦଳ ୧୮୭୮.୬ ସ୍କୋର୍ କରିଥିଲେ। ବ୍ୟକ୍ତିଗତ ବର୍ଗରେ ମୋନା ଓ ଅବନୀ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ଜିତିଥିଲେ।

# ଫରହାନଙ୍କୁ ପଛରେ ପକାଇଲେ ଅଭିଷେକ

ନୂଆଦିଲ୍ଲୀ,୧୬।୯ (ଏଜେନ୍ସି): ଆଫଗାନିସ୍ତାନ ଟି-୨୦ ସିରିଜରେ ଭାରତୀୟ ଖେଳାଳିଙ୍କ ଦମଦାର ପ୍ରଦର୍ଶନ। ଭାରତ ୩ଟିକିଆ ଟି-୨୦ ସିରିଜକୁ ମଙ୍ଗଳବାର ୨-୦ରେ ଆଗୁଆ କବଜା କରି ନେଇଛି। ପ୍ରଥମ ଓ ଦ୍ୱିତୀୟ ଟି-୨୦ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ଆଇସିସି ରାଙ୍କିଂରେ ସେମାନଙ୍କୁ ଜବରଦସ୍ତ ଫାଇଦା ଦେଇଛି। ଆଇସିସି ଟି-୨୦ ବିଶ୍ୱକପ ବିଜେତା ପୂର୍ବଭଳି ଟି-୨୦ ଟିମ ରାଙ୍କିଂର ୧ ନମ୍ବର ସ୍ଥାନରେ ରହିଛି। ସେହିପରି ଚଳିତ ସପ୍ତାହରେ ପାକିସ୍ତାନର ଟି-୨୦ ଓପନର ସାହିବଜାଦା ଫରହାନଙ୍କୁ ପଛରେ ପକାଇ ଦେଇଛନ୍ତି ଭାରତର ଅଭିଷେକ ଶର୍ମା। ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟି-୨୦ରେ ଅଭିଷେକ ୮୨ ରନ ଓ ଦ୍ୱିତୀୟ ଟି-୨୦ରେ ୩୯ ରନର ଇନିଂସ ଖେଳିଥିଲେ। ଏଥିପାଇଁ ଟି-୨୦ ବ୍ୟାଟିଂ ରାଙ୍କିଂରେ ତାଙ୍କୁ ଫାଇଦା ମିଳିଛି। ସେ ଗୋଟିଏ ସ୍ଥାନ ଉପରକୁ ଉଠି ରାଙ୍କିଂର ୨ ନମ୍ବର ସ୍ଥାନରେ ପହଞ୍ଚି ଯାଇଛନ୍ତି।

# ଫୁଟବଲ୍, ବାସ୍କେଟବଲ୍ ପ୍ରେମରେ ରିଙ୍କୁ

ମାଞ୍ଚେଷ୍ଟର,୧୬।୯ (ଏଜେନ୍ସି): ସଂପ୍ରତି ରିଙ୍କୁ ସିଂହ କ୍ରିକେଟ୍ ମଇଦାନରୁ ଦୂରେଇ ରହିଛନ୍ତି। ହେଲେ ଏହି ଭାରତୀୟ ବ୍ୟାଟର୍ ଖେଳଠୁ ଦୂରେଇ ରହୁନାହାନ୍ତି। ଆଫଗାନିସ୍ତାନ ବିପକ୍ଷ ଟି-୨୦ ଶୃଙ୍ଖଳା ଓ ଜାପାନରେ ହେବାକୁ ଥିବା ଆଗାମୀ ଏସୀୟ କ୍ରୀଡ଼ା ଦଳରେ ରିଙ୍କୁ ନାହାନ୍ତି। ଫଳରେ ରିଙ୍କୁ କ୍ରିକେଟ୍ ଠାରୁ କିଛି ସମୟ ବିରତି ନେଇ ଅନ୍ୟକ୍ରୀଡ଼ା ଉପଭୋଗ କରୁଛନ୍ତି। ଏହି ବିରତିରେ ସେ ବ୍ରିଟେନ୍ରେ ରହି ସ୍ୱର୍ସରୁ ମାଞ୍ଚେଷ୍ଟର ୟୁନାଇଟେଡ୍ ଓ ବାସ୍କେଟବଲ୍ରେ ସମୟ କାଟୁଛନ୍ତି। ଟୋଟେନହାମ ହଟର୍ସ ଷ୍ଟାଡିୟମରେ ରିଙ୍କୁ ଉପସ୍ଥିତ ରହି ଏଭରଟନ୍ ବିପକ୍ଷ ପ୍ରିମିୟର ଲିଗ୍ ମ୍ୟାଚ୍ ଦେଖିଥିଲେ। ସେ ଟୋଟେନହାମ୍ ଜର୍ସି ଧରିଥିବାର ଏକ ଫଟୋକୁ କ୍ଲବ୍ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି। ଏହାର ଶିରୋନାମରେ କ୍ଲବ୍ ଲେଖିଛି, "ରିଙ୍କୁ ସିଂହ, ସ୍ୱର୍ସର ଘର"। ରିଙ୍କୁ ମଧ୍ୟ ମାଞ୍ଚେଷ୍ଟର ୟୁନାଇଟେଡ୍ର ଓଲ୍ଡ ଟ୍ରାଫୋର୍ଡ, 'ଥିଏଟର ଅଫ୍ ଡ୍ରିମ୍ସ'ରେ ମଧ୍ୟ କିଛି ସମୟ କଟାଇଥିଲେ। ଏହାପରେ ସେ ବକ୍ସ ଏରିନାରେ ପହଞ୍ଚିଥିଲେ। ଏଠାରେ ସେ ଲଣ୍ଡନ ଲାୟନ୍ସର ପୂର୍ବ-ଋତୁ ବାସ୍କେଟ୍ବଲ୍ ଖେଳ ଦେଖିଥିଲେ। ଏହି ସମୟରେ ହୋଷ୍ଟ ତାଙ୍କୁ କୋର୍ଟକୁ ଡାକି କିଛି ସମୟ ହାଲ୍କାଫୁଲ୍କା ଆଲୋଚନା କରିଥିଲେ। ତାଙ୍କୁ ଏହି ସମୟରେ ପଚାରିଥିଲେ କ୍ରିକେଟ୍ ପିଚରେ କ'ଣ କରିବାକୁ ଭଲ ପାଆନ୍ତି। ଏହାର ଉତ୍ତରରେ ରିଙ୍କୁ ସରଳ ଭାବେ କହିଥିଲେ 'କେବଳ ଛକା'। ଏହାପରେ ହୋଷ୍ଟ ତାଙ୍କୁ ବାସ୍କେଟବଲରେ ହାତ ପରୀକ୍ଷା କରିବାକୁ ଆହ୍ୱାନ ଦେଲେ। ରିଙ୍କୁ ଆରମ୍ଭରୁ ଲକ୍ଷ୍ୟରୁ ବିଚ୍ୟୁତ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ହୁପରେ ବଲ୍ ପକାଇ ଦର୍ଶକଙ୍କ ମନ ଜିଣିଥିଲେ।

# ଆଣ୍ଠୁ ପ୍ରଘାତରେ ସଚିନଙ୍କ ନୂଆ ରେକର୍ଡ

ଭୁବନେଶ୍ୱର,୧୬।୯ (ସବ୍ୟ): 'ନି-ଷ୍ଟ୍ରାଇକର୍ ଅଫ୍ ଇଣ୍ଡିଆ' ଭାବେ ପରିଚିତ ସଚିନ ବେହେରା ମଙ୍ଗଳବାର ନୂଆ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ସ୍ଥାପନ କରିଛନ୍ତି। ସେ ଗୋଟିଏ ଗୋଡ଼ରେ ୧ କେଜି ଓଜନର ଆଙ୍କଲ ୱେଟ୍ ପିନ୍ଧି ମାତ୍ର ୧ ମିନିଟରେ ୧୦୩ ଥର ଫୁଲ୍-କଣ୍ଟାକ୍ଟ ନି-ଷ୍ଟ୍ରାଇକ୍ (ଆଣ୍ଠୁ ପ୍ରଘାତ) କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ନିଜ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରିଛନ୍ତି। ଏହି ରେକର୍ଡ ପ୍ରୟାସ ଚଳିତ ମାସ ୧୦ ତାରିଖରେ ଭୁବନେଶ୍ୱରସ୍ଥିତ ଓଭରଅଲ୍ ସ୍ପୋର୍ଟସ ଏକାଡେମିଠାରେ ଅନୁଷ୍ଠିତ ହୋଇଥିଲା। ଏହାର ସ୍ୱୀକୃତି ପତ୍ର ମଙ୍ଗଳବାର (୧୫ ସେପ୍ଟେମ୍ବର) ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ କର୍ତ୍ତୃପକ୍ଷଙ୍କଠାରୁ ତାଙ୍କୁ ଇ-ମେଲରେ ମିଳିଛି। ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞ ସାକ୍ଷୀ ଭାବେ ସୌମ୍ୟ ରଞ୍ଜନ ଦାସ ଓ ଅନ୍ତର୍ଯ୍ୟାମୀ ବେହେରା, କିକ୍ ପ୍ୟାଡ୍ ସହାୟକ ଭାବେ କୃପାସିନ୍ଧୁ ବାରିକ ଓ ଟାଇମ୍ କିପର୍ ଭାବେ ସନ୍ଦୀପ ପଟ୍ଟନାୟକ ଉପସ୍ଥିତ ଥିଲେ। ସଚିନ ହେଉଛନ୍ତି ନୂଆପଡ଼ା ଜିଲ୍ଲାର ବୋଡେନ ବ୍ଲକ୍ ଅନ୍ତର୍ଗତ ଲର୍କା ଗାଁର ଲକ୍ଷ୍ମୀ ପ୍ରସାଦ ବେହେରା ଓ ଆରତୀ ବେହେରାଙ୍କ ପୁଅ। ପୂର୍ବରୁ ୨୦୧୯ ମସିହାରେ ୧ ମିନିଟରେ ୧୩୭ ନି-ଷ୍ଟ୍ରାଇକ୍ କରି ପ୍ରଥମ ଥର ଗିନିଜ୍ ରେକର୍ଡରେ ନିଜ ନାଁ ଲେଖାଇଥିଲେ। ଏହି ରେକର୍ଡ ପୂର୍ବରୁ ଭାରତର ଜୟନ୍ତ ରେଡ୍ଡୀ (୧୧୫)ଙ୍କ ନାଁରେ ଥିଲା। ସେହିଭଳି ୨୦୨୨ରେ ସେ ଦୁଇ ଗୋଡ଼ରେ ୫ କେଜି ଆଙ୍କେଲ ୱେଟ୍ ସହ ୧ ମିନିଟ୍ରେ ୧୦୪ ଥର ନି ଷ୍ଟ୍ରାଇକ୍ରେ ଆଉ ଏକ ଗିନିଜ୍ ରେକର୍ଡ କରିଥିଲେ। ପୂର୍ବରୁ ଏହି ରେକର୍ଡ ପାକିସ୍ତାନର ମହମ୍ମଦ ରସିଦ (୧୦୦)ଙ୍କ ନାଁରେ ଥିଲା। ସଚିନ ସଂପ୍ରତି ହାଇଟେକ୍ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଅର୍ଥୋପେଡିକ୍ ବିଭାଗରେ ଫିଜିଓଥେରାପିରେ ସ୍ନାତକୋତ୍ତର (ଏମ୍ପିଟି) ଅଧ୍ୟୟନ କରୁଛନ୍ତି। ଏବେ ଗୋଟିଏ ଗୋଡ଼ରେ ୧ କେଜି ଓଜନର ଆଙ୍କଲ ୱେଟ୍ ପିନ୍ଧି ଫୁଲ୍-କଣ୍ଟାକ୍ଟ ନି-ଷ୍ଟ୍ରାଇକ୍ରେ ଗିନିଜ୍ ରେକର୍ଡ କରିବାକୁ ଲକ୍ଷ୍ୟ ରଖିଛନ୍ତି।

# ଆଇଟିଇଆରରେ ଛାତ୍ରଛାତ୍ରୀଙ୍କ ପାଇଁ ଭଲିବଲ କୋର୍ଟ ଉଦ୍‌ଘାଟିତ



ଭୁବନେଶ୍ୱର, ୧୬/୦୯ : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ପରିସରରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ଫୁଲ୍ ଭଲିବଲ୍ କୋର୍ଟ (ପଡ଼ିଆ) ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି କୋର୍ଟକୁ ଆଇଟିଇଆରର ଡିନ୍ ପ୍ରଫେସର ପି.କେ. ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ହଷ୍ଟେଲ୍ ଚିଫ୍ ୱାର୍ଡେନ୍ ପ୍ରଫେସର ରଞ୍ଜନ କୁମାର ମଲ୍ଲିକ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନୁଷ୍ଠାନ ପରିସରରେ କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ଏହି କୋର୍ଟ ଆରମ୍ଭ କରାଯାଇଥିବା ବେଳେ ପିଲାମାନେ ରାତିରେ ମଧ୍ୟ ଭଲିବଲ ଅଭ୍ୟାସ କରିପାରିବେ। ଏଥି ନିମନ୍ତେ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ଭାବେ ଜଣେ ଭଲିବଲ କୋଚଙ୍କୁ ମଧ୍ୟ ନିଯୁକ୍ତି କରାଯାଇଛି।

# ଏସୀୟ କ୍ରୀଡ଼ାରୁ ବାଦ୍ ପଡ଼ିଲେ ବରୁଣ



ନୂଆଦିଲ୍ଲୀ,୧୬।୯ (ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ପ୍ରଥମ ଟି-୨୦ ଖେଳିବା ପରେ ଭାରତୀୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଆଘାତ ଜନିତ ସମସ୍ୟା ପାଇଁ ପୂରା ଶୃଙ୍ଖଳାରୁ ବାଦ୍ ପଡ଼ିଥିଲେ। ଏହି ନୂଆ ଆଘାତ ସମସ୍ୟାରୁ ମୁକୁଳିବାକୁ ତାଙ୍କୁ ଆହୁରି କିଛି ଦିନ ଲାଗିଯିବ। ତେଣୁ ଚଳିତ ମାସ ୧୯ ତାରିଖରୁ ଜାପାନର ଆଇଚି-ନଗୋୟାରେ ହେବାକୁ ଥିବା ଏସୀୟ କ୍ରୀଡ଼ା ଲାଗି ଘୋଷିତ ଭାରତୀୟ ଦଳରୁ ବରୁଣଙ୍କୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଯୁବ ଲେଗ୍-ସ୍ପିନ୍ ଅଲରାଉଣ୍ଡର ବିପ୍ରଜ ନିଗମଙ୍କୁ ଦଳରେ ସାମିଲ କରାଯାଇଛି। ୨୨ ବର୍ଷୀୟ ନିଗମ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ୧୯ ମ୍ୟାଚ୍ ଖେଳି ୧୩ ୱିକେଟ୍ ଅକ୍ତିଆର କରିଛନ୍ତି। ସେ ମଧ୍ୟ ବଡ଼ ସଟ୍ ମାରିବାରେ ମାହିର୍। ଆଇପିଏଲ୍ କ୍ୟାରିୟରରେ ନିଗମ ୧୭୬ ଷ୍ଟ୍ରାଇକାରେଟ ରନ୍ ସଂଗ୍ରହ କରିଛନ୍ତି। ଏସୀୟ କ୍ରୀଡ଼ାରେ ପୁରୁଷ କ୍ରିକେଟ୍ ପ୍ରତିଯୋଗିତା ଚଳିତ ମାସ ୨୪ରୁ ଖେଳାଯିବ। ଭାରତ ସିଧାସଳଖ କ୍ୱାର୍ଟରଫାଇନାଲରୁ ଅଭିଯାନ ଆରମ୍ଭ କରିବ।


ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ଷୁଦ୍ରାକାର ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


## ୨୦ ମାନ୍ୟତା: ଈଶାନ-ଅଭିଷେକ ୧-୨

ଦୁବାଇ,୧୬।୯ (ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ଟି-୨୦ ଶୃଙ୍ଖଳାରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତୀୟ ଖେଳାଳିଙ୍କ ମାନ୍ୟତାରେ ବଡ଼ ଉନ୍ନତି ଦେଖିବାକୁ ମିଳିଛି। ସଦ୍ୟ ପ୍ରକାଶିତ ଆଇସିସି ଟି-୨୦ ମାନ୍ୟତାର ବ୍ୟାଟିଂରେ ପୂର୍ବ ଭଳି ଈଶାନ କିଶନ ଶୀର୍ଷ ସ୍ଥାନ ବଜାୟ ରଖିଥିଲା ବେଳେ ଅଭିଷେକ ଶର୍ମା ଗୋଟିଏ ସ୍ଥାନ ଉଠି ଦ୍ୱିତୀୟରେ ପହଞ୍ଚିଛନ୍ତି । ବୋଲିଂରେ ବରୁଣ ଚକ୍ରବର୍ତ୍ତୀ ଶୀର୍ଷ ୫ରେ ଏବଂ ଯଶପ୍ରୀତ ବୁମରା ୧୦ ମଧ୍ୟରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚରେ ୮୨ ରନ୍ କରିଥିବା ଅଭିଷେକ ପାକିସ୍ତାନର ସାହିବଜାଦା ଫରହାନ ପଛରେ ପକାଇ ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି।

# ଓଡ଼ିଶା ଅଣ୍ଡର-୧୫ ମହିଳା କ୍ରିକେଟ ଦଳରେ ଆୟୁଷା



ରାୟଗଡ଼ା,୧୬।୯ (ସବ୍ୟ): ରାୟଗଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳ ଗୁଡ଼ାରିର ଝିଅ ଆୟୁଷା ମିଶ୍ର ଓଡ଼ିଶା ଅଣ୍ଡର-୧୫ ମହିଳା କ୍ରିକେଟ ଦଳରେ ଖେଳିବାର ସୁଯୋଗ ପାଇଛନ୍ତି । ଯେଉଁ ଅଞ୍ଚଳର ଅନେକ ଗାଁକୁ ଏବେ ବି ସୁଗମ ଯୋଗାଯୋଗ ବ୍ୟବସ୍ଥା ନାହିଁ, ସେହି ଅଞ୍ଚଳର ଜଣେ ଝିଅଙ୍କ ଏହି ସଫଳତା ଜିଲ୍ଲାବାସୀଙ୍କ ମଧ୍ୟରେ ଆନନ୍ଦ ଖେଳାଇ ଦେଇଛି । ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଆୟୁଷାଙ୍କୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ଆସନ୍ତା ୧୯ ତାରିଖରେ ବଲାଙ୍ଗୀରରେ ହେବାକୁ ଥିବା ପ୍ରଶିକ୍ଷଣ ଶିବିରରେ ଯୋଗଦେବା ପାଇଁ ୧୮ ତାରିଖ ସୁଦ୍ଧା କୋଚ୍YP ନିକଟରେ ଉପସ୍ଥିତ ହେବାକୁ ତାଙ୍କୁ ପରାମର୍ଶ ଦିଆଯାଇଛି । ସୂଚନାଯୋଗ୍ୟ ଗତ କିଛିଦିନ ଧରି ଆୟୁଷା କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଓସିଏ ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣରେ ଦଳ ସହ ଅଭ୍ୟାସ କରୁଥିଲେ । ଏହାପୂର୍ବରୁ ସେ ଗଞ୍ଜାମ ଜିଲ୍ଲା ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ଆନ୍ତଃଜିଲା ମହିଳା କ୍ରିକେଟ ପ୍ରତିଯୋଗିତାରେ ଖେଳିବାର ସୁଯୋଗ ପାଇଥିଲେ । ବର୍ତ୍ତମାନ ଆୟୁଷା ବ୍ରହ୍ମପୁରସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ସେ ଜଣେ ଦକ୍ଷ ବାମହାତୀ ବ୍ୟାଟ୍ସମ୍ୟାନ ଭାବେ ରାୟଗଡ଼ା ଜିଲ୍ଲାରେ ପରିଚିତ । କ୍ରିକେଟ ସହିତ ଓଡ଼ିଶୀ ନୃତ୍ୟରେ ମଧ୍ୟ ତାଙ୍କର ରୁଚି ରହିଛି । ଭୁବନେଶ୍ୱରରେ ଜଣେ ପ୍ରଖ୍ୟାତ ନୃତ୍ୟଶିଳ୍ପୀଙ୍କଠାରୁ ସେ ଓଡ଼ିଶୀ ନୃତ୍ୟ ପାଇଁ ପୁରସ୍କୃତ ହୋଇଛନ୍ତି । ଆୟୁଷାଙ୍କ ପିତା ମିନତ ମିଶ୍ର ବର୍ତ୍ତମାନ ବ୍ରହ୍ମପୁରରେ ପୋଲିସ ବିଭାଗରେ କାର୍ଯ୍ୟରତ । ସେ ମଧ୍ୟ ଜଣେ ଦକ୍ଷ କ୍ରିକେଟ ଖେଳାଳି ଭାବେ ପୂର୍ବରୁ ଗୁଡ଼ାରି ପାଇଁ ଅନେକଥର ଗୌରବ ଆଣିଛନ୍ତି । ଏଥିସହ ସେ ଗଜପତି ଜିଲ୍ଲା କ୍ରିକେଟ ଦଳ ପକ୍ଷରୁ ମଧ୍ୟ ଖେଳିବାର ସୁଯୋଗ ପାଇଥିଲେ । ଏ ସମ୍ପର୍କରେ ଆୟୁଷାଙ୍କ ପିତା କହିଛନ୍ତି ଝିଅ ନିଜ ଲକ୍ଷ୍ୟ ହାସଲ ପାଇଁ କଠିନ ପରିଶ୍ରମ କରୁଛି । ସମସ୍ତଙ୍କ ଆଶୀର୍ବାଦ ରହିଲେ ସେ ଦିନେ ଜାତୀୟ ଦଳରେ ଖେଳିବାର ସୁଯୋଗ ପାଇବ । ଆୟୁଷା ଓଡ଼ିଶା ଦଳରେ ସାମିଲ ହୋଇଥିବା ଖବର ପ୍ରଚାରିତ ହେବା ପରେ ଗୁଡ଼ାରି ସମେତ ରାୟଗଡ଼ା ଜିଲ୍ଲାର ବିଭିନ୍ନ ମହଲରୁ ତାଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି ।


ସମୟ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id- com.samayalive.app


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି